# ପଦ୍ୟ ବିଭାଗ

# ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

## କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

୧। କବି ସମ୍ରାଟ କିଏ ?
(କ) ରାଧାନାଥ ରାୟ (ଖ) ଉପେନ୍ଦ୍ର ଭଞ୍ଜ
(ଗ) କାଳିଦାସ (ଘ) ନନ୍ଦକିଶୋର ବଳ

୨। କେଉଁଟି ଉପେନ୍ଦ୍ର ଭଞ୍ଜଙ୍କ ରଚନା ନୁହେଁ ?
(କ) ସୁଭଦ୍ରା ପରିଣୟ (ଖ) ଛାନ୍ଦଭୂଷଣ
(ଗ) ରସିକ ହାରାବଳୀ (ଘ) ପଦ୍ମିନୀ

୩। 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାର କବି କିଏ ?
(କ) କାଳିଦାସ (ଖ) ଉପେନ୍ଦ୍ରଭଞ୍ଜ
(ଗ) ଫକୀରମୋହନ (ଘ) ଦୀନକୃଷ୍ଣ ଦାସ

୪। ଉପେନ୍ଦ୍ର ଭଞ୍ଜ କେଉଁ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ ?
(କ) ନନ୍ଦ ବଂଶ (ଖ) ସୋମ ବଂଶ
(ଗ) ଘୁମୁସର ରାଜବଂଶ (ଘ) ମୌର୍ଯ୍ୟ ବଂଶ

୫। "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" କବିତାଟି କବିଙ୍କର କେଉଁ କାବ୍ୟରୁ ସଂଗୃହୀତ ?
(କ) ବୈଦେହୀଶ ବିଳାସ
(ଖ) ଲାବଣ୍ୟବତୀ
(ଗ) ସୁଭଦ୍ରା ପରିଣୟ
(ଘ) ରସିକ ହାରାବଳୀ

୬। ବୈଦେହୀଶ ବିଳାସ କାବ୍ୟ କେତେ ଛାନ୍ଦ ବିଶିଷ୍ଟ ରଚନା ?
(କ) ୫୦ (ଖ) ୫୧
(ଗ) ୫୨ (ଘ) ୫୩

୭। କେଉଁ ଗ୍ରନ୍ଥଟି ଉପେନ୍ଦ୍ରଭଞ୍ଜଙ୍କ କୃତି ?
(କ) ରସକଲ୍ଲୋଳ (ଖ) ମଥୁରା ମଙ୍ଗଳ
(ଗ) ରସପଞ୍ଚକ (ଘ) ବିଦଗ୍ଧ ଚିନ୍ତାମଣି

୮। ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ ଏକ ———
(କ) ଚଉପଦୀ (ଖ) ଚଉତିଶା
(ଗ) କାବ୍ୟ (ଘ) ଶବ୍ଦକୋଷ

୯। ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ କେଉଁ ପୁସ୍ତକଟି ଏକ ପଦ୍ୟାତ୍ମକ ଶବ୍ଦକୋଷ ?
(କ) ଗୀତାଭିଧାନ (ଖ) ରସପଞ୍ଚକ
(ଗ) କଳା କଉତୁକ (ଘ) ପ୍ରେମ ସୁଧାନିଧି

୧୦। 'ବୈଦେହୀଶ ବିଳାସ' କାବ୍ୟଟି କେଉଁ ଆଦ୍ୟ ବର୍ଣ୍ଣ ନିୟମରେ ରଚିତ ?
(କ) 'ଦ' (ଖ) 'ବ'
(ଗ) 'ହ' (ଘ) 'ଶ'

୧୧। 'ବୈଦେହୀଶ ବିଳାସ' କେଉଁ ପ୍ରକାର କାବ୍ୟ ?
(କ) କୃଷ୍ଣ-କାବ୍ୟ (ଖ) ଖଣ୍ଡ କାବ୍ୟ
(ଗ) ଗୀତି କାବ୍ୟ (ଘ) ରାମ-କାବ୍ୟ

୧୨। ଉପେନ୍ଦ୍ର ଭଞ୍ଜ କେଉଁ ମନ୍ତ୍ର ଜପକରି କବିତ୍ୱ ଲାଭ କରିଥିଲେ ?
(କ) ରାମ ତାରକ ମନ୍ତ୍ର (ଖ) ଶିବ ସହସ୍ରନାମ
(ଗ) ହନୁମାନ ଚାଳିଶା (ଘ) ଗାୟତ୍ରୀ ମନ୍ତ୍ର

୧୩। 'ବୈଦେହୀଶ ବିଳାସ' କାବ୍ୟର ରଚୟିତା କିଏ ?
(କ) କବିବର ରାଧାନାଥ
(ଖ) ସ୍ୱଭାବକବି ଗଙ୍ଗାଧର
(ଗ) କବିସମ୍ରାଟ ଉପେନ୍ଦ୍ରଭଞ୍ଜ
(ଘ) କବିସୂର୍ଯ୍ୟ ବଳଦେବ

୧୪। ଉପେନ୍ଦ୍ରଭଞ୍ଜ କେଉଁ ଉପାଧିରେ ଭୂଷିତ ?
(କ) କବିସମ୍ରାଟ (ଖ) କବିବର
(ଗ) ବ୍ୟାସକବି (ଘ) ସ୍ୱଭାବକବି

୧୫। ପଠିତ କବିତାରେ କାହାକୁ ରାଘବ ବୋଲି କୁହାଯାଇଛି ?
(କ) ଭରତ (ଖ) ଶତ୍ରୁଘ୍ନ
(ଗ) ଲକ୍ଷ୍ମଣ (ଘ) ରାମଚନ୍ଦ୍ର

୧୬। ରାମଚନ୍ଦ୍ର ଲଙ୍କାଯାତ୍ରା କରିଥିଲେ କାହିଁକି ?
(କ) ସୀତାଙ୍କୁ ଉଦ୍ଧାର କରିବାକୁ
(ଖ) ବିଭୀଷଣଙ୍କୁ ରାଜା କରିବାକୁ
(ଗ) ଲଙ୍କା ଅଧିକାର କରିବାକୁ
(ଘ) ରାବଣ ସହିତ ମିତ୍ରତା କରିବାକୁ

୧୭। ଜଳାଧିପତି କିଏ ?
(କ) ଇନ୍ଦ୍ର (ଖ) ବରୁଣ
(ଗ) କୁବେର (ଘ) ବ୍ରହ୍ମା

Eduodia App

୧୮। ସିନ୍ଧୁକୁ କେଉଁଥିରେ ପୋତିବା ପାଇଁ ରାମଚନ୍ଦ୍ର ସ୍ଥିର କଲେ ?
(କ) ମାଟି (ଖ) ଇଟା
(ଗ) ତାଳପତ୍ର (ଘ) ପର୍ବତ

୧୯। ରାମଚନ୍ଦ୍ର ବିସ୍ମୟରେ ନିଃଶ୍ୱାସ ଛାଡ଼ିଥିଲେ କାହିଁକି ?
(କ) ସମୁଦ୍ରରେ ଅଧିକ ପାଣିଥିଲା ବୋଲି
(ଖ) ରାମଚନ୍ଦ୍ରଙ୍କର ସୈନ୍ୟବଳ କମ୍ ଥିଲା ବୋଲି
(ଗ) ବାନରମାନେ ପକାଉଥିବା ପର୍ବତ ସମୁଦ୍ର ଜଳରେ ବୁଡ଼ିଯାଉଥିବାରୁ
(ଘ) ଗୁଣ୍ଡୁଚିମୂଷା ସେତୁରେ ବାଲି ପକାଉଥିବାରୁ

୨୦। ବରୁଣଙ୍କୁ ପ୍ରସନ୍ନ କରିବାକୁ ରାମଚନ୍ଦ୍ର କ'ଣ କଲେ ?
(କ) ଅନଶନ କରି କୁଶଶଯ୍ୟାରେ ଶୟନ କଲେ
(ଖ) ବରୁଣଙ୍କୁ ଉପହାର ଦେଲେ
(ଗ) ସିନ୍ଧୁତୀରରେ ବସି କାନ୍ଦିଲେ
(ଘ) ହନୁମାନଙ୍କୁ ବରୁଣଙ୍କ ପାଖକ ପଠାଇଲେ

୨୧। ବରୁଣଙ୍କୁ ପ୍ରସନ୍ନ କରିବାକୁ ରାମଚନ୍ଦ୍ର କେଉଁଠାରେ ଶୟନ କଲେ ?
(କ) ପତ୍ରଶଯ୍ୟାରେ (ଖ) କୁଶଶଯ୍ୟାରେ
(ଗ) ଭୂମିରେ (ଘ) ପଲଙ୍କରେ

୨୨। ଦଶଶିର କିଏ ?
(କ) ଇନ୍ଦ୍ରଜିତ (ଖ) ବିଭୀଷଣ
(ଗ) ରାବଣ (ଘ) କୁମ୍ଭକର୍ଣ୍ଣ

୨୩। 'ବିଭୂତିଭୂଷଣ' କାହାକୁ କୁହାଯାଇଛି ?
(କ) ରାମଚନ୍ଦ୍ର (ଖ) ଲକ୍ଷ୍ମଣ
(ଗ) ବାଳୀ (ଘ) ହନୁମାନ

୨୪। ବିଂଶତିକର କିଏ ?
(କ) ରାମଚନ୍ଦ୍ର (ଖ) ବିଭୀଷଣ
(ଗ) ରାବଣ (ଘ) ବାଳୀ

୨୫। ରାମଚନ୍ଦ୍ର କେଉଁ ବଂଶରେ ଜନ୍ମଗ୍ରହଣ କରିଥିଲେ ?
(କ) ରଘୁ ବଂଶ (ଖ) ସୋମ ବଂଶ
(ଗ) ଯଦୁ ବଂଶ (ଘ) ନନ୍ଦ ବଂଶ

୨୬। ବାନରମାନେ ସମୁଦ୍ରରେ ପଥର ପକାଇଲାବେଳେ କିପରି ଶବ୍ଦ ହେଉଥିଲା ?
(କ) ଠକ୍-ଠକ୍ (ଖ) ଭୁସ୍-ଭୁସ୍
(ଗ) ସି-ସି-କାର (ଘ) ଫିଁ-ଫିଁ-କାର

୨୭। ରାବଣ କାହାକୁ ଦୂତ ରୂପରେ ବିଭୀଷଣ ଓ ଅଙ୍ଗଦଙ୍କ ନିକଟକୁ ପଠାଇଥିଲେ ?
(କ) ଶୁକ-ସାରଣ (ଖ) ସୂର୍ପଣଖା
(ଗ) ମେଘନାଦ (ଘ) କୁମ୍ଭକର୍ଣ୍ଣ

୨୮। ଅଙ୍ଗଦ କାହା ପୁତ୍ର ?
(କ) ସୁଗ୍ରୀବ (ଖ) ବାଳୀ
(ଗ) ଜାମ୍ବବାନ (ଘ) ନଳ

୨୯। ବାଳୀ କିଏ ?
(କ) ଲଙ୍କାର ରାଜା (ଖ) ଅଯୋଧ୍ୟାର ରାଜା
(ଗ) କିଷ୍କିନ୍ଧ୍ୟାର ରାଜା (ଘ) ମିଥିଳାର ରାଜା

୩୦। ଅଙ୍ଗଦର ପିତୃବ୍ୟ କିଏ ?
(କ) ସୁଗ୍ରୀବ (ଖ) ବିଭୀଷଣ
(ଗ) ବାଳୀ (ଘ) ରାବଣ

୩୧। ଦେବରିପୁ କାହାକୁ କୁହାଯାଇଛି ?
(କ) ବିଭୀଷଣ (ଖ) ରାବଣ
(ଗ) ମହୀରାବଣ (ଘ) ଇନ୍ଦ୍ରଜିତ

୩୨। ଅଙ୍ଗଦର ପିତାଙ୍କ ଶତ୍ରୁ କିଏ ?
(କ) ରାମଚନ୍ଦ୍ର (ଖ) ଲକ୍ଷ୍ମଣ
(ଗ) ଭରତ (ଘ) ଶତ୍ରୁଘ୍ନ

୩୩। କାହାକୁ ଭୟକରି ଶୁକ-ସାରଣ ଲଙ୍କାକୁ ପଳାୟନ କଲେ ?
(କ) ଅଙ୍ଗଦ (ଖ) ହନୁମାନ
(ଗ) ରାମଚନ୍ଦ୍ର (ଘ) ଲକ୍ଷ୍ମଣ

୩୪। ରାମଚନ୍ଦ୍ର ବରୁଣଙ୍କୁ ପ୍ରସନ୍ନ କରିବାକୁ ଉଚିତ୍ ମନେକଲେ କାହିଁକି ?
(କ) ବରୁଣ ବହୁତ ଶକ୍ତିଶାଳୀ ଥିଲେ
(ଖ) ବରୁଣଙ୍କୁ ସମ୍ମାନ ଦେଇ
(ଗ) ବରୁଣ ଜଳର ଅଧିଷ୍ଠାତା ଦେବତା
(ଘ) ବରୁଣଙ୍କୁ ଶକ୍ତିହୀନ ମନେକରି

୩୫। ରାମଚନ୍ଦ୍ର କେଉଁମାନଙ୍କ ସାହାଯ୍ୟରେ ସେତୁବନ୍ଧ ବାନ୍ଧିଥିଲେ ?
(କ) କପିସେନା (ଖ) ରାବଣସେନା
(ଗ) ଶିବ ସେନା (ଘ) କଳିଙ୍ଗ ସେନା

୩୬। ରାମଚନ୍ଦ୍ର ବିସ୍ମିତ ହେଲେ କାହିଁକି ?
(କ) ପଥର ସମୁଦ୍ରରେ ବୁଡ଼ିଯିବାରୁ
(ଖ) ହନୁମାନ ସୀତାଙ୍କ ସନ୍ଧାନ ଦେବାରୁ



Eduodia App
Odisha 1 to 10 All Books App

(ଗ) ଶୁକ-ସାରଣ ଆସିଥିବାରୁ
(ଘ) ରାବଣ କୂଟନୀତି ପ୍ରୟୋଗ କରିଥିବାରୁ

୩୭। ରାବଣଙ୍କୁ ଶୁକ-ସାରଣ କ'ଣ ସମ୍ବୋଧନ କରିଥିଲେ ?
(କ) ଦେବରାଜ (ଖ) ଦେବରିପୁ
(ଗ) ମହାରାଜା (ଘ) ମହାଭାଗ

୩୮। ବଡ଼ କୁଳରେ କିଏ ଜନ୍ମ ଗ୍ରହଣ କରିଥିଲେ ?
(କ) ଅଙ୍ଗଦ (ଖ) ସୁଗ୍ରୀବ
(ଗ) ବିଭୀଷଣ (ଘ) ହନୁମାନ

୩୯। ଶୁକ-ସାରଣ କେଉଁ ପଥଦେଇ ସାଗର ପାରି ହୋଇଥିଲେ ?
(କ) ଜଳ (ଖ) ସ୍ଥଳ
(ଗ) ଆକାଶ (ଘ) ପାତାଳ

୪୦। ରାବଣର ଅନୁଜ କିଏ ?
(କ) ବାଳୀ (ଖ) ସୁଗ୍ରୀବ
(ଗ) ବିଭୀଷଣ (ଘ) ଅଙ୍ଗଦ

୪୧। ରାବଣଙ୍କ ଦୂତଦ୍ୱୟ କେଉଁ ରୂପରେ ରାମଚନ୍ଦ୍ରଙ୍କ ପାଖକୁ ଯାଇଥିଲେ ?
(କ) ହଂସ (ଖ) ବତକ
(ଗ) କାଉ (ଘ) ବଗ

୪୨। ଏକ ଶଙ୍ଖ କେତେ କୋଟି ?
(କ) ଶହେ (ଖ) ଦଶ
(ଗ) ଲକ୍ଷେ (ଘ) ହଜାର

୪୩। ବିରସକୁ ମନ୍ଦ କରି ମନ୍ଦହାସ ଜନ୍ମେ – ଏଠାରେ ଦଶାନନ ରାବଣର କେଉଁ ପ୍ରକାର ଭାବ ପ୍ରକାଶ ପାଉଛି ?
(କ) ଆନନ୍ଦ (ଖ) ଦୁଃଖ
(ଗ) ଵାତ୍ସଲ୍ୟ (ଘ) ବିଷାଦ

୪୪। ରାବଣ କ'ଣ କଲେ ବିଭୀଷଣ ଲଙ୍କାକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି କହିଛନ୍ତି ?
(କ) ରାମଚନ୍ଦ୍ରଙ୍କୁ ସୀତା ସମର୍ପଣ
(ଖ) ବିଭୀଷଣଙ୍କୁ ଲଙ୍କାର ରାଜା
(ଗ) ରାମଚନ୍ଦ୍ରଙ୍କ ସହିତ ମିତ୍ରତା
(ଘ) ସିନ୍ଧୁରେ ସେତୁ ତିଆରି କରିଦେଲେ

୪୫। କବିତାରେ ରାବଣର କେଉଁ ନୀତି ପ୍ରତିଫଳିତ ?
(କ) କୂଟନୀତି (ଖ) ରାଜନୀତି
(ଗ) ଅର୍ଥନୀତି (ଘ) ଧର୍ମନୀତି

୪୬। ରାବଣ କାହିଁକି ମନ୍ଦ ମନ୍ଦ ହସିଲେ ?
(କ) ସୀତାଙ୍କୁ ଚୋରାଇ ଆଣିଥିବାରୁ
(ଖ) ରାମଙ୍କ ହୀନ ପରାକ୍ରମ କଥା ଉପଲବ୍ଧି କରି
(ଗ) ବିଭୀଷଣ ରାମଙ୍କ ଶରଣ ନେଇଥିବାରୁ
(ଘ) ଶୁକ-ସାରଣଙ୍କଠାରୁ ରାମଚନ୍ଦ୍ରଙ୍କ ପରାକ୍ରମ ଜାଣି

୪୭। 'ରାଘବଙ୍କ ଯାତ୍ରାନୁକୂଳ' କବିତାଟି ପାଇଁ କେଉଁ ରାଗ ନିର୍ଦ୍ଦେଶିତ ?
(କ) ଚୋଖି (ଖ) ଭୈରବୀ
(ଗ) ଆଶାବରୀ (ଘ) ବଙ୍ଗଳାଶ୍ରୀ

## ଉତ୍ତର

୧। (ଖ) ଉପେନ୍ଦ୍ର ଭଞ୍ଜ
୨। (ଘ) ପଦ୍ମିନୀ
୩। (ଖ) ଉପେନ୍ଦ୍ରଭଞ୍ଜ
୪। (ଗ) ଘୁମୁସର ରାଜବଂଶ
୫। (କ) ବୈଦେହୀଶ ବିଳାସ
୬। (ଗ) ୫୨
୭। (ଗ) ରସପଞ୍ଚକ
୮। (ଗ) କାବ୍ୟ
୯। (କ) ଗୀତାଭିଧାନ
୧୦। (ଖ) 'ବ'
୧୧। (ଘ) ରାମ-କାବ୍ୟ
୧୨। (କ) ରାମତାରକ ମନ୍ତ୍ର
୧୩। (ଗ) କବିସମ୍ରାଟ ଉପେନ୍ଦ୍ରଭଞ୍ଜ
୧୪। (କ) କବିସମ୍ରାଟ
୧୫। (ଘ) ରାମଚନ୍ଦ୍ର
୧୬। (କ) ସୀତାଙ୍କୁ ଉଦ୍ଧାର କରିବାକୁ
୧୭। (ଖ) ବରୁଣ
୧୮। (ଘ) ପର୍ବତ
୧୯। (ଗ) ବାନରମାନେ ପକାଉଥିବା ପର୍ବତ ସମୁଦ୍ର ଜଳରେ ବୁଡ଼ିଯାଉଥିବାରୁ।
୨୦। (କ) ଅନଶନ କରି କୁଶଶଯ୍ୟାରେ ଶୟନ କଲେ।
୨୧। (ଖ) କୁଶ ଶଯ୍ୟାରେ
୨୨। (ଗ) ରାବଣ
୨୩। (କ) ରାମଚନ୍ଦ୍ର



Eduodia App

Odisha 1 to 10 All Books App

୨୪। (ଗ) ରାବଣ
୨୫। (କ) ରଘୁବଂଶ
୨୬। (ଘ) ଫିଂ-ଫିଂ-କାର
୨୭। (କ) ଶୁକ-ସାରଣ
୨୮। (ଖ) ବାଳୀ
୨୯। (ଗ) କିଷ୍କିନ୍ଧ୍ୟାର ରାଜା
୩୦। (କ) ସୁଗ୍ରୀବ
୩୧। (ଖ) ରାବଣ
୩୨। (କ) ରାମଚନ୍ଦ୍ର
୩୩। (କ) ଅଙ୍ଗଦ
୩୪। (ଗ) ବରୁଣ ଜଳର ଅଧିଷ୍ଠାତା ଦେବତା
୩୫। (କ) କପିସେନା
୩୬। (କ) ପଥର ସମୁଦ୍ରରେ ବୁଡ଼ିଯିବାରୁ
୩୭। (ଖ) ଦେବରିପୁ
୩୮। (ଗ) ବିଭୀଷଣ
୩୯। (ଗ) ଆକାଶ
୪୦। (ଗ) ବିଭୀଷଣ
୪୧। (ଖ) ବତକ
୪୨। (ଗ) ଲକ୍ଷେ
୪୩। (କ) ଆନନ୍ଦ
୪୪। (କ) ରାମଚନ୍ଦ୍ରଙ୍କୁ ସୀତା ସମର୍ପଣ
୪୫। (କ) କୂଟନୀତି
୪୬। (ଖ) ରାମଙ୍କ ହୀନପରାକ୍ରମ କଥା ଉପଲବ୍ଧି କରି
୪୭। (ଗ) ଆଶାବରୀ

## ସପ୍ରସଙ୍ଗ ସରଳାର୍ଥ

**ପ୍ର.୧। ପ୍ରସଙ୍ଗ ନିର୍ଦ୍ଦେଶପୂର୍ବକ ସରଳାର୍ଥ ଲେଖ ।**
**ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ**
**ବିନାଶନରେ ଶୟନ ସେ ଦର୍ଭଶୟନେ ଯେ ।**

**ଉ.** ଶଂସିତ ପଦ୍ୟାଂଶଟି କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ରଚିତ "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" ପଦ୍ୟରୁ ଆସିଅଛି । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ପତ୍ନୀ ସୀତାଙ୍କୁ ଲଙ୍କାରୁ ଉଦ୍ଧାର କରିବା ପାଇଁ ଲଙ୍କା ଯାତ୍ରା ନିମନ୍ତେ ଯେଉଁ ପୂର୍ବ ପ୍ରସ୍ତୁତି କରିଥିଲେ ସେହି ପ୍ରସଙ୍ଗରେ ଏହା ବର୍ଣ୍ଣିତ ।

ବନବାସ କାଳରେ ଦଣ୍ଡକାରଣ୍ୟରୁ ଲଙ୍କାଧିପତି ରାବଣ ସୀତାଙ୍କୁ କୌଶଳ କରି ଚୋରାଇ ନେଇଥିଲା । ସୀତାଙ୍କୁ ନେଇ ଲଙ୍କାର ଅଶୋକବାଟିକାରେ ବନ୍ଦିନୀ ଅବସ୍ଥାରେ ରଖାଇଥିଲା । ଭକ୍ତ ଶିରୋମଣି ହନୁମାନଙ୍କଠାରୁ ସୀତାଙ୍କର ସନ୍ଧାନ ପାଇଁ ସାରିବାପରେ ଶ୍ରୀରାମଚନ୍ଦ୍ର ଲଙ୍କାରୁ ସୀତାଙ୍କୁ ଉଦ୍ଧାର ପାଇଁ ମନ ବଳାଇଲେ । ଏ କ୍ଷେତ୍ରରେ ବାନରମାନଙ୍କ ସହ ମିତ୍ରତା କରି ନଳ-ନୀଳ-ସୁଗ୍ରୀବ-ଜାମ୍ବବାନ-ଅଙ୍ଗଦ ପ୍ରଭୃତି ବାନରମାନଙ୍କ ସହାୟତାରେ ସୀତାଙ୍କୁ ଉଦ୍ଧାର ପାଇଁ ଯୋଜନା କରାଇଲେ । ମାତ୍ର ଲଙ୍କା ଯାତ୍ରା ପଥରେ ବାଧକ ଥିଲା ଅତଳ ସାଗର । ନଳଙ୍କ ପରାମର୍ଶ ଏବଂ ସାହାଯ୍ୟରେ ଜଳଧିରେ ଏକ ସେତୁ ବାନ୍ଧିବାକୁ ଚେଷ୍ଟା କରାଗଲା । ବାନର ସୈନ୍ୟଗଣ ସାଗରରେ ପଥରଖଣ୍ଡମାନ ପକାଇ ବନ୍ଧ ବାନ୍ଧିବାକୁ ପ୍ରଯତ୍ନ କଲେ । ମାତ୍ର ଯେତେ ପଥର ପକାଇଲେ ସବୁ ବୁଡ଼ିଗଲା । କେବଳ ସମୁଦ୍ର ଜଳର ଉତ୍ତାଳ ତରଙ୍ଗ ଫିଁ ଫିଁ କାର ଦୃଶ୍ୟମାନ ହେଲା । ବନ୍ଧ ବାନ୍ଧି ହେଲା ନାହିଁ । ଏହା ଦେଖି ଶ୍ରୀରାମ ବିସ୍ମିତ ହେଲେ । ଜଳାଧିପତି ବରୁଣଦେବଙ୍କୁ ପ୍ରସନ୍ନ କରିବା ଉଦ୍ଦେଶ୍ୟରେ ଉପବାସ ରହି କୁଶ ଆସନରେ ଶୟନ କରି ପ୍ରାର୍ଥନା କରିବାକୁ ଲାଗିଲେ ।

ବାସ୍ତବରେ କୌଣସି ଭଲକାମ କରିବାକୁ ହେଲେ ଦେବତାଙ୍କୁ ସ୍ମରଣ କରିବା ବିଧେୟ । ଏହାହିଁ କବି ଏଠାରେ ପ୍ରକାଶ କରିଛନ୍ତି ।

Eduodia App

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର.୧। ଲଙ୍କାଯାତ୍ରା ନିମନ୍ତେ ରାଘବଙ୍କର ପ୍ରୟାସ ବର୍ଣ୍ଣନା କର ।**
**କିମ୍ବା, ରାମଚନ୍ଦ୍ର ଲଙ୍କାଯାତ୍ରାପାଇଁ ଯେଉଁ ଯୋଜନା କରିଥିଲେ, ତାହାର ଚିତ୍ର ପଠିତ କବିତା ଆଧାରରେ ଚିତ୍ରଣ କର ।**

**ଉ.** କାବ୍ୟ ସାହିତ୍ୟର ମଉଡ଼ମଣି କବିସମ୍ରାଟ ଉପେନ୍ଦ୍ରଭଞ୍ଜ କେବଳ ଜଣେ ସାହିତ୍ୟର ସମ୍ରାଟ ନୁହଁନ୍ତି, ପ୍ରତେକ ଓଡ଼ିଆ ସାହିତ୍ୟପ୍ରେମୀଙ୍କ ହୃଦୟସିଂହାସନର ସମ୍ରାଟ ଅଟନ୍ତି । ଓଡ଼ିଆ ଭାଷାରେ ଅପୂର୍ବ ଶବ୍ଦଯୋଜନା, ଅର୍ଥର ଗୌରବ ପ୍ରତିପାଦନ ଓ ଅଳଙ୍କାରମଣ୍ଡିତ କରି ଭାଷା ସାହିତ୍ୟର ସନ୍ଧିକ୍ଷଣରେ ବେଶ୍ ପ୍ରଭାବଶାଳୀ ହୋଇପାରିଥିଲେ । ତାଙ୍କର ଶ୍ରେଷ୍ଠ କୃତି "ବୈଦେହୀଶ ବିଳାସ" ଏକ ଅସାଧାରଣ ସୃଷ୍ଟି । 'ବ' ଆଦ୍ୟ ନିୟମରେ ରଚିତ ଉକ୍ତ କାବ୍ୟଟି କବିଙ୍କର ବଳିଷ୍ଠ କାବ୍ୟିକ ପ୍ରତିଭାର ପରିଚୟ ପ୍ରଦାନ କରେ । "ବୈଦେହୀଶ ବିଳାସ" କାବ୍ୟର ଚାଳିଶ ଛାନ୍ଦରୁ "ରାଘବଙ୍କ ଲଙ୍କାଯାତ୍ରାନୁକୂଳ" ଆନୀତ ।

ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ପତ୍ନୀ ସୀତାଙ୍କୁ ଉଦ୍ଧାର କରିବାପାଇଁ କିପରି ଲଙ୍କାଯାତ୍ରାନୁକୂଳ କରିଛନ୍ତି, ତାହାର ସୁନ୍ଦର ଚିତ୍ର କବିତାରେ



Odisha 1 to 10 All Books App

ପ୍ରଦତ୍ତ ହୋଇଛି ।

ଲଙ୍କାଧିପତି ରାବଣ ସୀତାଙ୍କୁ ଅପହରଣ କରି ଅଶୋକ ବନରେ ବନ୍ଦୀକରି ରଖିବା କଥା ହନୁମାନଙ୍କଠାରୁ ଜାଣିବା ପରେ, ଲଙ୍କାଯାଇ ସୀତାଙ୍କୁ ଉଦ୍ଧାର କରିବାର ଇଚ୍ଛା ପ୍ରକଟ ହେଲା ଶ୍ରୀରାମଙ୍କ ମନରେ । ଯାତ୍ରାପଥରେ ପ୍ରତିବନ୍ଧକ ଥିଲା ସିନ୍ଧୁ । ଅନୁଗତବର୍ଗଙ୍କ ସହିତ ବିଚାର ବିମର୍ଷ ଓ ଅନୁଶୀଳନ ପରେ ପଥର ପକାଇ ବନ୍ଧ ନିର୍ମାଣ କରିବାକୁ ପ୍ରୟାସ କରାଗଲା । ଯେତେସବୁ ପଥର ପାଣିରେ ପଡ଼ିଲା ସବୁ ବୁଡ଼ିଗଲା । ବିସ୍ମିତ ହେଲେ ରାଘବ । ଜଳାଧିରାଜ ବରୁଣଙ୍କ ବିନା ଅନୁମତିରେ ତାଙ୍କ ସମ୍ପତ୍ତି ଉପରେ ହସ୍ତକ୍ଷେପ କରିବାରୁ ବନ୍ଧ ନିର୍ମାଣ ବିଫଳ ହେଲା ।

ଶ୍ରୀରାମ, ବରୁଣଙ୍କୁ ପ୍ରସନ୍ନ କରିବାପାଇଁ ଉପବାସ ରହି କୁଶଶଯ୍ୟାରେ ଶୟନ କଲେ । କବିଙ୍କ ଭାଷାରେ :–

"ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ ।"

ରାମଚନ୍ଦ୍ରଙ୍କର ଭକ୍ତି, ଉପାସନାରେ ବରୁଣ ପ୍ରସନ୍ନ ହୋଇ ସେତୁବନ୍ଧ ନିର୍ମାଣର କୌଶଳ ବତାଇଲେ । ରାମଚନ୍ଦ୍ର ପ୍ରସନ୍ନ ଚିତ୍ତରେ କୁଶଶଯ୍ୟା ତ୍ୟାଗକରି, କପିସେନାମାନଙ୍କ ସହାୟତାରେ ବନ୍ଧ ନିର୍ମାଣ କଲେ । କବିଙ୍କର କାବ୍ୟାୟନ ଅତ୍ୟନ୍ତ ଶିକ୍ଷଣୀୟ ଓ ହୃଦୟସ୍ପର୍ଶୀ ।

**ପ୍ର.୨। 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାରୁ ରାବଣର କୂଟନୀତି ସମ୍ବନ୍ଧରେ ଆଲୋଚନା କର ।**

**କିମ୍ବା, ଶ୍ରୀରାମଙ୍କ ଲଙ୍କାଯାତ୍ରା ଓ ଯୁଦ୍ଧ ପ୍ରୟାସକୁ ନିଜର କୂଟନୀତି ବଳରେ ରାବଣ କିପରି ବିଫଳ କରିବାର ଅପଚେଷ୍ଟା କରିଛି, ତାହାର ଏକ ବିବରଣୀ ପ୍ରଦାନ କର ।**

**ଉ.** ଉତ୍କଳୀୟ ବାଣୀଭଣ୍ଡାରକୁ ସମୁଦ୍‌ଭାସିତ କରିଥିବା ରୀତିଯୁଗୀୟ କାବ୍ୟଜଗତର ଅପୂର୍ବ ବିନ୍ଧାଣୀ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ପ୍ରଜ୍ଞାଦୀପ୍ତ କୃତି "ବୈଦେହୀଶ ବିଳାସ" । ପାଠ୍ୟପୁସ୍ତକ ଅନ୍ତର୍ଗତ "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" କବିତାଟି ସେହି ମହାକାବ୍ୟର ଚାଳିଶତମ ଛାନ୍ଦରୁ ଆନୀତ ।

ଉକ୍ତ କବିତାରେ କବି ରାବଣର କୂଟନୀତି ପ୍ରବଣତାକୁ ପ୍ରତିପାଦନ କରିଛନ୍ତି ।

ରାଜନୀତିର ବ୍ରହ୍ମାସ୍ତ୍ର କୂଟନୀତି । ରାବଣ ଥିଲେ ଜଣେ କୂଟନୀତି ବିଶାରଦ । ସୀତାଙ୍କୁ ଅପହରଣକରି, ରାମଚନ୍ଦ୍ରଙ୍କ କାର୍ଯ୍ୟକଳାପ ଉପରେ ସେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ଶ୍ରୀରାମଙ୍କ ଲଙ୍କାଯାତ୍ରାର ପ୍ରୟାସ ଜାଣି ସେ ତାଙ୍କର ଦୁଇଭ୍ରାତା ବିଶ୍ୱସ୍ତ ମନ୍ତ୍ରୀ ଶୁକ-ସାରଣଙ୍କୁ ପଠାଇଛନ୍ତି ଶ୍ରୀରାମଙ୍କ ଶକ୍ତି ଓ ଯାତ୍ରାକୁ ପ୍ରତିହତ କରିବାପାଇଁ । ତାଙ୍କର କୂଟନୀତିପୂର୍ଣ୍ଣ ମସ୍ତିଷ୍କ ଚାଳନ କରି ସେ ଜାଣିଥିଲେ ଯେ ଶତ୍ରୁପକ୍ଷର ଦୁଇଟି ମହାନ୍ ଶକ୍ତି, ଯାହାକି ବିଜୟର ଅମୋଘ ଅସ୍ତ୍ର । ଗୋଟିଏ ବାଳୀପୁତ୍ର ଅଙ୍ଗଦ, ପ୍ରକାଣ୍ଡ ସେନାଶକ୍ତି ଓ ଅନ୍ୟଟି ଜ୍ଞାନ ଓ କୌଶଳର ଶକ୍ତି ବିଭୀଷଣ । ତେଣୁ ସେ ସେହି ଦୁଇ ଶକ୍ତିକୁ ଦୁର୍ବଳ କରିବାର ପ୍ରୟାସ କରିଛନ୍ତି । ବିଭୀଷଣଙ୍କ ପାଖକୁ ବାର୍ତ୍ତା ଦେଇଛନ୍ତି ଯେ 'ବଡ଼ଭାଇ ପିତାତୁଲ୍ୟ, ତାଙ୍କ କଥାକୁ ଧରି କୁପିତ ନ ହେବା ଉଚିତ୍ ।' ପୁନଶ୍ଚ ବିଭୀଷଣ ବଡକୁଳରେ ଜନ୍ମହୋଇ ଅତୁଳନୀୟ ଐଶ୍ୱର୍ଯ୍ୟ ତ୍ୟାଗକରି ଭସ୍ମ ବିଭୂଷିତ ବନବାସୀର ଶରଣାପନ୍ନ ହେବା ବାଞ୍ଛନୀୟ ନୁହେଁ ବୋଲି ବାର୍ତ୍ତା ପ୍ରେରଣ କରିଛନ୍ତି । କବିଙ୍କ ଭାଷାରେ–

"ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ
ବଡ଼କୁଳେ ଜନମି ଶରଣ କି କାରଣେ ଯେ ?"

ରାବଣର ଏହି ବକ୍ତବ୍ୟରେ ଅଛି, କୂଟନୀତିର ଚାତୁରୀ ।

ଅଙ୍ଗଦ ନିକଟକୁ ବାର୍ତ୍ତା ଥିଲା, "ରାମଚନ୍ଦ୍ର ହେଉଛନ୍ତି ଅଙ୍ଗଦର ପିତୃହନ୍ତାକାରୀ । ସେ ତାଙ୍କ ସହ ବିବାଦ ସୃଷ୍ଟିକରି ସୁଗ୍ରୀବଙ୍କ ସହ ସୈନ୍ୟବଳ ଫେରାଇ ଆଣିବା ଉଚିତ ।" ଶ୍ରୀରାମଙ୍କୁ ସହାୟତା, ନିର୍ବୋଧତାର ପରିଚୟ ବୋଲି କହି ଅଙ୍ଗଦଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି ବିଚକ୍ଷଣ କୂଟନୀତିଜ୍ଞ ରାବଣ । ବିଭୀଷଣ ଓ ଅଙ୍ଗଦଙ୍କର ପ୍ରତିକ୍ରିୟା ମନ୍ତ୍ରୀଦ୍ୱୟଙ୍କଠାରୁ ଶୁଣି ମଧ୍ୟ ବିଚଳିତ ହୋଇନଥିଲେ ରାବଣ । ପରନ୍ତୁ ଶତ୍ରୁର ଶକ୍ତି, କୌଶଳ, ସୈନ୍ୟସଂଖ୍ୟା ବିଷୟରେ ଜାଣିବାକୁ ଚାହିଁଥିଲେ । ଏଥିରୁ ରାବଣଙ୍କର ପ୍ରତ୍ୟୁତ୍ପନ୍ନମତିତା ତଥା କୂଟନୀତି ପ୍ରବଣତାର ଯଥାର୍ଥ ପ୍ରତିଫଳନ ଦେଖିବାକୁ ମିଳେ ।

**ପ୍ର.୩। 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାରୁ ସମାଜ ପ୍ରତି ବାର୍ତ୍ତାର ଗୁରୁତ୍ୱ ବର୍ଣ୍ଣନା କର ।**

**କିମ୍ବା, କବି ସମ୍ରାଟ ଉପେନ୍ଦ୍ରଭଞ୍ଜ "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" କବିତା ମାଧ୍ୟମରେ କିପରି ସାମାଜିକ ଶୃଙ୍ଖଳା, ସାଧନା ଓ ନିୟମାନୁବନ୍ଧତାରେ ପରିବର୍ତ୍ତନ ଆଣିବାକୁ ଚାହିଁଛନ୍ତି, ବର୍ଣ୍ଣନା କର ।**

**ଉ.** କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ "ବୈଦେହୀଶ ବିଳାସ" ମହାକାବ୍ୟର ୪୦ ଛାନ୍ଦରୁ 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' ସଂଗୃହୀତ । କବିତାଟିରେ କବି ରାମ-ରାବଣ ଯୁଦ୍ଧ ପ୍ରସଙ୍ଗ ମାଧ୍ୟମରେ ସମାଜକୁ ସୁନ୍ଦର ବାର୍ତ୍ତା ପ୍ରଦାନ କରିଛନ୍ତି । କବିଙ୍କର ପ୍ରଜ୍ଞାମାନସରେ ସମାଜର ଶୃଙ୍ଖଳା, ସାଧନା ଓ ନିୟମାନୁବନ୍ଧତାର ପରିବର୍ତ୍ତନ ଉଜ୍ଜୀବିତ ହୋଇଛି । ଏହି ବାର୍ତ୍ତା ସମାଜକୁ ପରିବର୍ତ୍ତନ ଆଣିବାରେ ସହାୟକ ହେବ ।

Eduodia.App



Odisha 1 to 10 All Books App

ବନ୍ଦିନୀ ସୀତାଙ୍କୁ ଉଦ୍ଧାର କରିବାକୁ ଶ୍ରୀରାମଚନ୍ଦ୍ର କପିସେନାଙ୍କ ସହାୟତାରେ ସେତୁବନ୍ଧର କଳ୍ପନା କରିଛନ୍ତି ସମୁଦ୍ର ଉପରେ । ମାତ୍ର ସେତୁବନ୍ଧ ପାଇଁ ଯେତେ ପଥର ସେ ସମୁଦ୍ରକୁ ନିକ୍ଷେପ କଲେ ସବୁ ସତ୍ତାହୀନ ହେଲା । ରାମ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ କାର୍ଯ୍ୟସିଦ୍ଧି ପାଇଁ ସାଗରାଧିପତି ବରୁଣଙ୍କୁ ଉପାସନା କଲେ । ବରୁଣ ପ୍ରସନ୍ନ ହେଲେ । ଏଥିରୁ ଶିକ୍ଷାମିଳେ ଯେ :-

୧. କାର୍ଯ୍ୟସିଦ୍ଧି ପାଇଁ ସାଧନା ଦରକାର ।
୨. ଯୋଜନାବଦ୍ଧ ଭାବେ କାର୍ଯ୍ୟକଲେ ସଫଳତା ମିଳେ ।
୩. ନିଜର କ୍ଷମତା ପ୍ରୟୋଗ କରି ଅଯଥା ଅନ୍ୟ ସମ୍ପତ୍ତିରେ ହସ୍ତକ୍ଷେପ କରିବା ଅନୁଚିତ ।

ମଣିଷ, ସମାଜର ଶ୍ରେଷ୍ଠ ପ୍ରାଣୀ ହେଲେ ମଧ୍ୟ ନମନୀୟତା, ନିରହଙ୍କାର ଓ ଭକ୍ତିର ଶକ୍ତି ବିଷୟରେ ଶିକ୍ଷା ପାଇବା ଉଚିତ ।

ମନ୍ଦ କାର୍ଯ୍ୟର ମନ୍ଦଫଳ ପ୍ରାପ୍ତ ହୁଏ । ରାବଣ ନିଜର କୂଟନୀତି ପ୍ରୟୋଗ କରି ରାମଙ୍କର ଯାତ୍ରାନୁକୂଳ ଓ ଯୁଦ୍ଧଯାତ୍ରାରେ ବାଧକ ହେବାକୁ ପ୍ରୟାସ କରିଛନ୍ତି । ମନ୍ତ୍ରୀ ଶୁକ-ସାରଣଙ୍କୁ ରାମଙ୍କ ଅନୁଗତ ବିଭୀଷଣ ଓ ଅଙ୍ଗଦଙ୍କୁ ରାମବିରୋଧୀ କରିବାକୁ ପରାମର୍ଶ ଦେଇପଠାଇଛନ୍ତି । ସେମାନଙ୍କ ପ୍ରତିକ୍ରିୟାରେ ମନ୍ତ୍ରୀଦ୍ୱୟ ଭାଗ୍ୟବଳରୁ ବଂଚିଗଲେ ବୋଲି ରାବଣଙ୍କୁ କହିଛନ୍ତି । ଏଥିରୁ ସ୍ପଷ୍ଟ ଯେ :-

୧. ସତ୍ ଉଦ୍ଦେଶ୍ୟକୁ ଅସତ୍‌ମାର୍ଗରେ ପ୍ରତିରୋଧ କରିହୁଏ ନାହିଁ ।
୨. ଅନ୍ୟର ଅନିଷ୍ଟ ଚିନ୍ତାକଲେ ଆପଣାର କ୍ଷତି ହୁଏ ।

ଏଠାରେ ରାବଣର କୂଟନୀତି ବିଫଳ ହୋଇଛି ।

ପୁନଶ୍ଚ, ରାମଚନ୍ଦ୍ରଙ୍କର ସିନ୍ଧୁକୁ ଶୁଖାଇଦେବାର ଶକ୍ତିଥିଲେ ମଧ୍ୟ, ସେ ଉପାସନା ଓ ସାଧନା ବଳରେ ବରୁଣଙ୍କୁ ପ୍ରସନ୍ନ କରିଛନ୍ତି, ଏହି ବାର୍ତ୍ତା ସମାଜପାଇଁ ଦେଇଛନ୍ତି ଯେ :-

୧. ସାଧନାରେ କାର୍ଯ୍ୟସିଦ୍ଧି ହୁଏ ।
୨. ତପସ୍ୟା ଦ୍ୱାରା ଅସାଧ୍ୟ ସାଧନ ହୁଏ ।
୩. ନମନୀୟତା ସିଦ୍ଧିର ଶ୍ରେଷ୍ଠ ମାର୍ଗ ।

କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଉକ୍ତ କବିତା ମାଧ୍ୟମରେ ସମାଜରେ ଶୃଙ୍ଖଳା, ସାଧନା ଓ ନିୟମାନୁବଦ୍ଧତାରେ ପରିବର୍ତ୍ତନ ଆଣିବାକୁ ଚାହିଁଛନ୍ତି ।

**ପ୍ର.୪। ଶୁକ-ସାରଣଙ୍କଠାରୁ ରାବଣର ବାର୍ତ୍ତାପାଇଁ, ବିଭୀଷଣ ଓ ଅଙ୍ଗଦଙ୍କର ପ୍ରତିକ୍ରିୟା କିପରି ଥିଲା, ଆଲୋଚ୍ୟ କବିତା ମାଧ୍ୟମରେ ବର୍ଣ୍ଣନା କର ।**

**କିମ୍ବା, ଶୁକ-ସାରଣଙ୍କର ରାମବିରୋଧୀ ପରାମର୍ଶରେ ବିଭୀଷଣ ଓ ଅଙ୍ଗଦଙ୍କର ପ୍ରତିକ୍ରିୟାକୁ କବି କିପରି ବର୍ଣ୍ଣନା କରିଛନ୍ତି ଲେଖ ।**

**ଉ.** କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ରଚିତ "ବୈଦେହୀଶ ବିଳାସ" କାବ୍ୟର ଚାଳିଶତମ ଛାନ୍ଦରୁ ସଂଗୃହୀତ 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାରେ ରାବଣର କୂଟନୀତି ପ୍ରବଣତା, ରାମବିରୋଧୀ ବାର୍ତ୍ତାରେ ବିଭୀଷଣ ଓ ଅଙ୍ଗଦଙ୍କର ପ୍ରତିକ୍ରିୟାକୁ କବି, ବଳିଷ୍ଠ କାବ୍ୟିକ ଚାତୁରୀରେ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ଲଙ୍କାର ସୁରକ୍ଷାବଳୟ ଥିଲା ସାଗର । ସେହି ସାଗରରେ ବନ୍ଧନିର୍ମାଣ କରି ଶ୍ରୀରାମଚନ୍ଦ୍ରଙ୍କର ଲଙ୍କାଯାତ୍ରାର ପ୍ରୟାସକୁ ସହଜରେ ଗ୍ରହଣ କରିପାରୁ ନଥିଲା ରାବଣର କୂଟନୀତି ପ୍ରବଣ ମସ୍ତିଷ୍କ । ବିଭୀଷଣ, ରାମଙ୍କ ଶରଣାପନ୍ନ ଥିଲେ । ଲଙ୍କାର ସମସ୍ତ ରହସ୍ୟ ଜାଣିଥିବା ବିଭୀଷଣର ଜ୍ଞାନଶକ୍ତି ରାବଣଙ୍କୁ ସୁପଥ ଦେଖାଇବାରେ ସହାୟ ହେବ । ତେଣୁ କପଟି ରାବଣ ତାଙ୍କର ଶୁକ-ସାରଣ ନାମକ ଦୁଇଜଣ ମନ୍ତ୍ରୀଙ୍କୁ ବାର୍ତ୍ତାବହ ରୂପେ ବିଭୀଷଣଙ୍କ ପାଖକୁ ପଠାଇଛନ୍ତି । ଜ୍ୟେଷ୍ଠଭାଇ ପିତୃତୁଲ୍ୟ, ତାଙ୍କ କଥାରେ କୁପିତ ନ ହୋଇ ଲଙ୍କାକୁ ଫେରିଆସିବା ଉଚିତ୍ ବୋଲି ବାର୍ତ୍ତା ଦେଇଛନ୍ତି । ଲଙ୍କାର ବିପୁଳ ଐଶ୍ୱର୍ଯ୍ୟ ତ୍ୟାଗକରି ଭସ୍ମବିଭୂଷିତ ଜଣେ ବନବାସୀର ଶରଣାପନ୍ନ ହେବା ସମୁଚିତ ନୁହେଁ କହି ବିଭୀଷଣଙ୍କ ମାନସିକତାରେ ବିଭ୍ରାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି । ଶୁକ-ସାରଣଙ୍କ ଠାରୁ ବାର୍ତ୍ତାପାଇ ବିଭୀଷଣ କହିଲେ– ରାବଣ ଆଗ ସୀତାଙ୍କୁ ଫେରାନ୍ତୁ, ତା'ପରେ ଯାହା ବିଚାର କରାଯିବ । ବିଫଳ ହୋଇଛି ରାବଣର ମନ୍ଦବୁଦ୍ଧି କାର୍ଯ୍ୟ ।

ଅଙ୍ଗଦ ନିକଟକୁ ମଧ୍ୟ ରାମବିରୋଧୀ ବାର୍ତ୍ତା ପ୍ରେରଣ କରି କହିଛନ୍ତି ଯେ- ରାମଚନ୍ଦ୍ର ଅଙ୍ଗଦଙ୍କର ପିତୃହନ୍ତାକାରୀ । ତାଙ୍କ ସହିତ ନ ରହି ସୁଗ୍ରୀବଙ୍କୁ ଓ ସୈନ୍ୟବଳ ଫେରାଇ ଆଣିବା ଉଚିତ । ଯେତେବେଳେ ଶୁକ-ସାରଣ ଅଙ୍ଗଦଙ୍କୁ ଏପରି ସନ୍ଦେଶ ଦେଇଛନ୍ତି ସେତେବେଳେ ଅଙ୍ଗଦ ଖୁବ୍ ରାଗିଗଲେ । ସେମାନଙ୍କ ଉଦ୍ଦେଶ୍ୟରେ ଏକ ବଜ୍ର ଚାପୁଡ଼ା ମାରିଲେ । ଯଦି ଅଙ୍ଗଦଙ୍କ ଚାପୁଡ଼ା ତାଙ୍କ ଦେହରେ ବାଜିଥାନ୍ତା, ତେବେ ଅନାୟାସରେ ସେମାନେ ଧୂଳିସାତ୍ ହୋଇଥାନ୍ତେ । ଯଦି ସେହି ବଜ୍ର ଚାପୁଡ଼ା ବିନ୍ଧ୍ୟ ପାହାଡ଼ରେ ବାଜିଥାନ୍ତା ତେବେ ତାହା ରସାତଳଗାମୀ ହୋଇଥାନ୍ତା ଏବଂ ସୂର୍ଯ୍ୟ ମଧ୍ୟ ସୁଖୀ ହୋଇଥାନ୍ତେ ।

ଏହି ରୂପେ ରାବଣର ବାର୍ତ୍ତାପାଇ ବିଭୀଷଣ ଓ ଅଙ୍ଗଦ ପ୍ରତିକ୍ରିୟାଶୀଳ ହୋଇଥିଲେ । କବି ଉପେନ୍ଦ୍ରଭଞ୍ଜ ସୁନ୍ଦର ଭାବରେ ତାହା

EduodiaApp



Odisha 1 to 10 All Books App

ବର୍ଣ୍ଣନା କରିଛନ୍ତି ତାଙ୍କ ବିରଚିତ କବିତା "ରାଘବଙ୍କ ଲଙ୍କାଯାତ୍ରାନୁକୂଳ" କବିତା ମାଧ୍ୟମରେ ।

**ପ୍ର.୫। ରାମଚନ୍ଦ୍ରଙ୍କ ସୈନ୍ୟବଳ ସମ୍ବନ୍ଧରେ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଶୁକସାରଣଙ୍କ ମୁଖରେ କିପରି ଉଲ୍ଲେଖ କରିଛନ୍ତି, ପଠିତ କବିତା ଆଧାରରେ ବର୍ଣ୍ଣନା କର ।**

**କିମ୍ବା, କବିତା ଆଧାରରେ ଶ୍ରୀରାମଙ୍କ ସୈନ୍ୟସଂଖ୍ୟା ଉଲ୍ଲେଖ କର ।**

**ଉ.** ସ୍ୱୀୟ ସାରସ୍ୱତ ପ୍ରତିଭା ପ୍ରଭାବରେ ଉତ୍କଳୀୟ ବାଣୀଭଣ୍ଡାରକୁ ସମୁଦ୍‌ଭାସିତ କରିଥିବା କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ପ୍ରଜ୍ଞାଦୀପ୍ତ ଅମର ଲେଖନୀ ନିସୃତ "ବୈଦେହୀଶ ବିଳାସ" ମହାକାବ୍ୟର ଚାଳିଶତମ ଛାନ୍ଦରୁ ସଂଗୃହୀତ 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତା । ଏହି କବିତାରେ କବି ତ୍ରିପୁର ବିଜେତା ରାବଣର କୂଟନୀତି ଓ ବିଚକ୍ଷଣ ମସ୍ତିଷ୍କ ଚାଳନାରେ ଶ୍ରୀରାମଚନ୍ଦ୍ରଙ୍କର ସୈନ୍ୟବଳ ଓ ସଂଖ୍ୟାକୁ ଶୁକସାରଣଙ୍କ ମୁଖରେ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ରାମଙ୍କ ଲଙ୍କାଯାତ୍ରାକୁ ବିଗାଡ଼ିବାପାଇଁ ରାବଣ ତା'ର ଦୁଇମନ୍ତ୍ରୀ ଶୁକ-ସାରଣଙ୍କୁ ରାମଙ୍କ ପାଖକୁ ଦୂତ କରି ପଠାଇଛି । ସେମାନେ ଆକାଶ ମାର୍ଗରେ ରହି ରାମଙ୍କ ଶକ୍ତି କଳନା କରିଛନ୍ତି । ରାମଙ୍କ ଶକ୍ତି ଅଗଣନ । ସେମାନଙ୍କ କଳନା ଅନୁସାରେ ସେହି ସୈନ୍ୟ ଯେତେ, ତେତେ ସଂଖ୍ୟକ ଶଙ୍ଖ ସମୁଦ୍ରରେ ଜନ୍ମ ହୋଇନାହିଁ । ଅର୍ଥାତ୍, ରାମଙ୍କ ସେନାବାହିନୀ ଲକ୍ଷ ଲକ୍ଷ ସଂଖ୍ୟାରେ ସୈନ୍ୟବଳରେ ବଳୀୟାନ, ଯାହାକି ଶୁକ-ସାରଣଙ୍କ ଗଣନାର ବାହାରେ । କବିଙ୍କ ଭାଷାରେ :-

"ବଳ କେତେ ବୋଲୁଁ ବୋଲେ ଯେତେ ଶଙ୍ଖ ସେହି
ବାରି ରାଶିରେ ଜନିତ ତେତେ ଶଙ୍ଖ ନାହିଁ ଯେ ।"

ବାସ୍ତବରେ କବିଙ୍କର କାବ୍ୟିକ ଚାତୁରୀରେ ପ୍ରସଙ୍ଗଟି ବେଶ୍ ମନୋମୁଗ୍ଧକର ।

## ଚିଲିକାରେ ସାୟନ୍ତନ ଦୃଶ୍ୟ

### କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

Edudia App

୧। "ଚିଲିକାରେ ସାୟନ୍ତନ ଦୃଶ୍ୟ" କବିତାରେ କବି କେଉଁ ସମୟର ବର୍ଣ୍ଣନା କରିଛନ୍ତି ?
(କ) ପ୍ରଭାତ (ଖ) ଅପରାହ୍ନ
(ଗ) ସନ୍ଧ୍ୟା (ଘ) ମଧ୍ୟାହ୍ନ

୨। ପ୍ରାଚୀ ମୂଳରେ କାହାର ଛାୟାଚିତ୍ର ଦେଖାଯାଉଥିଲା ?
(କ) ସନ୍ଧ୍ୟାତାରା (ଖ) ମୀନଜୀବୀ ନାବ
(ଗ) ଚନ୍ଦ୍ରଚୂଡ଼ (ଘ) ଭାଲେରି ପର୍ବତ

୩। ସମୁଦ୍ର ମୁହାଣରୁ ମାଛଧରି ଧୀବରମାନେ କେଉଁ କଥାଭାବି ଫେରୁଥିଲେ ?
(କ) ଗୃହକଥା
(ଖ) ବନ୍ଧୁମାନଙ୍କ କଥା
(ଗ) ନିଜ ନିଜର ପତ୍ନୀଙ୍କ କଥା
(ଘ) ଚିଲିକାର ସୁନ୍ଦରତା କଥା

୪। ଭାଲେରି ପର୍ବତ ଚିଲିକାର କେଉଁ ଦିଗରେ ଅବସ୍ଥିତ ?
(କ) ପୂର୍ବ (ଖ) ପଶ୍ଚିମ
(ଗ) ଉତ୍ତର (ଘ) ଦକ୍ଷିଣ

୫। "ଆସନ୍ତି ପଟିକା ମହୋଲ୍ଲାସେ ଟେକି" । ଏଠାରେ କେଉଁମାନଙ୍କୁ ଉଲ୍ଲସିତ ହେବାର କବି ଦେଖିଛନ୍ତି ?
(କ) ପ୍ରକୃତି ପ୍ରେମୀ (ଖ) ପର୍ଯ୍ୟଟକ
(ଗ) ଦିଗଙ୍ଗନା (ଘ) ଧୀବର

୬। କବି କାହାକୁ ଉଲ୍ଲାସର ଆତ୍ମା ବୋଲି କହିଛନ୍ତି ?
(କ) ଚିଲିକା-ମାରୁତ (ଖ) ମଧୁର-ହାସ
(ଗ) ଗୀତ-ତାନ (ଘ) ପ୍ରାଚୀ-ମୂଳ

୭। ଦିଗଙ୍ଗନାଙ୍କ ଦୁକୂଳ ସହିତ କାହାକୁ ତୁଳନା କରାଯାଇଛି ?
(କ) ଜ୍ୟୋତ୍ସ୍ନା (ଖ) ପଟିକା
(ଗ) ପାରଦ (ଘ) ତରୁପତ୍ର

୮। ଦିଗଙ୍ଗନାଙ୍କ ଉଦ୍ଦେଶ୍ୟରେ କେଉଁ ଶବ୍ଦ ବ୍ୟବହାର କରାଯାଇଛି ?
(କ) ଆୟୁଷ୍ମାନ (ଖ) ବାଗୀଶ୍ୱରୀ
(ଗ) ଜ୍ୟୋତ୍ସ୍ନା-ପରିପ୍ଳୁତ (ଘ) ମଧୁର-ହାସିନୀ

୯। ସଙ୍ଗୀତ ଆବେଶରେ ମନ କେଉଁଠି ବିଚରଣ କରେ ?
(କ) ହ୍ରଦର ନୀଳ ବକ୍ଷରେ
(ଖ) ଅତୀନ୍ଦ୍ରିୟ ଦେଶରେ
(ଗ) ତରୀ ଗର୍ଭରେ
(ଘ) ପୂର୍ବ ଦିଗ୍‌ବଳୟରେ



Odisha 1 to 10 All Books App

୧୦। ସଙ୍ଗୀତ ଆବେଶରେ କିଏ ଅତୀନ୍ଦ୍ରିୟ ଦେଶରେ ବିଚରଣ କରେ ?
(କ) ଦେହ (ଖ) ଆତ୍ମା
(ଗ) ମନ (ଘ) ପ୍ରାଣ

୧୧। 'ଧନ୍ୟ ରଥେ !' ଏଠାରେ ରଥେ ବୋଲି କାହାକୁ ସମ୍ବୋଧନ କରାଯାଇଛି ।
(କ) ବଳଦେବ ରଥ (ଖ) ରାଧାନାଥ ରଥ
(ଗ) ମୃତ୍ୟୁଞ୍ଜୟ ରଥ (ଘ) ରମାକାନ୍ତ ରଥ

୧୨। "ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳ ଭୁବନେ" ଏକଥା କବି କାହା ଉଦ୍ଦେଶ୍ୟରେ କହିଛନ୍ତି ?
(କ) ଫକୀରମୋହନ ସେନାପତି
(ଖ) ଗୋପବନ୍ଧୁ ଦାସ
(ଗ) ବଳଦେବ ରଥ
(ଘ) ମଧୁସୂଦନ ରାଓ

୧୩। ମୀନ ଆକର୍ଷଣ ଆଶାରେ ପୋତପାଳ କ'ଣ କରେ ?
(କ) ଗୀତ ଗାଏ (ଖ) ପଟିକା ଟେକିଦିଏ
(ଗ) ନୌକା ଚଳାଏ (ଘ) ମଶାଲ ଜଳାଏ

୧୪। ତରଣୀରେ ଜଳୁଥିବା ମଶାଲକୁ କବି କାହା ସହିତ ତୁଳନା କରିଛନ୍ତି ।
(କ) ପାପମୂର୍ତ୍ତି (ଖ) ମୃତ୍ୟୁଞ୍ଜୟ
(ଗ) ଚନ୍ଦ୍ରଚୂଡ଼ତନୁ (ଘ) ନୀରବ ଗିରି

୧୫। ଅଜ୍ଞାନ କେଉଁଠାରେ ପଡ଼େ ?
(କ) ତରୀ ଗର୍ଭରେ (ଖ) ପ୍ରାଚୀମୂଳରେ
(ଗ) ହ୍ରଦର ଅନ୍ତଃସ୍ଥଳରେ (ଘ) ପାପଗର୍ଭରେ

୧୬। ପାପଗର୍ଭରେ କିଏ ପଡ଼େ ?
(କ) ପାପୀ (ଖ) ନାସ୍ତିକ
(ଗ) ଅଜ୍ଞାନ (ଘ) ଜ୍ଞାନୀ

୧୭। ମଶାଲ ଦେଖି ମୀନମାନେ କେଉଁଠାକୁ ଡେଇଁବେ ବୋଲି କୁହାଯାଇଛି ?
(କ) ହ୍ରଦମଧ୍ୟକୁ (ଖ) ତରୀ ଗର୍ଭକୁ
(ଗ) ପାପଗର୍ଭକୁ (ଘ) ଚିଲିକାର କୂଳକୁ

୧୮। ମୀନମାନେ କେଉଁଠାକୁ ଡେଇଁ ପ୍ରାଣ ହରାଉଥିଲେ ?
(କ) ତରୀଗର୍ଭକୁ (ଖ) ପାପଗର୍ଭକୁ
(ଗ) ହ୍ରଦ ମଧ୍ୟକୁ (ଘ) ଚିଲିକାର କୂଳକୁ

୧୯। ତରୀଗର୍ଭକୁ ଡେଇଁ କିଏ ପ୍ରାଣ ହରାଉଥିଲେ ।
(କ) ଧୀବରମାନେ (ଖ) ପର୍ଯ୍ୟଟକମାନେ
(ଗ) ପୋତପାଳମାନେ (ଘ) ମୀନମାନେ

୨୦। ଆଶାର ଉତ୍‌ଥାନ ପତନକୁ କବି କାହା ସହିତ ତୁଳନା କରିଛନ୍ତି ?
(କ) ଗୀତର ତାନ (ଖ) ମଶାଲର ଶିଖା
(ଗ) ମଧୁର ହସ (ଘ) ଝିଙ୍କାରିର ଝଙ୍କାର

୨୧। ଦୁଃଖୀ ମନରେ କାହାର ଉତ୍‌ଥାନ ପତନ ଘଟିଥାଏ ?
(କ) ତରଙ୍ଗ (ଖ) ଜ୍ୟୋସ୍ନା
(ଗ) ଆଶା (ଘ) ନିରାଶା

୨୨। ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?
(କ) ନିଶ୍ଚଳ (ଖ) ଗମ୍ଭୀର
(ଗ) କୋଳାହଳପୂର୍ଣ୍ଣ (ଘ) ନିସ୍ତବ୍ଧ

୨୩। ଜଳ-ସ୍ଥଳ-ନଭରେ କ'ଣ ପଡ଼ି ପାରଦ ଧଉତ ଭଳି ଦେଖାଯାଉଥିବା କବି କହିଛନ୍ତି ।
(କ) ଅଗ୍ନିଶିଖା (ଖ) ମଶାଲର ଜ୍ୟୋତି
(ଗ) ସୂର୍ଯ୍ୟରଶ୍ମି (ଘ) ଚନ୍ଦ୍ରକିରଣ

୨୪। ଚନ୍ଦ୍ରକିରଣରେ ସୃଷ୍ଟି କିପରି ଦିଶୁଛି ?
(କ) ଜ୍ୟୋସ୍ନା ପରିପ୍ଳୁତ (ଖ) ପାରଦ-ଧଉତ
(ଗ) ଚନ୍ଦ୍ରଚୂଡ଼ ତନୁ (ଘ) ରମ୍ୟ

୨୫। ହ୍ରଦର ମଧ୍ୟଭାଗରେ କାହାର ପ୍ରତିବିମ୍ବ ଶୋଭାପାଉଛି ବୋଲି କବି କହୁଛନ୍ତି ?
(କ) ପାହାଡ଼ (ଖ) ଅଗ୍ନିଶିଖା
(ଗ) ନୌକା (ଘ) ସମୁଦ୍ର

୨୬। ସର୍ପମଣ୍ଡିତ ଶିବଙ୍କ ସହିତ କବି କାହାକୁ ତୁଳନା କରିଛନ୍ତି ?
(କ) ମଶାଲ (ଖ) ଦିଗଙ୍ଗନା
(ଗ) ବନଭୂମି (ଘ) ମୀନଜୀବୀ

୨୭। ଛାୟାମିଶ୍ରିତ ଆଲୋକରେ ବନସ୍ଥଳୀର ଦୃଶ୍ୟକୁ କାହା ସହିତ ତୁଳନା କରାଯାଇଛି ?
(କ) ପାପମୂର୍ତ୍ତି (ଖ) କବମିସୂର୍ଯ୍ୟ
(ଗ) ଦିଗଙ୍ଗନା (ଘ) ସର୍ପମଣ୍ଡିତ ଶିବ

୨୮। ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?
(କ) ଝିଙ୍କାରି-ଝଙ୍କାର (ଖ) ଜ୍ୟୋସ୍ନା ପରିପ୍ଳୁତ ନଭ
(ଗ) ମଶାଲ (ଘ) ଭାଲେରି ପାହାଡ଼



Eduodia App

Odisha 1 to 10 All Books App

୨୯। ଝିଙ୍କାରିର ଝଙ୍କାର କ'ଣ ପ୍ରଚାର କରେ ?
(କ) କୋଳାହଳ (ଖ) ମଧୁର ହାସ
(ଗ) କବିସୂର୍ଯ୍ୟ ଗୀତ (ଘ) ନିଶୀଥିନୀ ପ୍ରଭାବ

୩୦। କଳି ଉପଦ୍ରବରେ 'ଶାନ୍ତି' କେଉଁଠାରେ ଆଶ୍ରୟ ନେଇଥିବା କବି ସମ୍ଭାବନା କରିଛନ୍ତି ?
(କ) ହ୍ରଦର ଅନ୍ତସ୍ଥଳରେ
(ଖ) ଗିରିବନ ଦେଶରେ
(ଗ) ମୀନଜୀବୀ ନାବରେ
(ଘ) କବିସୂର୍ଯ୍ୟଙ୍କ ଗୀତରେ

୩୧। ପୂର୍ବ ଦିଗ୍‌ବଳୟରେ କାହାର ଛାୟାଚିତ୍ର କବି ଦେଖିଛନ୍ତି ?
(କ) ଝିଙ୍କାରି (ଖ) ଭାଲେରି ପାହାଡ଼
(ଗ) ବନଭୂମି (ଘ) ମୀନଜୀବୀ ନାବ

୩୨। କେଉଁ ପାହାଡ଼ ଶିଖରରେ ସନ୍ଧ୍ୟାତାରା ଦେଖି କୈବର୍ତ୍ତମାନେ କୂଳକୁ ଫେରି ଆସନ୍ତି ?
(କ) ମାମୁଭଣଜା (ଖ) ଭାଲେରି
(ଗ) କାଳିଜାଇ (ଘ) ମହେନ୍ଦ୍ରଗିରି

୩୩। କବିସୂର୍ଯ୍ୟ ନାମରେ କିଏ ବିଖ୍ୟାତ ?
(କ) କାଳୀଚରଣ ପଟ୍ଟନାୟକ
(ଖ) ବଳଦେବ ରଥ
(ଗ) ଗଙ୍ଗାଧର ମେହେର
(ଘ) ନନ୍ଦକିଶୋର ବଳ

୩୪। "ଜ୍ୟୋସ୍ନାଦୁକୂଳ ବାସିନୀ" –ଏ ଉକ୍ତିଟି କାହା ଉଦ୍ଦେଶ୍ୟରେ କବି ପ୍ରକାଶ କରିଛନ୍ତି ?
(କ) ପ୍ରକୃତିରାଣୀ (ଖ) ଚିଲିକା
(ଗ) ଦିଗଙ୍ଗନା (ଘ) ଉତ୍କଳମାତା

୩୫। କବି କେଉଁମାନଙ୍କୁ ମଧୁରହାସିନୀ ବୋଲି କହିଛନ୍ତି ?
(କ) ଦିଗଙ୍ଗନା (ଖ) ପ୍ରକୃତିରାଣୀ
(ଗ) ବନବାସିନୀ (ଘ) ବାଗୀଶ୍ୱରୀ

୩୬। କବି ରାଧାନାଥ ପ୍ରକୃତିକୁ କେଉଁ ରୂପରେ ଦେଖିଛନ୍ତି ?
(କ) ବାଗୀଶ୍ୱରୀ (ଖ) ଶାନ୍ତମୂର୍ତ୍ତି
(ଗ) ମାତା (ଘ) ନାୟିକା

୩୭। "ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ" –ଉକ୍ତିଟି କାହାକୁ ଲକ୍ଷ୍ୟ କରି କୁହାଯାଇଛି ?
(କ) କବିସୂର୍ଯ୍ୟ (ଖ) କବିଚନ୍ଦ୍ର
(ଗ) କବିସମ୍ରାଟ (ଘ) କବିବର

୩୮। "ଚିଲିକାରେ ସାୟନ୍ତନ ଦୃଶ୍ୟ" କବିତାଟି କେଉଁ କାବ୍ୟର ଅଂଶବିଶେଷ ?
(କ) ଚନ୍ଦ୍ରଭାଗା (ଖ) ଚିଲିକା
(ଗ) ନନ୍ଦିକେଶ୍ୱରୀ (ଘ) ଉର୍ବଶୀ

୩୯। କେଉଁ କଥା ଶୂନ୍ୟରେ ଚାଲିଯିବା କଥା କୁହାଯାଇଛି ?
(କ) ହସ (ଖ) ସଙ୍ଗୀତ
(ଗ) ମନ (ଘ) ଚିଲିକା ମାରୁତ

୪୦। ପାପମୂର୍ତ୍ତି କାହାକୁ ଲକ୍ଷ୍ୟକରି କୁହାଯାଇଛି ?
(କ) ପୋତପାଳ (ଖ) ମୀନ
(ଗ) ତରଣୀ (ଘ) ମଶାଲ

୪୧। ନିମ୍ନୋକ୍ତ ମଧ୍ୟରୁ କେଉଁ ଉକ୍ତିଟି କବିସୂର୍ଯ୍ୟ ବଳଦେବ ରଥଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?
(କ) ତରଣୀରେ ଜାଳିଦେଲେଣି ମଶାଲ
(ଖ) ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳଭୁବନେ
(ଗ) କରେ ନିଶୀଥିନୀ-ପ୍ରଭାବ ପ୍ରଚାର
(ଘ) ଆସନ୍ତି ପଟିକା ମହୋଲ୍ଲାସେ ଟେକି

୪୨। "ଚିଲିକାରେ ସାୟନ୍ତନ ଦୃଶ୍ୟ" କବିତାରେ ନିମ୍ନୋକ୍ତ ମଧ୍ୟରୁ କେଉଁଟିକୁ କବି ବ୍ୟବହାର କରିନାହାନ୍ତି ?
(କ) ଜ୍ୟୋସ୍ନା-ପରିପ୍ଲୁତ (ଖ) ଜ୍ୟୋସ୍ନାର୍ଣ୍ଣବ
(ଗ) ଜ୍ୟୋସ୍ନାମୟ (ଘ) ଜ୍ୟୋସ୍ନା ପ୍ରତିଫଳେ

୪୩। 'ଗଲାଣି ତ ଗଲା କଥାରେ ସଙ୍ଗୀତ' –ଉକ୍ତିଟି କବିସୂର୍ଯ୍ୟଙ୍କ କେଉଁ ରଚନାରୁ ଉଦ୍ଧାର କରାଯାଇଛି ।
(କ) ସର୍ପ ଜଣାଣ (ଖ) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ
(ଗ) ରତ୍ନାକର ଚମ୍ପୂ (ଘ) ଚନ୍ଦ୍ରକଳା

୪୪। "ଚିଲିକାରେ ସାୟନ୍ତନ ଦୃଶ୍ୟ" କବିତାର ଶେଷରେ କବି କାହାକୁ ସମ୍ବୋଧନ କରିଛନ୍ତି ?
(କ) ବଣପାହାଡ଼କୁ (ଖ) କବିସୂର୍ଯ୍ୟଙ୍କୁ
(ଗ) ଚିଲିକାକୁ (ଘ) ପୋତପାଳ ମାନଙ୍କୁ

୪୫। କବିବର ଭାବରେ କିଏ ପରିଚିତ ?
(କ) ଗଙ୍ଗାଧର ମେହେର
(ଖ) ନନ୍ଦକିଶୋର ବଳ
(ଗ) ରାଧାନାଥ ରଥ
(ଘ) ରାଧାନାଥ ରାୟ

Eduodia App



Odisha 1 to 10 All Books App

୪୬। ଆଧୁନିକ ଓଡ଼ିଆ କାବ୍ୟଧାରାର ଭିତ୍ତି ସଂସ୍ଥାପକ କବିବର ରାଧାନାଥ ରାୟ କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ?
(କ) ବାଲେଶ୍ୱର (ଖ) ପୁରୀ
(ଗ) କଟକ (ଘ) ଖୋର୍ଦ୍ଧା

୪୭। ନିମ୍ନୋକ୍ତ ମଧ୍ୟରୁ କେଉଁଟି ରାଧାନାଥ ରାୟଙ୍କ ଲେଖା ନୁହେଁ ?
(କ) ମହାଯାତ୍ରା (ଖ) ଉଷା
(ଗ) କେଦାରଗୌରୀ (ଘ) ଇନ୍ଦୁମତୀ

## ଉତ୍ତର

୧। (ଗ) ସନ୍ଧ୍ୟା
୨। (ଖ) ମୀନଜୀବୀ-ନାବ
୩। (କ) ଗୃହକଥା
୪। (ଖ) ପଶ୍ଚିମ
୫। (ଘ) ଧୀବର
୬। (ଗ) ଗୀତ-ତାନ
୭। (କ) ଜ୍ୟୋତ୍ସ୍ନା
୮। (ଘ) ମଧୁର-ହାସିନୀ
୯। (ଖ) ଅତୀନ୍ଦ୍ରିୟ ଦେଶରେ
୧୦। (ଗ) ମନ
୧୧। (କ) ବଳଦେବ ରଥ
୧୨। (ଗ) ବଳଦେବ ରଥ
୧୩। (ଘ) ମଶାଲ ଜଳାଏ
୧୪। (କ) ପାପମୂର୍ତ୍ତି
୧୫। (ଘ) ପାପ ଗର୍ଭରେ
୧୬। (ଗ) ଅଜ୍ଞାନ
୧୭। (ଖ) ତରୀଗର୍ଭକୁ
୧୮। (କ) ତରୀଗର୍ଭକୁ
୧୯। (ଘ) ମୀନମାନେ
୨୦। (ଖ) ମଶାଲର ଶିଖା
୨୧। (ଗ) ଆଶା
୨୨। (କ) ନିଷ୍ଫଳ
୨୩। (ଘ) ଚନ୍ଦ୍ରକିରଣ
୨୪। (ଖ) ପାରଦ-ଧଉତ
୨୫। (କ) ପାହାଡ଼
୨୬। (ଗ) ବନଭୂମି
୨୭। (ଘ) ସର୍ପମଣ୍ଡିତ ଶିବଙ୍କ
୨୮। (କ) ଝିଙ୍କାରୀର ଝଙ୍କାର
୨୯। (ଘ) ନିଶୀଥିନୀର ପ୍ରଭାବ
୩୦। (ଖ) ଗିରିବନ ଦେଶରେ
୩୧। (ଘ) ମୀନଜୀବୀ ନାବ
୩୨। (ଖ) ଭାଲେରି
୩୩। (ଖ) ବଳଦେବ ରଥ
୩୪। (ଗ) ଦିଗଙ୍ଗନା
୩୫। (କ) ଦିଗଙ୍ଗନା
୩୬। (ଘ) ନାୟିକା
୩୭। (କ) କବିସୂର୍ଯ୍ୟ
୩୮। (ଖ) ଚିଲିକା
୩୯। (ଗ) ମନ
୪୦। (ଘ) ମଶାଲ
୪୧। (ଖ) ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳ ଭୂବନେ
୪୨। (ଗ) ଜ୍ୟୋତ୍ସ୍ନାମୟ
୪୩। (ଖ) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ
୪୪। (ଗ) ଚିଲିକାକୁ
୪୫। (ଗ) ରାଧାନାଥ ରାୟ
୪୬। (କ) ବାଲେଶ୍ୱର
୪୭। (ଘ) ଇନ୍ଦୁମତୀ

## ସପ୍ରସଙ୍ଗ ସରଳାର୍ଥ

**ପ୍ର.୧ ।ପ୍ରସଙ୍ଗ ନିର୍ଦ୍ଦେଶପୂର୍ବକ ସରଳାର୍ଥ ଲେଖ ।**

**ପାପ-ଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ**
**ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।**

**ଉ.** ଶଂସିତ ପଦ୍ୟାଂଶଟି ଆଧୁନିକ ଓଡ଼ିଆ କାବ୍ୟ ଯୁଗର ପ୍ରବର୍ତ୍ତକ କବିବର ରାଧାନାଥ ରାୟଙ୍କ ରଚିତ 'ଚିଲିକା' ଖଣ୍ଡକାବ୍ୟର ଅଂଶବିଶେଷ 'ଚିଲିକାରେ ସାୟନ୍ତନ ଦୃଶ୍ୟ' ଶୀର୍ଷକ କବିତାରୁ ଆସିଅଛି । ଏଠାରେ ଚିଲିକା ବକ୍ଷରେ ମତ୍ସଜୀବୀମାନେ ମତ୍ସ୍ୟ ଧରିବା ପାଇଁ ନୌକାରେ ଯେଉଁ ମଶାଲଟି ଜାଳିଥାନ୍ତି, ତାହାକୁ କବି ଏକ ଚମତ୍କାର ରୂପକଳ୍ପ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି ।

ମରାଳମାଳିନୀ-ନୀଳାମ୍ବୁ-ଚିଲିକା ବକ୍ଷରେ ମତ୍ସ୍ୟଜୀବୀମାନେ ମାଛଧରି ସେମାନଙ୍କର ଜୀବନ-ଜୀବିକା ପରିଚାଳିତ କରିଥାନ୍ତି । ମାଛ ଧରିବା ନିମନ୍ତେ ସେମାନେ ନାନାଦି ଉପାୟମାନ କରନ୍ତି । ସାରାଦିନ



Eduodia App

Odisha 1 to 10 All Books App

ଚିଲିକାରେ ମତ୍ସ୍ୟ ଅନୁସନ୍ଧାନ କରି କରି ସାୟଂକାଳ ଉପଗତ ହେଲେ ଗୃହକୁ ଫେରି ଆସନ୍ତି । ନୌକାରେ ମଶାଲମାନ ଜାଳି ଦେଇଥାନ୍ତି । ମାଛମାନେ ଆଲୋକ ଆଡ଼କୁ ଆକର୍ଷିତ ହୋଇ ନୌକା ମଧ୍ୟକୁ ଲମ୍ଫ ପ୍ରଦାନ କରିଥାନ୍ତି । ହେଲେ ସେଠାରୁ ସେମାନେ ଆଉ ଫେରି ପାରନ୍ତି ନାହିଁ । କବିଙ୍କ ବର୍ଣ୍ଣନା ଏଠାରେ ଏକ ସୁନ୍ଦର ଆଲେଖ୍ୟ ବହନ କରେ । ଅଜ୍ଞାନ ବ୍ୟକ୍ତି ପାପ ଆଚରଣ କରେ । ପାପରୂପକ ଗର୍ତ୍ତରେ ପଡ଼ି ଛଟପଟ ହୁଏ । ସେଥିରୁ ନିଷ୍କୃତି ପାଇପାରେ ନାହିଁ । ଲୋଭନୀୟ ଦ୍ରବ୍ୟ-ଦୃଶ୍ୟ ପ୍ରତି ଆକର୍ଷିତ ହେବା ପୂର୍ବରୁ ତାହାକୁ ଭଲଭାବରେ ଜାଣିବାର ପ୍ରୟାସ କରିନଥାନ୍ତି । ତାହାହିଁ ସେମାନଙ୍କର ଅଜ୍ଞାନତା, ଲୋଭ ହିଁ ମୃତ୍ୟୁର କାରଣ ହୋଇଥାଏ । ସେହିପରି ଆଲୋକର ଆଭାରେ ଆନନ୍ଦିତ ହୋଇ ମତ୍ସ୍ୟମାନେ ନୌକା ମଧ୍ୟକୁ ଲମ୍ଫ ପ୍ରଦାନ କରି ପ୍ରାଣତ୍ୟାଗ କରିଥାନ୍ତି ।

କବିତାଂଶଟିରେ ଥିବା ନୈତିକ ଶିକ୍ଷାଟି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇପାରିଛି ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର.୧। କବିଙ୍କ ଦୃଷ୍ଟିରେ ଚିଲିକା ପ୍ରକୃତିର ଏକ ଚିତ୍ରପରି – ପଠିତ କବିତା ଅବଲମ୍ବନରେ ପ୍ରତିପାଦନ କର ।**

**ଉ.** ନୂତନ ରୀତିରେ କାବ୍ୟରଚନା କରି ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟ ହୋଇଯାଇଛନ୍ତି ସାହିତ୍ୟାକାଶରେ ଅଦ୍ୱିତୀୟ ଅମର ଜ୍ୟୋତିଷ୍କ । ପଠିତ କବିତା 'ଚିଲିକାରେ ସାୟନ୍ତନ ଦୃଶ୍ୟ' କବିଙ୍କ ମାନସକନ୍ୟା 'ଚିଲିକା' ଖଣ୍ଡକାବ୍ୟରୁ ସଂଗୃହୀତ । ଏଠାରେ କବି 'ଚିଲିକା' ପ୍ରକୃତିର ଏକ ଅସମ୍ଭବ ଚିତ୍ର ଯାହା ସମ୍ଭବ ହୋଇପାରିଛି, ତାହା ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ବାସ୍ତବରେ ଗୋପବନ୍ଧୁ ଦାସ କହିଛନ୍ତି –

"ଚିତ୍ରମଣେ ଯହିଁ ନାହିଁ ଅନୁଭବ
ବାସ୍ତବ ବିଶ୍ୱେକି ଏ ଛବି ସମ୍ଭବ"

ଚିଲିକାର ଚତୁଃପାର୍ଶ୍ୱକୁ ନେଇ କବି ମନର କାନଭାସରେ ଆଙ୍କିଛନ୍ତି ପ୍ରକୃତିର ଚିତ୍ର । ଆସନ୍ନ ସନ୍ଧ୍ୟାରେ ମୀନଜୀବୀଙ୍କ ନାବ ଛାୟା ଚିତ୍ରବତ୍ ପ୍ରତୀୟମାନ ହେଉଛି । ନୀଳାମ୍ବୁ ଚିଲିକାର ବକ୍ଷ ଚନ୍ଦ୍ରକିରଣ ଯୁକ୍ତ ହୋଇ ଶ୍ୱେତବସ୍ତ୍ର ପରିହିତା ଦିଗଙ୍ଗନାଙ୍କ ପରି ଦେଖାଯାଉଛି । ମୀନ ଆକର୍ଷଣ ଆଶାରେ ଜଳୁଥିବା ମଶାଲ ପାପମୂର୍ତ୍ତି ପରି ଜଣାଯାଉଛି । ନିଶାର ଆଗମନରେ ଦୂରେଇ ଯାଇଛି କୋଳାହଳ । ସର୍ବତ୍ର ଶୁଭ୍ରଜ୍ୟୋତ୍ସ୍ନା ପରିପ୍ଲୁତ ହୋଇ ସ୍ୱଚ୍ଛପ୍ରତୀୟମାନ ହେଉଛି । ଚନ୍ଦ୍ରଙ୍କର କିରଣ ତରୁପତ୍ରାଦିରେ ଜକଜକ ହୋଇ ଆଭୂଷଣର ଭ୍ରମ ସୃଷ୍ଟି କରୁଛି । ହ୍ରଦମଧ୍ୟସ୍ଥ ପ୍ରତିବିମ୍ବ ଚମତ୍କାର ଦୃଶ୍ୟ ହେଉଛି । ଛାୟାମିଶ୍ରିତ ବନସ୍ଥଳୀ ସର୍ପବିମଣ୍ଡିତ ଚନ୍ଦ୍ରଚୂଡ଼ଙ୍କ ପରି ଶୋଭା ପାଉଛି । କବିଙ୍କ ଚେତନାରେ ଏହି ସାୟଂକାଳୀନ ଶୋଭା ଉତ୍ସବର ଚିତ୍ରରେ ଚିତ୍ରାୟିତ ହୋଇଛି ।

"ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ" ବାସ୍ତବରେ କବିଙ୍କ ଲେଖନୀରେ ଏଠି ଅପରୂପ ନାୟିକା ଚିଲିକାର ସୌନ୍ଦର୍ଯ୍ୟ ଅନନ୍ୟ ଓ ଆକର୍ଷଣୀୟ ହୋଇଉଠିଛି ।

**ପ୍ର.୨। ମୀନଜୀବୀଙ୍କ ଭାବାବେଗ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ସଂଗୀତ ଗାନରେ କିପରି ପ୍ରତିଫଳିତ ହୋଇଛି ସଂକ୍ଷେପରେ ବର୍ଣ୍ଣନା କର ।**

**ଉ.** ଓଡ଼ିଆ ସାହିତ୍ୟାକାଶରେ ଉଦିତ ସୂର୍ଯ୍ୟବତ୍ ନିଜ କାବ୍ୟଚାତୁରୀ ରୂପକ କଅଁଳ କିରଣରେ ଆଧୁନିକ କାବ୍ୟଧାରାର ଭିତ୍ତି ସଂସ୍ଥାପନ କରିଥିବା "କବିବର ରାଧାନାଥ ରାୟ" ଜନମାନସରେ ପ୍ରକୃତିର ଉପାସକ ଭାବରେ ବହନ କରନ୍ତି ସ୍ୱତନ୍ତ୍ର ପରିଚୟ । ଆଲୋଚ୍ୟ ପ୍ରସଙ୍ଗଟି କବିଙ୍କର 'ଚିଲିକା' ଖଣ୍ଡକାବ୍ୟରୁ ସଂଗୃହୀତ 'ଚିଲିକାରେ ସାୟନ୍ତନ ଦୃଶ୍ୟ" କବିତାର କିୟଦଂଶ । ଏଠାରେ କବି କବିସୂର୍ଯ୍ୟଙ୍କ ଗୀତରେ ମୀନଜୀବୀଙ୍କ ଭାବାବେଗ କିପରି ଜଡ଼ିତ ତାହା ବର୍ଣ୍ଣନା କରିଛନ୍ତି ।

ଚିଲିକା ତୀରବାସୀଙ୍କ ଜୀବନ ଓ ଜୀବିକା ହେଉଛି ଚିଲିକା । ମୀନସଂଗ୍ରହ ଆଶାରେ ଯାଇଥିବା ମୀନଜୀବୀ ଭାଲେରି ଶିଖରରୁ ସନ୍ଧ୍ୟାର ଆଗମନ ବାର୍ତ୍ତା ଜାଣିପାରି ପ୍ରତ୍ୟାଗମନ କରିଥାନ୍ତି । ଦୂରରୁ ନୌକାକୁ ସ୍ପଷ୍ଟ ବାରି ହେଉନଥିଲେ ମଧ୍ୟ ସେମାନଙ୍କ କଣ୍ଠ ନିସୃତ କବିସୂର୍ଯ୍ୟଙ୍କ ଗୀତଲହରୀ ଏବଂ ଚିଲିକା ଚତୁର୍ପାର୍ଶ୍ୱର ମନୋରମ ଦୃଶ୍ୟ ଚିଲିକା ସହ ସମ୍ପୃକ୍ତ ଦର୍ଶକ ମନରେ ଭାବାନ୍ତର ସୃଷ୍ଟି କରିଥାଏ । କବିଙ୍କ ଗୀତାମୃତର ମୂର୍ଚ୍ଛନା କ୍ଷଣିକ ମଧ୍ୟରେ ଅବସାଦ, କ୍ଲାନ୍ତି ଓ ଯନ୍ତ୍ରଣାକୁ ଭୁଲାଇ ମନକୁ କରିଥାଏ ଚିର ପ୍ରଶାନ୍ତ ।

ଭାବନା କ୍ଷଣସ୍ଥାୟୀ । ତେଣୁ ପବନର ତାଳେ ତାଳେ ଭାସି ଆସୁଥିବା ମୀନଜୀବୀମାନଙ୍କର ସୁମଧୁର ସଙ୍ଗୀତ ସହ ଭାବାନ୍ତରର ପରିବର୍ତ୍ତନ ହୋଇଥାଏ । ଅର୍ଥାତ୍ ବଳଦେବ ରଥଙ୍କ ରଚିତ "କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ"ର "ଗଲାଣି ତ ଗଲା କଥାରେ ସଙ୍ଗାତ" ପଦରୁ ମୀନଜୀବୀଙ୍କ ଭାବାବେଗ ସ୍ପଷ୍ଟ ବାରି ହୋଇପଡ଼େ । ଏହି ସଙ୍ଗୀତର ଆବେଶରେ ମନ ବିଚରଣ କରେ ଅତୀନ୍ଦ୍ରିୟ ଦେଶରେ । ଶୂନ୍ୟରେ ଘୁରିବୁଲେ ଆଶାର ଅନ୍ୱେଷଣରେ ।

ଏଠାରେ କବି "କବିସୂର୍ଯ୍ୟଙ୍କୁ" ମାତ୍ର "ଯଶୋଦେହେ ତୁମ୍ଭେ ଆୟୁଷ୍ମାନ" କହିବାପୂର୍ବକ ତାଙ୍କର ରଚନା ମତ୍ସ୍ୟଜୀବୀଙ୍କ ବୃତ୍ତିଗତ ଆବେଗ ତଥା ସାଂଗୀତିକ ଆବେଗ ସହିତ କିପରି ଜଡ଼ିତ ରହିଛି ତାହା ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ।



Odisha 1 to 10 All Books App

**ପ୍ର.୩। କବି 'ଚିଲିକାରେ ସାୟନ୍ତନ ଦୃଶ୍ୟ' କବିତାରେ ଅଜ୍ଞାନ ମନୁଷ୍ୟକୁ କି ସତର୍କବାଣୀ ଶୁଣାଇଛନ୍ତି ?**

**ଉ.** ଆଧୁନିକ ଓଡ଼ିଆ କାବ୍ୟ ପରମ୍ପରାର ପ୍ରାରମ୍ଭକର୍ତ୍ତା ଅମ୍ଳାନ ପ୍ରତିଭାଧର 'କବିବର ରାଧାନାଥ ରାୟ' ନିଜ ଶବ୍ଦଚାତୁରୀରେ କେବଳ ଯେ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଛନ୍ତି ତାହା ନୁହେଁ, ବରଂ ଜୀବନ ପ୍ରତି ଶାଶ୍ୱତ ବାର୍ତ୍ତା ମଧ୍ୟ ଏଥିରେ ସ୍ଥାନିତ କରିଛନ୍ତି । 'ଚିଲିକା' ଖଣ୍ଡକାବ୍ୟରୁ ସଂଗୃହୀତ "ଚିଲିକାରେ ସାୟନ୍ତନ ଦୃଶ୍ୟ" କବିତାରେ କବି ଚିଲିକାର ସୁନ୍ଦରତା ବର୍ଣ୍ଣନା କରିବା ସହିତ, ରୂପରେ ରମ୍ୟ ଓ ଲୋଭନୀୟ ଦୃଶ୍ୟ ମଧ୍ୟରେ ମୃତ୍ୟୁ ଯେ ତାଣ୍ଡବ କରୁଥାଏ ଏହି ସାର୍ବଜନୀନ ସତ୍ୟର ଅବତାରଣା କରିଛନ୍ତି ।

ପୋତପାଳ ମୀନ ଆକର୍ଷଣ ଆଶାରେ ଜାଳିଥାନ୍ତି ମଶାଲ । ଏହା ସୁନ୍ଦରତାର ମୂର୍ତ୍ତିମନ୍ତ ପ୍ରତୀକ ହୋଇଥିଲେ ମଧ୍ୟ ମାରାତ୍ମକ ହୋଇଥାଏ । "ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗାଃ" ନ୍ୟାୟରେ ମୀନମାନେ ମୋହିତ ହୋଇ ନୌକା ମଧ୍ୟକୁ ଲମ୍ଫ ପ୍ରଦାନ କରନ୍ତି । ଯାହାଫଳରେ ପ୍ରାଣତ୍ୟାଗ କରିବାକୁ ପଡ଼ିଥାଏ । ଜଳରୁ ସ୍ଥଳକୁ ଆସିବା ଦ୍ୱାରା ଯେପରି ମୀନମାନଙ୍କର ପ୍ରାଣ ଯାଏ, ସେପରି ଅନୁପଯୁକ୍ତ ପରିବେଶକୁ ଆଶ୍ରୟ କରି ମନୁଷ୍ୟର ପତନ ହୋଇଥାଏ । ଅର୍ଥାତ୍ ଚାକଚକ୍ୟ ତଥା ଆଡ଼ମ୍ବରର ଲୋଭ ମୋହରେ ପଡ଼ି ଅଜ୍ଞାନ ମନୁଷ୍ୟ ପାପର ବଶବର୍ତ୍ତୀ ହୋଇଥାଏ, ଯାହାକୁ କବି ପାପଗର୍ତ୍ତ ବୋଲି କହିଛନ୍ତି । ଲୋଭରୁ-ପାପ ଓ ପାପରୁ-ମୃତ୍ୟୁ ଏହି ଉକ୍ତି ଅନୁସାରେ ଅଜ୍ଞାନ ମନୁଷ୍ୟ ଅଳୀକ ସଂସାରର ଚାକଚକ୍ୟ ମୋହରେ ପଡ଼ି କାଳକବଳିତ ହୋଇଯାଉଛି ବୋଲି କବି ମାନବ ସମାଜକୁ ଚେତାଇ ଦେଇଛନ୍ତି ।

ବାସ୍ତବରେ ସୌନ୍ଦର୍ଯ୍ୟାନୁଭୂତି ବର୍ଣ୍ଣନା କରିବା ସହିତ ଅତି ଚମତ୍କାର ଶୈଳୀରେ ଉପଦେଶ ଛଳରେ ଜଣାଇଥିବା ଜୀବନଦର୍ଶନର ବାର୍ତ୍ତା କବିଙ୍କର ପ୍ରକୃତିକୁ ଅବଲୋକନ କରିବାର ଅପର ଦୃଷ୍ଟିକୋଣର ପରିଚୟ ଦେଇଥାଏ ।

**ପ୍ର.୪। କବିଙ୍କ ମାନସପଟରେ ଉଦ୍‌ଭାସିତ ହେଉଥିବା ଚିଲିକା ରୂପରାଜି ସଂପର୍କରେ ଉଲ୍ଲେଖ କର ।**

**ଉ.** ଓଡ଼ିଆ ସାହିତ୍ୟରେ ଆଧୁନିକତାର ଶୁଭଶଙ୍ଖ ନିନାଦ ପୂର୍ବକ ଉତ୍କଳୀୟ କାବ୍ୟ ପରମ୍ପରାକୁ ଋଦ୍ଧିମନ୍ତ କରିଥିବା "କବିବର ରାଧାନାଥ ରାୟ" ଥିଲେ କଳ୍ପନାବିଳାସୀ, ସୌନ୍ଦର୍ଯ୍ୟପିପାସୁ ତଥା ପ୍ରକୃତି ଉପାସକ । "ଚିଲିକାରେ ସାୟନ୍ତନ ଦୃଶ୍ୟ" କବିଙ୍କ ମାନସକନ୍ୟା 'ଚିଲିକା' କାବ୍ୟରୁ ସଂଗୃହୀତ । ଏଠାରେ କବି ସାୟଂକାଳୀନ ଚିଲିକାର ମନୋହର ରୂପରାଜିକୁ ଚମତ୍କାର ଶୈଳୀରେ ଉପସ୍ଥାପନା କରିଛନ୍ତି ।

ଆସନ୍ନପ୍ରାୟ ସନ୍ଧ୍ୟାର ଶୀତଳ ଆସ୍ତରଣରେ ମୀନଜୀବୀଙ୍କ ନାବ ଚିଲିକାର ବୁକୁରେ ପ୍ରତିଭାତ ହୁଏ ଚିତ୍ରପ୍ରାୟ । ଭାଲେରି ଶିଖରରେ ସନ୍ଧ୍ୟା ତାରାଙ୍କୁ ଦେଖି ମୁହାଣରୁ ପ୍ରତ୍ୟାବର୍ତ୍ତନ କରୁଥିବା ମତ୍ସ୍ୟଜୀବୀଙ୍କ କଣ୍ଠରୁ ଭାସି ଆସୁଥିବା କବିସୂର୍ଯ୍ୟଙ୍କ ଗୀତାମୃତ ଉଲ୍ଲାସର ଆତ୍ମାପ୍ରାୟ ହୁଏ ପ୍ରତୀୟମାନ । ଚନ୍ଦ୍ରକିରଣ ପ୍ଲାବିତ ଚିଲିକା ମନେହୁଏ ଶ୍ୱେତବସ୍ତ୍ର ପରିହିତା ଦିଗଙ୍ଗନା ପରି । ମୀନମାନଙ୍କୁ କବଳିତ କରିବା ପାଇ ପୋତପାଳ ଦ୍ୱାରା ପ୍ରଜ୍ୱଳିତ ମଶାଲ ମନେହୁଏ ପାପମୂର୍ତ୍ତି ପରି । ନିଶାଗମନରେ ନିଶ୍ଚଳ ଧରଣୀ ଜଳ-ସ୍ଥଳ-ନଭ ଜ୍ୟୋତ୍ସ୍ନାପରିପ୍ଳୁତା ହୋଇ ପାରଦ ଧୌତବତ୍ ହୁଅନ୍ତି ଦୃଶ୍ୟମାନ । କ୍ଷୀର ସାଗରର ଭ୍ରମ ସୃଷ୍ଟି କରୁଥିବା ଚିଲିକାର ବିଶାଳ ଜଳରାଶି ମଧ୍ୟରେ ଗିରିବନର ଚିତ୍ର ଭାସମାନପ୍ରାୟ ମନେ ହେଉଛି । ଛାୟାମିଶ୍ରିତ ବନସ୍ଥଳୀର ଶୋଭା ସର୍ପବିମଣ୍ଡିତ ମହାଦେବଙ୍କ ପରି ଦୃଶ୍ୟ ହେଉଛି । ଝିଙ୍କାରିର ଝଙ୍କାର ନିଶାର ପ୍ରଭାବ ବଢ଼ାଉଛି । ଗିରି, ବନ ଆଦି ପ୍ରଶାନ୍ତ ହୋଉଠିଛି ନିଶାର ଆଗମନରେ, ଯେଉଁଠାରେ ଶାନ୍ତି ଆଶ୍ରୟ ନେଇଥିବା କଥା କହି କବି ଏ ଦୃଶ୍ୟ ସମୂହକୁ ଉତ୍ସବର ନାମ ଦେଇଛନ୍ତି ।

ରାଧାନାଥଙ୍କ ଲେଖନୀରେ ପ୍ରକୃତି ନାୟିକା ରୂପରେ ଚିତ୍ରାୟିତା । ବାସ୍ତବରେ କବିଙ୍କର ଚିଲିକାକୁ ଦେଖିବାର ଦୃଷ୍ଟିଭଙ୍ଗୀ ଏହି ପ୍ରସଙ୍ଗରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ ।

**ପ୍ର.୫। ଚିଲିକା ମଧ୍ୟସ୍ଥ ପ୍ରାକୃତିକ ବସ୍ତୁରାଜି ଚିଲିକା ଜଳର କିପରି ଶୋଭାବର୍ଦ୍ଧନ କରିଛନ୍ତି ସଂକ୍ଷେପରେ ଆଲୋଚନା କର ।**

**ଉ.** ଓଡ଼ିଆ ସାରସ୍ୱତ ପରମ୍ପରାରେ ଜାଜ୍ୱଲ୍ୟମାନ ତାରକାଭଳି ଶୋଭାପାଉଥିବା ଗୁଣୀଗଣବନ୍ଦିତ ପ୍ରକୃତି ଉପାସକ କବିବର ରାଧାନାଥ ରାୟ ହେଉଛନ୍ତି ଆଧୁନିକ ଓଡ଼ିଆ କାବ୍ୟଧାରାର ଭିତ୍ତି ସଂସ୍ଥାପକ, ଆଲୋଚ୍ୟ କବିତା 'ଚିଲିକାରେ ସାୟନ୍ତନ ଦୃଶ୍ୟ' କବିତାଟି କବିଙ୍କର 'ଚିଲିକା' ଖଣ୍ଡକାବ୍ୟର କିୟଦଂଶ । ଆଲୋଚ୍ୟ ପ୍ରସଙ୍ଗରେ ଚିଲିକା ମଧ୍ୟସ୍ଥ ପ୍ରାକୃତିକ ବସ୍ତୁରାଜି ଚିଲିକାର ଶୋଭାକୁ ବହୁଗୁଣିତ କରିଥିବା କଥା କବି ପ୍ରକାଶ କରିଛନ୍ତି ।

ପ୍ରାକୃତିକ ଶୋଭା ବିମଣ୍ଡିତା ଚିଲିକାରୂପୀ ରୂପସୀଟି କବିଙ୍କ ମନ କାନ୍‌ଭାସରେ ଚିତ୍ରାୟିତ ହୋଇଥିବା ରଙ୍ଗୀନ ଚିତ୍ରଟିଏ । ଦିବସର କର୍ମମୁଖର ଚଳଚଞ୍ଚଳ ବିସ୍ତୀର୍ଣ୍ଣ ଜଳରାଶି ସନ୍ଧ୍ୟାର ଆଗମନରେ ନିସ୍ତବ୍ଧ ହେବା ସହ ଚନ୍ଦ୍ରାଲୋକ ପ୍ରତିଫଳିତ ହୋଇ ସ୍ୱପ୍ନମୟ ପରିବେଶ ସୃଷ୍ଟି କରିଛି । ଜ୍ୟୋତ୍ସ୍ନାର୍ଣ୍ଣବ କ୍ଷୀରସାଗରର ଭ୍ରମ ସୃଷ୍ଟି କରିଛି । ହ୍ରଦମଧ୍ୟସ୍ଥ ଦ୍ୱୀପ-ଶୈଳାଦିର ପ୍ରତିଫଳିତ ପ୍ରତିବିମ୍ବ ଧାରଣ କରିଛି ଅନିର୍ବଚନୀୟ ରୂପଶ୍ରୀ । ସ୍ନିଗ୍ଧ ତରୁପତ୍ର ତଥା ବାଲିଗରଡ଼ାରେ ପଡୁଥିବା ଚନ୍ଦ୍ରକିରଣ ଜକଜକ ହୋଇ ମୋତିମାଣିକ୍ୟର ଭ୍ରମ ସୃଷ୍ଟି କରୁଛି । ଛାୟାମିଶ୍ରିତ



Odisha 1 to 10 All Books App

ବନସ୍ଥଳୀର ଶୋଭା ସର୍ପ ବିଭୂଷିତ ଚନ୍ଦ୍ରଶେଖରଙ୍କ ପରି ଦୃଷ୍ଟିଗୋଚର ହେଉଛି । ଦୂର ନିର୍ଝରିଣୀର ସ୍ୱର ଝିଙ୍କାରିର ଝଙ୍କାର ଶାନ୍ତ ବାତାବରଣ ବାର୍ତ୍ତା ବହନ କରୁଛନ୍ତି ।

ବାସ୍ତବରେ ନାୟକଟିଏ ନାୟିକାର ରୂପ ବର୍ଣ୍ଣନା କରିବା ପରି କବିଙ୍କର ପ୍ରକୃତି ନାୟିକାର ରୂପଶ୍ରୀ ବର୍ଣ୍ଣନା ଚମତ୍କାର । ସୌନ୍ଦର୍ଯ୍ୟବାଦୀ କବି ରାଧାନାଥଙ୍କର ବର୍ଣ୍ଣନା ଚିଲିକାକୁ ଏକ ଅନିର୍ବଚନୀୟ ଚିତ୍ରପୁରୀ ଭାବରେ ପ୍ରମାଣିତ କରିଛି; ଏଥିରେ ଲେଶମାତ୍ର ସନ୍ଦେହର ଅବକାଶ ନାହିଁ ।

**ପ୍ର.୬ । କଳି ଉପଦ୍ରବରେ ଲୋକାଳୟ ତ୍ୟାଗକରି ଶାନ୍ତି କିପରି ଚିଲିକା କୂଳରେ ଆଶ୍ରୟ ନେଇଛି ପଠିତ କବିତା ଅବଲମ୍ବନରେ ପ୍ରତିପାଦନ କର ।**

**ଉ.** ଓଡ଼ିଆ କାବ୍ୟ ପରମ୍ପରାର ଦେଦୀପ୍ୟମାନ ପ୍ରତିଭା, ଗୁଣୀଗଣସମାଦରଣୀୟ ସୌନ୍ଦର୍ଯ୍ୟପିପାସୁ ପ୍ରକୃତିକୁ ନାୟିକାଭାବେ ଚିତ୍ରିତ କରିପାରୁଥିବା ଅନନ୍ୟ ପ୍ରତିଭାଧର ପ୍ରଥିତଯଶା କବିବର ରାଧାନାଥ ରାୟ ଥିଲେ ଆଧୁନିକ ଓଡ଼ିଆ କାବ୍ୟଜଗତର ସ୍ରଷ୍ଟା । "ଚିଲିକାରେ ସାୟନ୍ତନ ଦୃଶ୍ୟ" ତାଙ୍କ ରଚିତ 'ଚିଲିକା' ଖଣ୍ଡକାବ୍ୟରୁ ସଂଗୃହୀତ । ଏଠାରେ ଲୋକ କୋଳାହଳ ତ୍ୟାଗକରି ଶାନ୍ତି କିପରି ଚିଲିକା କୂଳରେ ଆଶ୍ରୟ ନେଇଛି ତାହା ବର୍ଣ୍ଣନା କରିଛନ୍ତି ।

ବର୍ତ୍ତମାନର ସମାଜ କଳିର ଉପଦ୍ରବରେ ପରିପୂର୍ଣ୍ଣ । ମଣିଷ କଳୁଷିତ ବାତାବରଣରେ ଅତିବାହିତ କରୁଛି ଜୀବନ । ସେହି ଅଶାନ୍ତ ବାତାବରଣକୁ ତ୍ୟାଗକରି ପ୍ରକୃତିର କୋଳରେ ଆଶ୍ରୟ ନେଲେ ଶାନ୍ତି ମିଳିପାରିବ ।

ରୂପସୀ ଚିଲିକାର ଶାନ୍ତସ୍ନିଗ୍ଧ ସୁନ୍ଦରତା ସତରେ ମନୋହର । ଭାଲେରି ଶିଖରର ସନ୍ଧ୍ୟାତାରା, ଦୂର ମୀନଜୀବୀ ନାବରୁ ଭାସିଆସୁଥିବା କବିସୂର୍ଯ୍ୟ ଗୀତାମୃତ ଚନ୍ଦ୍ରାଲୋକଭିଜା, ଚିଲିକା ଆଦି ମନରେ ଭାବାନ୍ତର ସୃଷ୍ଟି କରେ । ମନକୁ ଅତୀନ୍ଦ୍ରିୟ ଦେଶକୁ ଟାଣିନେଇଥାଏ । ଜ୍ୟୋସ୍ନାପରିପ୍ଲୁତ ଜଳ ସ୍ଥଳ ନଭ ପାରଦଧୌତ ଭଳି ପ୍ରତୀୟମାନ ହୁଏ । ଜଳମଧ୍ୟସ୍ଥ ଦ୍ୱୀପ ଶୈଳାଦିର ପ୍ରତିବିମ୍ବ ଚିଲିକାର ଜଳରେ ଅପୂର୍ବ ସୁନ୍ଦରତାର ସମ୍ଭାର ସୃଷ୍ଟି କରେ । ଛାୟାମିଶ୍ରିତ କିରଣରେ ବନରାଜିର ବୃକ୍ଷରାଶି ସର୍ପମଣ୍ଡିତ ଚନ୍ଦ୍ରଚୂଡ଼ (ଶିବ)ଙ୍କ ଭଳି ପ୍ରତୀୟମାନ ହୁଏ । ନିଶାର ଆଗମନରେ ଲୋକ କୋଳାହଳ ଦୂରେଇ ଯାଇଥାଏ । ଦୂର ଝରଣାର ଝରଝର ଶବ୍ଦ ତଥା ଝିଙ୍କାରିର ଝଙ୍କାର ନିଶୀଥିନୀର ପ୍ରଭାବକୁ ପ୍ରଚାର କରୁଥାଏ । ସଂସାର ଜଞ୍ଜାଳ ରୂପକ କଳିର ଉପଦ୍ରବ ଅପେକ୍ଷା ଏହି କାନ୍ତ କମନୀୟ ପରିବେଶ ମନରେ ଭରିପାରିବ ଶାନ୍ତି । ସତେଯେପରି ଏ ସ୍ଥାନ ଶାନ୍ତିଦେବୀଙ୍କ ବାସସ୍ଥାନ । ଲୋକାଳୟ ତ୍ୟାଗକରି ଶାନ୍ତିଦେବୀ ଚିଲିକା କୂଳରେ ଆଶ୍ରୟ ନେବା କଥାଛଳରେ କବି ଜଞ୍ଜାଳମୟ ମନୁଷ୍ୟଙ୍କୁ ପ୍ରକୃତିର ଉପାସନା କରିବାକୁ ଆହ୍ୱାନ ଉପଦେଶ ଦେଇଛନ୍ତି ।

ବାସ୍ତବରେ ଚିଲିକାର ଶାନ୍ତସ୍ନିଗ୍ଧ ସୌନ୍ଦର୍ଯ୍ୟମୟ ପରିବେଶ କବିଙ୍କ ଲେଖନୀରେ ନିଖୁଣ ଭାବରେ ପ୍ରକାଶିତ ହୋଇଛି ।

EdOdiaApp

# ମଙ୍ଗଳେ ଅଇଲା ଉଷା

## କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

୧। 'ମଙ୍ଗଳେ ଅଇଲା ଉଷା' କବିତାର କବି କିଏ ?
(କ) ବିଦ୍ୟୁତ୍‌ପ୍ରଭା ଦେବୀ (ଖ) ଅନନ୍ତ ପଟ୍ଟନାୟକ
(ଗ) ରାଧାନାଥ ରାୟ (ଘ) ଗଙ୍ଗାଧର ମେହେର

୨। 'ମଙ୍ଗଳେ ଅଇଲା ଉଷା' କବିତାଟି କେଉଁ କାବ୍ୟରୁ ସଂଗୃହୀତ ?
(କ) ତପସ୍ୱିନୀ (ଖ) ଇନ୍ଦୁମତୀ
(ଗ) ଉତ୍କଳଲକ୍ଷ୍ମୀ (ଘ) ଅବାନ୍ତର

୩। କବି ଗଙ୍ଗାଧର ମେହେର କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ?
(କ) କଟକ (ଖ) କେନ୍ଦ୍ରାପଡ଼ା
(ଗ) ବରଗଡ଼ (ଘ) କୋରାପୁଟ

୪। କବି ଗଙ୍ଗାଧର ମେହେର କେଉଁ କବି ଭାବରେ ପରିଚିତ ?
(କ) ସ୍ୱଭାବକବି (ଖ) ପଲ୍ଲୀକବି
(ଗ) କବିବର (ଘ) ଆଦିକବି

୫। ମଙ୍ଗଳ ମୁହୂର୍ତ୍ତରେ କିଏ ଆଗମନ କଲେ ?
(କ) ଅନୁକମ୍ପା (ଖ) ଉଷା
(ଗ) ଦେବୀ ସୀତା (ଘ) ତମସା

୬। ଉଷା କରପଲ୍ଲବରେ ଉପହାର ସ୍ୱରୂପ କ'ଣ ଆଣିଥିଲେ ?
(କ) ପାଟବସ୍ତ୍ର (ଖ) ନୀହାର ରୂପକ ମୁକ୍ତା
(ଗ) ପୁଷ୍ପ (ଘ) ଅଳଙ୍କାର

୭। କଳକଣ୍ଠ କହିଲେ କାହାକୁ ବୁଝାଏ ?
(କ) ହଳଦୀବସନ୍ତ (ଖ) କୁମ୍ଭାଟୁଆ
(ଗ) କାଉ (ଘ) କୋଇଲି



Odisha 1 to 10 All Books App

୮। 'ମଙ୍ଗଳେ ଅଇଲା ଉଷା' କବିତାରେ ଯୋଗେଶ୍ୱରୀ ବୋଲି କାହା ଉଦ୍ଦେଶ୍ୟରେ ଉଲ୍ଲେଖ କରାଯାଇଛି ?
(କ) ଉଷା (ଖ) ଅନୁକମ୍ପା
(ଗ) ଆଶ୍ରମଧାତ୍ରୀ (ଘ) ସୀତା

୯। ଦେବୀ ଉଷା କ'ଣ ଦେବାପାଇଁ ମର୍ତ୍ତ୍ୟଭୁବନକୁ ଆଗମନ କରିଛନ୍ତି ?
(କ) ନବ ଶକ୍ତି (ଖ) ନବ ଉତ୍ସାହ
(ଗ) ନବ ଜୀବନ (ଘ) ନବ ଚିନ୍ତନ

୧୦। ଉଷାଙ୍କ ଆଗମନରେ କିଏ ସଂଗୀତ ଗାନ କଲେ ?
(କ) ସୁରଭି (ଖ) ଭ୍ରମର
(ଗ) ସମୀର (ଘ) ଅନୁକମ୍ପା

୧୧। ଉଷାଙ୍କ ଆଗମନରେ କିଏ ବୀଣାବାଦନ କଲେ ?
(କ) କୁମ୍ଭାଟୁଆ (ଖ) ପାଦପ
(ଗ) ସରସ୍ୱତୀ (ଘ) ଭ୍ରମର

୧୨। 'ପାଟମାଗଧ' କହିଲେ କାହାକୁ ବୁଝାଏ ?
(କ) ଶ୍ରେଷ୍ଠଭାଟ
(ଖ) ପାଟବସ୍ତ୍ର
(ଗ) ମଗଧର ଶ୍ରେଷ୍ଠ ବ୍ୟକ୍ତି
(ଘ) ବୀଣା

୧୩। 'ଅରୁଣ କଷାୟ ବାସ' –ଏହି ଉକ୍ତିର ଅର୍ଥ କ'ଣ ?
(କ) ସୂର୍ଯ୍ୟଙ୍କ ପରିଧାନ (ଖ) ଲାଲ୍ ରଙ୍ଗର ବସ୍ତ୍ର
(ଗ) ଏକ ସୁଗନ୍ଧ ଦ୍ରବ୍ୟ (ଘ) କଟୁସ୍ୱାଦ

୧୪। ଉଷାଙ୍କ ନିର୍ଦ୍ଦେଶରେ କିଏ ନର୍ତ୍ତନ କରୁଥିଲା ?
(କ) ନର୍ତ୍ତକୀ (ଖ) ସୁରଭି
(ଗ) ସମୀର (ଘ) ଭ୍ରମର

୧୫। କବିତାରେ 'ସତୀ ରାଜ୍ୟରାଣୀ' ବୋଲି କାହା ଉଦ୍ଦେଶ୍ୟରେ କୁହାଯାଇଛି ?
(କ) ଉଷା (ଖ) ଅନୁକମ୍ପା
(ଗ) ସୀତା (ଘ) ଆଶ୍ରମଧାତ୍ରୀ

୧୬। ଉଷାଙ୍କ ଆଗମନରେ କିଏ ବେଦମନ୍ତ୍ର ଗାନ କଲେ ?
(କ) ଦେବତାମାନେ (ଖ) କଳିଙ୍ଗ
(ଗ) ଋଷିକନ୍ୟାଗଣ (ଘ) ମୁନିଗଣ

୧୭। ସରସ୍ୱତୀଙ୍କ ବୀଣାଝଙ୍କାର ବୋଲି କବି କାହାକୁ ଲକ୍ଷ୍ୟକରି କହିଛନ୍ତି ?
(କ) ମୁନି-ମୁଖ ବେଦ-ସ୍ୱନକୁ
(ଖ) ଅନୁକମ୍ପାଙ୍କ ସମ୍ବୋଧନକୁ
(ଗ) ଭ୍ରମରର ଗୁଞ୍ଜନକୁ
(ଘ) ଶ୍ୟାମବନକୁ

୧୮। 'ଦରଶନ ଦିଅ ସତି, ରାତି ପାହିଲା' –ଏହି ଉକ୍ତିଟିକୁ କିଏ ପ୍ରକାଶ କରିଛନ୍ତି
(କ) ଅନୁକମ୍ପା (ଖ) ସୀତା
(ଗ) ଉଷା (ଘ) ତମସା

୧୯। ସୀତାଙ୍କ ହୃଦୟରେ ପ୍ରତିବିମ୍ବିତ ରାମଙ୍କ ମୂର୍ତ୍ତିକୁ କବି କାହା ସହିତ ତୁଳନା କରିଛନ୍ତି ?
(କ) ପଦ୍ମିନୀ ହୃଦୟସ୍ଥ ଶିଶିର ବିନ୍ଦୁରେ ସୂର୍ଯ୍ୟରଶ୍ମି
(ଖ) କମଳ ପୁଷ୍ପ
(ଗ) ଶିଶିର ବିନ୍ଦୁରେ ଜ୍ୟୋସ୍ନା
(ଘ) ପୂର୍ଣ୍ଣିମା ଚନ୍ଦ୍ର

୨୦। କବିତାରେ ଆଶ୍ରମ-ଧାତ୍ରୀ ଭାବରେ କାହାକୁ ବର୍ଣ୍ଣନା କରାଯାଇଛି ?
(କ) ଅନୁକମ୍ପା (ଖ) ଉଷା
(ଗ) ତମସା (ଘ) ସୀତା

୨୧। କବିତାରେ ନିର୍ମଳ-ଗାତ୍ରୀ ବୋଲି କାହାକୁ କୁହାଯାଇଛି ?
(କ) ସୀତା (ଖ) ତମସା
(ଗ) ଅନୁକମ୍ପା (ଘ) ଉଷା

୨୨। ସୀତାଙ୍କୁ ବୈଦେହୀ ବୋଲି କାହିଁକି କୁହାଯାଇଛି ?
(କ) ବିଦେହ ରାଜ୍ୟର କର୍ତ୍ତ୍ରୀ ହେତୁ
(ଖ) ଦେହଧାରଣ କରିଥିବା ହେତୁ
(ଗ) ବିଦେହର ରାଜକନ୍ୟା ହେତୁ
(ଘ) ବିରହ ଦୁଃଖ ଯୋଗୁ

୨୩। ସୀତା କେଉଁଠାରେ ଶରଣ ଯାଇଛନ୍ତି ?
(କ) ବାଲ୍ମୀକିଙ୍କ ପାଦରେ
(ଖ) ଅନୁକମ୍ପାଙ୍କ ପାଦରେ
(ଗ) ଉଷାଙ୍କ ଚରଣରେ
(ଘ) ତମସା କୋଳରେ

୨୪। 'ମଙ୍ଗଳେ ଅଇଲା ଉଷା' କବିତାଟି କେଉଁ ଛନ୍ଦରେ ରଚିତ ?
(କ) ଭାଗବତବାଣୀ (ଖ) ନଟବାଣୀ
(ଗ) ଶଙ୍କରାଭରଣ (ଘ) ଚୋଖି

୨୫। ପଠିତ କବିତାରେ କଳିଙ୍ଗ ବୋଲି କାହାକୁ ଲକ୍ଷ୍ୟକରି କୁହାଯାଇଛି ?
(କ) ଉତ୍କଳ (ଖ) କଜଳପାତି
(ଗ) ବୀର (ଘ) କୁମ୍ଭାଟୁଆ



Eduodia App

Odisha 1 to 10 All Books App

୨୬। ସତୀ ସୀତା ଆସନରୁ ଉଠି କାହା ପୟରରେ ପ୍ରଣାମ ଜଣାଇଲେ ?
(କ) ଉଷା (ଖ) ତମସା
(ଗ) ଅନୁକମ୍ପା (ଘ) ଶ୍ରୀରାମ

୨୭। ଦେବୀ ଉଷାଙ୍କ ନିର୍ଦ୍ଦେଶରେ କିଏ ଶ୍ରେଷ୍ଠଭାଟର ଭୂମିକା ଗ୍ରହଣ କରିଥିଲା ?
(କ) ସମୀର (ଖ) କଳିଙ୍ଗ
(ଗ) ଭ୍ରମର (ଘ) ସୁରଭି

୨୮। ମୁନିଙ୍କ ମୁଖନିଃସୃତ ବେଦଧ୍ୱନି କେଉଁଠାରେ ତୃପ୍ତିପ୍ରଦାନ କରିଛି ବୋଲି କବିତାରେ ବର୍ଣ୍ଣିତ ହୋଇଛି ?
(କ) ବୈକୁଣ୍ଠରେ (ଖ) ସ୍ୱର୍ଗଲୋକରେ
(ଗ) ପାତାଳରେ (ଘ) ପୃଥିବୀରେ

୨୯। ସତୀ ସୀତା କ'ଣ ପରିହାର କରିଛନ୍ତି ବୋଲି କବିତାରେ ବର୍ଣ୍ଣିତ ହୋଇଛି ?
(କ) ଭୋଜନ (ଖ) ଭୋଗ-ପିପାସା
(ଗ) ଶୟନ (ଘ) ସ୍ନାନ

୩୦। 'ଶୁଭ୍ର ସଉରଭ ରସିକେ' ବୋଲି କାହାକୁ ସମ୍ବୋଧନ କରାଯାଇଅଛି ?
(କ) ତମସାକୁ (ଖ) ପଦ୍ମପୁଷ୍ପକୁ
(ଗ) ଚନ୍ଦ୍ରମାକୁ (ଘ) ଉଷାଙ୍କୁ

୩୧। ନିର୍ବାସିତା ସୀତା କେଉଁଠାରେ ଅବସ୍ଥାନ କରୁଥିଲେ ?
(କ) ବାଲ୍ମୀକିଙ୍କ ଆଶ୍ରମରେ
(ଖ) ପିତୃଗୃହରେ
(ଗ) ଦୁର୍ବାସାଙ୍କ ଆଶ୍ରମରେ
(ଘ) ବଶିଷ୍ଠଙ୍କ ଆଶ୍ରମରେ

୩୨। 'ମଙ୍ଗଳେ ଅଇଲା ଉଷା' ପଦ୍ୟଟି ତପସ୍ୱିନୀ କାବ୍ୟର କେଉଁ ସର୍ଗରୁ ସଂଗୃହୀତ ?
(କ) ପଞ୍ଚମ (ଖ) ଷଷ୍ଠ
(ଗ) ଚତୁର୍ଥ (ଘ) ଦ୍ୱିତୀୟ

୩୩। କେଉଁଟି ଗଙ୍ଗାଧର ମେହେରଙ୍କ ରଚନା ନୁହେଁ ?
(କ) ପ୍ରଣୟ ବଲ୍ଲରୀ (ଖ) କୀଚକ ବଧ
(ଗ) ପଦ୍ମିନୀ (ଘ) ମହାଯାତ୍ରା

୩୪। ଗଙ୍ଗାଧର ମେହେର କେବେ ଜନ୍ମଗ୍ରହଣ କରିଥିଲେ ?
(କ) ୧୮୬୦ (ଖ) ୧୮୬୨
(ଗ) ୧୮୬୩ (ଘ) ୧୭୬୩

୩୫। ମୁନିମାନଙ୍କ ମୁଖନିଃସୃତ ବେଦସ୍ୱନ କାହାକୁ ପୂର୍ଣ୍ଣ କଲା ?
(କ) ବୈକୁଣ୍ଠକୁ (ଖ) ପାତାଳଲୋକକୁ
(ଗ) ଶ୍ୟାମବନକୁ (ଘ) ସ୍ୱର୍ଗଲୋକକୁ

୩୬। ଦେବୀ ସୀତାଙ୍କ ଆଗମନ ଆକାଂକ୍ଷାରେ ତମସା କାହାକୁ ମଙ୍ଗଳ ପ୍ରଦୀପ ରୂପେ ସଜାଇ ରଖିଥିଲା ?
(କ) ପ୍ରଭାତୀ ତାରା (ଖ) ପ୍ରଦୀପ
(ଗ) ଚନ୍ଦ୍ରମା (ଘ) ମୀନ ନୟନ

୩୭। କବି କାହାକୁ ଉଷାଦେବୀଙ୍କର କର ବୋଲି କଳ୍ପନା କରିଛନ୍ତି ?
(କ) ସମୀର (ଖ) ପାଦପ
(ଗ) ପୁଷ୍ପ (ଘ) ପଲ୍ଲବ

୩୮। ପାଟମାଗଧ ବେଶରେ କିଏ ଆସିଥିଲା ?
(କ) ସୁରଭି (ଖ) କୁମ୍ଭାଟୁଆ
(ଗ) କଳିଙ୍ଗ (ଘ) ତମସା

୩୯। ଦେବୀ ସୀତା ରାମଚନ୍ଦ୍ରଙ୍କର ତଥା ରଘୁକୁଳର ମଙ୍ଗଳ କାମନା କରିଛନ୍ତି ବୋଲି କେଉଁ ଉକ୍ତିରୁ ପ୍ରକାଶ ପାଉଛି ?
(କ) ରବି-ଆଗମନ-ଶଂସୀ ହୁଅ ସଂସାରେ
(ଖ) ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା
(ଗ) ଶୁଭ-ସମ୍ବାଦିନୀ ହୁଅ ରଘୁବଂଶିକେ
(ଘ) ଶୁଭ୍ର ସଉରଭ ରସିକେ

୪୦। 'ରାଜଲକ୍ଷ୍ମୀ ହୃଦହାର' ବୋଲି କବିତାରେ କାହାକୁ ଲକ୍ଷ୍ୟ କରି କୁହାଯାଇଅଛି ?
(କ) ସୀତାଙ୍କୁ (ଖ) ଉଷାଙ୍କୁ
(ଗ) ଅନୁକମ୍ପାଙ୍କୁ (ଘ) ତମସାକୁ

୪୧। "ମାଆଗୋ, ମୋ ମାନସରେ ନ ଥିଲା ଆଶା" – ଏହି ଉକ୍ତିଟିକୁ କିଏ କାହା ଉଦ୍ଦେଶ୍ୟରେ କହିଛନ୍ତି ?
(କ) ସୀତା ଉଷାଙ୍କୁ (ଖ) ତମସା ସୀତାଙ୍କୁ
(ଗ) ଉଷା ସୀତାଙ୍କୁ (ଘ) ଅନୁକମ୍ପା ସୀତାଙ୍କୁ

୪୨। କିଏ ସୀତାଙ୍କୁ କୋଳରେ ଧାରଣ କରି ସ୍ନେହ ପୂର୍ବକ ଆଲିଙ୍ଗନ କଲା ?
(କ) ତାପସକନ୍ୟା (ଖ) ଅନୁକମ୍ପା
(ଗ) ଉଷା (ଘ) ତମସା

୪୩। ପଠିତ କବିତାରେ କବି ଗଙ୍ଗାଧର ମେହେର ପ୍ରକୃତିକୁ କିଭଳି ରୂପାୟଣ କରିଛନ୍ତି ?
(କ) ଜଡ଼ ଭାବରେ (ଖ) ଜୀବନ୍ତ ସତ୍ତା ଭାବରେ
(ଗ) କନ୍ୟା ଭାବରେ (ଘ) କୌଣସିଟି ନୁହେଁ

Eduodia App



Odisha 1 to 10 All Books App

୪୪। ଅନୁକମ୍ପା କିଏ ?
(କ) ବ୍ରହ୍ମଚାରିଣୀ (ଖ) ଆଶ୍ରମ ସେବିକା
(ଗ) ରାଜ୍ୟ ରାଣୀ (ଘ) ଦାସୀ

୪୫। ଦେବୀ ସୀତାଙ୍କ ଶୁଭାଗମନକୁ ତମସା କିପରି ଚାହିଁ ରହିଥିଲା ?
(କ) ମୁଦ୍ରିତ ନୟନରେ (ଖ) ଅନାଗ୍ରହର
(ଗ) ମୀନ ନୟନରେ (ଘ) ମୃଗ ନୟନରେ

୪୬। ସୁକୁମାର ଦେହୀ ବୋଲି କବିତାରେ କାହାକୁ ଲକ୍ଷ୍ୟକରି କୁହାଯାଇଅଛି ?
(କ) ଅନୁକମ୍ପାଙ୍କୁ (ଖ) ଭ୍ରମରକୁ
(ଗ) ବୈଦେହୀଙ୍କୁ (ଘ) ଉଷାଙ୍କୁ

୪୭। ସୀତାଙ୍କୁ ସ୍ୱାଗତ ନିମିତ୍ତ ତମସା ନିଜ ପ୍ରାଙ୍ଗଣରେ କ'ଣ ବିଞ୍ଚି ଦେଇଥିଲା ?
(କ) କୁସୁମ (ଖ) ସୁବାସିତ ଜଳ
(ଗ) ସୁବର୍ଣ୍ଣ (ଘ) ସୁବାସିତ ଚନ୍ଦନ

୪୮। ଦେବୀ ଉଷା କେଉଁଠାରୁ ମର୍ତ୍ତ୍ୟଭୁବନକୁ ଅବତରଣ କରିଛନ୍ତି ?
(କ) ବୈକୁଣ୍ଠରୁ (ଖ) ସ୍ୱର୍ଗରୁ
(ଗ) ଶିବଲୋକରୁ (ଘ) ପାତାଳରୁ

୪୯। ଦେବୀ ଉଷାଙ୍କ ଚାହାଣି କିପରି ଥିଲା ?
(କ) ନବପଲ୍ଲବ ତୁଲ୍ୟ (ଖ) ଚନ୍ଦ୍ରମାଙ୍କ ତୁଲ୍ୟ
(ଗ) ସୂର୍ଯ୍ୟରଶ୍ମି ତୁଲ୍ୟ (ଘ) ପ୍ରସ୍ଫୁଟିତ ପଦ୍ମତୁଲ୍ୟ

୫୦। ଦେବୀ ସୀତାଙ୍କୁ ତମସା କିପରି ଆଲିଙ୍ଗନ କଲା ?
(କ) ମୀନ ନୟନରେ
(ଖ) ତରଙ୍ଗ କରରେ
(ଗ) ଅମୃତ ମଧୁରସ୍ୱରରେ
(ଘ) ପୁଷ୍ପଗୁଚ୍ଛରେ

## ଉତ୍ତର

୧। (ଘ) ଗଙ୍ଗାଧର ମେହେର
୨। (କ) ତପସ୍ୱିନୀ
୩। (ଗ) ବରଗଡ଼
୪। (କ) ସ୍ୱଭାବକବି
୫। (ଖ) ଉଷା
୬। (ଖ) ନୀହାର ରୂପକ ମୁକ୍ତା
୭। (ଘ) କୋଇଲି
୮। (କ) ଉଷା
୯। (ଗ) ନବଜୀବନ
୧୦। (ଗ) ସମୀର
୧୧। (ଘ) ଭ୍ରମର
୧୨। (କ) ଶ୍ରେଷ୍ଠଭାଟ
୧୩। (ଖ) ଲାଲ୍ ରଙ୍ଗର ବସ୍ତ୍ର
୧୪। (ଖ) ସୁରଭି
୧୫। (ଗ) ସୀତା
୧୬। (ଘ) ମୁନିଗଣ
୧୭। (କ) ମୁନିମୁଖ ବେଦସ୍ୱନକୁ
୧୮। (ଗ) ଉଷା
୧୯। (କ) ପଦ୍ମିନୀ ହୃଦୟସ୍ଥ ଶିଶିର ବିନ୍ଦୁରେ ସୂର୍ଯ୍ୟରଶ୍ମି
୨୦। (ଗ) ତମସା
୨୧। (ଖ) ତମସା
୨୨। (ଗ) ବିଦେହର ରାଜକନ୍ୟା ହେତୁ
୨୩। (ଗ) ଉଷାଙ୍କ ଚରଣରେ
୨୪। (ଘ) ଚୋଖି
୨୫। (ଖ) କଜଳପାତି
୨୬। (ଗ) ଅନୁକମ୍ପା
୨୭। (ଖ) କଳିଙ୍ଗ
୨୮। (କ) ବୈକୁଣ୍ଠରେ
୨୯। (ଖ) ଭୋଗ-ପିପାସା
୩୦। (ଘ) ଉଷାଙ୍କୁ
୩୧। (କ) ବାଲ୍ମୀକିଙ୍କ ଆଶ୍ରମରେ
୩୨। (ଗ) ଚତୁର୍ଥ
୩୩। (ଘ) ମହାଯାତ୍ରା
୩୪। (ଖ) ୧୮୬୨
୩୫। (ଗ) ଶ୍ୟାମବନକୁ
୩୬। (କ) ପ୍ରଭାତୀ ତାରା
୩୭। (ଘ) ପଲ୍ଲବ
୩୮। (ଗ) କଳିଙ୍ଗ
୩୯। (ଗ) ଶୁଭ-ସମ୍ପାଦିନୀ ହୁଅ ରଘୁବଂଶିକେ
୪୦। (କ) ସୀତାଙ୍କୁ
୪୧। (ଖ) ତମସା ସୀତାଙ୍କୁ
୪୨। (ଘ) ତମସା



Eduodia App
Odisha 1 to 10 All Books App

୪୩। (ଖ) ଜୀବନ୍ତ ସତ୍ତା ଭାବରେ
୪୪। (କ) ବ୍ରହ୍ମଚାରିଣୀ
୪୫। (ଗ) ମୀନ ନୟନରେ
୪୬। (ଘ) ଉଷାଙ୍କୁ
୪୭। (କ) କୁସୁମ
୪୮। (ଖ) ସ୍ୱର୍ଗରୁ
୪୯। (ଘ) ପ୍ରସ୍ଫୁଟିତ ପଦ୍ମତୁଲ୍ୟ
୫୦। (ଖ) ତରଙ୍ଗ କରରେ

## ସପ୍ରସଙ୍ଗ ସରଳାର୍ଥ

**ପ୍ର.୧। ପ୍ରସଙ୍ଗ ନିର୍ଦ୍ଦେଶପୂର୍ବକ ସରଳାର୍ଥ ଲେଖ ।**
**ଦେବାପାଇଁ ନବ ଜୀବନ**
**ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ !**

**ଉ.** ଶଂସିତ ପଦ୍ୟାଂଶଟି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଅନବଦ୍ୟ କୃତି ତପସ୍ୱିନୀ କାବ୍ୟର ଅଂଶବିଶେଷ 'ମଙ୍ଗଳେ ଅଇଲା ଉଷା' ଶୀର୍ଷକ କବିତାରୁ ଆସିଅଛି । ବାଲ୍ମୀକି ଆଶ୍ରମରେ ରହୁଥିବା, ନିର୍ବାସିତା ସୀତାଙ୍କୁ ସ୍ୱାଗତ କରିବାପାଇଁ ପ୍ରକୃତି କିପରି ତତ୍ପର ହୋଇଉଠିଛି ତାହା ଏଠାରେ କବିଙ୍କ ଲେଖନୀରେ ଚମତ୍କାର ଭାବେ ଚିତ୍ରିତ ହୋଇଛି ।

ଅଯୋଧ୍ୟାରୁ ନିର୍ବାସିତା ସୀତା ମହାମୁନି ବାଲ୍ମୀକିଙ୍କ ଆଶ୍ରମରେ ଆଶ୍ରୟ ନେଇଥିଲେ । ଆଶ୍ରମର ଶାନ୍ତ-କାନ୍ତ-କମନୀୟ-ନମନୀୟ ପରିବେଶରେ ପ୍ରକୃତିରାଣୀ ଅଯୋଧ୍ୟା ପାଟରାଣୀ ସୀତାଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ସତେ ଯେପରି ଉତ୍କଣ୍ଠିତା ହୋଇ ଅପେକ୍ଷା କରିଅଛି । ଆଶ୍ରମର କୁଟୀର ମଧ୍ୟରେ ରାତ୍ରିଯାପନପରେ ଦୁଃଖିନୀ ସୀତାଙ୍କର ଦୁଃଖ ଅପନୋଦନ ନିମନ୍ତେ ପ୍ରକୃତି ତା'ର ସମସ୍ତ ପ୍ରୟାସ ଜାରି ରଖିଛି । ଆଶ୍ରମ ପରିସରରେ ଶୁଭ ପ୍ରଭାତ ଉପଗତ । କର ରୂପକ ପଲ୍ଲବରେ ନୀହାରରୂପକ ମୁକ୍ତାକୁ ଉପହାର ସ୍ୱରୂପ ଆଣିଛି ଉଷା । ପକ୍ଷୀମାନଙ୍କର କାକଳି, ସମୀରର ମନ୍ଦଗତି ଆହୁରି ମଧୁରତର କରି ଗଢ଼ିତୋଳିଛି ଏକ ଅନନ୍ୟ ପରିବେଶ । କୁମ୍ଭାଟୁଆ ଭାଟ ହୋଇ ରାଜରାଣୀଙ୍କ ସ୍ତୁତିପାଠ କରୁଅଛି । ସୂର୍ଯ୍ୟ ପୂର୍ବାଶାରେ ଉଇଁ ଆସୁଛନ୍ତି । ଆଶ୍ରମର ପରିସର ଅରୁଣରଙ୍ଗରେ ରଙ୍ଗାୟିତ । ଚତୁର୍ଦ୍ଦିଗରେ ପୁଷ୍ପରାଜି ବିକସିତ ହୋଇ ସଜେଇ ହୋଇଯାଇଛନ୍ତି । ଦୁଃଖିନୀ ସୀତାଙ୍କର ଦୁଃଖ ଦୂରପାଇଁ ପ୍ରକୃତି ନିଜ ନିଜର ବିବିଧ ପ୍ରକାଶ ମାଧ୍ୟମରେ ଚେଷ୍ଟମାନ ହୋଇଉଠିଛି । କବିଙ୍କ ଭାଷାରେ ଏକ ନୂତନ ପ୍ରଭାବ ସତେ ଯେପରି ନୂତନ ଜୀବନ ଧାରଣ କରିବାର ଆଶା ନେଇ ଉଷା ସ୍ୱର୍ଗରୁ ମର୍ତ୍ତ୍ୟଲୋକକୁ ଅବତରଣ କରିଛନ୍ତି ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର.୧। 'ମଙ୍ଗଳେ ଅଇଲା ଉଷା' କବିତା ଅନୁସରଣରେ ବାଲ୍ମୀକି ଆଶ୍ରମର ପ୍ରଭାତକାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କର ।**

**କିମ୍ବା, ପଠିତ କବିତା ଅନୁସରଣରେ ବାଲ୍ମୀକି ଆଶ୍ରମର ପ୍ରାତଃକାଳୀନ ପ୍ରାକୃତିକ ଶୋଭାକୁ ବର୍ଣ୍ଣନା କର ।**

**ଉ.** ଓଡ଼ିଆ ସାହିତ୍ୟାକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କସମ ପ୍ରତିଭାତ ହେଉଥିବା ପ୍ରଥିତଯଶା କବିମାନଙ୍କ ମଧ୍ୟରୁ ଅନନ୍ୟ ପ୍ରତିଭାଧର ସ୍ୱଭାବକବି ଗଙ୍ଗାଧର ମେହେର ଅନ୍ୟତମ । ପଠିତ 'ମଙ୍ଗଳେ ଅଇଲା ଉଷା' କବିତାଟି କବିଙ୍କ ରଚିତ 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରୁ ଉଦ୍ଧୃତ । ଏଠାରେ କବି ବାଲ୍ମୀକିଙ୍କ ଆଶ୍ରମର ପ୍ରଭାତକାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିଖୁଣ ଭାବରେ ଚିତ୍ରିତ କରିଅଛନ୍ତି ।

ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ନିର୍ବାସିତା ଦେବୀ ସୀତା ରାତ୍ରିଯାପନ କରିଛନ୍ତି ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ । ତାଙ୍କ ଦର୍ଶନ ଆକାଂକ୍ଷାରେ ମଙ୍ଗଳମୟୀ ଉଷାଦେବୀ ଉପସ୍ଥିତ ହୋଇଛନ୍ତି ଆଶ୍ରମ ପ୍ରାଙ୍ଗଣରେ । ଲାଲ୍ ରଙ୍ଗର ପାଟବସ୍ତ୍ର ପରିହିତ ତଥା କୁସୁମକାନ୍ତି ଶୋଭିତା ଉଷାଙ୍କ ଆଗମନରେ ପ୍ରକୃତି ହୋଇଉଠିଛି ପ୍ରାଣବନ୍ତ । ଉଷାଦେବୀଙ୍କର ନୟନର ଭ୍ରମ ସୃଷ୍ଟି କରିଛି ପ୍ରସ୍ଫୁଟିତ କମଳ । ସେହି କମଳଦଳରେ ନିପତିତ ଶିଶିର ବିନ୍ଦୁ ସୃଷ୍ଟି କରିଛି ମୁକ୍ତାର ଭ୍ରମ । ଉଷାଙ୍କର ଆଗମନୀ ବାର୍ତ୍ତାକୁ ସୂଚାଇ ଦେଇଛି କୋକିଳର ସୁମଧୁର ସ୍ୱନ ।

ଦେବୀ ଉଷାଙ୍କ ନିର୍ଦ୍ଦେଶକ୍ରମେ ସମୀର ସଙ୍ଗୀତ ଗାନ କରିଛି, ଭ୍ରମର ବୀଣା ବାଦନ କରିଛି । ସୁରଭି ନୃତ୍ୟ ପରିବେଷଣ କରିଛି, କୁମ୍ଭାଟୁଆ ସ୍ତବପାଠ କରିଛି ଆଉ ଶ୍ରେଷ୍ଠଭାଟ ରୂପେ କଜଳପାତି ଲଳିତ ମଧୁର ସ୍ୱରରେ ରାତି ପାହିବାର ସୂଚନା ପ୍ରଦାନ କରିଛି । ଏହି ଅବର୍ଣ୍ଣନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରି କବିଙ୍କ ଲେଖନୀରୁ ଝରିଆସିଛି :-

"ସମୀର ସଙ୍ଗୀତ ଗାଏ ଭ୍ରମଣ ବୀଣା ବଜାଏ
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ"

କମନୀୟ ପ୍ରକୃତିକୁ ଆହୁରି ରମଣୀୟ କରି ଦେଇଛି ମୁନି ମୁଖନିଃସୃତ ବେଦସ୍ୱନ । ଉଚ୍ଚ ଓଁକାର ଧ୍ୱନିରେ ପୂର୍ଣ୍ଣ ହୋଇଉଠିଛି ବନରାଜି । ସତେଯେପରି ମନ୍ତ୍ରବଳରେ ବେଳକୁ ବେଳ ବନଭୂମି ହୋଇଉଠିଛି ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ।

Eduodia App



Odisha 1 to 10 All Books App

ବାସ୍ତବରେ ପ୍ରଭାତକାଳୀନ ପ୍ରକୃତିର ଏପରି ଜୀବନ୍ତ ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ ତଥା ମନୋମୁଗ୍ଧକର ।

**ପ୍ର.୨। ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି – ଆଲୋଚନା କର ।**

**କିମ୍ବା, ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ଦେବୀ ସୀତାଙ୍କ ପାଇଁ ଉଷାଦେବୀ କରିଥିବା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ ସଂପର୍କରେ ବର୍ଣ୍ଣନା କର ।**

**ଉ.** ଓଡ଼ିଆ ସାହିତ୍ୟଜଗତକୁ ସ୍ୱସୃଷ୍ଟିସମ୍ଭାରଦ୍ୱାରା ପରିପୁଷ୍ଟ କରିଥିବା ବରପୁତ୍ରମାନଙ୍କ ମଧ୍ୟରୁ ସ୍ୱଭାବକବି ଗଙ୍ଗାଧର ମେହେର ଅନ୍ୟତମ । ତାଙ୍କ ରଚିତ କାବ୍ୟଗୁଡ଼ିକ ମଧ୍ୟରେ ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ଇନ୍ଦୁମତୀ, ପଦ୍ମିନୀ ପ୍ରଭୃତି ଓଡ଼ିଆ ସାହିତ୍ୟ ଜଗତର ଗୋଟିଏ ଗୋଟିଏ ଅମୂଲ୍ୟ ସଂପଦ । ଆଲୋଚ୍ୟ ପ୍ରସଙ୍ଗଟି କବିଙ୍କ ରଚିତ 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗାନ୍ତର୍ଗତ ଅଟେ । ଏଠାରେ ଦେବୀଉଷା ଜନକନନ୍ଦିନୀ ସୀତାଙ୍କୁ ଜଣାଇଥିବା ସ୍ୱାଗତ ସମ୍ବର୍ଦ୍ଧନା ନିଖୁଣ ଭାବେ ବର୍ଣ୍ଣିତ ହୋଇଛି ।

ନିର୍ବାସିତା ଶୋକସନ୍ତପ୍ତା ଦେବୀସୀତା ଅବସ୍ଥାନ କରୁଥାନ୍ତି ବାଲ୍ମୀକିଙ୍କ ଆଶ୍ରମରେ । ରାତ୍ରି ଅପସରି ଯାଇ ଉପସ୍ଥିତ ହୁଏ ଉଷାକାଳ । ଅରୁଣ-କଷାୟ-ବସ୍ତ୍ର ପରିହିତା, କୁସୁମ-କାନ୍ତି ଶୋଭିତା, ପ୍ରସ୍ଫୁଟିତ କମଳ ନୟନା, ପ୍ରଶାନ୍ତ ରୂପଶ୍ରୀଯୁକ୍ତା ଦେବୀ ଉଷା ଜାନକୀଙ୍କ ଦର୍ଶନ ଆଶାରେ ଉପସ୍ଥିତି ହୁଅନ୍ତି ଆଶ୍ରମ ପ୍ରାଙ୍ଗଣରେ ।

ଶୋକ ଜର୍ଜରିତା ସୀତାଙ୍କ ହୃଦୟରେ ଆହ୍ଲାଦ ଭରିଦେବା ପାଇଁ ଦେବୀଉଷା ଆୟୋଜନ କରିଥାନ୍ତି ସ୍ୱର୍ଗୀୟ ସ୍ୱାଗତ ବ୍ୟବସ୍ଥା । ଜନକନନ୍ଦିନୀଙ୍କୁ ଉପହାର ଦେବାପାଇଁ ସେ କର-ପଲ୍ଲବରେ ଧାରଣ କରିଥାନ୍ତି ଶିଶିରରୂପକ ମୁକ୍ତା । ତାଙ୍କ ନିର୍ଦ୍ଦେଶରେ ମୃଦୁମନ୍ଦ ସମୀର ଗାନ କରିଛି ଅପୂର୍ବ ସଂଗୀତ । ସଂଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିଛି ସୁରଭି । ଭାକ୍ତିକ ପରିବେଶ ସୃଷ୍ଟି କରିଛି ଭାଟ କୁମ୍ଭାଟୁଆର ସ୍ତବପାଠ । ଲଳିତ ମଧୁର ସ୍ୱରରେ କଜଳପାତି ରାତି ପାହିବାର ସୂଚନା ଦେଇ ଶଯ୍ୟାତ୍ୟାଗ କରିବା ପାଇଁ ଅନୁରୋଧ ଜଣାଇଛି ଦେବୀ ସୀତାଙ୍କୁ । କବିଙ୍କ ଭାଷାରେ :

କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀ ରାଜ୍ୟ-ରାଣୀ ରାତି ପାହିଲା"

ମୁନିମୁଖ ବେଦସ୍ୱନରେ କମ୍ପିଉଠିଛି ବନଭୂମି । ଉଚ୍ଚ ଓଁକାର ନିନାଦ ସ୍ୱର୍ଗମର୍ତ୍ତ୍ୟ ପାତାଳ ତିନିପୁରକୁ ହୋଇଛି ଗୁଞ୍ଜରିତ ।

ବାସ୍ତବରେ ମା'ଜାନକୀଙ୍କ ନିମିତ୍ତ ଦେବୀ ଉଷାଙ୍କ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାକୁ କବି ଯେପରି ଭାବରେ ରୂପାୟିତ କରିଛନ୍ତି ତାହା ବର୍ଣ୍ଣନାତୀତ ।

**ପ୍ର.୩। ପଠିତ କବିତାରୁ କବିଙ୍କର ପ୍ରକୃତି ଚିତ୍ରଣର ବିଶେଷତ୍ୱ ଲେଖ ।**

**କିମ୍ବା, 'ସ୍ୱଭାବକବି ଗଙ୍ଗାଧର ମେହେର ପ୍ରକୃତି ଚିତ୍ରଣରେ ସିଦ୍ଧହସ୍ତ ।' ପଠିତ କବିତା ଅନୁସରଣରେ ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।**

**ଉ.** ଓଡ଼ିଆ ସାହିତ୍ୟ ଜଗତକୁ ସ୍ୱକୃତିରୂପକ ଦୀପ୍ତିରେ ଉଦ୍‌ଭାସିତ କରିଥିବା ଊନବିଂଶ ଶତାବ୍ଦୀର ସାହିତ୍ୟିକମାନଙ୍କ ମଧ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେର ଅନ୍ୟତମ ତଥା ଅନନ୍ୟ । ତାଙ୍କ ରଚିତ କାବ୍ୟରାଜି ମଧ୍ୟରେ 'ତପସ୍ୱିନୀ' କାବ୍ୟର ସ୍ଥାନ ସ୍ୱତନ୍ତ୍ର । ଏହି ମହାନ୍ କାବ୍ୟାନ୍ତର୍ଗତ ଚତୁର୍ଥ ସର୍ଗର ଅଂଶବିଶେଷ ହେଉଛି ପଠିତ 'ମଙ୍ଗଳେ ଅଇଲା ଉଷା' ପଦ୍ୟଭାଗଟି । ପ୍ରକୃତିକୁ ଜୀବନ୍ତରୂପେ ଚିତ୍ରିତ କରିବାରେ କବିଙ୍କ ପାରଦର୍ଶିତା କବିତାର ଛତ୍ରେ ଛତ୍ରେ ବର୍ଣ୍ଣନା କରାଯାଇଛି ।

ପ୍ରଭୁ ଶ୍ରୀରାମଙ୍କଦ୍ୱାରା ନିର୍ବାସିତା ସୀତା ଆଶ୍ରୟ ନେଇଛନ୍ତି ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ । ରାତ୍ରିର ଅବସାନ ଘଟି ପ୍ରଭାତର ଶୁଭାଗମନ ହୋଇଛି । ଏହି ମଙ୍ଗଳ ମୁହୂର୍ତ୍ତରେ ରାଜ୍ୟରାଣୀ ସତୀ ସୀତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାପାଇଁ ପ୍ରକୃତି ହୋଇଉଠିଛି ତତ୍ପର । କବିଙ୍କ ଦୃଷ୍ଟିରେ ପ୍ରକୃତି ଜଡ଼ ନୁହେଁ; ସେ ହେଉଛି ଚେତନଯୁକ୍ତ ଜୀବନ୍ତ ।

ପ୍ରସ୍ଫୁଟିତ କମଳ ଯାହାର ନୟନ, ପ୍ରାତଃ ଗଗନର ଲାଲିମା ଯାହାର ଦୁକୂଳ ଆଉ ପଲ୍ଲବ ଯାହାର କର ସେହି ଦେବୀ ଉଷା ଶିଶିର ରୂପକ ମୁକ୍ତାକୁ ଉପହାର ଦେବାପାଇଁ କରପତ୍ରରେ ଧାରଣ କରି ଉପସ୍ଥିତ ହୋଇଛନ୍ତି ସୀତାଙ୍କ ବାସ ବାହାରର ପ୍ରାଙ୍ଗଣରେ । ଲଳିତ ମଧୁର କୋକିଳ କଣ୍ଠରେ ରାତି ପାହିବାର ସୂଚନା ଦେଇଛନ୍ତି । କବିଙ୍କ ଭାଷାରେ :-

"କଳକଣ୍ଠ କଣ୍ଠେ କହିଲା,
ଦରଶନ ଦିଅ ସତି, ରାତି ପାହିଲା ।

ଶୋକ ଜର୍ଜରିତା ସୀତାଙ୍କ ଦୁଃଖ ଅପନୋଦନ ପାଇଁ ପ୍ରକୃତିରାଣୀ କରିଛି ସ୍ୱତନ୍ତ୍ର ଆୟୋଜନ । ସମୀରର ସଙ୍ଗୀତ, ଭ୍ରମରର ବୀଣା ବାଦନ, ସୁରଭିର ନର୍ତ୍ତନ, କୁମ୍ଭାଟୁଆର ସ୍ତବପାଠ ତଥା କଜଳପାତିର ମଧୁର କଣ୍ଠସ୍ୱର ପରିବେଶକୁ କରିଛି ଅଧିକ ମନୋଜ୍ଞ । ଶଯ୍ୟାତ୍ୟାଗପୂର୍ବକ ଦେବୀସୀତା ଅନୁକମ୍ପା ତଥା ମୁନିକନ୍ୟାଙ୍କ ଗହଣରେ ସ୍ନାନ ନିମନ୍ତେ ଉପଗତ ହୋଇଛନ୍ତି ତମସା ତୀରରେ । ପ୍ରଭାତୀ ତାରା ରୂପକ ମଙ୍ଗଳ ପ୍ରଦୀପ ଜଳାଇ, ସ୍ୱପ୍ରାଙ୍ଗଣରେ କୁସୁମ ବିଞ୍ଚି ତଥା ସୁବାସିତ ନୀର ସିଞ୍ଚନ



Odisha 1 to 10 All Books App

କରି ପ୍ରତୀକ୍ଷାରତ ତମସା ଦେବୀସୀତାଙ୍କୁ ତରଙ୍ଗ କରରେ ଆଲିଙ୍ଗନ ପୂର୍ବକ କୋଳେଇ ନେଇ ନିଜକୁ ସୌଭାଗ୍ୟବତୀ ମନେକରି କହିଛି :-

"ଭାଗ୍ୟବତୀ ମୋତେ ସଂସାରେ,
ବୋଲିବେ ତୋ ଯୋଗୁଁ ଏକା ପରଶଂସାରେ ।"

ବାସ୍ତବରେ କବିଙ୍କର ଅନୁପମ ପ୍ରକୃତି ବର୍ଣ୍ଣନା ଅତ୍ୟନ୍ତ ମାର୍ମିକ ତଥା ହୃଦୟସ୍ପର୍ଶୀ ।

**ପ୍ର.୪। କବି ଗଙ୍ଗାଧର ମେହେରଙ୍କ ଲେଖନୀରେ ପ୍ରକୃତି ମାନବଭଳି କିପରି ସମ୍ବେଦନଶୀଳ ପଠିତ କବିତାକୁ ଭିତ୍ତିକରି ଆଲୋଚନା କର ।**

**କିମ୍ବା, ପ୍ରକୃତିର ମାନବୀୟ ଚରିତ୍ର ତଥା ସମ୍ବେଦନଶୀଳତାକୁ ପଠିତ କବିତା ଅନୁସରଣରେ ଆଲୋଚନା କର ।**

**ଉ.** ଉତ୍କଳୀୟ ସାହିତ୍ୟ ଜଗତରେ ତଥା ଜନମାନସରେ ପ୍ରକୃତିର ପୂଜାରୀ ଭାବେ ପରିଚିତ, ଚିରସ୍ମରଣୀୟ ବ୍ୟକ୍ତିତ୍ୱ ହେଉଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର । ତାଙ୍କ ଲେଖନୀ ନିଃସୃତ 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରୁ ଉଦ୍ଧୃତ ହୋଇଛି ପଠିତ "ମଙ୍ଗଳେ ଅଇଲା ଉଷା" ଶୀର୍ଷକ କବିତାଟି । ଯେଉଁଥିରେ କବି ପ୍ରକୃତିକୁ ମାନବୀୟ ସମ୍ବେଦନଶୀଳତାର ଅନନ୍ୟ ଉଦାହରଣ ଭାବେ ପ୍ରସ୍ତୁତ କରିଅଛନ୍ତି ।

ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ଆଶ୍ରୟ ନେଇଥିବା ନିର୍ବାସିତା ସୀତାଙ୍କ ଦୁଃଖରେ ସମଦୁଃଖୀ ହୋଇପଡ଼ିଛି ପ୍ରକୃତି । ଯେପରି ବ୍ୟକ୍ତିଟିଏ ଅପରର ଦୁଃଖ ଦୁର୍ଦ୍ଦିନରେ ସାନ୍ତ୍ୱନା ପ୍ରଦାନ କରିଥାଏ ଠିକ୍ ସେହିପରି ଉଷାକାଳକୁ ମାନବୀୟ ଚରିତ୍ର ଭାବରେ ଅବତାରଣା କରି ସୀତାଙ୍କ ଦୁଃଖ ଅପନୋଦନ ପାଇଁ କବି ଚେଷ୍ଟିତ ହୋଇଛନ୍ତି ।

ସମୀର ସଂଗୀତ ଗାନ କରୁଛି, ଭ୍ରମର ବୀଣାବାଦନ କରୁଛି, କୁମ୍ଭାଟୁଆ ସ୍ତବପାଠ କରୁଛି ଆଉ ସୁରଭି ନୃତ୍ୟ ପରିବେଷଣ କରୁଛି । ଇତ୍ୟବସରରେ ଲାଲ୍ ପାଟବସ୍ତ୍ର ପରିହିତା କମଳନୟନା ଉଷା କଳକଣ୍ଠ ସ୍ୱନରେ ସୀତାଙ୍କୁ ଜାଗ୍ରତ କରାଇବାର ପ୍ରଚେଷ୍ଟା କରିଛନ୍ତି । ରାଜ୍ୟସଂପଦ ତ୍ୟାଗ କରିଥିବା ସୀତାଙ୍କୁ ଶିଶିର ରୂପକ ମୁକ୍ତା ଉପହାର ଭାବେ ପ୍ରଦାନ କରିଛନ୍ତି ।

ନିଦ୍ରାତ୍ୟାଗ କରି ମୁନିକନ୍ୟାଙ୍କ ଗହଣରେ ସତୀସୀତା ଅବଗାହନ ନିମନ୍ତେ ତମସା ତୀରରେ ଉପଗତ ହେବା ପର୍ଯ୍ୟନ୍ତ ମାତୃତୁଲ୍ୟା ସ୍ନେହମୟୀ ତମସା ପ୍ରଭାତୀ ତାରା ରୂପକ ମଙ୍ଗଳପ୍ରଦୀପ ଜାଳି, ଆପଣାର ତୀରରେ କୁସୁମ ତଥା ସୁବାସିତ ନୀର ସିଞ୍ଚନ କରି ମୀନ ନୟନରେ ତାଙ୍କ ଆସିବା ପଥକୁ ଚାହିଁ ରହିଛି । ସୀତାଙ୍କୁ ତରଙ୍ଗକରରେ ଆଲିଙ୍ଗନପୂର୍ବକ କୋଳେଇ ନେଇ ପରମ ତୃପ୍ତିରେ ନିଜକୁ ଭାଗ୍ୟବତୀ ମନେକରି ତମସା କହିଛି :-

"ଅମୃତ ମଧୁର ସ୍ୱରେ ଭାଷିଲା ପରିତୋଷରେ
"ମାଆଗୋ, ମୋ ମାନସରେ ନଥିଲା ଆଶା,
କରିବ ଅଙ୍କେ ବିହାର ରାଜଲକ୍ଷ୍ମୀ ହୃଦହାର
ସୀତା କରି ପରିହାର ଭୋଗ-ପିପାସା ।"

ଯଥାର୍ଥରେ କବିଙ୍କ ଲେଖନୀରେ ପ୍ରକୃତିର ମାନବୀୟ ଚରିତ୍ର ତଥା ସମ୍ବେଦନଶୀଳତାର ଯେଉଁ ପରିପ୍ରକାଶ ଘଟିଛି ତାହା ପାଠକକୁ କରେ ବିସ୍ମୟାଭିଭୂତ ।

**ପ୍ର.୫। ପଠିତ କବିତା ଅବଲମ୍ବନରେ ଆଶ୍ରମଧାତ୍ରୀ ତମସାର ଭାବାବେଗକୁ ବର୍ଣ୍ଣନା କର ।**

**କିମ୍ବା, ଦେବୀ ସୀତାଙ୍କୁ ସ୍ୱାଗତ ଜଣାଇବାପାଇଁ ତମସା କି କି ଆୟୋଜନ କରିଥିଲା ପଠିତ କବିତା ଅବଲମ୍ବନରେ ଆଲୋଚନା କର ।**

**ଉ.** ପ୍ରକୃତିର ନିଖୁଣ ରୂପକାର କବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟ ଜଗତର ଜଣେ ଅନନ୍ୟ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ । ପ୍ରକୃତିର ନୈସର୍ଗିକ ଚିତ୍ରକୁ ସେ ଯେପରିଭାବରେ ରୂପାୟିତ କରିଥାନ୍ତି ତାହା ଅନ୍ୟତ୍ର ଦୁର୍ଲ୍ଲଭ । ତାଙ୍କ ରଚିତ ଇନ୍ଦୁମତୀ, କୀଚକବଧ, ପ୍ରଣୟବଲ୍ଲରୀ, ଅର୍ଘ୍ୟଥାଳି ତଥା କବିତାମାଳା ପ୍ରଭୃତି କାବ୍ୟ କବିତାଗୁଡ଼ିକ ଓଡ଼ିଆ ସାହିତ୍ୟ ଜଗତର ଗୋଟିଏ ଗୋଟିଏ ଅମୂଲ୍ୟ ସଂପଦ । ପଠିତ 'ମଙ୍ଗଳେ ଅଇଲା ଉଷା' କବିତାଟି କବିଙ୍କ ଜନପ୍ରିୟ ରଚନା 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରୁ ଉଦ୍ଧୃତ । ଏଠାରେ ପ୍ରକୃତିର ମାନବୀୟ ସ୍ୱରୂପକୁ କବି ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ।

ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ଅବସ୍ଥାନ କରୁଥାନ୍ତି ଦେବୀ ସୀତା । ତାଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇବାପାଇଁ ପ୍ରକୃତି କରିଥାଏ ଭବ୍ୟ ଆୟୋଜନ । ଭ୍ରମରର ବୀଣାବାଦନ, ସମୀରର ସଙ୍ଗୀତ ପରିବେଷଣ, ସୁରଭିର ନର୍ତ୍ତନ ତଥା କୁମ୍ଭାଟୁଆର ସ୍ତବପାଠ ମଧ୍ୟରେ ପ୍ରସ୍ଫୁଟିତ କମଳନୟନା ଦେବୀ ଉଷା ଆଶ୍ରମ ପ୍ରାଙ୍ଗଣରେ ଉପସ୍ଥିତା ହୋଇ କଳକଣ୍ଠର ମଧୁର ସ୍ୱରରେ ରାତ୍ରି ଶେଷହେବାର ସୂଚନା ଦେଇଛନ୍ତି ।

ବ୍ରହ୍ମଚାରିଣୀ ଅନୁକମ୍ପାଙ୍କ ଅନୁରୋଧକ୍ରମେ ଦେବୀ ଜାନକୀ ଶଯ୍ୟାତ୍ୟାଗ କରି ମୁନିକନ୍ୟାଙ୍କ ଗହଣରେ ତମସାତୀରକୁ ଯାତ୍ରା କରିଛନ୍ତି । ତମସା କେବଳ ଥରୁଟିଏ କୋଳେଇ ନେବାପାଇଁ ହୋଇଉଠିଛି ବ୍ୟଗ୍ର । ଜନକନନ୍ଦିନୀଙ୍କ ସ୍ୱାଗତ ଅନ୍ତେ ଜଳାଇ ଦେଇଛି ପ୍ରଭାତୀ ତାରା ରୂପୀ ମଙ୍ଗଳ ପ୍ରଦୀପ । ତା'ର ତୀରରେ ସିଞ୍ଚିଦେଇଛି ସୁବାସିତ ନୀର, ଆଉ ବିଞ୍ଚିଦେଇଛି କଅଁଳ କୁସୁମମାନ । ମୀନ ନୟନରେ ସ୍ନେହମୟୀ



Odisha 1 to 10 All Books App

ଜନନୀ ପରି ମୁହୁର୍ମୁହୁଃ ଅବଲୋକନ କରୁଛି ସୀତାଙ୍କ ଆଗମନ ପଥକୁ । କବିଙ୍କ ଭାଷାରେ :-

"ଉତ୍ସୁକ ହୃଦୟେ ରାତ୍ରି- ଶେଷରେ ଆଶ୍ରମ-ଧାତ୍ରୀ
ତମସା ନିର୍ମଳ-ଗାତ୍ରୀ ପବିତ୍ର-ଧାରା
ପ୍ରାଙ୍ଗଣେ କୁସୁମ ବିଞ୍ଚି ସୁବାସିତ ନୀର ସିଞ୍ଚି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା,
ମୁହୁର୍ମୁହୁଃ ମୀନ ନୟନେ
ଚାହୁଁଥିଲା ସତୀ ସୀତା ଶୁଭାଗମନେ ।"

ଯେତେବେଳେ ତା'ର ପବିତ୍ର ଜଳଧାରାକୁ ମା' ସୀତା ସ୍ପର୍ଶ କରିଛନ୍ତି ସେତେବେଳେ ସ୍ୱୀୟ ତରଙ୍ଗ କରରେ ଆଲିଙ୍ଗନ କରି ତାଙ୍କୁ କୋଳେଇ ନେଇଛି ଧାତ୍ରୀ ତମସା । ଏପରି ସୌଭାଗ୍ୟ ଲାଭ କରିଥିବା ହେତୁ ସଂସାର ତାଙ୍କୁ ଭାଗ୍ୟବତୀ ବୋଲି କହି ପ୍ରଶଂସା କରିବ ବୋଲି କୃତଜ୍ଞତା ପ୍ରକାଶ କରି କହୁଛି :-

"ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ ।"

ବାସ୍ତବରେ ଦେବୀ ସୀତାଙ୍କୁ ସ୍ୱାଗତ ଜଣାଇବାପାଇଁ ତମସାର ଅପୂର୍ବ ଆୟୋଜନର ବର୍ଣ୍ଣନା ଅତ୍ୟନ୍ତ ହୃଦୟଗ୍ରାହୀ ହୋଇପାରିଛି ।

# ସର୍ବଂସହା ମାଟି

## କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

୧। "ସର୍ବଂସହା ମାଟି" କବିତାର କବି କିଏ ?
(କ) ବୀଣାପାଣି ମହାନ୍ତି
(ଖ) ବିଦ୍ୟୁତ୍‌ପ୍ରଭା ଦେବୀ
(ଗ) କୁନ୍ତଳା କୁମାରୀ ସାବତ
(ଘ) ପ୍ରତିଭା ରାୟ

୨। କବି ବିଦ୍ୟୁତ୍ ପ୍ରଭାଦେବୀ କେଉଁ ପୁସ୍ତକପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି ?
(କ) ସ୍ୱପ୍ନଦୀପ (ଖ) କାକଳି
(ଗ) କଳକାଞ୍ଚଳି (ଘ) ସଞ୍ଚୟନ

୩। କବିତା "ସର୍ବଂସହା ମାଟି" କବିଙ୍କ କେଉଁ ପୁସ୍ତକରୁ ଆସିଛି ?
(କ) ମରୀଚିକା (ଖ) ଝରା ଶିଉଳି
(ଗ) ମାଟି ପାଣି ପବନ (ଘ) କାକଳି

୪। "ସର୍ବଂସହା ମାଟି" କବିତାରେ କବି କାହାର ମହିମା ଗାନ କରିଛନ୍ତି ?
(କ) ସ୍ୱର୍ଗ (ଖ) ମାଟି
(ଗ) ନଦୀ (ଘ) ପର୍ବତ

୫। କବି ସର୍ବସହଣୀ ବୋଲି କାହାକୁ କହିଛନ୍ତି ?
(କ) ମାଟି (ଖ) ପାଣି
(ଗ) ପବନ (ଘ) ଆକାଶ

୬। ମାଟି ସମସ୍ତଙ୍କୁ ସମାନ ଭାବରେ କ'ଣ ବାଣ୍ଟିଥାଏ ?
(କ) ସ୍ନେହ (ଖ) ସମ୍ମାନ
(ଗ) କ୍ରୋଧ (ଘ) ଘୃଣା

୭। ମାଟି ମାଆର ପାଣି କିପରି ?
(କ) ଖଟା (ଖ) ମିଠା
(ଗ) କଷା (ଘ) ପିତା

୮। ମାଟି ମାଆର କ'ଣ କବିଙ୍କ ଦେହରେ ବଳ ଦେଇଛି ?
(କ) ସୁଷମ ଖାଦ୍ୟ (ଖ) ମିଠା ପାଣି ଓ ଧୀର ପବନ
(ଗ) ମିଠା କଥା (ଘ) ସ୍ନେହ ଶ୍ରଦ୍ଧା

୯। ମାଟି ମାଆର ମିଠାପାଣି ଓ ଧୀର ପବନ ଆମକୁ କ'ଣ ଦେଇଛି ?
(କ) ଆନନ୍ଦ (ଖ) ଶାନ୍ତି
(ଗ) ବଳ (ଘ) ସନ୍ତୋଷ

୧୦। କବିଙ୍କୁ ଶକ୍ତି ଓ ତୃପ୍ତି କିଏ ଦେଇଛି ?
(କ) ଗଛଲତାର ଫଳ
(ଖ) ନଦୀର ଜଳ
(ଗ) ମାଟି ମା'ର କୋଳ
(ଘ) ମାଟି ମା'ର ସ୍ନେହ ମମତା

୧୧। ଗଛଲତାର ଫଳ ଆମକୁ କ'ଣ ଦିଏ ?
(କ) ହସଖୁସି (ଖ) ଶକ୍ତି ଓ ତୃପ୍ତି
(ଗ) ସ୍ନେହ ଓ ଶ୍ରଦ୍ଧା (ଘ) ସୁଖଶାନ୍ତି

Eduodia App



Odisha 1 to 10 All Books App

୧୨। କବି ସର୍ବଂସହା ମାଟିକୁ କାହା ସହିତ ତୁଳନା କରିଛନ୍ତି ?
(କ) ବଧୂ (ଖ) ମା
(ଗ) ଭଗିନୀ (ଘ) ବାନ୍ଧବୀ

୧୩। ସବୁଜଘାସର କଅଁଳ ବିଛଣା କବିଙ୍କୁ କ'ଣ ଦିଏ ?
(କ) ଆରାମ (ଖ) ଦୁଃଖ
(ଗ) କଷ୍ଟ (ଘ) ଆଘାତ

୧୪। କବିତାରେ ସବୁଜଘାସକୁ କାହା ସହିତ ତୁଳନା କରାଯାଇଛି ?
(କ) ସବୁଜ ଶାଢ଼ି (ଖ) କଅଁଳ ବିଛଣା
(ଗ) ନୀଳ ସାଗର (ଘ) ନୀଳ ଆକାଶ

୧୫। ଆମର ଅଳି ଅର୍ଦ୍ଦଳି କିଏ ସହିଯାଆନ୍ତି ?
(କ) ବାପା (ଖ) ମା'
(ଗ) ଭାଇ (ଘ) ଭଉଣୀ

୧୬। ଦେହଦୁଃଖ ପାଇଁ ମାଟି ମା' ଆମ ପାଇଁ କ'ଣ ସାଇତି ରଖିଛି ?
(କ) କଅଁଳ ବିଛଣା (ଖ) ଚେରମୂଳି ଗଛଲତା
(ଗ) ସବୁଜ ଘାସ (ଘ) ଫଳମୂଳ

୧୭। ଚେରମୂଳି ଗଛଲତା ମାଟିମାଆ କ'ଣ ପାଇଁ ସାଇତି ରଖିଛି ?
(କ) ମନଖୁସି ପାଇଁ (ଖ) ଦେହ ସୁଖପାଇଁ
(ଗ) ଦେହ ଦୁଃଖପାଇଁ (ଘ) ଉପଭୋଗପାଇଁ

୧୮। କଣ ପାଇଁ ନଈ ସମୁଦ୍ରରେ ହସକଥା ଭରି ରହିଛି ?
(କ) ଉପଭୋଗ ଲାଗି (ଖ) ବୁଲିବା ଲାଗି
(ଗ) ଶାନ୍ତି ଲାଗି (ଘ) ମନ ସୁଖ ଲାଗି

୧୯। ମନସୁଖ ଲାଗି ମାଟି ମା' କେଉଁଠାରେ ହସକଥା ଭରି ରଖିଛି ?
(କ) ନଈ ସମୁଦ୍ରରେ (ଖ) ପୁଷ୍କରିଣୀରେ
(ଗ) ସମୁଦ୍ରକୂଳରେ (ଘ) ଝରଣାରେ

୨୦। କାହାର ଡାକରେ ବୁକୁ ଫୁଲିଉଠେ ?
(କ) ମାଆର
(ଖ) ବଣପକ୍ଷୀର
(ଗ) ଝରଣାର
(ଘ) ସମୁଦ୍ରର

୨୧। ବଣ ପକ୍ଷୀର ଡାକ କାହାକୁ ଭୁଲାଏ ?
(କ) ମନ (ଖ) ହୃଦୟ
(ଗ) ଆଖି (ଘ) ଆତ୍ମା

୨୨। ବଣପକ୍ଷୀର ଡାକରେ କ'ଣ ଫୁଲିଉଠେ ?
(କ) ବୁକୁ (ଖ) ପିଠି
(ଗ) ପେଟ (ଘ) ହୃଦୟ

୨୩। କିଏ ଡାକିଲେ ମାଟି ମା'ର କାଖ ଛାଡ଼ିବାକୁ ମନ ବଳେ ନାହିଁ ?
(କ) ସମୁଦ୍ର (ଖ) ସରଗ
(ଗ) ପର୍ବତ (ଘ) ମାଟି

୨୪। ସରଗ ଡାକିଲେ ବି ମାଟି ମା'ର କ'ଣ ଛାଡ଼ିବାକୁ ମନ ବଳେ ନାହିଁ ?
(କ) ପାଖ (ଖ) କାନି
(ଗ) କାଖ (ଘ) ବେକ

୨୫। ଜନ୍ମକାଳରୁ ମାଟି ମା'କୁ ଆମେ କ'ଣ ଦେଇଥାଉ ?
(କ) ଦୁଃଖ (ଖ) କଷ୍ଟ
(ଗ) ପ୍ରହାର (ଘ) ଆଘାତ

୨୬। ଯେତେ ଦୋଷ କଲେ ମଧ୍ୟ କ'ଣ ମନେକରି ମାଟି ମା' ସବୁ ଦୋଷ କ୍ଷମା କରିଦେଇଛି ?
(କ) ନିଜ ଛୁଆ ଭାବି (ଖ) ମଣିଷ ମନେକରି
(ଗ) ନିର୍ଦ୍ଦୋଷ ଭାବି (ଘ) ସମ୍ପର୍କୀୟ ଭାବି

୨୭। ଦୋଷ କଲେ ମାଟି ମା' କ'ଣ କରିଥାଏ ?
(କ) ପ୍ରହାର (ଖ) କ୍ଷମା
(ଗ) ଦଣ୍ଡ (ଘ) ମୁକ୍ତି

୨୮। କାହା ପାଖରେ ରାଗ ରୋଷ କଲେ ସେ ଭୁଲିଯାଏ ?
(କ) ମାଆ (ଖ) ବାପା
(ଗ) ଦାଦା (ଘ) ଭାଇ

୨୯। କ'ଣ କରି କବି ପୃଥିବୀପୃଷ୍ଠରେ ଜନ୍ମଲାଭ କରିଛନ୍ତି ?
(କ) ତପ (ଖ) ଜପ
(ଗ) ଧ୍ୟାନ (ଘ) ଯୋଗ

୩୦। ନିଜେ ଦୁଃଖ ସହି କାହାପାଇଁ ଦିନରାତି ଲାଗିପଡ଼ିବେ ବୋଲି କବି କହିଛନ୍ତି ?
(କ) ପରିବାର ପାଇଁ (ଖ) ଜଗତ ପାଇଁ
(ଗ) ମାଟି ମା' ପାଇଁ (ଘ) ନିଜ ପାଇଁ

୩୧। ଉପଯୁକ୍ତ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।
ଅମାପ ଧରିଯୁଁ ଦେଏ ଟିକେ ମତେ — ହେଉ ମୋର ଛାତି
(କ) ଟାଣ (ଖ) ନିଦା
(ଗ) ପୋଲା (ଘ) ଦୃଢ଼

Eduodia App



Odisha 1 to 10 All Books App

୩୨। ମାଟି ମା'ର ଶରୀର କେଉଁଥିରେ ଗଢ଼ା ବୋଲି କବି କହିଛନ୍ତି ?
(କ) ରକ୍ତମାଂସ (ଖ) କୋମଳ ମାଟି
(ଗ) ପାହାଡ଼ ପଥର (ଘ) କଅଁଳ ପତ୍ର

୩୩। ମାଟି ମା'ର ପ୍ରାଣ କେଉଁଥିରେ ଗଢ଼ା ?
(କ) କଠିନ ପଥରରେ (ଖ) କଠିନ ପଦାର୍ଥରେ
(ଗ) କଅଁଳ ପତର (ଘ) କୋମଳ ପଦାର୍ଥରେ

୩୪। ଦୁଃଖ ଦଡ଼ମଡ଼ି ସହିବାପାଇଁ କବି କଣ କରି ଦେବାକୁ ମାଟି ମା'କୁ ନିବେଦନ କରିଛନ୍ତି ?
(କ) ଟାଣ (ଖ) ନରମ
(ଗ) ଦୃଢ଼ (ଘ) ମସୃଣ

୩୫। କାହାର ମହାଯଶ ଘୋଷିବାକୁ କବି ଆଦେଶ ପାଇଛନ୍ତି ?
(କ) ନିଜର (ଖ) ମାଟି ମାଆର
(ଗ) ଜଗତର (ଘ) ପ୍ରତିବେଶୀଙ୍କର

୩୬। କାହାର ପାଦଧୂଳି ମୁଣ୍ଡରେ ବୋଳି ହେବାପାଇଁ କବି କହିଛନ୍ତି ?
(କ) ଗୁରୁଜନଙ୍କର (ଖ) ପିତାମାତାଙ୍କର
(ଗ) ଭାରତମାଆର (ଘ) ବିଶ୍ୱବାସୀଙ୍କର

୩୭। କବି ମାଟି ମାଆକୁ କ'ଣ ଖୋଜିବାକୁ କହିଛନ୍ତି ?
(କ) ଘର ଚାବିକାଠି
(ଖ) ଚେତନାର ଚାବିକାଠି
(ଗ) ବିଦ୍ୟାରୂପକ ଚାବିକାଠି
(ଘ) ହଜିଥିବା ଚାବିକାଠି

୩୮। କବି କାହାକୁ ଦେବଭୂମି ଓ ବୀରଭୂମି ବୋଲି କହିଛନ୍ତି ?
(କ) ପଲ୍ଲୀଗ୍ରାମକୁ (ଖ) ଭାରତଜନନୀକୁ
(ଗ) ଉତ୍କଳ ଜନନୀକୁ (ଘ) ବିଶ୍ୱକୁ

୩୯। କବି ଚେତନାଗର୍ଭା ବୋଲି କାହାକୁ କହିଛନ୍ତି ?
(କ) ମାଟି ମାଆକୁ (ଖ) ଗୁରୁଙ୍କୁ
(ଗ) ଉତ୍କଳ ଜନନୀଙ୍କୁ (ଘ) ପିତାମାତାଙ୍କୁ

୪୦। ଉପଯୁକ୍ତ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।
କେଉଁଠି ହଜିଛି ଖୋଜି ଦେଏ ମୋର —ର ଚାବିକାଠି ।
(କ) ଭାବନା (ଖ) ପ୍ରେରଣା
(ଗ) ଚେତନା (ଘ) କଳ୍ପନା

୪୧। କବିତାରେ କେଉଁ ବିଶେଷଣଟି ଭାରତ ମାଆ ପାଇଁ ପ୍ରଯୁଜ୍ୟ ନୁହେଁ ?
(କ) ବୀରଭୂମି (ଖ) ଦେବଭୂମି
(ଗ) ପର୍ବତ ମାଳିନୀ (ଘ) ଚେତନାଗର୍ଭା

୪୨। କବିଙ୍କୁ କିଏ ଆରାମ ପ୍ରଦାନ କରିଛି ?
(କ) କୋମଳ ଶଯ୍ୟା
(ଖ) ସବୁଜ ଘାସର କଅଁଳ ବିଛଣା
(ଗ) ସମୁଦ୍ରକୂଳର ପବନ
(ଘ) ଗହନବନର ଶୀତଳତା

୪୩। ମାଆ ପରି ସନ୍ତାନର ଅଳି ଅର୍ଦ୍ଦଳିକୁ କିଏ ସହିଯାଏ ?
(କ) ଭଉଣୀ (ଖ) ମାଟି ମାଆ
(ଗ) ପଡ଼ୋଶିନୀ (ଘ) ସାଙ୍ଗ

୪୪। ସନ୍ତାନର ମୁକ୍ତି କାହା ମୁକ୍ତିରେ ନିହିତ ଅଛି ?
(କ) ଜନନୀର ମୁକ୍ତିରେ
(ଖ) ବିଶ୍ୱର ମୁକ୍ତିରେ
(ଗ) ଜନ୍ମଭୂମିର ମୁକ୍ତିରେ
(ଘ) ପ୍ରତିବେଶୀଙ୍କ ମୁକ୍ତିରେ

୪୫। କେତେ — କରି ଏଇ ଜନମରେ ଆସିଛି ତୋ ଦେଶେ ବୁଲି ।
(କ) କର୍ମ (ଖ) ପୁଣ୍ୟ
(ଗ) ତପ (ଘ) ଯଜ୍ଞ

୪୬। "ଦେହ ସିନା ତୋର ପାହାଡ଼ ପଥର — ପତର ପ୍ରାଣ"
(କ) କଅଁଳ (ଖ) ଟାଣୁଆ
(ଗ) ସବୁଜ (ଘ) ବହଳ

୪୭। ତୋହରି ଅନ୍ତର ଆଦେଶେ ଚଳେ ମୁଁ ଘୋଷି ତୋର — ।
(କ) ମହାଯଶ (ଖ) ମହାକୀର୍ତ୍ତି
(ଗ) ଜୟଗାନ (ଘ) କୀର୍ତ୍ତିରାଜି

୪୮। କେଉଁଟି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଲେଖା ନୁହେଁ ?
(କ) କନକାଞ୍ଜଳି (ଖ) ଝରାଶିଉଳି
(ଗ) ସ୍ୱପ୍ନଦୀପ (ଘ) ରକ୍ତଶିଖା

୪୯। କାହାର ପାଦଧୂଳି ମୁଣ୍ଡରେ ମାରିବାକୁ କବି ଆଶାୟୀ ହୋଇଛନ୍ତି ?
(କ) ଭାରତମାତା (ଖ) ଉତ୍କଳଜନନୀ
(ଗ) ପିତାମାତା (ଘ) ଗୁରୁଜନ

୫୦। କବି କାହାର ଜୟଗାନ କରିଛନ୍ତି ?
(କ) ମାଟି ମା' (ଖ) ପାହାଡ଼-ପର୍ବତ
(ଗ) ପିତାମାତା (ଘ) ଗୁରୁ

Eduodia App



Odisha 1 to 10 All Books App

## ଉତ୍ତର

୧। (ଖ) ବିଦ୍ୟୁତପ୍ରଭା ଦେବୀ
୨। (ଘ) ସଞ୍ଚୟନ
୩। (ଗ) ମାଟି ପାଣି ପବନ
୪। (ଖ) ମାଟି
୫। (କ) ମାଟି
୬। (କ) ସ୍ନେହ
୭। (ଖ) ମିଠା
୮। (ଖ) ମିଠାପାଣି ଓ ଧୀର ପବନ
୯। (ଗ) ବଳ
୧୦। (କ) ଗଛଲତାର ଫଳ
୧୧। (ଖ) ଶକ୍ତି ଓ ତୃପ୍ତି
୧୨। (ଖ) ମା
୧୩। (କ) ଆରାମ
୧୪। (ଖ) କଅଁଳ ବିଛଣା
୧୫। (ଖ) ମା'
୧୬। (ଖ) ଚେରମୂଳି ଗଛଲତା
୧୭। (ଗ) ଦେହଦୁଃଖ ପାଇଁ
୧୮। (ଘ) ମନସୁଖଲାଗି
୧୯। (କ) ନଈସମୁଦ୍ରରେ
୨୦। (ଖ) ବଣପକ୍ଷୀର ଡାକ
୨୧। (ଗ) ଆଖି
୨୨। (କ) ବୁକୁ
୨୩। (ଖ) ସରଗ
୨୪। (ଗ) କାଖ
୨୫। (ଘ) ଆଘାତ
୨୬। (କ) ନିଜ ଛୁଆ ଭାବି
୨୭। (ଖ) କ୍ଷମା
୨୮। (କ) ମାଆ
୨୯। (କ) ତପ
୩୦। (ଖ) ଜଗତପାଇଁ
୩୧। (ଖ) ନିଦା
୩୨। (ଗ) ପାହାଡ଼ ପଥର
୩୩। (ଗ) କଅଁଳ ପତର
୩୪। (କ) ଟାଣ
୩୫। (ଖ) ମାଟିମାଆର
୩୬। (ଗ) ଭାରତମାଆର
୩୭। (ଖ) ଚେତନାର ଚାବିକାଠି
୩୮। (ଖ) ଭାରତ ଜନନୀକୁ
୩୯। (କ) ମାଟି ମାଆକୁ
୪୦। (ଗ) ଚେତନା
୪୧। (ଗ) ପର୍ବତମାଳିନୀ
୪୨। (ଖ) ସବୁଜଘାସର କଅଁଳ ବିଛଣା
୪୩। (ଖ) ମାଟି ମାଆ
୪୪। (କ) ଜନ୍ମଭୂମିର ମୁକ୍ତିରେ
୪୫। (ଗ) ତପ
୪୬। (କ) କଅଁଳ
୪୭। (କ) ମହାଯଶ
୪୮। (ଘ) ରକ୍ତଶିଖା
୪୯। (କ) ଭାରତମାତା
୫୦। (କ) ମାଟି ମା'

## ସପ୍ରସଙ୍ଗ ସରଳାର୍ଥ

**ପ୍ର.୧। ପ୍ରସଙ୍ଗ ନିର୍ଦ୍ଦେଶପୂର୍ବକ ସରଳାର୍ଥ ଲେଖ ।**

**ଜନମ କାଳୁ ଯେ ଦେହେ ତୋ' ଆଘାତ**
**କେତେ ନ ଦେଇଛି ମୁହିଁ**
**ନିଜ ଛୁଆ ବୋଲି ସବୁ ଦୋଷ ସିନା**
**କ୍ଷମିଅଛୁ ଏକା ତୁହି ।**

**ଉ.** ଶଂସିତ ପଦ୍ୟାଂଶଟି ବିଦ୍ୟୁତପ୍ରଭା ଦେବୀଙ୍କ ରଚିତ 'ସର୍ବଂସହା ମାଟି' ଶୀର୍ଷକ କବିତାରୁ ଗୃହୀତ । ମା' ପାଖରେ ଯେତେ ଅଳି-ଅର୍ଦ୍ଦଳି କଲେ ମଧ୍ୟ ମା' କିପରି ସନ୍ତାନର ଦୋଷାଦୋଷକୁ କ୍ଷମା କରିଦେଇଥାଏ ତାହା ଏଠାରେ କବି ସରଳ ତରଳ ଭାଷାରେ ସୁନ୍ଦର ଭାବେ ଉପସ୍ଥାପିତ କରିଛନ୍ତି ।

ମା' ଶବ୍ଦର ବିକଳ୍ପ ଏ ସଂସାରରେ ନାହିଁ । ସମଗ୍ର ସୃଷ୍ଟି ମା' ପାଖରେ ଋଣୀ । ମା'ର ଋଣ କେହି କେବେ କେଉଁ ଜନ୍ମରେ ମଧ୍ୟ ଶୁଝିପାରନ୍ତି ନାହିଁ । କବି ମା' ଏବଂ ଜନ୍ମଭୂମିକୁ ଏକ କରି ଦେଖିଅଛନ୍ତି । ମା' ଯେପରି ନିଜ ଛୁଆର ସମସ୍ତ ପ୍ରକାର ଅଳି-ଅର୍ଦ୍ଦଳି ସହ୍ୟ କରିଥାଏ ଅନ୍ୟ କେହି ସେପରି କରିପାରନ୍ତି ନାହିଁ । ସନ୍ତାନଠାରୁ ଯେତେ ପ୍ରକାର



Eduodia App
Odisha 1 to 10 All Books App

ଦୁଃଖ ପାଇଲେ ମଧ୍ୟ ମା’ ସବୁବେଳେ ମା’ । ସେ ସ୍ନେହମୟୀ-ବାତ୍ସଲ୍ୟମୟୀ-ମମତାମୟୀ । ଜନ୍ମଭୂମି ପ୍ରତି ମାଟି ପ୍ରତି ମଣିଷ ଯେତେ ନିର୍ଯାତନା କଲେ ମଧ୍ୟ ମାଟିମାଆ କେବେ କୃପଣା ହୁଏ ନାହିଁ । କୌଣସି ସ୍ଥାନ ମଧ୍ୟ ଅଫଳା ରହେ ନାହିଁ । ଯେତେ ଯେତେ ମାଟିମାଆକୁ କଷ୍ଟ ଦେଲେ ମଧ୍ୟ ମାଟି ମା’ ସର୍ବଦା ସ୍ନେହଶୀଳା । ଏହାର ମୂଳକାରଣଟି ହେଉଛି ସେ ଜନନୀ । ଜନନୀ କେବେବି “କୁମାତା ନ ଭବିଷ୍ୟତି, ନ୍ୟାୟରେ ଖରାପ ହୁଏ ନାହିଁ । କବିଙ୍କ ଉକ୍ତି ଏଠାରେ ସୁନ୍ଦର ସରଳ ଭାଷାରେ ଉତ୍କୀର୍ଣ୍ଣ ହୋଇଛି । ମାଟି ମା’ ଆମକୁ ଶାକ-ତଣ୍ଡୁଳ-ଫଳମୂଳ ବାସ ଔଷଧ ସବୁକିଛି ବିନା ପ୍ରତ୍ୟାଶାରେ ଦାନ କରିଅଛି । ଆମେ ତାକୁ ସ୍ମରଣ ରଖିବା ଉଚିତ । ମା’ ପ୍ରତି ଆମ୍ଭେମାନେ ଚିର କୃତଜ୍ଞ ରହବା ଉଚିତ ।

କବିଙ୍କର ଉକ୍ତି ବାସ୍ତବରେ ଜଣେ ମା’ର ସ୍ଥାନ କେତେ ଉଚ୍ଚରେ ତାହା ପ୍ରମାଣିତ କରୁଅଛି ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର.୧। ପଠିତ କବିତା ଅବଲମ୍ବନରେ ମାଟି ପ୍ରତି କବିଙ୍କର ମନୋଭାବର ପରିଚୟ ପ୍ରଦାନ କର ।**

**ଉ.** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ନାରୀକବି ବିଦ୍ୟୁତପ୍ରଭା ଦେବୀ ଏକ ଅମ୍ଳାନ ପ୍ରତିଭା । ତାଙ୍କ ରଚିତ ‘କନକାଞ୍ଜଳି’, ‘ମରୀଚିକା’, ‘କାକଳି’, ‘ସ୍ୱପ୍ନଦୀପ’, ‘ଯାହାକୁ ଯିଏ’ ଓ ‘ମାଟି ପାଣି ପବନ’ ପ୍ରଭୃତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି । ‘ସର୍ବଂସହା ମାଟି’ କବିତାଟି କବିଙ୍କ ‘ମାଟି ପାଣି ପବନ’ କବିତା ପୁସ୍ତକରୁ ସଂଗୃହୀତ । ଏହି କବିତାଟିରେ କବି ମାଟିକୁ ମା’ ସହିତ ତୁଳନା କରିଛନ୍ତି ।

ମାଟି ମାଆ ସର୍ବଂସହା । ସେ ସନ୍ତାନ ବତ୍ସଳା ସ୍ନେହମୟୀ ଜନନୀ । ତା’ର ସ୍ନେହ ମମତାକୁ ସମସ୍ତଙ୍କ ଉପରେ ସମାନ ଭାବରେ ବାଣ୍ଟି ଦେଇଛି । ତା’ ବକ୍ଷର ଫଳମୂଳ, ପାଣିପବନ ସମସ୍ତଙ୍କୁ ଦେଇଛି ଶକ୍ତି ଓ ତୃପ୍ତି । ରୋଗରୁ ମୁକ୍ତି ପାଇଁ ସାଇତି ରଖିଛି ଚେରମୂଳି ଔଷଧ । ତା ସନ୍ତାନମାନଙ୍କ ସୁଖପାଇଁ ନିଜ ବକ୍ଷରେ ଘାସର କୋମଳ ବିଛଣା ସଜାଇ ରଖିଛନ୍ତି । ସନ୍ତାନମାନଙ୍କ ଅଳି ଅର୍ଦ୍ଦଳି ସହିଯାଏ । ଦୋଷ କିମ୍ବା ଆଘାତ କଲେ କ୍ଷମା କରିଦିଏ । ତା’ ସନ୍ତାନର ସୁଖରେ ଖୁସି ହୁଏ । ଦେବଭୂମି ବୀରଭୂମି ଭାରତ କବିଙ୍କ ମାଟି ମା’ । ତା’ର ସେବାପାଇଁ ପ୍ରତ୍ୟେକ ସନ୍ତାନ ଆଗେଇ ଆସିବା ଉଚିତ ।

ଏହାହିଁ ନାରୀକବିଙ୍କ ମନୋଭାବର ଯଥାର୍ଥ ପ୍ରତିଫଳନ ।

**ପ୍ର.୨। ମାଟି ସର୍ବଂସହା –ଏହାର ଯଥାର୍ଥତା ପ୍ରତିପାଦନ କର ।**

**ଉ.** ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀ ଓଡ଼ିଆ ସାହିତ୍ୟ ଜଗତର ଏକ ସାରସ୍ୱତ ପ୍ରତିଭା । ତାଙ୍କ ରଚିତ ‘ସବିତା, ‘ଉତ୍କଳ ସାରସ୍ୱତ ପ୍ରତିଭା’, ‘କନକାଞ୍ଜଳି’, ‘ମରୀଚିକା’, ‘ସଞ୍ଚୟନ’ ଓ ‘ମାଟି ପାଣି ପବନ’ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ଉକ୍ତ କବିତାଟି କବିଙ୍କ କବିତା ପୁସ୍ତକ ‘ମାଟି ପାଣି ପବନ’ରୁ ଉଦ୍ଧୃତ । ମାଟି ମାଆ କିପରି ସର୍ବଂସହା ତାହା ସୁନ୍ଦର ଭାବରେ କବିତାରେ ପ୍ରତିପାଦିତ ହୋଇଛି ।

ନାରୀକବି ମାଟିକୁ ମାଆ ରୂପରେ ଦେଖିଛନ୍ତି । ସେ ସର୍ବଂସହା ସ୍ନେହମୟୀ ଜନନୀ । ଜନ୍ମଦାତ୍ରୀ ମା’ ପରି ସେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଶ୍ରଦ୍ଧା ବାଣ୍ଟିଥାନ୍ତି । ତା ବକ୍ଷର ଫୁଲ ଫଳ ସମସ୍ତଙ୍କୁ ଶକ୍ତି ଓ ତୃପ୍ତି ଦିଏ । ଜନନୀ ପରି ତା’ ସନ୍ତାନମାନଙ୍କ ପାଇଁ ସବୁଜଘାସର କୋମଳ ବିଛଣା, ଚେରମୂଳି ଔଷଧ ଓ ହସକଥା ସାଇତି ରଖିଛି । ମା’ପରି ଆଘାତ ସହିଯାଏ । କବିଙ୍କ ଭାଷାରେ –

“ନିଜ ଛୁଆ ବୋଲି ସବୁ ଦୋଷ ସିନା ଲଦିଅଛୁ ଏକା ତୁହି”

ମାଟି ମା’ ଧୈର୍ଯ୍ୟଶୀଳା । ଶରୀର ପାହାଡ଼ ପଥର ପରି କଠିନ ହେଲେ ମଧ୍ୟ ହୃଦୟଟି ଅତ୍ୟନ୍ତ କୋମଳ । ସନ୍ତାନର ଅଳି ଅର୍ଦ୍ଦଳି ବିନା ପ୍ରତିବାଦରେ ସହିଯାଏ । କବି ମାଟି ମା’ଠାରୁ ଧୈର୍ଯ୍ୟ, କ୍ଷମା ଓ ସହନଶୀଳତା ଗୁଣ ଲାଭ କରିବାକୁ ଇଚ୍ଛାପ୍ରକାଶ କରିଛନ୍ତି । ନିଜେ ସବୁ ଦୁଃଖ ସହି ସଂସାରର କଲ୍ୟାଣ ନିମନ୍ତେ ନିଜକୁ ଉତ୍ସର୍ଗ କରିବାକୁ ଚାହାଁନ୍ତି ଓ ସେହି ସର୍ବଂସହା ଜନନୀର ସେବାରେ ନିଜକୁ ନିୟୋଜିତ କରିବାକୁ ସଂକଳ୍ପ କରିଛନ୍ତି ।

**ପ୍ର.୩। କବି ମାଟିମାଆର ଜୟଗାନରେ ଶତମୁଖ –ଉକ୍ତିଟିର ସତ୍ୟତା ପଠିତ କବିତା ଅନୁସରଣରେ ପ୍ରତିପାଦନ କର ।**

**ଉ.** ଓଡ଼ିଆ ସାହିତ୍ୟ ଜଗତର ଅମଳିନ ପ୍ରତିଭା ନାରୀକବି ବିଦ୍ୟୁତପ୍ରଭା ଦେବୀ ତାଙ୍କ ରଚିତ କବିତା ପୁସ୍ତକ ‘ସବିତା’, ‘କନକାଞ୍ଜଳି’, ‘ମରୀଚିକା’, ‘ସଞ୍ଚୟନ’, ‘ମାଟି ପାଣି ପବନ’ ଇତ୍ୟାଦି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ରସାପ୍ଳୁତ କରିଛି । ‘ମାଟି ପାଣି ପବନ’ ପୁସ୍ତକରୁ ସଂଗୃହୀତ ‘ସର୍ବଂସହା ମାଟି’ କବିତାରେ କବି ମାଟି ମା’ର ଜୟଗାନରେ ଶତମୁଖ ହୋଇଛନ୍ତି ।

କବିଙ୍କ ଦୃଷ୍ଟିରେ ମାଟି ମାଆ ମମତାର ମୂର୍ତ୍ତିମନ୍ତ ବିଗ୍ରହ । ନିଜ ବକ୍ଷର ଫୁଲଫଳ, ପାଣିପବନ ସମସ୍ତଙ୍କୁ ସମାନ ଭାବରେ ବାଣ୍ଟିଦିଏ । ସନ୍ତାନମାନଙ୍କ ସୁଖପାଇଁ ସବୁଜଘାସର କୋମଳ ବିଛଣା, ଶରୀର ଆରୋଗ୍ୟପାଇଁ ଚେରମୂଳି ଔଷଦ, ମନସୁଖ ପାଇଁ ସମୁଦ୍ରରେ ହସକଥା,



Odisha 1 to 10 All Books App

ବଣପକ୍ଷୀର ଡାକ ସାଇତି ରଖିଛି । ଶରୀର କଠିନ ହେଲ ମଧ ପ୍ରାଣ ଅତ୍ୟନ୍ତ କୋମଳ । ସେ ତା'ର ସନ୍ତାନମାନଙ୍କର ସବୁ ଅଳି ଅର୍ଦ୍ଦଳି, ରାଗ, ରୋଷ, ଅଭିମାନ ଓ ଆଘାତକୁ ନୀରବରେ ସହିଯାଏ । ଭାରତମାତାଙ୍କୁ ଦେବଭୂମି ବୀରଭୂମି ମାଟି ମା' ବୋଲି ବିବେଚନା କରିଛନ୍ତି । ସେହି ସ୍ନେହମୟୀ ଜନନୀଙ୍କର ପାଦଧୂଳି ମୁଣ୍ଡରେ ମାରି କବି ମାଟି ମା'ର ଜୟଗାନରେ ଶତମୁଖ ହୋଇଛନ୍ତି ।

**ପ୍ର.୪। 'ସର୍ବଂସହା ମାଟି' କବିତାରେ ମାଟି ମା'ର ମୁକ୍ତିରେ କିପରି ସନ୍ତାନର ମଙ୍ଗଳ ନିହିତ ସେ ବିଷୟରେ ବର୍ଣ୍ଣନା କର ।**

**ଉ.** ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ପ୍ରତିଭା ନାରୀକବି ବିଦ୍ୟୁତପ୍ରଭା ଦେବୀ ତାଙ୍କ ରଚିତ 'କନକାଞ୍ଜଳି', 'ଝରାଶିଉଳି', 'ସ୍ୱପ୍ନ ଦୀପ', 'ଯାହାକୁ ଯିଏ' ଓ 'ମାଟି ପାଣି ପବନ' ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି । କବିତା 'ସର୍ବଂସହା ମାଟି' କବିଙ୍କ 'ମାଟି ପାଣି ପବନ' କବିତା ପୁସ୍ତକରୁ ଗୃହୀତ । ମାଟି ମା'ର ମୁକ୍ତିରେ କିପରି ସନ୍ତାନର ମଙ୍ଗଳ ନିହିତ କବି ସେ ବିଷୟରେ ଉଲ୍ଲେଖ କରିଛନ୍ତି ।

ସନ୍ତାନର ସୁଖରେ ମା' ସୁଖୀ ହୁଏ । । ମାଟି ମା'ର ମୁକ୍ତିରେ ସନ୍ତାନର ହୁଏ ମୁକ୍ତି । କାରଣ ମାଟି ମା'ର ପଣତତଳେ ସନ୍ତାନମାନେ ସୁଖରେ କାଳ ଅତିବାହିତ କରନ୍ତି । ଯଦି ମାଟି ମା' ବନ୍ଦିନୀ ହୁଏ ତାହେଲେ ସନ୍ତାନର ସୁଖଶାନ୍ତି ଉଭେଇଯାଏ । ତେଣୁ ମାଟି ମା' କିପରି ମୁକ୍ତ ରହିବ ସେଥିପାଇଁ ସନ୍ତାନମାନେ ଉଦ୍ୟମ ଜାରି ରଖିବା ଆବଶ୍ୟକ । ହୃଦୟରେ ମାତୃଭୂମି ତଥା ଜନ୍ମଭୂମି ପ୍ରତି ଭକ୍ତିଭାବ ରହିବା ଦରକାର । ମାଟି ମା'ର ଜୟଗାନ କରିବା ଉଚିତ । ଦେବଭୂମି ବୀରଭୂମି ଭାରତ ଜନନୀ ହିଁ କବିଙ୍କ ମାଟି ମାଆ ସେହି ଚେତନାଗର୍ଭା ମାଟିର ଅନ୍ତରର ଆଦେଶ ପାଳନ କରି ତା'ର ପଦଧୂଳିକୁ ମସ୍ତକରେ ବୋଳିହୋଇ ତା'ର ଜୟଗାନ କରିବାକୁ କବି ଆଗ୍ରହ ପ୍ରକାଶ କରିଛନ୍ତି ।

ମାଟି ମା'ର ମୁକ୍ତିରେ ସନ୍ତାନର ମଙ୍ଗଳ ନିହିତ ।
ଏହା ଯଥାର୍ଥ ଅଟେ ।

**ପ୍ର.୫। ସନ୍ତାନବତ୍ସଳା ମାଟିମାଆ ନିକଟରେ କବି ନିଜର କୃତଜ୍ଞତା ଜ୍ଞାପନ କିପରି କରିଛନ୍ତି ପଠିତ କବିତା ଅନୁସରଣରେ ପ୍ରତିପାଦନ କର ।**

**ଉ.** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ନାରୀକବି ବିଦ୍ୟୁତପ୍ରଭା ଦେବୀ ଏକ ଅବିସ୍ମରଣୀୟ ପ୍ରତିଭା । ତାଙ୍କ ରଚିତ 'କନକାଞ୍ଜଳି, 'ମରୀଚିକା', 'କାକଳି', 'ସ୍ୱପ୍ନଦୀପ', 'ଯାହାକୁ ଯିଏ', 'ସଞ୍ଚୟନ' ଓ 'ମାଟି ପାଣି ପବନ' ଓଡ଼ିଆ ସାହିତ୍ୟ ଭଣ୍ଡାରକୁ କରିଛି ବଳିଷ୍ଠ ଓ 'ଋଦ୍ଧିମନ୍ତ' । 'ସର୍ବସହା ମାଟି' କବିତାଟି କବିଙ୍କ କବିତା ପୁସ୍ତକ 'ମାଟି ପାଣି ପବନ'ରୁ ଉଦ୍ଧୃତ । ସନ୍ତାନବତ୍ସଳା ମାଟିମାଆ ନିକଟରେ କବି କିପରି ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି ସେ ବିଷୟରେ ଅତି ଚମତ୍କାର ଭାବରେ ଚିତ୍ରଣ କରାଯାଇଛି ।

ଜନନୀ ଓ ଜନ୍ମଭୂମି ସ୍ନେହ, ମମତା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ମାଟି ମାଆ ସନ୍ତାନବତ୍ସଳା ଓ ମମତାମୟୀ । ଜନନୀ ପରି ତା ସନ୍ତାନର ସମସ୍ତ ଆବଶ୍ୟକତାକୁ ପୂର୍ଣ୍ଣ କରିଥାଏ । ତା' ମିଠାପାଣି ଧୀର ପବନ, ଗଛଲତାର ଫୁଲଫଳ ସନ୍ତାନଙ୍କୁ ଶକ୍ତି ଓ ତୃପ୍ତି ପ୍ରଦାନ କରେ । ସନ୍ତାନର ରାଗ, ଅଭିମାନ ଓ ଅଳିଅର୍ଦ୍ଦଳି ସବୁ ନୀରବରେ ସହିଯାଏ । ଦେହ ଦୁଃଖ ଦୂର ପାଇଁ ଚେରମୂଳି ଔଷଧ ଓ ମନୋରଞ୍ଜନ ପାଇଁ ନଦୀ ସମୁଦ୍ରରେ ହସକଥା ଭରି ରଖିଛି । ଶରୀର ପଥର ପରି କଠିନ ହେଲେ ମଧ ପ୍ରାଣ ତା'ର ଅତ୍ୟନ୍ତ କୋମଳ । ମାଟିମାଆର ବାତ୍ସଲ୍ୟଭରା ରୂପ ଦେଖି କବିଙ୍କ ହୃଦୟ କୃତଜ୍ଞତାରେ ଭରିଯାଇଛି ।

ବାସ୍ତବିକ୍ ସନ୍ତାନବତ୍ସଳା ମାଟି ମାଆ ପ୍ରତି କବିଙ୍କ କୃତଜ୍ଞତା ଯଥାର୍ଥ ଅଟେ ।

●



Odisha 1 to 10 All Books App

## ଗଦ୍ୟ ବିଭାଗ

# ଜନ୍ମଭୂମି

### କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

୧। ଜନ୍ମଭୂମି ପ୍ରବନ୍ଧର ପ୍ରାବନ୍ଧିକ କିଏ ?
(କ) ଶରତ କୁମାର ମହାନ୍ତି
(ଖ) ଗୋଲୋକ ବିହାରୀ ଧଳ
(ଗ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
(ଘ) ବଂଶୀଧର ସାମନ୍ତରାୟ

୨। ଜନ୍ମଭୂମି ପ୍ରବନ୍ଧଟି ପ୍ରାବନ୍ଧିକଙ୍କ କେଉଁ ପ୍ରବନ୍ଧରୁ ସଂଗୃହୀତ ?
(କ) ଆତ୍ମଜୀବନୀ
(ଖ) ପ୍ରବନ୍ଧ ମାନସ
(ଗ) ଇତିହାସ ଓ କିମ୍ବଦନ୍ତୀ
(ଘ) ମୋ ସମୟର ଓଡ଼ିଶା

୩। ବିଷମ ବିପାକ ବେଳେ କିଏ ଫଳ, ପୁଷ୍ପ ଶାକ ତଣ୍ଡୁଳ ଦେଇ ଲେଖକଙ୍କ ଶିଶୁପ୍ରାଣକୁ ପରିପୁଷ୍ଟ କରିଛି ?
(କ) ରାଜ୍ୟ (ଖ) ନିଜମାତା
(ଗ) ଜନ୍ମଭୂମି (ଘ) ପଡ଼ୋଶୀ

୪। ଲେଖକ କେଉଁଠାରୁ ପ୍ରଥମେ ରୂପ-ରସ-ଗନ୍ଧ-ସ୍ପର୍ଶର ପରିଚୟ ପାଇଥିଲେ ?
(କ) ବିଦ୍ୟାଳୟରୁ (ଖ) ଜନ୍ମଭୂମିରୁ
(ଗ) ଏସିଆ ମହାଦେଶରୁ (ଘ) ରାଜ୍ୟରୁ

୫। ତଣ୍ଡୁଳ ଶବ୍ଦର ଅର୍ଥ କ'ଣ ?
(କ) ଧାନ (ଖ) ଗହମ
(ଗ) ଡାଲି (ଘ) ଚାଉଳ

୬। କାହାକୁ ଲେଖକ ନିଜର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ କହିଛନ୍ତି ?
(କ) ଜନ୍ମଭୂମି (ଖ) ଶ୍ମଶାନ ଭୂମି
(ଗ) ପ୍ରବାସ ଭୂମି (ଘ) ଯୁଦ୍ଧଭୂମି

୭। ଆୟୁସୂର୍ଯ୍ୟ ଯେତେ ଗଡ଼ି ଚାଲିଛି ତା' ସହିତ ଲେଖକଙ୍କର ସମ୍ବନ୍ଧ କ'ଣ ବେଶୀ ହେବା କଥା ?
(କ) କ୍ଷୀଣ (ଖ) ନରମ
(ଗ) ଘନିଷ୍ଠ (ଘ) ଲୀନ

୮। ପ୍ରବନ୍ଧାନୁସାରେ କିଏ ନିଃସହାୟ ଶୁଷ୍କ ତୃଣପରି ଭାସି ଚାଲିଛନ୍ତି ?
(କ) ଗରିବ ଲୋକ (ଖ) ତୃଣ
(ଗ) ଶିକ୍ଷିତଗୋଷ୍ଠୀ (ଘ) ପ୍ରାବନ୍ଧିକ

୯। ଲେଖକ କାହାର ରୂପକୁ ଜାତିସ୍ମର ପରି ମନେ ରଖିଛନ୍ତି ?
(କ) ଆୟୁସୂର୍ଯ୍ୟର (ଖ) ଭାରତର
(ଗ) ପଲ୍ଲୀ ଗ୍ରାମର (ଘ) ପିତାମାତାଙ୍କର

୧୦। ପଲ୍ଲୀଗ୍ରାମକୁ ଫେରିବାକୁ ଲେଖକଙ୍କର କ'ଣ ନାହିଁ ବୋଲି ପ୍ରବନ୍ଧରେ କୁହାଯାଇଛି ?
(କ) ଆନନ୍ଦ (ଖ) ଭୟ
(ଗ) ଦୁଃଖ (ଘ) ସାହସ

୧୧। ସଂଖ୍ୟାତୀତ ଶିକ୍ଷିତ ବ୍ୟକ୍ତି ଶେଷବେଳକୁ ନିଜର ଜନ୍ମଭୂମିକୁ ପାସୋରି ପକାଇ ପ୍ରଚଳିତ ଶିକ୍ଷା ପାଖରେ କ'ଣ ଉତ୍ସର୍ଗ କରିଥାନ୍ତି ?
(କ) ମାନବିକତା (ଖ) ସଭ୍ୟତା
(ଗ) ପାପ (ଘ) ଧର୍ମ

୧୨। ଶିକ୍ଷା, ସମାପନ ସଙ୍ଗେ ସଙ୍ଗେ ସେମାନଙ୍କର ଏକପ୍ରକାର ପୁନର୍ଜନ୍ମ ଘଟିଥାଏ, ଏଠାରେ 'ସେମାନେ' କାହାକୁ ଲକ୍ଷ୍ୟ କରି କୁହାଯାଇଛି ?
(କ) ବେକାରୀମାନଙ୍କୁ
(ଖ) ଚାକିରୀଆମାନଙ୍କୁ
(ଗ) ସଂଖ୍ୟାତୀତ ଶିକ୍ଷିତ ବ୍ୟକ୍ତିଙ୍କୁ
(ଘ) ଲେଖକଙ୍କ ବନ୍ଧୁମାନଙ୍କୁ

୧୩। ବହୁବାଦ– ବିସମ୍ବାଦ ସତ୍ତ୍ୱେ ପଲ୍ଲୀଗ୍ରାମର ନରନାରୀଙ୍କ ମଧ୍ୟରେ ଜାତି, ଧର୍ମ ନିର୍ବିଶେଷରେ କେଉଁ ପରମ୍ପରା ଗଢ଼ିଉଠିଥାଏ ?
(କ) ସ୍ନେହ ସଦ୍ଭାବ (ଖ) ଭାଇଚାରା
(ଗ) ବନ୍ଧୁତ୍ୱ (ଘ) ଏକପରିବାରତ୍ୱ

୧୪। କିଏ ଛୋଟ ପିଣ୍ଡାରେ ବହୁ ବର୍ଷ ଧରି ପ୍ରସ୍ତର ମୂର୍ତ୍ତିଟି ପରି ବସିଆସିଛି ବୋଲି ଜନ୍ମଭୂମି ପ୍ରବନ୍ଧରେ କୁହାଯାଇଛି ?
(କ) ସାର ମାଉସୀ (ଖ) ସାରୀ ମାଉସୀ
(ଗ) ସର ମାଉସୀ (ଘ) ସିରି ମାଉସୀ

୧୫। ଗ୍ରାମ ମୁଣ୍ଡରେ ସାର ମାଉସୀ କିପରି ବସିଥାଏ ?
(କ) ଆତ୍ମୀୟପରି (ଖ) ପ୍ରସ୍ତର ମୂର୍ତ୍ତିଟିପରି
(ଗ) ଅକର୍ମା ପରି (ଘ) ପ୍ରିୟାକାଂକ୍ଷୀପରି

Edudisha App



Odisha 1 to 10 All Books App

୧୬। "ସାର ମାଉସୀ" ଲେଖକଙ୍କୁ ଆଗେ କ'ଣ କହି ପଚାରୁଥିଲା ?
(କ) କେବେ ଆସିଲୁ ବାପା ?
(ଖ) କେବେ ଆସିଲୁ ବାବୁ ?
(ଗ) କେବେ ଆସିଲୁ ପୁଅ ?
(ଘ) କେତେବେଳେ ଯିବୁ ବାବୁ ?

୧୭। 'ଗୋବିନ୍ଦାଭାଇ' କି ପ୍ରକାର ଲୋକ ?
(କ) ଆଜୀବନ ଅକର୍ମା ଲୋକ (ଖ) ବିବାହିତ
(ଗ) କର୍ମଠ (ଘ) ବ୍ୟବସାୟୀ

୧୮। ଗୋବିନ୍ଦା ଭାଇର ଛୋଟ କୁଟୀରଟି କେଉଁଠି ଅବସ୍ଥିତ ?
(କ) ଗ୍ରାମ ମଝିରେ (ଖ) ଗ୍ରାମ ମୁଣ୍ଡରେ
(ଗ) ଗ୍ରାମ ଶେଷରେ (ଘ) ଗ୍ରାମ ବାହାରେ

୧୯। କୃଶୋଦର ପଦଟିର ଅର୍ଥ କ'ଣ ?
(କ) ବଡପେଟ (ଖ) ପେଟୁଆ
(ଗ) କ୍ଷୀଣପେଟ (ଘ) ରୋଗିଣା

୨୦। ଲେଖକଙ୍କୁ 'ମନବୋଧ ଚଉତିଶା' କିଏ ଶୁଣାଉଥିଲେ ?
(କ) ଗୋବିନ୍ଦା ଭାଇ (ଖ) ଯଶୋଦା
(ଗ) ସାର ମାଉସୀ (ଘ) ଭକ୍ତ ଚରଣ ଦାସ

୨୧। ପୂର୍ବଜନ୍ମର ଘଟଣାବଳୀକୁ ଯେ ସ୍ମରଣ କରିପାରେ ତାକୁ କ'ଣ କୁହାଯାଏ ?
(କ) ସ୍ମାରକ (ଖ) ପୂର୍ବସ୍ମର
(ଗ) ଜାତିସ୍ମର (ଘ) ସର୍ବସ୍ମର

୨୨। ଗ୍ରାମର ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ନବଯୁବକମାନେ କିପରି ସମୟ ବିତାନ୍ତି ?
(କ) ସୋସିଆଲିଷ୍ଟମାନଙ୍କ ସହିତ ମିଶି
(ଖ) ରାଜନୀତିର ଆଶ୍ରୟ ନେଇ
(ଗ) ସାହିତ୍ୟ ଚର୍ଚ୍ଚାକରି (ଘ) ଚାକିରି କରି

୨୩। ଗ୍ରାମ୍ୟ ଯୁବକମାନଙ୍କ ସହିତ ପଲ୍ଲୀ ପ୍ରକୃତିର ଶୋଭା ଉପଭୋଗ କରିବା ଲେଖକଙ୍କ ପକ୍ଷରେ କାହିଁକି ସମ୍ଭବ ହୁଏ ନାହିଁ ?
(କ) ସେମାନେ ବିଦ୍ରୋହୀ ହୋଇଥିବାରୁ
(ଖ) ସେମାନେ ଲେଖକଙ୍କୁ ଚିହ୍ନି ନଥିବାରୁ
(ଗ) ଗ୍ରାମ୍ୟ ଯୁବକମାନଙ୍କର ମାନସିକ ପରିବର୍ତ୍ତନ ଘଟିଥିବାରୁ
(ଘ) ଗ୍ରାମ୍ୟ ଯୁବକମାନେ ଅପରିଚିତ ହୋଇଥିବାରୁ

୨୪। ଲେଖକ କେଉଁମାନଙ୍କ ମନସହିତ ଗତି କରି ଚାଲିବା ସମ୍ଭବ ନୁହେଁ ବୋଲି କହିଛନ୍ତି ?
(କ) ଅଶିକ୍ଷିତମାନଙ୍କ ସହ
(ଖ) ଗାଁଲୋକମାନଙ୍କ ସହ
(ଗ) ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ନବଯୁବକମାନଙ୍କ ସହ
(ଘ) କୃଷକମାନଙ୍କ ସହ

୨୫। ଗ୍ରାମବାସୀମାନେ କେଉଁ ସମୟରେ ଧରଣୀର ବକ୍ଷଚିରି ନୂଆ ମେଘକୁ ଚାହିଁ ରହିଥାନ୍ତି ?
(କ) ଗ୍ରୀଷ୍ମଋତୁ (ଖ) ଶୀତଋତୁ
(ଗ) ବର୍ଷାଋତୁ (ଘ) ହେମନ୍ତଋତୁ

୨୬। ନିଦାଘର ନିରାଟ ଝାଞ୍ଜିରେ କିଏ ଲଙ୍ଗଳ ଧରି ଲଙ୍ଗଳ ମୁନରେ ଧରଣୀର ବକ୍ଷ ଚିରି ନୂଆ ମେଘକୁ ଚାହିଁଥାନ୍ତି ?
(କ) ଲେଖକ ନିଜେ (ଖ) ଗୋବିନ୍ଦାଭାଇ
(ଗ) ଶିକ୍ଷିତ ଲୋକ (ଘ) କୃଷକ

୨୭। ପ୍ରବନ୍ଧାନୁଯାୟୀ କେଉଁ ପର୍ବରେ ଗ୍ରାମବାସୀମାନେ ଏକାଠି ହୁଅନ୍ତି ?
(କ) ଜନ୍ମାଷ୍ଟମୀ (ଖ) କାର୍ତ୍ତିକ ପୂର୍ଣ୍ଣିମା
(ଗ) ଦୋଳ ପର୍ବ (ଘ) ରଜପର୍ବ

Eduodia App

୨୮। ପଠିତ ପ୍ରବନ୍ଧରେ "ସିକ୍ତ" ଶବ୍ଦର ଅର୍ଥ କ'ଣ ?
(କ) ଓଦା (ଖ) ଶୁଖିଲା
(ଗ) ବାଲିଆ (ଘ) କାଦୁଆ

୨୯। 'ଆୟୁସୂର୍ଯ୍ୟ'– ଏହାର ଠିକ୍ ବ୍ୟାସ ବାକ୍ୟଟି ଚିହ୍ନାଅ ?
(କ) ଆୟୁ ଓ ସୂର୍ଯ୍ୟ (ଖ) ଆୟୁରୂପକ ସୂର୍ଯ୍ୟ
(ଗ) ଯେ ଆୟୁ ସେ ସୂର୍ଯ୍ୟ (ଘ) ଆୟୁ ଅଟେ ସୂର୍ଯ୍ୟ

୩୦। ହେମନ୍ତ ଋତୁରେ ଗ୍ରାମଭୂମି କେଉଁଥିରେ ପରିପୂର୍ଣ୍ଣ ହୋଇ ଶୋଭାପାଏ ?
(କ) ପନିପରିବାରେ (ଖ) ଧନରତ୍ନରେ
(ଗ) ଜଳରେ (ଘ) ସ୍ୱର୍ଣ୍ଣଶୀର୍ଷ ଧାନ୍ୟରେ

୩୧। ଜନ୍ମଭୂମିକୁ ଫେରିଯିବାକୁ ପ୍ରାବନ୍ଧିକଙ୍କ ନିକଟରେ କେଉଁ ସାହସ ନାହିଁ ?
(କ) ଭୌତିକ (ଖ) ନୈତିକ
(ଗ) ଧାର୍ମିକ (ଘ) ହାର୍ଦ୍ଦିକ



Odisha 1 to 10 All Books App

୩୨। ପଠିତ ପ୍ରବନ୍ଧରେ ଆଭିଜାତ୍ୟର ଚିହ୍ନସ୍ୱରୂପ କାହାକୁ ନିଆଯାଇଛି ?
(କ) ଶ୍ରମ କରିବା
(ଖ) ନିରର୍ଥକ ନେକ୍‌ଟାଇ
(ଗ) ଶାରୀରିକ ଶ୍ରମ ନ କରିବା
(ଘ) ଅଧିକ ଅର୍ଥ ଉପାର୍ଜନ କରିବା

୩୩। ଜନ୍ମଭୂମିର କେଉଁ ରୂପ ଲେଖକଙ୍କର ଆଖି ଆଗରେ ଭାସିଯାଏ ?
(କ) ଧାତ୍ରୀଭାବରେ ଲାଳନପାଳନ କରିବା ରୂପ
(ଖ) ଶିକ୍ଷୟିତ୍ରୀ ଭାବରେ ମାର୍ଜିତ ହେବାର ଓ ଶିକ୍ଷା ପ୍ରଦାନ କରିବା ରୂପ
(ଗ) ରାଶି ରାଶି ଶାଳତରୁ ମଧରେ ତଟିନୀ ବେଷ୍ଟିତ ଭଞ୍ଜ କୀର୍ତ୍ତି କିରୀଟିନୀ ମଣ୍ଡିତ ଜନ୍ମଭୂମିର ରୂପ
(ଘ) ଜନ୍ମଭୂମିରେ ଅସହାୟ ହୋଇଥିବା ଲୋକ

୩୪। ଜନ୍ମଭୂମି ପ୍ରବନ୍ଧରେ ପ୍ରାବନ୍ଧିକଙ୍କର ଗ୍ରାମୀଣ କର୍ମଯୋଜନାରେ ଭୌତିକ ଶକ୍ତିର ଅଭାବ ନଥିଲେ ମଧ କେଉଁ ଶକ୍ତିର ଅଭାବ ରହିଛି ବୋଲି କୁହାଯାଇଛି ?
(କ) ଶାରୀରିକ (ଖ) ମାନସିକ
(ଗ) ନୈତିକ (ଘ) ଆର୍ଥିକ

୩୫। କୃଷ୍ଣ କେତେଦିନକୁ କଣ୍ଟକରି ମଥୁରାକୁ ଚିରଦିନପାଇଁ ଯାଇଥିଲେ ?
(କ) ସାତଦିନକୁ (ଖ) ପନ୍ଦର ଦିନକୁ
(ଗ) ଦୁଇ ଦିନକୁ (ଘ) ତିନି ଦିନକୁ

୩୬। ଜନ୍ମଭୂମି ପ୍ରତି ଅନୈତିକତା ବା ବିଶ୍ୱାସ ଘାତକତାଠାରୁ କେଉଁ ମହାପୁରୁଷ ଛାଡ଼ପାଇ ପାରି ନଥିଲେ ?
(କ) ରାମ (ଖ) କୃଷ୍ଣ
(ଗ) ବୁଦ୍ଧ (ଘ) ଯୀଶୁ

୩୭। କିଏ ଶଶିକଳା ପରି ଦୀନା ଓ କ୍ଷୀଣା ହୋଇଯାଇଥିଲେ ?
(କ) ଗୋପୀ ଗୋପାଳ (ଖ) ନନ୍ଦ ଯଶୋଦା
(ଗ) ରାଧା (ଘ) ଯମୁନା

୩୮। ଭଲ ବିଶ୍ୱବାସୀ କହିଲେ କ’ଣ ବୁଝାଯାଏ ?
(କ) ଯେ ଭଲ ଗ୍ରାମବାସୀ
(ଖ) ଯେ ଭଲ ଓଡ଼ିଶା ବାସୀ
(ଗ) ଯେ ସହରବାସୀ
(ଘ) ଯେ ଭଲ ଭାରତବାସୀ

୩୯। ଶ୍ରୀକୃଷ୍ଣ କେଉଁଠାରେ ତାଙ୍କର ଅଭ୍ରଂକଷ ପ୍ରାସାଦ ନିର୍ମାଣ କରିଥିଲେ ?
(କ) ଗୋପପୁରରେ (ଖ) ମଥୁରାରେ
(ଗ) ଦ୍ୱାରକାରେ (ଘ) ହସ୍ତିନାରେ

୪୦। ଏହା ଭିତରେ ମୋର ପୁନର୍ଜନ୍ମ ଘଟିଯାଇଛି, ଏହି ବାକ୍ୟରେ “ମୋର” ପଦଟି କାହା ଉଦ୍ଦେଶ୍ୟରେ ଲେଖାଯାଇଛି ?
(କ) ସାର ମାଉସୀଙ୍କ (ଖ) ଜନନୀଙ୍କ
(ଗ) ପ୍ରାବନ୍ଧିକଙ୍କ (ଘ) ଗୋବିନ୍ଦାଭାଇଙ୍କ

୪୧। ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ’ଣ ହୋଇଥିଲା ?
(କ) ସମସ୍ତେ ସୁଖରେ ରହିଥିଲେ
(ଖ) ପ୍ରଭାସ ତୀର୍ଥରେ ଏରକାର ବନରେ ପରସ୍ପର ହଣାହଣି ହୋଇ ଧ୍ୱସ୍ତ ହୋଇଗଲେ
(ଗ) ଶ୍ରୀକୃଷ୍ଣଙ୍କୁ ସମସ୍ତେ ପୂଜା କଲେ
(ଘ) ସମସ୍ତେ ପ୍ରଭାସ ତୀର୍ଥରେ ଯଜ୍ଞ କଲେ

୪୨। ମହାଭାରତର କର୍ଣ୍ଣଧାର କିଏ ଥିଲେ ?
(କ) ଅର୍ଜ୍ଜୁନ (ଖ) ଯୁଧିଷ୍ଠିର
(ଗ) ଦୁର୍ଯ୍ୟୋଧନ (ଘ) ଶ୍ରୀକୃଷ୍ଣ

୪୩। ଗୋପପୁରରେ ଶ୍ରୀକୃଷ୍ଣଙ୍କର ଚର୍ମପାଦୁକା କାହିଁକି କଠିନ ହୋଇଯାଇଥିଲା ?
(କ) ପଥରକାମ ଦ୍ୱାରା (ଖ) କୃଷିକାର୍ଯ୍ୟ ଦ୍ୱାରା
(ଗ) ଗୋ-ଚାରଣ ଦ୍ୱାରା (ଘ) କାଠହଣା ଦ୍ୱାରା

୪୪। ମନୁଷ୍ୟକୁ ସବୁବେଳେ କ’ଣ ବୋଲି କହିବା ଠିକ୍ ନୁହେଁ ?
(କ) ସ୍ୱାର୍ଥପର ଜୀବ (ଖ) ଶ୍ରେଷ୍ଠ ଜୀବ
(ଗ) ଯୁକ୍ତିବାଦୀ ଜୀବ (ଘ) ଅବିଶ୍ୱାସୀ ଜୀବ

୪୫। ଭଞ୍ଜକୀର୍ତ୍ତି କହିଲେ କ’ଣ ବୁଝ ?
(କ) ଭଞ୍ଜମାନଙ୍କର କୀର୍ତ୍ତି
(ଖ) ମୟୂରଭଞ୍ଜକୀର୍ତ୍ତି
(ଗ) ମୟୂରଭଞ୍ଜ ରାଜାଙ୍କ କୀର୍ତ୍ତି
(ଘ) ମୟୂରଭଞ୍ଜର ଭଞ୍ଜବଂଶର କୀର୍ତ୍ତି

୪୬। ଜନ୍ମଭୂମି ପ୍ରବନ୍ଧରେ ଲେଖକ ନବାଗତ ଅତିଥି ବୋଲି କେଉଁମାନଙ୍କୁ ଲକ୍ଷ୍ୟକରି କହିଛନ୍ତି ?
(କ) ଶିଶୁମାନଙ୍କୁ (ଖ) ଯୁବକମାନଙ୍କ
(ଗ) ବଧୂମାନଙ୍କୁ (ଘ) ବୃଦ୍ଧମାନଙ୍କୁ

Eduodia App



Odisha 1 to 10 All Books App

୪୭। ନିମ୍ନୋକ୍ତ ମଧ୍ୟରୁ କିଏ ଅଷ୍ଟପାଟବଂଶୀ ନୁହନ୍ତି ?
(କ) ସତ୍ୟଭାମା (ଖ) ମିତ୍ରବିନ୍ଦା
(ଗ) ଜାମ୍ବବତୀ (ଘ) ଅହଲ୍ୟା

୪୮। ଏଟ୍‌ଲାସ୍ କାହାର ଦେବତା ଅଟନ୍ତି ?
(କ) ଗ୍ରୀସୀୟ (ଖ) ମିଶରୀୟ
(ଗ) ଭାରତୀୟ (ଘ) ଇଉରୋପୀୟ

୪୯। ଭଗବାନ କୃଷ୍ଣଙ୍କର ---- ପଦପଲ୍ଲବରେ ଶରାଘାତ ହେତୁ ରକ୍ତ ବହିଲା ।
(କ) ଦୋଳାୟମାନ (ଖ) ସ୍ତୁପୀକୃତ
(ଗ) ସ୍ୱର୍ଣ୍ଣଶୀର୍ଷ (ଘ) ଅଭ୍ରଂକଷ

୫୦। କେଉଁମାନେ ଆମର ନମସ୍ୟ ?
(କ) ଯେଉଁମାନେ ସଭ୍ୟତାର ଚରମ ସୀମାରେ ପହଞ୍ଚିଛନ୍ତି
(ଖ) ଯେଉଁମାନେ ପ୍ରଚୁର ଧନର ଅଧିକାରୀ ହୋଇଛନ୍ତି
(ଗ) ଯେଉଁମାନେ ନିଜର ମହାନୁଭବତାର ପରିଧିକୁ ପଲ୍ଲୀଗ୍ରାମରୁ ଆରମ୍ଭ କରି ବିଶ୍ୱ ପର୍ଯ୍ୟନ୍ତ ବ୍ୟାପ୍ତ କରିଛନ୍ତି
(ଘ) ଯେଉଁମାନେ ରାଜନୀତିର ଊର୍ଦ୍ଧ୍ୱରେ ଅଛନ୍ତି

## ଉତ୍ତର

୧।(କ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
୨।(ଖ) ପ୍ରବନ୍ଧ ମାନସ
୩।(ଗ) ଜନ୍ମଭୂମି
୪। (ଖ) ଜନ୍ମଭୂମିରୁ
୫।(ଘ) ଚାଉଳ
୬।(କ) ଜନ୍ମଭୂମି
୭।(ଗ) ଘନିଷ୍ଠ
୮।(ଘ) ପ୍ରାବନ୍ଧିକ
୯।(ଗ) ପଲ୍ଲୀଗ୍ରାମର
୧୦।(ଘ) ସାହସ
୧୧।(କ) ମାନବିକତା
୧୨।(ଗ) ସଂଖ୍ୟାତୀତ ଶିକ୍ଷିତ ବ୍ୟକ୍ତିଙ୍କୁ
୧୩।(ଘ) ଏକପରିବାରତ୍ୱ
୧୪।(କ) ସାର ମାଉସୀ
୧୫।(ଖ) ପ୍ରସ୍ତର ମୂର୍ତ୍ତିଟି ପରି
୧୬।(କ) କେବେ ଆସିଲୁ ବାପା
୧୭।(କ) ଆଜୀବନ ଅକର୍ମା
୧୮।(କ) ଗ୍ରାମ ମଝିରେ
୧୯।(ଗ) କ୍ଷୀଣ ପେଟ
୨୦।(କ) ଗୋବିନ୍ଦା ଭାଇ
୨୧।(ଗ) ଜାତିସ୍ମର
୨୨।(ଖ) ରାଜନୀତିର ଆଶ୍ରୟ ନେଇ
୨୩।(ଗ) ଗ୍ରାମ୍ୟ ଯୁବକମାନଙ୍କର ମାନସିକ ପରିବର୍ତ୍ତନ ଘଟିଥିବାରୁ
୨୪।(ଗ) ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ନବଯୁବକମାନଙ୍କ ସହ
୨୫।(କ) ଗ୍ରୀଷ୍ମଋତୁ
୨୬।(ଘ) କୃଷକ
୨୭।(ଘ) ରଜପର୍ବ
୨୮।(କ) ଓଦା
୨୯।(ଖ) ଆୟୁ ରୂପକ ସୂର୍ଯ୍ୟ
୩୦।(ଘ) ସ୍ୱର୍ଣ୍ଣଶୀର୍ଷ ଧାନ୍ୟରେ
୩୧।(ଖ) ନୈତିକ
୩୨।(ଖ) ନିରର୍ଥକ ନେକ୍‌ଟାଇ
୩୩।(ଗ) ରାଶି ରାଶି ଶାଳତରୁ ମଧ୍ୟରେ ତଟିନୀ ବେଷ୍ଟିତ ଭଞ୍ଜକୀର୍ତ୍ତି କିରୀଟିନୀ ମଣ୍ଡିତ ଜନ୍ମଭୂମିର ରୂପ
୩୪।(ଗ) ନୈତିକ
୩୫।(ଘ) ତିନି ଦିନକୁ
୩୬।(ଖ) କୃଷ୍ଣ
୩୭।(ଗ) ରାଧା
୩୮।(କ) ଯେ ଭଲଗ୍ରାମବାସୀ
୩୯।(ଗ) ଦ୍ୱାରକାରେ
୪୦।(ଗ) ପ୍ରାବନ୍ଧିକଙ୍କ
୪୧।(ଖ) ପ୍ରଭାସତୀର୍ଥରେ ଏରକାର ବନରେ ପରସ୍ପର ହଣାହଣି ହୋଇ ଧ୍ୱସ୍ତ ହୋଇଗଲେ
୪୨।(ଘ) ଶ୍ରୀକୃଷ୍ଣ
୪୩।(ଗ) ଗୋ-ଚାରଣ ଦ୍ୱାରା
୪୪।(ଗ) ଯୁକ୍ତିବାଦୀ ଜୀବ



Eduodia App

Odisha 1 to 10 All Books App

୪୫।(ଘ) ମୟୂରଭଞ୍ଜର ଭଞ୍ଜବଂଶର କୀର୍ତ୍ତି

୪୬।(କ) ଶିଶୁମାନଙ୍କୁ

୪୭।(ଘ) ଅହଲ୍ୟା

୪୮।(କ) ଗ୍ରୀସୀୟ

୪୯।(କ) ଦୋଳାୟମାନ

୫୦।(ଗ) ଯେଉଁମାନେ ନିଜର ମହାନୁଭବତାର ପରିଧିକୁ ପଲ୍ଲୀଗ୍ରାମରୁ ଆରମ୍ଭକରି ବିଶ୍ୱ ପର୍ଯ୍ୟନ୍ତ ବ୍ୟାପ୍ତ କରିଛନ୍ତି ।

## ସପ୍ରସଙ୍ଗ ସରଳାର୍ଥ

**ପ୍ର.୧। ପ୍ରସଙ୍ଗ ନିର୍ଦ୍ଦେଶପୂର୍ବକ ସରଳାର୍ଥ ଲେଖ ।**

**ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।**

**ଉ.** ଶଂସିତ ଗଦ୍ୟାଂଶଟି ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ରଚିତ 'ପ୍ରବନ୍ଧ ମାନସ' ରୁ ସଂଗୃହୀତ ଜନ୍ମଭୂମି ଶୀଷର୍କ ଗଦ୍ୟଭାଗରୁ ଗୃହୀତ । ନବଶିକ୍ଷିତ ଗୋଷ୍ଠୀ ଚାକିରି ବା ସେହିପରି କିଛି ଜୀବନ ଜୀବିକା ଉଦ୍ଦେଶ୍ୟରେ ନିଜ ଜନ୍ମଭୂମିକୁ ଛାଡ଼ି ଦୂର ବିଦେଶ ଚାଲିଯାଇଥାନ୍ତି ମାତ୍ର ସେମାନେ ଜନ୍ମଭୂମିକୁ ଫେରନ୍ତି ନାହିଁ । ଏହିପରି କାର୍ଯ୍ୟ କରିଥିବା ଶ୍ରୀକୃଷ୍ଣଙ୍କୁ କିପରି ପରିଣାମ ଭୋଗିବାକୁ ହେଲା ତାହା ଏଠାରେ ପ୍ରାବନ୍ଧିକ ବର୍ଣ୍ଣନା କରିଛନ୍ତି ।

ଗ୍ରାମଭୂମିରେ ଜନ୍ମ ହୋଇଥିବା ଶିଶୁଟିଏ ସେହି ଭୂମିରୁ ପାଣି-ପବନ-ଖାଦ୍ୟ ଗ୍ରହଣକରି ବୟଃ ପ୍ରାପ୍ତ ହୁଏ । ଗ୍ରାମ୍ୟ ଜୀବନରେ ଥିବା ଲୋକମାନଙ୍କର ଆଶା ଭରସାର ପାତ୍ର ହୋଇଥାଏ । ଭାଗ୍ୟବଳ-ଅର୍ଥବଳ କିମ୍ବା ଅଧ୍ୟବସାୟ ବଳରେ ଗ୍ରାମଭୂମିରେ ଯେଉଁ ଉଦୀୟମାନ ପ୍ରତିଭାର ବିକାଶ ଘଟେ । ଶିକ୍ଷାଲାଭ ପରେ ସେହି ଶିକ୍ଷିତ ବ୍ୟକ୍ତିଟି ଗ୍ରାମଠାରୁ ଦୂରେଇଯାଏ । ଏତେ ଦୂରେଇ ଯାଏ ଯେ ନିଜ ଜନ୍ମଭୂମି ସହ ମନ-କର୍ମ-ଯୋଜନାରେ କାହାରି ସହ ସଂପର୍କ ରଖିପାରେ ନାହିଁ । ଏହାର ପରିଣାମ ଅତ୍ୟନ୍ତ ଖରାପ ହୋଇଥାଏ । ପ୍ରସଙ୍ଗତଃ କୁହାଯାଇଛି ଶ୍ରୀକୃଷ୍ଣଙ୍କ ପରି ମହାପୁରୁଷ ଏହିପରି ଜନ୍ମଭୂମି ପ୍ରତି କରିଥିବା ବିଶ୍ୱାସଘାତକତାରୁ ମୁକ୍ତି ପାଇ ପାରିନାହାନ୍ତି । ଶ୍ରୀକୃଷ୍ଣ ତିନିଦିନ ପାଇଁ ମଥୁରା ଯାଉଛନ୍ତି କହି ଗଲେ ଯେ ଆଉ ଫେରିଲେ ନାହିଁ । ମହାଭାରତ ଯୁଦ୍ଧ ଦ୍ୱାରକାରେ ରାଜଭୋଗ କରି ଗୋପପୁରକୁ ଭୁଲିଗଲେ । ମାତ୍ର ପରିଣାମ ହେଲା ଏରକାର ବନରେ ଆତ୍ମୀୟଗଣ ପରସ୍ପର ମଧ୍ୟରେ ଯୁଦ୍ଧରତ ହୋଇ ନଷ୍ଟ ହେଲେ । କ୍ଳାନ୍ତ ଶ୍ରୀକୃଷ୍ଣ ଲତିକାଦୋଳାରେ ବିଶ୍ରାମ ନେଉଥିବା ବେଳେ ଅଭିଶାପ ପରି ବ୍ୟାଧର ଶର ତାଙ୍କୁ ଆଘାତ କଲା । ମାତ୍ର ପୂର୍ବପରି ତାଙ୍କର ଜନ୍ମଭୂମି ରହିଛି । ଯମୁନା ନଦୀ ବହୁଛି । କଦମ୍ବବନ ଅଛି । ମୟୂରର ନୃତ୍ୟ ଅଛି । ନାହାନ୍ତି କୃଷ୍ଣ । ଜନ୍ମଭୂମି ପ୍ରତି ମମତା ଓ କର୍ତ୍ତବ୍ୟବୋଧ ରହିବା ଆବଶ୍ୟକ ବୋଲି ପ୍ରାବନ୍ଧିକ ଏଠାରେ ଦର୍ଶାଇଛନ୍ତି ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧। ପଲ୍ଲୀକୋଳକୁ ଫେରିବାରେ ତାଙ୍କର ନୈତିକ ସାହସ ନାହିଁ ବୋଲି ଲେଖକ କାହିଁକି କହିଛନ୍ତି ?**

**ଉତ୍ତର** – ଓଡ଼ିଆ ଭାଷା ସାହିତ୍ୟର ଭାଗ୍ୟାକାଶରେ ଆଧୁନିକ ଯୁଗର ପ୍ରବନ୍ଧଗୁଡ଼ିକର କଳେବର ଯେଉଁ ସାଧକଗଣଙ୍କର ଶ୍ରମଶକ୍ତି ସାଧନାରେ ସୁରଭିତ ଓ ରସସିକ୍ତ ହୋଇଛି ସେମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ପ୍ରାଣିଗ୍ରାହୀ ଅଗ୍ରଗଣ୍ୟ । 'ଜନ୍ମଭୂମି' ତାଙ୍କର ରଚିତ 'ପ୍ରବନ୍ଧମାନସ' ପୁସ୍ତକରୁ ଗୃହୀତ । ଆଲୋଚ୍ୟ ଗଦ୍ୟାଂଶରେ ତଥାକଥିତ ଶିକ୍ଷିତ ଶ୍ରେଣୀର ପଲ୍ଲୀ ପ୍ରତ୍ୟାଗମନର ନୈତିକତାର ଅଭାବ ସମ୍ବନ୍ଧରେ ଅବତାରଣା କରାଯାଇଛି ।

ପ୍ରାବନ୍ଧିକ ଯେଉଁ ଅଖ୍ୟାତ ପଲ୍ଲୀରେ ମାତୃଗର୍ଭରୁ ଜନ୍ମଲାଭ କରି ଧୂଳିର ଧରଣୀ ସ୍ପର୍ଶଲାଭ କଲେ ସେହି ତାଙ୍କର ଜନ୍ମଭୂମି । ଏହି ପଲ୍ଲୀଭୂମି ତାଙ୍କୁ ରୂପ, ରସ, ଗନ୍ଧ ଓ ସ୍ପର୍ଶରେ ଆଦ୍ୟ ଇନ୍ଦ୍ରିୟାନୁଭୂତିକୁ ପରିଚୟ କରାଇଥିଲା । ତାଙ୍କର ଶିଶୁପ୍ରାଣକୁ ଫଳ, ଫୁଲ, ଶାକ, ତଣ୍ଡୁଳରେ ପରିପୁଷ୍ଟ କରିଥିବା ପଲ୍ଲୀ ମାତା ହିଁ ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ ରୂପେ ପୂଜ୍ୟା, ବନ୍ଦନୀୟା ଓ ନମସ୍ୟା । ପରନ୍ତୁ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଉଚ୍ଚଶିକ୍ଷିତ ହେବାର କାମନା ନେଇ ପଲ୍ଲୀଭୂମି ତ୍ୟାଗ କରି ସହରାଭିମୁଖୀ ହୋଇ ଶେଷରେ କର୍ମକ୍ଷେତ୍ରର ମୋହରେ ସଂପୂର୍ଣ୍ଣରୂପେ ନିଜର ଜନ୍ମଭୂମିଠାରୁ ଦୂରେଇ ଯାଇଛନ୍ତି । ଯେଉଁଠାକୁ ଫେରିଯିବାର ନୈତିକ ସାହସ ଜୁଟାଇପାରି ନାହାନ୍ତି । ଏହା ହିଁ ହୋଇଛି ଆଜିର ସମାଜର ସ୍ରୋତ, ଏହି କଥାକୁ ସ୍ୱୀକାର କରି ପ୍ରାବନ୍ଧିକ କହିଛନ୍ତି– "ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣପରି ମୁଁ ଭାସି ଚାଲିଛି ।"

ବାସ୍ତବରେ ପଲ୍ଲୀଭୂମି ହେଉଛି ଶ୍ରଦ୍ଧା, ସ୍ନେହ, ଶକ୍ତି ଓ ପ୍ରେମର ନିସର୍ଗ ନିଳୟ । ସେଠାରେ ବାସିନ୍ଦାମାନଙ୍କଠାରେ ଭାଇ-ଭଉଣୀ ଡାକ ମଧ୍ୟରେ ଏକପରିବାରତ୍ୱ ଭାବ ପୂରି ରହିଥାଏ । ତାଙ୍କ ପାଇଁ ନଥାଏ ସାର ମାଉସୀର ସ୍ନେହ ବା ଗୋବିନ୍ଦା ଭାଇର ବିଶ୍ୱାସ, ଶିଶୁମାନଙ୍କ ପାଇଁ ସେ ହୋଇଥାନ୍ତି ଆଫ୍ରିକାର ଜେବ୍ରା ବା ଜିରାଫ୍ । ଅଭିଜାତ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇ ସେ କେବଳ ଜାତିସ୍ମର ହୋଇ ପଲ୍ଲୀ ଜୀବନକୁ ସ୍ମରଣ କରିଥାନ୍ତି । ସମସ୍ତ ଶାରୀରିକ ଶକ୍ତି ଥିଲେ ମଧ୍ୟ ଶିକ୍ଷିତ ସନ୍ତାନ ନୀତିଗତ ଭାବରେ ଆଗେଇ ଆସନ୍ତି ନାହିଁ ।



Odisha 1 to 10 All Books App

ପାଶ୍ଚାତ୍ୟ ସଭ୍ୟତାପ୍ରେମୀ ଏହି ଶିକ୍ଷିତ ଶ୍ରେଣୀ ପକ୍ଷରେ ଗ୍ରାମାଭିମୁଖୀ ହେବା ବାସ୍ତବରେ ଅସମ୍ଭବ । ଏହାହିଁ ଲେଖକ ଅବତାରଣା କରିଛନ୍ତି ।

**୨। ମନୁଷ୍ୟଙ୍କୁ ବହୁ ପରିମାଣରେ ପରମ୍ପରାର ଦାସ ବୋଲି କହିବାର ଯଥାର୍ଥତା କ'ଣ ?**

**ଉତ୍ତର** – ବିଂଶ ଶତାବ୍ଦୀର ଉତ୍କଳ ଗଦ୍ୟସାହିତ୍ୟ ଯେଉଁ ଲେଖକଗଣଙ୍କର ସମୃଦ୍ଧ ତଥା ସାରସ୍ୱତ ଲେଖନୀରେ ଋଦ୍ଧିମନ୍ତ, ସେମାନଙ୍କ ମଧ୍ୟରେ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅବିସ୍ମରଣୀୟ । ଜଣେ ବିଶଷ୍ଟ ସାହିତ୍ୟିକ, ଉନ୍ନତ ଗବେଷକ ତଥା ପ୍ରଖ୍ୟାତ ଐତିହାସିକ ରୂପେ ସେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ । ସାହିତ୍ୟ ସାଧକରେ ଚିତ୍ତ ତଲ୍ଲୀନ ଏହି ପ୍ରଜ୍ଞାପୁରୁଷଙ୍କର ଲେଖନୀ ଯେଭଳି ବାସ୍ତବଧର୍ମୀ ସେହିଭଳି ପ୍ରାଣସ୍ପର୍ଶୀ । 'ଜନ୍ମଭୂମି' ପ୍ରବନ୍ଧଟି ତାଙ୍କ 'ପ୍ରବନ୍ଧମାନସ' ପୁସ୍ତକରୁ ଗୃହୀତ । ପଠିତାଂଶଟିରେ ପ୍ରାବନ୍ଧିକ ଶିକ୍ଷିତ ମନୁଷ୍ୟ ଚରିତ୍ରର ଗତାନୁଗତିକତାର ଚିତ୍ର ଅଙ୍କନ କରିଛନ୍ତି ।

ପ୍ରାବନ୍ଧିକଙ୍କ ଭାଷାରେ "ମନୁଷ୍ୟଙ୍କୁ ସବୁବେଳେ ଯୁକ୍ତିବାଦୀ ଜୀବ ବୋଲି କହିବା ଠିକ୍ ନୁହେଁ; ସେହି ବହୁ ପରିମାଣରେ ଗତାନୁଗତିକତାର ଦାସ" । ମନୁଷ୍ୟ ଏକ ଯୁକ୍ତବାଦୀ ଜୀବ, ବିନା ଯୁକ୍ତି ବା ତର୍କରେ ସେ କୌଣସି କଥା ଗ୍ରହଣ କରେ ନାହିଁ । ପରନ୍ତୁ ସେ ସାଜେ ପରମ୍ପରାର ଦାସ – ଏହା ହିଁ ବିଧିର ବିଡ଼ମ୍ବନା । ଗତାନୁଗତିକତାର ଅନ୍ଧାନୁସରଣ ମଧ୍ୟରେ ସେ ନିଜର ବ୍ୟକ୍ତିତ୍ୱକୁ ନିର୍ବିକାରେ ବଳିଦିଏ । ଏହା ଆମ ତଥାକଥିତ ଶିକ୍ଷିତ ଶ୍ରେଣୀର ଧର୍ମରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯାହା ଚଳିଆସୁଛି, ତାହାକୁ ହିଁ ଜଣେ ଶିକ୍ଷିତ ଶ୍ରେଣୀ ଅଭିଜାତ୍ୟର ଚିହ୍ନ ରୂପେ ଗ୍ରହଣ କରି ତା'ର ଦାସରୂପେ ଦଣ୍ଡାୟମାନ ହୋଇଛି । କାୟ-କ୍ଲେଶ ସହିବାର କ୍ଷମତା ଥିଲେ ମଧ୍ୟ ଶିକ୍ଷିତ ମଣିଷ ତାଙ୍କୁ ସହ୍ୟ କରିଥାଏ । ସେ ପରମ୍ପରାକୁ ସମ୍ମାନଦେବା ଏକାନ୍ତ ଜରୁରୀ ଏହା ବିଚାର କରିବା ଆବଶ୍ୟକ ।

ଏଣୁ ମଣିଷର ପରମ୍ପରାରେ ସମାଜ ରହିଛି, ନୀତି ରହିଛି, ନୈତିକତା ରହିଛି ଧର୍ମଧାରଣା ରହିଛି ସମାଜିକ ସତ୍ୟକୁ ଅସ୍ୱୀକାର କରିବା ଅର୍ଥ ପରମ୍ପରାକୁ ଅସ୍ୱୀକାର କରିବା, ଏଥିପାଇଁ ଶିକ୍ଷିତ ମାନବ ତା'ର ସାମାଜିକ ନୀତି ରୀତି ଓ ପରମ୍ପରାକୁ ମଧ୍ୟ ସମ୍ମାନ ଦେବା ସମୀଚୀନ ବୋଧ ହୋଇଥାଏ ।

**୩। ପଲ୍ଲୀର ଶିକ୍ଷିତ ସଂପ୍ରଦାୟ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ତୁଳନା କେତେଦୂର ଯୁକ୍ତିଯୁକ୍ତ ବୁଝାଇ ଲେଖ ।**

**ଉତ୍ତର** – ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସ୍ୱୀୟ ସାରସ୍ୱତ ସାଧନାରେ ତାଙ୍କ ସୃଜନଶୀଳତାରେ ସୃଷ୍ଟିକୁ ସମୃଦ୍ଧ କରିଯାଇଛନ୍ତି । ଜଣେ ଅନ୍ତର୍ମୁଖୀ ଗବେଷକ ଅନୁସନ୍ଧାନଶୀଳ ଐତିହାସିକ ଓ ସୁନାମଧନ୍ୟ ଶିକ୍ଷକ ରୂପେ ସେ ଅମ୍ଳାନ ଗୌରବର ଅଧିକାରୀ ଅଟନ୍ତି । ତାଙ୍କ 'ପ୍ରବନ୍ଧମାନସ' ପ୍ରବନ୍ଧରୁ ସଂଗୃହୀତ । 'ଜନ୍ମଭୂମି' ପ୍ରବନ୍ଧରେ ପ୍ରାବନ୍ଧିକ ଆଜିର ଶିକ୍ଷିତମାନଙ୍କୁ ଶ୍ରୀକୃଷ୍ଣଙ୍କ ସହିତ ତୁଳନା କରି ସେମାନଙ୍କୁ ସଚେତନ କରି ଗ୍ରାମାଭିମୁଖୀ କରିବା ପାଇଁ ପ୍ରୟାସ କରିଛନ୍ତି ।

ଆଜିର ଶିକ୍ଷିତ ସମାଜ ଚାକଚକ୍ୟପୂର୍ଣ୍ଣ ସହରୀ ସଭ୍ୟତା ମଧ୍ୟରେ ବିଳାସପୂର୍ଣ୍ଣ ଜୀବନଯାପନ କରି ଭୁଲିଯାଉଛି ତା'ର ପଲ୍ଲୀଜନନୀକୁ, ଯେଉଁ ପଲ୍ଲୀ କୋଳରେ ସେ ସାନରୁ ବଡ଼ ହୋଇଥିଲେ । ପଲ୍ଲୀବାସୀଙ୍କ ସ୍ନେହସଦିଚ୍ଛା ପାଇ ଭାଗ୍ୟ ବା ଅଧ୍ୟବସାୟ ବଳରେ ସେ ପଲ୍ଲୀ ବାସୀଙ୍କ ଆଶା ଭରସାରେ କେନ୍ଦ୍ର ହୋଇଥିଲେ । ପରନ୍ତୁ ଶିକ୍ଷା ସମାପ୍ତିପରେ ସେ ଧନ ଉପାର୍ଜନ ନିମନ୍ତେ ସହରକୁ ଆସି ଭୁଲିଯାଇଛି ତା'ର ପଲ୍ଲୀଜୀବନକୁ । ଶିକ୍ଷିତ ସମାଜର ଏହି ପଲ୍ଲୀତ୍ୟାଗ କରି ସହରାଭିମୁଖୀ ହେବାର ଘଟଣାକୁ ଲେଖକ ଶ୍ରୀକୃଷ୍ଣଙ୍କ ସହିତ ତୁଳନା କରିଛନ୍ତି ।

ଲୀଳାପୁରୁଷୋତ୍ତମ ଶ୍ରୀକୃଷ୍ଣ ନନ୍ଦ, ଯଶୋଦା ଓ ଗୋପଗୋପାଳମାନଙ୍କ ଅସୀମ ସ୍ନେହର ହୋଇଥିଲେ ପରିପାଳିତ । ଗୋପପୁରର ସେଥିରେ ଆଶା ଭରସାର କେନ୍ଦ୍ରବିନ୍ଦୁ, କିନ୍ତୁ ତିନିଦିନକୁ କଣ୍ଟ କରି ଗୋପପୁର ଛାଡ଼ି ମଥୁରାକୁ ଗଲେ । ଆଉ ଗୋପପୁର ଫେରି ନଥିଲେ । ତାଙ୍କ ବିଚ୍ଛେଦରେ ନନ୍ଦ, ଯଶୋଦାଙ୍କ ଚକ୍ଷୁ ଅନ୍ଧୀଭୂତ ହେବା ସହ ପ୍ରେମମୟୀ ରାଧା ଶଶିକଳା ପରି ଦୀନା ଓ କ୍ଷୀଣା ହୋଇଗଲେ । ପଲ୍ଲୀ ଶିକ୍ଷିତ ଯୁବକ ସହରରେ ଅବସ୍ଥାନ କରିବା ପରି ଶ୍ରୀକୃଷ୍ଣ ଗୋପପୁରରୁ ମଥୁରା ଯାଇ ସେଠାରୁ ଗଲେ ଦ୍ୱାରକା, ସେଠାରେ ସେ ବିଶାଳ ରାଜ୍ୟ ଅପରିସୀମ ବିଭବ, ଅଭ୍ରଂକଷ ରାଜପ୍ରାସାଦ ଓ ଅଷ୍ଟପାଟବଂଶୀ ତଥା ଅଗଣିତ ପୁତ୍ରକନ୍ୟାର ଅଧିକାରୀ ହେଲେ ।

ଗୋପପୁର ପ୍ରତି କରିଥିବା ବିଶ୍ୱାସଘାତକତାର କୁପରିଣତି ସ୍ୱରୂପ ତାଙ୍କ ଅଭ୍ରଂକଷ ପ୍ରାସାଦ ଜଳଧିତଳରେ ନିମଗ୍ନ ହୋଇଗଲା । ଶେଷରେ ରାଜ୍ୟ, ଧନ, ଗୃହ ଓ ପୁତ୍ରକନ୍ୟା ହୀନ ହୋଇ ନିବିଡ଼ ଅରଣ୍ୟରେ ଲତିକା-ଦୋଳାରେ ଅବଶ ଅଙ୍ଗକୁ ଢାଳିଦେଲେ । କିନ୍ତୁ ଶେଷରେ ସୁଦ୍ଧା ଶାନ୍ତିରେ ରହିପାରିଲେ ନାହିଁ । ଅଳ୍ପସମୟ ପରେ ଅଭିଶାପ ପରି ବ୍ୟାଧର ତୀରରେ ସେ ଆଘାତପ୍ରାପ୍ତ ହେଲେ; ଏହା ତାଙ୍କର କୃତକର୍ମର ପରିଣାମ । ଶିକ୍ଷିତମାନଙ୍କର କାର୍ଯ୍ୟକଳାପରେ ମଧ୍ୟ ସେଭଳି ଅନୈତିକତା ଓ ବିଶ୍ୱାସଘାତକତା ଦେଖିବାକୁ ମିଳେ । ଶ୍ରୀକୃଷ୍ଣଙ୍କର ଶେଷ ପରିଣତି ପ୍ରତି ମଧ୍ୟ ଲେଖକ ଶିକ୍ଷତମାନଙ୍କୁ ସତର୍କ କରାଇଛନ୍ତି ।

ବାସ୍ତବରେ ପ୍ରବନ୍ଧଟିର ଯୁଗୋପଯୋଗିତା ଅନସ୍ୱୀକାର୍ଯ୍ୟ ।



Odisha 1 to 10 All Books App

**୪। ଜନ୍ମଭୂମି ପ୍ରବନ୍ଧରେ ଲେଖକ ଶିକ୍ଷିତ ସମାଜକୁ କି ପରାମର୍ଶ ଦେଇଛନ୍ତି ?**

**ଉତ୍ତର** – କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓଡ଼ିଆ ସାହିତ୍ୟରେ ଜଣେ ଅନନ୍ୟ ସାଧକ । ମୟୂରଭଞ୍ଜର ଖିଚିଂରେ ଜନ୍ମଗ୍ରହଣ କରିଥିବା ଲେଖକ ନିଜର ମାତୃଭୂମି ପ୍ରତି ଯଥାର୍ଥ କର୍ତ୍ତବ୍ୟ ସଂପାଦନରେ ତ୍ରୁଟି ଆଚରଣ କରି ଅନୁତପ୍ତ– ଏଥିପାଇଁ ଭାବୀ ନାଗରିକଗଣଙ୍କୁ ଆହ୍ୱାନ ଦେଇ ସେହିଭଳି ତ୍ରୁଟିର ପୁନରାବୃତ୍ତି ନ କରିବା ନିମନ୍ତେ ସଚେତନ କରିଛନ୍ତି । ଉକ୍ତ ପ୍ରବନ୍ଧରେ ପ୍ରାବନ୍ଧିକ ନିଜସ୍ୱ ଅଭିଜ୍ଞତା ବର୍ଣ୍ଣନା କରିବା ଫଳରେ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ ଯୁବକମାନଙ୍କୁ ପ୍ରକାରାନ୍ତରେ ଅନେକ ସୁପରାମର୍ଶ ଦେଇଛନ୍ତି ।

ଶିକ୍ଷିତ ବ୍ୟକ୍ତିଗଣ ଅନୁଭବ କରିବା ଉଚିତ ଯେ ଭୂମିଷ୍ଠ ହେବା ପରେ ଯେଉଁଠାରେ ରୂପ, ରସ, ଗନ୍ଧ, ସ୍ପର୍ଶର ପ୍ରଥମ ପରିଚୟ ପାଇଲେ ଯେଉଁ ଜନନୀର ଫଳ, ମୂଳ, ଶାକ, ତଣ୍ଡୁଳ ସେମାନଙ୍କର ଶିଶୁମାନଙ୍କୁ ପୁଷ୍ଟକଲା ସେ ଜନନୀ ଓ ଶିକ୍ଷୟିତ୍ରୀ । ଏଣୁ ଶିକ୍ଷିତ ବ୍ୟକ୍ତିଗଣ ଏହି ଜନ୍ମଭୂମିଠାରୁ ସମ୍ପର୍କ ତୁଟାଇବା ଉଚିତ୍ ନୁହେଁ ।

ଦ୍ୱିତୀୟତଃ, ଗ୍ରାମ ଭିତରେ ଗଢ଼ି ଉଠିଥାଏ ଏକପରିବାରତ୍ୱର ମହାନ ପରମ୍ପରା । କେହି ଭାଇ, କେହି ଭଉଣୀ, କେହି କକା, କେହି ଖୁଡ଼ି ଇତ୍ୟାଦି ଭାବରେ ପାରସ୍ପରିକ ସମ୍ପର୍କରେ ଆବଦ୍ଧ ରହି ଏକ ଏକ ପରିବାରତ୍ୱ ଅନୁଭବ କରିଥାନ୍ତି । ଏହି ଏକତ୍ୱବୋଧ ମାନବିକ ଜୀବନରେ ଯେଉଁ ପ୍ରଶାନ୍ତି ଭରିଦିଏ ତାହା କେବଳ ଅନୁଭବୀ ହିଁ ଜାଣେ, ଶିକ୍ଷିତମାନଙ୍କର କ୍ରମାଗତ ଅନୁପସ୍ଥିତି ଗ୍ରାମ ପରାମ୍ପରାକୁ ନଷ୍ଟକରିଛି । ଏଣୁ ସେମାନେ ଗ୍ରାମ ସହ ସମ୍ପର୍କ ରକ୍ଷା କରି ଗ୍ରାମବାସୀଙ୍କ ସୁଖ ଦୁଃଖରେ ସହଭାଗୀ ହୋଇପାରିଥିଲେ ଉକ୍ତ ସଂସ୍କୃତି ପୁନର୍ଜୀବନ ଲାଭ କରିପାରିବ ।

ତୃତୀୟତଃ, ଗ୍ରାମବାସୀଙ୍କ ଶାରୀରିକ ଶ୍ରମ ଯୋଜନାରେ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଅଂଶ ଗ୍ରହଣ କରିବା ସହିତ, ଆଉ ମଧ୍ୟ ପଲ୍ଲୀର ଆମୋଦଦାୟକ ପର୍ବପର୍ବାଣିଗୁଡ଼ିକରେ ଯୋଗଦେଲେ ମନ-ପ୍ରାଣ-ହୃଦୟର ବିନିମୟ କରି ପଲ୍ଲୀ ଜୀବନ ସହ ନିଜକୁ ସାମିଲ କରିପାରିଲେ ଜନ୍ମଭୂମି ପ୍ରତି ଯଥେଷ୍ଟ ମମତା ପ୍ରଦର୍ଶନ ହୋଇପାରିଥାନ୍ତା ।

ପରିଶେଷରେ ଲେଖକ କହିଛନ୍ତି ପଲ୍ଲୀ ଜୀବନରେ ଅନାବିଳ ଶାନ୍ତ ପରିବେଶ ମଧ୍ୟରେ ଯେଉଁ ଶିକ୍ଷିତ ବ୍ୟକ୍ତି ନିଜ ଜୀବନର ବିକାଶ ସାଧନକରି ଜାତୀୟତାବୋଧ ପ୍ରତିପାଦନ କରିଥାନ୍ତି ସେହି ବ୍ୟକ୍ତି ହିଁ ପ୍ରତ୍ୟେକଙ୍କର ନମସ୍ୟ ।

ବାସ୍ତବରେ ପ୍ରବନ୍ଧଟି ଯେପରି ଯୁଗୋପଯୋଗୀ ସେହିପରି ଶିକ୍ଷଣୀୟ ।

**୫। ଗ୍ରାମର ଦେଖାଯାଉଥିବା ଏକ ପରିବାରତ୍ୱ ପରମ୍ପରା ସମ୍ପର୍କରେ ପଠିତ ପ୍ରବନ୍ଧକୁ ଭିତ୍ତିକରି ବର୍ଣ୍ଣନା କର ।**

**ଉତ୍ତର** – ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବିଂଶ ଶତାବ୍ଦୀର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଗଦ୍ୟଶିଳ୍ପୀ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ । ସାହିତ୍ୟ ସାଧନାର ଉତ୍ତାଳ ଫଲଗୁରେ ଚିର ତଲ୍ଲୀନ ଏହି ପ୍ରଜ୍ଞାପୁରୁଷଙ୍କର ସାଧାନସିକ୍ତ ଲେଖନୀ ଯେଭଳି ଉଚ୍ଚକୋଟୀର ଓ ଭାବଗମ୍ଭୀର ସେହିଭଳି ପ୍ରାଣସ୍ପର୍ଶୀ ଓ ବାସ୍ତବଧର୍ମୀ ।

ଉକ୍ତ ପ୍ରବନ୍ଧରେ ସେ ଗ୍ରାମରେ ଦେଖାଯାଉଥିବା ଏକ ପରିବାରତ୍ୱ ପରମ୍ପରା ସମ୍ପର୍କରେ ସୂଚନା ପ୍ରଦାନ କରି 'ବସୁଧୈବ କୁଟୁମ୍ବକମ୍' ଭାବନାରେ ଉପସ୍ଥାପନା କରିଛନ୍ତି । ପ୍ରାବନ୍ଧିକ ଏକ ସାମାଜିକ ବାସ୍ତବ ସତ୍ୟ ଅନୁଭବ କରିଛନ୍ତି ଯେ ଶାନ୍ତ ସୁନ୍ଦର କାନ୍ତକୋମଳ ପଲ୍ଲୀ ଜୀବନ ସଂପ୍ରତି ବିପର୍ଯ୍ୟସ୍ତ । ଏଥିପାଇଁ ଶିକ୍ଷାବ୍ୟବସ୍ଥା ଓ ଶିକ୍ଷିତ ଗୋଷ୍ଠୀ ହିଁ ଦାୟୀ । ଏମାନେ ନାନା ବାହାନା କରି ସହରାଭିମୁଖୀ ହୁଅନ୍ତି ଗାଁ ଭୂମି ସହିତ ଏମାନଙ୍କର ସମ୍ପୃକ୍ତି ରହେ ନାହିଁ । ଏକପରିବାରତ୍ୱ ଉପରେ ଆଞ୍ଚ ଆସେ ।

ପ୍ରାବନ୍ଧିକଙ୍କ ମତରେ "ବହୁବାଦ ବିସମ୍ବାଦ ସତ୍ତ୍ୱେ ପଲ୍ଲୀ ଗ୍ରାମର ନରନାରୀଙ୍କ ମଧ୍ୟରେ ଜାତି-ଧର୍ମ ନିର୍ବିଶେଷରେ ଗୋଟାଏ ଏକ ପରିବାରତ୍ୱର ପରମ୍ପରା ଗଢ଼ି ଉଠିଥାଏ ।" କେହି ଭାଇ, କେହି ଭଉଣୀ, କେହି କକା, କେହି ଖୁଡ଼ୀ ଇତ୍ୟାଦି ଭାବରେ ସମସ୍ତ ଗ୍ରାମବାସୀ ପରସ୍ପର ମଧ୍ୟରେ ପରିଚିତ ହୋଇଥାନ୍ତି । ସମସ୍ତେ ସମସ୍ତଙ୍କର ଦୁଃଖସୁଖ ପଚାରି ବୁଝନ୍ତି । ଏଣୁ ପ୍ରାବନ୍ଧିକ ତାଙ୍କ ଗ୍ରାମର ସାର ମାଉସୀ ଗୋବିନ୍ଦ ଭାଇ ଇତ୍ୟାଦିଙ୍କ ବିଷୟରେ ସୂଚନା ଦେଇଛନ୍ତି । ନିଦାଘର ନିରାଟ ଝାଞ୍ଜିରେ, ପରିଶ୍ରମ କରୁ କରୁ ପରସ୍ପର ସହିତ ଏକ ପରିବାରର ସଦସ୍ୟ ଭଳି ଘନିଷ୍ଠ ହୋଇଥାନ୍ତି । କୃଷି, ଦୋଳପର୍ବ, ରଜପର୍ବ ଓ ଅନ୍ୟାନ୍ୟ ପର୍ବ ପର୍ବାଣିରେ ପ୍ରତିଭାତ ହୁଅନ୍ତି ।

ଉପରୋକ୍ତ ସମୀକ୍ଷାନୁଯାୟୀ ଗ୍ରାମରେ ଦେଖାଯାଉଥିବା ଏକପରିବାରତ୍ୱ ପରମ୍ପରା ସର୍ବସ୍ୱୀକାର୍ଯ୍ୟ ।

**୬। ଜନ୍ମଭୂମି ପ୍ରବନ୍ଧରେ ପ୍ରାବନ୍ଧିକଙ୍କର ପଲ୍ଲୀ ପ୍ରୀତିର ପରିଚୟ ଦିଅ ।**

**ଉତ୍ତର** – ଯେଉଁ ସାହିତ୍ୟ ସାଧକମାନଙ୍କର ଅନବଦ୍ୟ ଅବଦାନରେ ଓଡ଼ିଆ ସବୁଜ ସାହିତ୍ୟ ସମୃଦ୍ଧ ତଥା ଉପଭୋଗ୍ୟ ହୋଇପାରିଛି, ସେମାନଙ୍କ ମଧ୍ୟରେ ଡଃ. କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ଅନ୍ୟତମ । ତାଙ୍କର ପ୍ରକାଶିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଇତିହାସ ଓ କିମ୍ବଦନ୍ତୀ', "ପ୍ରବନ୍ଧମାନସ' ଓ 'ସାରଳା ମହାଭାରତରେ ଐତିହାସିକ ଚିତ୍ର' ପ୍ରକୃତି ପ୍ରଧାନ, ପଠିତ ପ୍ରବନ୍ଧଟି ଲେଖକଙ୍କର ବିରଚିତ



Odisha 1 to 10 All Books App

'ପ୍ରବନ୍ଧମାନସ' ପୁସ୍ତକରୁ ଗୃହୀତ । ପଠିତ ନିବନ୍ଧରେ ଲେଖକଙ୍କ ପଲ୍ଲୀ ପ୍ରୀତି, ଦେଶାତ୍ମବୋଧ ତଥା ଉଦାର ମାନବିକତାର ଅଭିବ୍ୟକ୍ତି ବାସ୍ତବରେ ଉପଭୋଗ୍ୟ ।

ଲେଖକଙ୍କ ମତରେ ଯେଉଁ ସ୍ଥାନରେ ବ୍ୟକ୍ତି ମାତୃଗର୍ଭରୁ ଜନ୍ମ ହୋଇ ନବୀନ ସୂର୍ଯ୍ୟୋଦୟ ଅବଲୋକନରେ ଓ ଅଭାବ ଅନଟନ ସମୟରେ ଯେଉଁ ସ୍ଥାନର ଫଳମୂଳ, ଶାଗ, ଅନ୍ନ ଗ୍ରହଣ କରି ଶିଶୁ ପ୍ରାଣଟାକୁ ପୁଷ୍ଟ କରେ ସେ ହିଁ ଜନ୍ମଭୂମି । ଏହି ସ୍ୱର୍ଗାଦପି ଗରୀୟସୀ ଜନ୍ମଭୂମି ହିଁ ମାତା, ଧାତ୍ରୀ ଆଉ ଶିକ୍ଷୟିତ୍ରୀ ରୂପେ ନମସ୍ୟା ଓ ବନ୍ଦନୀୟା । ମୟୂରଭଞ୍ଜର ତଟିନୀବେଷ୍ଟିତ, ଅରଣ୍ୟ-ମଣ୍ଡିତା ନିସର୍ଗ ପ୍ରକୃତି-ଶୋଭିତା ଖିଚିଙ୍ଗ୍‌ଠାରେ ଜନ୍ମ ଲାଭ କରି ପ୍ରାବନ୍ଧିକ ସେଠାରେ ସ୍ୱୀୟ ଶୈଶବାବସ୍ଥା ଅତିବାହିତ କରିଥିଲେ । ପରନ୍ତୁ ଉଚ୍ଚ ଶିକ୍ଷା ଲାଭ ନିମନ୍ତେ ଓ ଶିକ୍ଷା ଲାଭ ପରେ ବରଣ କରିଥିବା ବୃତ୍ତି ନିମନ୍ତେ ସହରାଞ୍ଚଳରେ ତାଙ୍କୁ ଅବସ୍ଥାପିତ ହେବାକୁ ପଡ଼ିଛି । ସମୟକ୍ରମେ ତାଙ୍କର ପଲ୍ଲୀପ୍ରୀତି ତାଙ୍କୁ ବ୍ୟଥିତ କରୁଛି । ପଲ୍ଲୀର ଅନିର୍ବଚନୀୟ ପ୍ରକୃତି କୋଳରେ ଅତିବାହିତ ଶୈଶବର ସ୍ମୃତି ସହ ଭାଇ, ଭଉଣୀ, କକା, ଖୁଡ଼ୀ, ଡାକର ଆତ୍ମୀୟତା ତାଙ୍କ ପ୍ରାଣରେ ବ୍ୟାକୁଳତା ଭରି ଦେଇଛି । ଗ୍ରାମ ମୁଣ୍ଡରେ ଥିବା 'ସାର ମାଉସୀ'ର ବାତ୍ସଲ୍ୟ ମମତାଭରା ସମ୍ବୋଧନ ସହ ଗୋବିନ୍ଦା ଭାଇ ମୁଖରୁ ଶୁଣିଥିବା ମନବୋଧ ଚଉତିଶା ଲେଖକଙ୍କ ପଲ୍ଲୀ ବିରହ- ବିଧୁରିତ ପ୍ରାଣରେ ଗଭୀର ରେଖାପାତ କରିଛି ।

ତଥାପି ସେହି ଜନନୀ, ଜନ୍ମଭୂମିର ନିସର୍ଗ ମାଧୁରୀ ଲେଖକଙ୍କ କଳ୍ପନା ନେତ୍ରରେ ଜୀବନ୍ତ ହୋଇଉଠିଛି । ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପ ମଧ୍ୟରେ ଶସ୍ୟକ୍ଷେତ୍ରକୁ କର୍ଷଣ କରୁଥିବା ଚଷାପୁଅର ନେତ୍ର ଯୁଗଳରେ ନବୀନ ବାରିଦର ଆବାହନୀ ପାଠର ଦୃଶ୍ୟ ଓ କୃଷ୍ଣ ଅପଘନା, ବିଦ୍ୟୁତନୟନା ପୁଷ୍ପରାଜିର ସୁଗନ୍ଧି ତଥା ବନ୍ୟଯୂଥିର ପରିମଳ ଲେଖକଙ୍କ ଅଭୁଲା ସ୍ମୃତିରେ ଜୀବନ୍ତ ହୋଇଉଠିଛି । ପଲ୍ଲୀବୁକୁର ସହଜଲବ୍ଧ ଶ୍ରଦ୍ଧା, ସ୍ନେହ, ଏକପରିବାରତ୍ୱ ନିଃସ୍ୱାର୍ଥ ଦିବ୍ୟାନୁଭୂତିକୁ ଉପେକ୍ଷା ନ କରିବାକୁ ଶିକ୍ଷିତ ଶ୍ରେଣୀକୁ ପରାମର୍ଶ ଦେଇଛନ୍ତି ।

ସ୍ଥୂଳତଃ, 'ଜନ୍ମଭୂମି' ପ୍ରବନ୍ଧଟି ଲେଖକଙ୍କର ଅନାବିଳ ପଲ୍ଲୀ ପ୍ରୀତିର ଅନନ୍ୟ ନିଦର୍ଶନ ।

**୭। ଶିକ୍ଷିତ ଲୋକେ ପଲ୍ଲୀରୁ କର୍ମଯୋଜନାରେ ମଧ୍ୟ ଅଂଶଗ୍ରହଣ କରନ୍ତି ନାହିଁ– ଏହି ଉକ୍ତିଟିକୁ ବୁଝାଇ ଦିଅ ।**

**ଉତ୍ତର** – ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏକାଧାରାରେ ଥିଲେ ଜଣେ ସଫଳ ପ୍ରାବନ୍ଧିକ ବିଶିଷ୍ଟ ଗବେଷକ ତଥା ପ୍ରବୀଣ ଐତିହାସିକ । ତାଙ୍କର ରଚିତ 'ପ୍ରବନ୍ଧ ମାନସ' ଶୀର୍ଷକ ପୁସ୍ତକରୁ ସଂଗୃହୀତ 'ଜନ୍ମଭୂମି' ପ୍ରବନ୍ଧ । ପ୍ରାବନ୍ଧିକ ମୟୂରଭଞ୍ଜ ଖିଚିଂଠାରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷା ସମାପ୍ତି ପରେ ଧନୋପାର୍ଜନ ନିମନ୍ତେ ପଲ୍ଲୀ ତ୍ୟାଗ କରି ସହରାଭିମୁଖୀ ହେଲେ । ସେ ଏକା ନୁହନ୍ତି, ସମସ୍ତ ଶିକ୍ଷିତ ସନ୍ତାନ ଶିକ୍ଷା ସମାପ୍ତ ପରେ ଆଭିଜାତ ଶ୍ରେଣୀରେ ଅନ୍ତର୍ଗତ ହୋଇ ଶାରୀରିକ ଶ୍ରମ ପ୍ରତି କୁଣ୍ଠାବୋଧ କରୁଛନ୍ତି ଏବଂ ପଲ୍ଲୀର କର୍ମଯୋଜନାକୁ ତ୍ୟାଗ କରି ସହରକୁ ଆସି ଭୁଲିଯାଇଛନ୍ତି ତା'ର ପଲ୍ଲୀଜୀବନକୁ ତାହା ଏଠାରେ ଅତି ସରଳ ଭାବରେ ଉପସ୍ଥାପନା କରାଯାଇଛି ।

ପଲ୍ଲୀର ଅଧିବାସୀ କୃଷକଗଣଙ୍କର କୃଷିହିଁ ମୁଖ୍ୟ ଜୀବିକା । ଏହି କାର୍ଯ୍ୟ ଏକ, ସୁନ୍ଦର ତଥା ଶୃଙ୍ଖଳିତ କର୍ମଯୋଜନା ମଧ୍ୟରେ ସମାହିତ ହୁଏ । ଲେଖକଙ୍କ ଉକ୍ତିରେ ନିଜ ଘର ନିର୍ମମ ଝାଞ୍ଜି ମଧ୍ୟରେ କୃଷକ କୃଷିକ୍ଷେତ୍ରରେ କର୍ଷଣ ଆରମ୍ଭ କରି ଆଦ୍ୟ ବାରିପାତକୁ ନିମନ୍ତ୍ରଣ କରିଥାଏ । ସମଚାର ଅବଲୀଳାକ୍ରମେ ପୁଞ୍ଜିଭୂତ ବାରିଦମାଳାର ଲୀଳାଚପଳା ଶୋଭା ଶାଳତରୁ ବିଶୋଭିତ ଅରଣ୍ୟାନୀକୁ ପ୍ଲାବିତ କରେ । ସିକ୍ତ ଭୂମିର ସୁଗନ୍ଧି ଓ ବନ୍ୟ ଯୂଥିର ପରିମଳରେ ଆରମ୍ଭ ହୁଏ ଉତ୍ସବମୁଖର ରଜପର୍ବ । ରଜଦୋଳିର ଆନନ୍ଦ ଉଲ୍ଲାସ ମଧ୍ୟରେ ପଲ୍ଲୀ ଅଂଗନରେ ବାଜି ଉଠେ କୃଷି କ୍ଷେତ୍ରର ଆନନ୍ଦର ସଂଗୀତ । କ୍ଲାନ୍ତ, ସିକ୍ତ, ଧାରାହତ ଶ୍ରମଜୀବୀମାନଙ୍କ ସମବେତ ଯତ୍ନରେ ଧରଣୀ ଶସ୍ୟଶ୍ୟାମଳା ହୋଇଉଠେ । ହେମନ୍ତର ଶୀତଳ ସ୍ପର୍ଶ ମଧ୍ୟରେ ସ୍ୱର୍ଣ୍ଣ-ଶୀର୍ଷ ଧାନ୍ୟ, କେଦାରଗୁଡ଼ିକର ଅମ୍ଳାନ ସୌନ୍ଦର୍ଯ୍ୟ କବିର କାବ୍ୟକୁ ପୁଷ୍ଟକରେ ଓ କୃଷକର ଅମାର ପୂର୍ଣ୍ଣକରେ ।

ଲେଖକ ତଥା ଶିକ୍ଷିତ କର୍ମଜୀବୀଗଣ ପଲ୍ଲୀଗୁଡ଼ିକଠାରୁ ଦୂରରେ ଅବସ୍ଥାନ କରୁଥିବାରୁ ଗ୍ରୀଷ୍ମ ଝାଞ୍ଜିରେ, ଆଷାଢ଼ର ଝଡ଼ରେ ହେମନ୍ତର ଶୀତରେ ନିରୂପିତ କାର୍ଯ୍ୟଯୋଜନାର ଅଂଶଗ୍ରହଣର ଅବକାଶ ନଥାଏ । ପ୍ରାବନ୍ଧିକଙ୍କ ମତରେ ଏଥିପାଇଁ ଅବଶ୍ୟ ତଥାକଥିତ ଶିକ୍ଷିତ ସମ୍ପ୍ରଦାୟର ନୈତିକ ବଳର ଅଭାବ ରହିଛି । ପାଶ୍ଚାତ୍ୟ- ସଭ୍ୟତାପ୍ରେମୀ ଶିକ୍ଷିତ ଶ୍ରେଣୀ ପକ୍ଷରେ ଗ୍ରାମାଭିମୁଖୀ ହେବା ବାସ୍ତବରେ ଅସମ୍ଭବ ।

ଆଲୋଚନାଟି ଯେପରି ଶିକ୍ଷଣୀୟ ସେହିପରି ଉପଭୋଗ୍ୟ ।

**୮। ଗୋପପୁରର ପ୍ରତିବିଶ୍ୱାସଘାତକତା ଶ୍ରୀକୃଷ୍ଣଙ୍କ ପରି ମହାପୁରୁଷଙ୍କୁ ସୁଦ୍ଧା ପାର ପାଇ ନଥିଲା– ପ୍ରମାଣ କର ।**

**ଉତ୍ତର** – ଆଧୁନିକ ଯୁଗର ଅପ୍ରତିଦ୍ୱନ୍ଦୀ ଲେଖକ ବିଶିଷ୍ଟ ପ୍ରାବନ୍ଧିକ ତଥା ଅନନ୍ୟ ଐତିହାସିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ରଚିତ । ଜନ୍ମଭୂମି ପ୍ରବନ୍ଧରେ ଉକ୍ତ ପ୍ରସଙ୍ଗର ଆଲୋଚନା କରାଯାଇଛି । ଲୀଳା– ପୁରୁଷୋତ୍ତମ, ଯଶୋଦାନନ୍ଦନ, ଗୋଗୋଷ୍ଠବନ୍ଦନ କୃଷ୍ଣଙ୍କର ଗୋପପୁର କ୍ରୀଡ଼ାଭୂମି ତଥା ଜନ୍ମଭୂମି ଥିଲା । ଗୋପପୁରର ଧୂଳି-ଧୂସରିତ ଏହି ନନ୍ଦନଙ୍କର କାଳିନ୍ଦୀ ଜଳର କେଳି, କଦମ୍ବ କୁଞ୍ଜର ଦୋଳି, ବୃନ୍ଦାବନର ମେଳି ଗୋପୀ ଓ ଗୋପାଳଙ୍କ ମେଳି ଜୀବନକୁ ସୁରଭିତ କରିଥିଲା ।



Odisha 1 to 10 All Books App

ସ୍ୱୀୟ ଲୀଳାର ଅମୀୟ ମାଧୁରୀ ମଧ୍ୟରେ ଏହି ବୃନ୍ଦାବନଚନ୍ଦ୍ର ପ୍ରେମମୟୀ ରାଧାଙ୍କର ନୟନଯୁଗଳରେ ଆଙ୍କିନେଇଥିଲେ ସମ୍ମୋହନର କୃଷ୍ଣାଂଜନ । ପରନ୍ତୁ କଂସର ନିମନ୍ତ୍ରଣ ରକ୍ଷାକରି ଗୋପପୁରକୁ ପ୍ରସ୍ଥାନବାସରେ ପୁନର୍ବାର ଫେରି ଆସିବାର ପ୍ରତିଶ୍ରୁତି ଦେଇଥିବା କୃଷ୍ଣ, ରାଧିକା ଜୀବନ ଗୋପୀଗୋପାଳ ନନ୍ଦ-ଯଶୋଦା ତଥା ଗୋପପୁରର ସ୍ମୃତିକୁ କିପରି ବିସ୍ମୃତି ଗର୍ଭକୁ ଠେଲିଦେଇଛି ତାହା ଏଠାରେ ଅବତାରଣା କରାଯାଇଛି ।

ସୁହର୍ମ୍ୟମାଳିନୀ ଦ୍ୱାରକାର ରାଜକୀୟ ପରିବେଶ, ଅଷ୍ଟପାଟବଂଶୀଙ୍କର ରୂପଲାବଣ୍ୟ ମଧ୍ୟରେ ଦ୍ୱାରକାପତି ଶ୍ରୀକୃଷ୍ଣଙ୍କର ମାତୃଭୂମି ପ୍ରତି ଦେଇଥିବା ପ୍ରତିଶୃତି ପ୍ରତାରଣାପୂର୍ଣ୍ଣ ହେଲା । ଲେଖକଙ୍କ ଭାଷାରେ ଏହି କର୍ମ ନିମନ୍ତେ ତାଙ୍କୁ ମଧ ଦଣ୍ଡ ମିଳିଥିଲା । ଶେଷରେ ତାଙ୍କର ବଂଶ ଲୋପହେଲା । ତାଙ୍କର ମଦ୍ୟପ ବଂଶଗୋଷ୍ଠୀ ଏରକାର ବନରେ ପରସ୍ପର ମଧ୍ୟରେ ହଣାହଣି ହୋଇ ଧ୍ୱଂସ ହୋଇଗଲେ । ଶେଷରେ ରାଜ୍ୟ, ଧନ, ଗୃହ ଓ ପୁତ୍ରକନ୍ୟାହୀନ ହୋଇ ଅବଶ ଅଙ୍ଗକୁ ଲତିକା ଦୋଳାରେ ବିଶ୍ରାମ ନେଉଥିଲାବେଳେ ବ୍ୟାଧର ତୀର ତାଙ୍କର ପଦବିଦ୍ଧ କରିଥିଲା । କାଳର କରାଳ ଗର୍ଭରେ ଲୁଚିଗଲା ଦ୍ୱାରକା, କିନ୍ତୁ ତାଙ୍କର ପଲ୍ଲୀଜନନୀ ଗୋପପୁର ଆଜିମଧ୍ୟ ଅଛି । ରହିଛନ୍ତି ଗୋପଗୋପାଳ, ମଥୁରା, ବୃନ୍ଦାବନ, ଯମୁନା ନଦୀ, ପୁଷ୍ପିତ କଦମ୍ବ ଓ ମୟୂରର ଉଦ୍ଧତ ନୃତ୍ୟ, ସବୁକିଛି ।

ସ୍ଥୂଳତଃ ଜନ୍ମଭୂମି ପ୍ରତି ସ୍ୱୀୟ କର୍ତ୍ତବ୍ୟହୀନତା ଯୋଗୁଁ ପୁରୁଷୋତ୍ତମ ଶ୍ରୀକୃଷ୍ଣ ଦଣ୍ଡନୀୟ ହୋଇ ଆଧୁନିକ ତଥାକଥିତ ଶିକ୍ଷିତ ଶ୍ରେଣୀ ପାଇଁ ଶିକ୍ଷା ପ୍ରଦାନ କରିଗଲେ । ଯେଉଁ ଆଧୁନିକ ସଭ୍ୟତାପ୍ରେମୀ ଶିକ୍ଷିତଗଣ ନିଜର ଜନ୍ମଭୂମି ପ୍ରତି ବିମୁଖ ସେମାନଙ୍କ ନିମନ୍ତେ ଉକ୍ତ ଉଦାହରଣ ହିଁ ପ୍ରକୃଷ୍ଟ ଚେତାବନୀ ।

**୦୯। ପ୍ରାବନ୍ଧିକ ପଲ୍ଲୀକୁ ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ ବୋଲି କାହିଁକି ବିବେଚନା କରିଛନ୍ତି ପଠିତ ପ୍ରବନ୍ଧାନୁସରଣରେ ଆଲୋଚନା କର ।**

**ଉତ୍ତର** – ଆଧୁନିକ ଓଡ଼ିଆ ସାହିତ୍ୟରେ ଅମଳିନ ପ୍ରତିଭାର ଅଧିକାରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ବିଶିଷ୍ଟ ପ୍ରାବନ୍ଧିକ, ଐତିହାସିକ ତଥା ଗବେଷକ ଭାବରେ ସୁପରିଚିତ, ଏହି ସୁନାମଧନ୍ୟ ଲେଖକ ୧୯୦୯ ମସିହାରେ ମୟୂରଭଞ୍ଜର ଖିଚିଂଠାରେ ଜନ୍ମଗ୍ରହଣ କରିଥିଲେ । ଏହି ପ୍ରବନ୍ଧଟି ତାଙ୍କର ପ୍ରବନ୍ଧମାନସ ପୁସ୍ତକରୁ ଗୃହୀତ । ମହାତ୍ମା ଗାନ୍ଧୀଙ୍କର 'ଗାଁକୁ ଫେରିଚାଲ'ର ଆହ୍ୱାନରେ ଲେଖକ ଅନୁପ୍ରାଣିତ । ଜନ୍ମଭୂମି ପ୍ରବନ୍ଧରେ ପ୍ରାବନ୍ଧିକ ଅତ୍ୟନ୍ତ ଉଚ୍ଚଭାବାଦର୍ଶର ପରିଚୟ ଦେଇଛନ୍ତି । ଜନ୍ମଭୂମିର ପ୍ରକୃତ ଅର୍ଥକୁ ବିଶ୍ଳେଷଣ କରି ସେ ଆପଣାର ଜନ୍ମମାଟିର ମହତ୍ତ୍ୱ ଦର୍ଶାଇଛନ୍ତି । ଗ୍ରାମରୁ ରାଜ୍ୟ, ଦେଶ ଓ ବିଶ୍ୱବାସୀ ହେବା ଭଳି 'ବସୁଧୈବ କୁଟୁମ୍ବକମ୍' ଭାବଧାରାରେ ଲେଖକ ଉକ୍ତ ପ୍ରବନ୍ଧକୁ ପରିପୁଷ୍ଟ କରିଛନ୍ତି ।

**୧୦। ଗୋବିନ୍ଦ ଭାଇ କି ପ୍ରକାର ଲୋକ ଏବଂ ସେ ଲେଖକଙ୍କୁ କୁଟୀରରେ ବସାଇ ଯେଉଁପ୍ରକାର ବ୍ୟବହାର ଦେଖାଯାଉଥିଲେ ପଠିତ ପ୍ରବନ୍ଧାନୁସରଣରେ ଆଲୋଚନା କର ।**

**ଉତ୍ତର** – ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ ପ୍ରାବନ୍ଧିକ, ଐତିହାସିକ, 'ଇତିହାସ ଓ କିମ୍ବଦନ୍ତୀ', 'ସାରଳା ମହାଭାରତରେ ଐତିହାସିକ ଚିତ୍ର' 'ପ୍ରବନ୍ଧ ମାନସ'ଆଦି ପୁସ୍ତକ ଗୁଡ଼ିକ ତାଙ୍କ ଅନବଦ୍ୟ କୃତିର ନିଦର୍ଶନ । ଜନ୍ମଭୂମି ପ୍ରବନ୍ଧଟି ତାଙ୍କ ପ୍ରବନ୍ଧ ମାନସ ପୁସ୍ତକରୁ ଗୃହୀତ, ପଠିତ ପ୍ରବନ୍ଧରେ ଲେଖକଙ୍କ ପଲ୍ଲୀପ୍ରୀତି ଓ ଦେଶାତ୍ମବୋଧ ସରସ ଗଦ୍ୟ ଶୈଳୀ ମଧ୍ୟରେ ଅଭିବ୍ୟକ୍ତି ଲାଭ କରିଛି । ପଲ୍ଲୀଭୂମି ହେଉଛି ବାସ୍ତବରେ ଶ୍ରଦ୍ଧା, ସ୍ନେହ, ଶାନ୍ତି ଓ ପ୍ରେମର ଏକ ନିସର୍ଗ ନିଳୟ । ଏଠାରେ ଲେଖକ 'ସାର ମାଉସୀ'ର ସ୍ନେହ ଓ ଗୋବିନ୍ଦା ଭାଇ ଶ୍ରଦ୍ଧା ସ୍ମରଣ କରି ସ୍ୱୀୟ ପଲ୍ଲୀପ୍ରାଣତାର ସାର୍ଥକ ଚିତ୍ର ଶିକ୍ଷିତ ଶ୍ରେଣୀର ପ୍ରଣିଧାନ ନିମନ୍ତେ ଉପସ୍ଥାପନ କରିଛନ୍ତି ।

ଗୋବିନ୍ଦା ଭାଇ ଆଜୀବନ ଅକର୍ମା ଓ ଅବିବାହିତ ରହି ଗ୍ରାମ ମଝିରେ ଥିବା ତା'ର କ୍ଷୁଦ୍ରକୁଟୀରରେ ସ୍ୱାଭିମାନର ସହ ରହୁଥିଲା । ଲେଖକଙ୍କ ସହ ଦେଖା ହେଲେ ଆତ୍ମୀୟତା ସହ ପାଖରେ ବସାଇ 'ମନବୋଧ ଚଉତିଶା'ର ବ୍ୟାଖ୍ୟା କରୁଥିଲା । 'ମନବୋଧ ଚଉତିଶା' ବୈରାଗ୍ୟ ଓ ଭକ୍ତିଭାବ ସମ୍ବଳିତ ଏକ ଜନପ୍ରିୟ ଚଉତିଶା । ଅଷ୍ଟାଦଶ ଶତାବ୍ଦୀର କବି ଭକ୍ତଚରଣ ଦାସ ଏହାର ରଚୟିତା ଅଟନ୍ତି । "କହଇ ମନ ଆରେ ମୋ ବୋଲକର, କଳା ଶ୍ରୀମୁଖବାରେ ଦେଖିବା ଚାଲରେ– ଏହାର ପ୍ରଥମ ପଦ ଅଟେ । ଲେଖକଙ୍କ ମନକୁ ଗୋବିନ୍ଦା ଭାଇର ଚଉତିଶା ଗାନ ଖୁବ୍ ଆନ୍ଦୋଳିତ କରୁଥିଲା । ମାତ୍ର ସେ ସମ୍ପର୍କରେ ଏବେ ଭଙ୍ଗା ପଡ଼ିଲାଣି । ସହରାଭିମୁଖୀ ହୋଇ ସତେ ଯେପରି ଗାଁଠାରୁ ଦୂରେଇ ଯାଇଅଛନ୍ତି ।

ଏବେ ଆଉ ଲେଖକ ତା'ଠାରୁ ସେହି ପ୍ରକାର ଆନ୍ତରିକତା, ଶ୍ରଦ୍ଧା ତଥା ସ୍ନେହ ପାଇପାରି ନାହାନ୍ତି କିମ୍ବା ଅନେକ ପ୍ରଚେଷ୍ଟା କରି ମଧ୍ୟ ନିଜପ୍ରତି ଗୋବିନ୍ଦା ଭାଇର ପୂର୍ବ ପ୍ରତ୍ୟୟ ଫେରାଇ ଆଣିପାରି ନାହାନ୍ତି । ଗୋବିନ୍ଦ ଭାଇର ଶ୍ରଦ୍ଧା ସ୍ମରଣ କରି ପ୍ରାବନ୍ଧିକ ପରିଣତ ବୟସରେ ପୁନର୍ବାର ସେହି ପଲ୍ଲୀକୋଳକୁ ଫେରିଯିବାର ନୈତିକ ସାହସ ସଞ୍ଚୟ କରିପାରି ନାହାନ୍ତି ।

ଆଲୋଚନାଟି ଯେଉଳି ଶିକ୍ଷଣୀୟ ସେହିଭଳି ଉପଭୋଗ୍ୟ ।



Odisha 1 to 10 All Books App

# ନରେନ୍‌ରୁ ବିବେକାନନ୍ଦ

## କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

୧। ଶରତ କୁମାର ମହାନ୍ତିଙ୍କର ଜନ୍ମ କେଉଁ ଜିଲ୍ଲାରେ ?
(କ) ଗଞ୍ଜାମ (ଖ) ଢେଙ୍କାନାଳ
(ଗ) କଟକ (ଘ) ପୁରୀ

୨। ଲେଖକଙ୍କର ଜନ୍ମ କେଉଁ ଗ୍ରାମରେ ?
(କ) ଖୁଚିଂ (ଖ) ଜରିପଡ଼ା
(ଗ) ଗଞ୍ଜୋଇଡିହ (ଘ) ପଞ୍ଚାମୁଣ୍ଡାଇ

୩। ଲେଖକ ପ୍ରବୃତ୍ତିରେ କିପରି ଥିଲେ ?
(କ) ଚିନ୍ତାଶୀଳ (ଖ) ସମ୍ବେଦନଶୀଳ
(ଗ) ମନନଶୀଳ (ଘ) କ୍ରିୟାଶୀଳ

୪। ନରେନ୍‌ରୁ ବିବେକାନନ୍ଦ ଲେଖକଙ୍କର କେଉଁ ପୁସ୍ତକର ଅଂଶବିଶେଷ ?
(କ) ଗ୍ରୀକ୍‌ଜାତର ଜୀବନ ଗାଥା
(ଖ) ଛତ୍ରପତି ବିବେକାନନ୍ଦ
(ଗ) ଅସ୍ତିତ୍ୱବାଦର ମର୍ମକଥା
(ଘ) ଗାନ୍ଧି ମଣିଷ

୫। ଶ୍ରୀରାମକୃଷ୍ଣ ପୃଥିବୀରୁ ବିଦାୟ ନେବା ବେଳକୁ ନରେନ କେତେବର୍ଷର ହୋଇଥିଲେ ?
(କ) ୨୨ ବର୍ଷ (ଖ) ୨୪ ବର୍ଷ
(ଗ) ୨୬ ବର୍ଷ (ଘ) ୨୮ ବର୍ଷ

୬। ନରେନଙ୍କର ପିତା କିଏ ?
(କ) ରାମନାଥ ଦତ୍ତ (ଖ) ଭୁବନେଶ୍ୱର ଦତ୍ତ
(ଗ) ବିଶ୍ୱନାଥ ଦତ୍ତ (ଘ) ବଂଶୀଧର ଦତ୍ତ

୭। ଶ୍ରୀରାମକୃଷ୍ଣ ପୃଥିବୀରୁ ବିଦାୟ ନେବାର କେତେବର୍ଷ ପୂର୍ବରୁ ନରେନ୍‌ଙ୍କର ପିତା ଇହଧାମ ତ୍ୟାଗ କରିଥିଲେ ?
(କ) ଏକ ବର୍ଷ (ଖ) ଦୁଇ ବର୍ଷ
(ଗ) ତିନି ବର୍ଷ (ଘ) ଚାରି ବର୍ଷ

୮। ନରେନ୍ କାହାକୁ ହରାଇ ଏକୁଟିଆ ହୋଇଗଲେ ?
(କ) ବିଶ୍ୱନାଥ ଦତ୍ତଙ୍କୁ
(ଖ) ଦୁଇପିତାଙ୍କୁ
(ଗ) ଶ୍ରୀରାମକୃଷ୍ଣ ପରମହଂସଙ୍କୁ
(ଘ) କାଳୀ ମାତାଙ୍କୁ

୯। ନରେନ୍ ଏକୁଟିଆ ସତ କିନ୍ତୁ କ'ଣ ନୁହଁନ୍ତି ?
(କ) ଦୁର୍ବଳ (ଖ) ଅସହାୟ
(ଗ) ବିବ୍ରତ (ଘ) ଦୁଃସ୍ଥ

୧୦। ଜଗତରେ ସବୁ କେଉଁପ୍ରକାର କର୍ମ ଏକୁଟିଆ ମଣିଷଙ୍କ ଦ୍ୱାରା ସମ୍ପନ୍ନ ହୋଇଛି ।
(କ) ମହତ୍ କର୍ମ (ଖ) ମହନୀୟ କର୍ମ
(ଗ) ମହାନ୍ କର୍ମ (ଘ) ମହୀୟସୀ କର୍ମ

୧୧। ନରେନ୍ କେଉଁ ପରି ବୀରପୁରୁଷ ଥିଲେ ?
(କ) ଉଚ୍ଚମନା (ଖ) ଉଦାରମନା
(ଗ) ଦୃଢ଼ମନା (ଘ) ଦୀପ୍ତମନା

୧୨। ନରେନ୍‌ଙ୍କୁ ଶ୍ରୀରାମକୃଷ୍ଣ ଭଲଭାବେ କ'ଣ ଦେଖାଇ ଦେଇଥିଲେ ?
(କ) ଜୀବନର କର୍ମ ଓ ଲକ୍ଷ୍ୟ (ଖ) ଜୀନର ଧର୍ମ ଓ ଲକ୍ଷ୍ୟ
(ଗ) ଜୀନର ଆଦର୍ଶ ଓ ଲକ୍ଷ୍ୟ
(ଘ) ଜୀବନର ତ୍ୟାଗ ଓ ଲକ୍ଷ୍ୟ

୧୩। ନରେନ୍‌ରୁ ବିବେକାନନ୍ଦଙ୍କୁ ଜନ୍ମ ଦେବା ପାଇଁ କିଏ ଏନ୍ତୁଡ଼ିଶାଳ ହୋଇଥିଲା ?
(କ) ଉତ୍ତରଶ୍ୱେର (ଖ) ପଶ୍ଚିମେଶ୍ୱର
(ଗ) ଦକ୍ଷିଣେଶ୍ୱର (ଘ) ରାମେଶ୍ୱର

୧୪। ରାମକୃଷ୍ଣ ବିବେକାନନ୍ଦଙ୍କର କ'ଣ ସାଜି ଥିଲେ ?
(କ) ମାତା (ଖ) ଧାତ୍ରୀ
(ଗ) ଶିକ୍ଷାଦାତା (ଘ) ପିତା

୧୫। ଶ୍ରୀରାମକୃଷ୍ଣଙ୍କ ସହିତ ନରେନ୍‌ଙ୍କର କେତେବର୍ଷର ସଂପର୍କ ?
(କ) ଚାରି ଛଅ ବର୍ଷ (ଖ) ପାଞ୍ଚ ବର୍ଷ
(ଗ) ପାଞ୍ଚ ଛଅ ବର୍ଷ (ଘ) ଛଅ ସାତ ବର୍ଷ

୧୬। କେଉଁ ସମାଧିର ଦିବ୍ୟ ଅନୁଭୂତି ପାଇବାକୁ ନରେନ୍‌ଙ୍କର ବ୍ୟାକୁଳତା ଥିଲା ?
(କ) ନିର୍ବିକାର (ଖ) ନିର୍ବିକଳ୍ପ
(ଗ) ନିରାହର (ଘ) ନିରାକାର

Eduodia App



Odisha 1 to 10 All Books App

୧୭। ଦିବ୍ୟ ଅନୁଭୂତି କାହା କୃପାବିନା ଲଭ୍ୟ ନୁହେଁ ?
(କ) ଦୈବ୍ୟକୃପା (ଖ) ମାତୃକୃପା
(ଗ) ଗୁରୁକୃପା (ଘ) ପ୍ରଭୁକୃପା

୧୮। କେତେବେଳେ ନରେନ୍‌ଙ୍କର ଆକାଂକ୍ଷିତ ଶୁଭମୁହୂର୍ତ୍ତ ଉପସ୍ଥିତ ହୋଇଥିଲା ?
(କ) ସକାଳେ (ଖ) ମଧ୍ୟାହ୍ନରେ
(ଗ) ସନ୍ଧ୍ୟାବେଳେ (ଘ) ଅର୍ଦ୍ଧରାତ୍ରରେ

୧୯। ନରେନ୍ କିପରି ସମାଧିରେ ବୁଡ଼ିଗଲେ ?
(କ) ଜ୍ଞାନଶୂନ୍ୟ (ଖ) ସଂଜ୍ଞାଶୂନ୍ୟ
(ଗ) ଚେତାଶୂନ୍ୟ (ଘ) ଚିନ୍ତାଶୂନ୍ୟ

୨୦। ନରେନ୍‌ଙ୍କର ଅନ୍ତର କେଉଁପରି ଆନନ୍ଦରେ ପରିପୂର୍ଣ୍ଣ ଥାଏ ?
(କ) ଅପୂର୍ବ ସ୍ୱର୍ଗୀୟ ଆନନ୍ଦ (ଖ) ଅପୂର୍ବ ଚିଦାନନ୍ଦ
(ଗ) ଅପୂର୍ବ ଦିବ୍ୟ ଆନନ୍ଦ (ଘ) ଅପୂର୍ବ ନିତ୍ୟାନନ୍ଦ

୨୧। କିଏ ନରେନ୍‌ଙ୍କ ପାଖକୁ ଆସି ମାଆସବୁ ଦେଖାଇ ଦେଲେ ବୋଲି କହିଲେ ?
(କ) ସ୍ୱାମୀ ଯୋଗାନନ୍ଦ (ଖ) ଠାକୁର ଶ୍ରୀରାମକୃଷ୍ଣ
(ଗ) ପ୍ରଭୁ (ଘ) ଶିଷ୍ୟ

୨୨। ଶ୍ରୀରାମକୃଷ୍ଣ ନରେନ୍‌ଙ୍କୁ କଅଣ ଚାହାଁନ୍ତି ବୋଲି କେତେଦିନ ପୂର୍ବରୁ ପଚାରିଥିଲେ ?
(କ) ଦୁଇଦିନ ପୂର୍ବରୁ (ଖ) କିଛିଦିନ ପୂର୍ବରୁ
(ଗ) ତିନିଦିନ ପୂର୍ବରୁ (ଘ) ଏକଦିନ ପୂର୍ବରୁ

୨୩। ଶୁକଦେବଙ୍କ ପରି କେତେଦିନ ସମାଧିରେ ଲୀନ ହେବାପାଇଁ ନରେନ୍ଦ୍ରନାଥ କହିଥିଲେ ?
(କ) ତିନିଚାରିଦିନ (ଖ) ଚାରିପାଞ୍ଚ ଦିନ
(ଗ) ପାଞ୍ଚ ଛଅଦିନ (ଘ) ଛଅ ସାତଦିନ

୨୪। ନରେନ୍‌ଙ୍କୁ କେଉଁ ବୃକ୍ଷ ହେବାର ଆଶାପୋଷଣ କରିଥିଲେ ?
(କ) କଳ୍ପବୃକ୍ଷ (ଖ) ଅଶ୍ୱତ୍ଥ ବୃକ୍ଷ
(ଗ) ବଟବୃକ୍ଷ (ଘ) ଦେବବୃକ୍ଷ

୨୫। ନରେନ୍ କ'ଣ ଚାହୁଁଛନ୍ତି ବୋଲି ରାମକୃଷ୍ଣ କହିଥିଲେ ?
(କ) ନିଜର ମୁକ୍ତି (ଖ) ଶାନ୍ତି
(ଗ) ତୃପ୍ତି (ଘ) ଶକ୍ତି

୨୬। କେଉଁକଥା ନରେନ୍‌ଙ୍କର ଅନ୍ତରର ଦ୍ୱନ୍ଦ୍ୱକୁ ସମାଧାନ କରିଥିବ ?
(କ) ଠାକୁରଙ୍କର ଉଦାର କଥା
(ଖ) ଠାକୁରଙ୍କର ଉପଦେଶପୂର୍ଣ୍ଣ କଥା
(ଗ) ଠାକୁରଙ୍କର କଠୋର କଥା
(ଘ) ଠାକୁରଙ୍କ ଛଳନାପୂର୍ଣ୍ଣ କଥା

୨୭। ବିଶାଳ ବୁଭୁକ୍ଷୁ ଜନସମାଜର ଦୁର୍ଦ୍ଦଶା ମୋଚନ ପାଇଁ କ'ଣ ଆଚରଣ କରାଯିବ ?
(କ) ପୂଜାବ୍ରତ (ଖ) ସେବାବ୍ରତ
(ଗ) ଓଷାବ୍ରତ (ଘ) ପୂଜ୍ୟବ୍ରତ

୨୮। ଭାରତୀୟ ଦର୍ଶନରେ କାହାର ସେବା ହିଁ ଈଶ୍ୱର ସେବା ?
(କ) ଦାନବ ସେବା (ଖ) ମନୁଷ୍ୟ ସେବା
(ଗ) ପଶୁ ସେବା (ଘ) ରୋଗୀ ସେବା

୨୯। ବିବେକାନନ୍ଦ କେଉଁମାନଙ୍କୁ ଜନାର୍ଦ୍ଦନରୂପେ ପୂଜା କରିବାକୁ ଆଗେଇ ଆସିଥିଲେ ?
(କ) ଦରିଦ୍ରମାନଙ୍କୁ (ଖ) ରାଜାମାନଙ୍କୁ
(ଗ) ଜନତାକୁ (ଘ) ରୋଗୀମାନଙ୍କୁ

୩୦। 'ଜନତା-ଜନାର୍ଦ୍ଦନ' କେଉଁ ଛଳନାରେ ଶିକାର ହେବା ଫଳରେ ଏହି ଶବ୍ଦ ଯୁଗଳରେ ମଇଳା ଜମି ଥିଲା ?
(କ) ଆର୍ଥନୀତିକ (ଖ) ରାଜନୈତିକ
(ଗ) ରାଜବୋଧକ (ଘ) କୂଟନୈତିକ

୩୧। ଇହଧାମ ତ୍ୟାଗ କରିବା ପୂର୍ବରୁ ଶ୍ରୀରାମକୃଷ୍ଣ କେଉଁମାନଙ୍କୁ ନରେନ୍‌ଙ୍କ ହାତରେ ସମର୍ପି ଦେଇଥିଲେ ?
(କ) ବୃଦ୍ଧ ଶିଷ୍ୟମାନଙ୍କୁ (ଖ) ଅନ୍ୟ ଶିଷ୍ୟମାନଙ୍କୁ
(ଗ) ତରୁଣ ଶିଷ୍ୟମାନଙ୍କୁ (ଘ) ପ୍ରିୟ ଶିଷ୍ୟମାନଙ୍କୁ

୩୨। କାହାର କଲ୍ୟାଣ ସାଧନ କରିବାକୁ ରାମକୃଷ୍ଣ ନରେନ୍‌ଙ୍କୁ ନିର୍ଦ୍ଦେଶ ଦେଇ ବିଦାୟ ନେଲେ ?
(କ) ଜଗତର (ଖ) ମଣିଷର
(ଗ) ଦରିଦ୍ରର (ଘ) ଦେଶର

୩୩। ଠାକୁରଙ୍କ ନାମରେ କ'ଣ ପାଇବାର ବାଟ ବି ଯୁବକମାନଙ୍କର ନଥିଲା ?
(କ) ମୁଠାଏ ଭାତ (ଖ) ଟିକିଏ ଖାଦ୍ୟ
(ଗ) ମୁଠାଏ ଟଙ୍କା (ଘ) ମୁଠାଏ ଭିକ

୩୪। ଶିଷ୍ୟମାନଙ୍କୁ ବରାହନଗରଠାରେ ପୁରୁଣାକୋଠା ଦେଇଥିବା ଶ୍ରୀରାମକୃଷ୍ଣଙ୍କର ଗୃହସ୍ଥ ଭକ୍ତଙ୍କର ନାମ କ'ଣ ?
(କ) ନରେନ୍ଦ୍ର ନାଥ (ଖ) ଶ୍ରୀ ସୁରେଶ ଚନ୍ଦ୍ର ମିତ୍ର
(ଗ) ରାଖାଲ ଚନ୍ଦ୍ର (ଘ) ଗଙ୍ଗାଧର



Odisha 1 to 10 All Books App

୩୫। କିଏ ତାଙ୍କର ପୁରୁଣାକୋଠା ଯୁବଶିଷ୍ୟମାନଙ୍କୁ ଛାଡ଼ିଦେଲେ ?
(କ) ଶ୍ରୀ ସୁରେଶଚନ୍ଦ୍ର ମିତ୍ର (ଖ) ସାରଦାନନ୍ଦ
(ଗ) ଯୋଗେନ୍ଦ୍ରନାଥ (ଘ) ହରିପ୍ରସନ୍ନ

୩୬। ଠାକୁରଙ୍କର କେଉଁ ଅବଶେଷକୁ ନରେନ୍ ସାଥିରେ ନେଇଥିଲେ ?
(କ) ଧନାବଶେଷ (ଖ) ଦେହାବଶେଷ
(ଗ) ମଠାବଶେଷ (ଘ) ବସ୍ତ୍ରାବଶେଷ

୩୭। ନରେନ୍ ସଦଳବଳେ କେଉଁଠାକୁ ଆସିଥିଲେ ?
(କ) ଆଣ୍ଟପୁର (ଖ) ରାଜପୁତନା
(ଗ) ବରାହନଗର (ଘ) ନୈନୀତାଲ

୩୮। ଅଳ୍ପଦିନ ଭିତରେ ପରିତ୍ୟକ୍ତ ଭୂତକୋଠି କିପରି ସ୍ଥାନରେ ପରିଣତ ହେଲା ?
(କ) ପବିତ୍ର (ଖ) ସୁନ୍ଦର
(ଗ) ଅସୁନ୍ଦର (ଘ) ଭବ୍ୟ

୩୯। ଯୁବକମାନେ ମାସ ମାସ ଧରି କ'ଣ ଲଗାଇ ଭାତ ଖାଇଛନ୍ତି ?
(କ) କଇଁଚି କାକୁଡ଼ି ପତ୍ର ପୋଡ଼ା ଓ ଲୁଣ
(ଖ) କଇଁଚି କାକୁଡ଼ି ପତ୍ର ସିଝା ଓ ଲୁଣ
(ଗ) କଇଁଚି କାକୁଡ଼ି ପତ୍ର ଛେଚା ଓ ଲୁଣ
(ଘ) କଇଁଚି କାକୁଡ଼ି ପତ୍ର ଭଜା ଓ ଲୁଣ ।

୪୦। ବାହାରକୁ ଯିବା ପାଇଁ ଯୁବକମାନେ କ'ଣ ପାଇ ନାହାଁନ୍ତି ?
(କ) ଖଣ୍ଡିଏ କନା (ଖ) ଖଣ୍ଡିଏ ଜାମା
(ଗ) ଖଣ୍ଡିଏ ଲୁଗା (ଘ) ଖଣ୍ଡିଏ କପଡ଼ା

୪୧। ଠାକୁରଙ୍କର କ'ଣ ଯୁବକମାନଙ୍କୁ ଏକାଠି କରି ରଖିଥିଲା ?
(କ) ଉପଦେଶ ଓ ପ୍ରେମ (ଖ) ନିର୍ଦ୍ଦେଶ ଓ ପ୍ରେମ
(ଗ) ଆଦର୍ଶ ଓ ପ୍ରେମ (ଘ) ତ୍ୟାଗ ଓ ପ୍ରେମ

୪୨। ଦୁଃଖକଷ୍ଟରେ ପଡ଼ି ବି ଯୁବକମାନଙ୍କର କ'ଣ ଭାଙ୍ଗି ନଥିଲା ?
(କ) ଜନବଳ (ଖ) ମନୋବଳ
(ଗ) ଅର୍ଥବଳ (ଘ) ଶରୀର ବଳ

୪୩। କାହାର ମାଆଙ୍କର ନିମନ୍ତ୍ରଣ ନରେନ୍ଦ୍ରନାଥ ରକ୍ଷା କରିଥିଲେ ?
(କ) ଶରତ ଚନ୍ଦ୍ର (ଖ) ବାବୁରାମ
(ଗ) ଗଙ୍ଗାଧର (ଘ) ଶଶିଭୂଷଣ

୪୪। ନିମନ୍ତ୍ରଣ ରକ୍ଷା କରି ନରେନ୍ଦ୍ରନାଥ କେଉଁ ଗ୍ରାମକୁ ଗୁରୁଭାଇଙ୍କ ସହ ଯାଇଥିଲେ ?
(କ) ବରାହ ନଗର (ଖ) ମଧୁନଗର
(ଗ) ଆଣ୍ଟପୁର (ଘ) ନୈନୀତାଲ

୪୫। କେତେ ମସିହାରେ ବିବେକାନନ୍ଦ ପ୍ରଥମ କରି ପରିଭ୍ରମଣରେ ବାହାରିଥିଲେ ?
(କ) ୧୮୮୪ (ଖ) ୧୮୮୬
(ଗ) ୧୮୮୯ (ଘ) ୧୮୯୧

୪୬। ବିବେକାନନ୍ଦଙ୍କର ପ୍ରଥମ ଶିଷ୍ୟଙ୍କର ନାମ କ'ଣ ଥିଲା ?
(କ) ଶ୍ରୀ ରାମକୃଷ୍ଣନନ୍ଦ (ଖ) ଶ୍ରୀ ସୁବୋଧାନନ୍ଦ
(ଗ) ଶ୍ରୀ ଶରତ ଚନ୍ଦ୍ର ଗୁପ୍ତ (ଘ) ଶ୍ରୀ ହରିପ୍ରସନ୍ନ

୪୭। ଶ୍ରୀ ଶରତଚନ୍ଦ୍ରଗୁପ୍ତଙ୍କରର ସନ୍ନ୍ୟାସୀ ନାମ କ'ଣ ?
(କ) ସ୍ୱାମୀ ସଦାନନ୍ଦ (ଖ) ସ୍ୱାମୀ ବ୍ରହ୍ମାନନ୍ଦ
(ଗ) ସ୍ୱାମୀ ଅଭେଦାନନ୍ଦ (ଘ) ସ୍ୱାମୀ ଯୋଗାନନ୍ଦ

୪୮। ଦ୍ୱିତୀୟବାର ବିବେକାନନ୍ଦ କେଉଁଠାକୁ ଗଲେ ?
(କ) ହରିଦ୍ୱାର (ଖ) ବେଲୁର
(ଗ) ବରାହନଗର (ଘ) ହରିହର ନଗର

୪୯। ବିବେକାନନ୍ଦଙ୍କ ଭିତରେ ଥିବା ପ୍ରଚଣ୍ଡ ଶକ୍ତି କେଉଁ ପଥ ନ ପାଇ ସର୍ବଦା ଅସ୍ଥିର କଲା ?
(କ) ଆଲୋକିତ ପଥ (ଖ) ନିଗମନ ପଥ
(ଗ) କଣ୍ଟକିତ ପଥ (ଘ) ବହିଃ ପଥ

୫୦। ଭୋକିଲା ଲୋକଙ୍କର ଦୁଃଖ ନିଜ ଆଖିରେ ଦେଖି ନରେନ୍‌ଙ୍କର ହୃଦୟ କ'ଣ ହୋଇଥିଲା ?
(କ) ଅଥୟ (ଖ) ଆନନ୍ଦିତ
(ଗ) ବିଗଳିତ (ଘ) ବିହ୍ୱଳିତ

୫୧। ଥରେ ସ୍ୱାମୀଜୀ ଆଦିବାସୀ ବସ୍ତିରେ କେଉଁମାନଙ୍କ ଅତିଥି ହୋଇଥିଲେ ?
(କ) ଭୂୟାଁ (ଖ) ସାନ୍ତାଳ
(ଗ) ମୁଣ୍ଡା (ଘ) ବଣ୍ଡା

୫୨। ସରଳ ଲୋକମାନଙ୍କ ପାଇଁ କିଛି କରି ନ ପାରିବାର ଅକ୍ଷମତାରେ ଭାଙ୍ଗିପଡ଼ି ବିବେକାନନ୍ଦ ଜଙ୍ଗଲରେ କାହାର ଶିକାର ହେବା ପାଇଁ ଚାହିଁଥିଲେ ?
(କ) ସିଂହ (ଖ) ଭାଲୁ
(ଗ) ବାଘ (ଘ) ହାତୀ

୫୩। କେଉଁଠାରେ ବିବେକାନନ୍ଦ କ୍ଷେତରୀ ମହାରାଜାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ ?
(କ) ରାଜପୁତନା (ଖ) ବରହନଗର
(ଗ) ଦକ୍ଷିଣେଶ୍ୱର (ଘ) ନୈନୀତାଲ

Edodia App



Odisha 1 to 10 All Books App

୫୪। ନୈନତାଲରେ ସ୍ୱାମୀଜୀ ନିବେଦିତାଙ୍କୁ କାହା କଥା କହିଥିଲେ ?
(କ) ଗାଜୀପୁର ବାଈଜୀଙ୍କ
(ଖ) କ୍ଷେତରୀର ବାଈଜୀଙ୍କ
(ଗ) ବରାହନଗର ବାଈଜୀଙ୍କ
(ଘ) ମହୀଶୂର ରାଜାଙ୍କ

୫୫। ଭୋକିଲା ମଣିଷଙ୍କୁ ଦେଖି ବିବେକାନନ୍ଦ ଯେଉଁ ନୂତନ ଜ୍ଞାନ ପାଇଥିଲେ ତାହା କ'ଣ ଥିଲା ?
(କ) ରୋଗ ପେଟରେ ଧର୍ମ ଅନାବଶ୍ୟକ
(ଖ) ପୂର୍ଣ୍ଣ ପେଟରେ ଧର୍ମ ଅନାବଶ୍ୟକ
(ଗ) ଭୋକିଲା ପେଟରେ ଧର୍ମ ଅନାବଶ୍ୟକ
(ଘ) ପାଣିପୂର୍ଣ୍ଣ ପେଟରେ ଧର୍ମ ଅନାବଶ୍ୟକ

୫୬। ବିବେକାନନ୍ଦଙ୍କ ଭାରତ ଭ୍ରମଣ ଯାତ୍ରା କେଉଁଠାରୁ ଆରମ୍ଭ ହୋଇଥିଲା ?
(କ) ବରାହନଗର (ଖ) ରାଜପୁତନା
(ଗ) ଚିକାଗୋରୁ (ଘ) ଦକ୍ଷିଣେଶ୍ୱର

୫୭। "ସ୍ୱାମୀଜୀ ତାଦୃଶ ପଣ୍ଡିତ ନୁହଁନ୍ତି" ଏକଥା ପଣ୍ଡିତମାନେ କହୁଥିବାର କିଏ ଶୁଣିଥିଲେ ?
(କ) ପ୍ରେମାନନ୍ଦ (ଖ) ସୁଧାନନ୍ଦ
(ଗ) ଶ୍ରଦ୍ଧାନନ୍ଦ (ଘ) ରାଖାଲଚନ୍ଦ୍ର

## ଉତ୍ତର

୧। (ଗ) କଟକ
୨। (ଖ) ଜରିପଡ଼ା
୩। (ଗ) ମନନଶୀଳ
୪। (ଖ) ଛତ୍ରପତି ବିବେକାନନ୍ଦ
୫। (କ) ୨୨ ବର୍ଷ
୬। (ଗ) ବିଶ୍ୱନାଥ ଦତ୍ତ
୭। (କ) ଏକବର୍ଷ
୮। (ଖ) ଦୁଇ ପିତାଙ୍କୁ
୯। (କ) ଦୁର୍ବଳ
୧୦। (ଗ) ମହାନ କର୍ମ
୧୧। (ଗ) ଦୃଢ଼ମନା
୧୨। (କ) ଜୀବନରେ କର୍ମ ଓ ଲକ୍ଷ୍ୟ
୧୩। (ଗ) ଦକ୍ଷିଣେଶ୍ୱର
୧୪। (ଖ) ଧାତ୍ରୀ
୧୫। (ଗ) ପାଞ୍ଚ ଛଅ
୧୬। (ଖ) ନିର୍ବିକଳ୍ପ
୧୭। (ଗ) ଗୁରୁକୃପା
୧୮। (ଖ) ସନ୍ଧ୍ୟାବେଳେ
୧୯। (କ) ଜ୍ଞାନଶୂନ୍ୟ
୨୦। (ଗ) ଅପୂର୍ବ ଦିବ୍ୟ ଆନନ୍ଦ
୨୧। (ଖ) ଠାକୁର ଶ୍ରୀରାମକୃଷ୍ଣ
୨୨। (ଖ) କିଛିଦିନ ପୂର୍ବରୁ
୨୩। (ଗ) ପାଞ୍ଚ ଛଅଦିନ
୨୪। (ଗ) ବଟବୃକ୍ଷ
୨୫। (କ) ନିଜର ମୁକ୍ତି
୨୬। (ଗ) ଠାକୁରଙ୍କର କଠୋର କଥା
୨୭। (ଖ) ସେବାବ୍ରତ
୨୮। (ଖ) ମନୁଷ୍ୟ ସେବା
୨୯। (ଗ) ଜନତାକୁ
୩୦। (ଖ) ରାଜନୈତିକ
୩୧। (ଗ) ତରୁଣ ଶିଷ୍ୟମାନଙ୍କୁ
୩୨। (କ) ଜଗତର
୩୩। (ଗ) ଭିକ ମୁଠାଏ
୩୪। (ଖ) ସୁରେଶ ଚନ୍ଦ୍ର ମିତ୍ର
୩୫। (କ) ସୁରେଶ ଚନ୍ଦ୍ର ମିତ୍ର
୩୬। (ଖ) ଦେହାବଶେଷ
୩୭। (ଗ) ବରାହନଗର
୩୮। (କ) ପବିତ୍ର
୩୯। (ଖ) କଇଁଚି କାକୁଡ଼ି ପତ୍ର ସିଝା ଓ ଲୁଣ
୪୦। (ଗ) ଖଣ୍ଡିଏ ଲୁଗା
୪୧। (ଗ) ଆଦର୍ଶ ଓ ପ୍ରେମ
୪୨। (ଖ) ମନୋବଳ
୪୩। (ଖ) ବାବୁରାମ
୪୪। (ଗ) ଆଣ୍ଟପୁର
୪୫। (ଖ) ୧୮୮୬



Eduodia App
Odisha 1 to 10 All Books App

୪୬। (ଗ) ଶ୍ରୀ ଶରତ ଚନ୍ଦ୍ର ଗୁପ୍ତ
୪୭। (କ) ସ୍ୱାମୀ ସଦାନନ୍ଦ
୪୮। (କ) ହରିଦ୍ୱାର
୪୯। (ଖ) ନିଗମନ ପଥ
୫୦। (ଗ) ବିଗଳିତ
୫୧। (ଖ) ସାନ୍ତାଳ
୫୨। (ଗ) ବାଘ
୫୩। (କ) ରାଜପୁତନା
୫୪। (ଖ) କ୍ଷେତରୀର ବାଇଜୀ
୫୫। (ଗ) ଭୋକିଲାପେଟରେ ଧର୍ମ ଅନାବଶ୍ୟକ
୫୬। (କ) ବରାହନଗର
୫୭। (ଗ) ଶ୍ରଦ୍ଧାନନ୍ଦ

## ସପ୍ରସଙ୍ଗ ସରଳାର୍ଥ

**୧। ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ।**

**ଉତ୍ତର** – ଦରିଦ୍ର ନାରାୟଣଙ୍କ........ ସନ୍ନ୍ୟାସୀର ଯଥାର୍ଥ ବ୍ରତ । ଶଂସିତ ଅଂଶଟି ଶରତକୁମାର ମହାନ୍ତିଙ୍କ ରଚିତ "ନରେନ୍‌ରୁ ବିବେକାନନ୍ଦ" ଶୀର୍ଷକ ବିଷୟରୁ ଆସିଅଛି ।

ପ୍ରବନ୍ଧ ସାହିତ୍ୟର ଋଦ୍ଧିମନ୍ତ ପ୍ରବନ୍ଧ ରଚୟିତା ଶରତ କୁମାର ମହାନ୍ତି ବିଜ୍ଞାନ, ଦର୍ଶନ, ସମାଜ, ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ଆଦି ପ୍ରତ୍ୟେକ ଦିଗକୁ ସ୍ପର୍ଶ କରି ମାର୍ଜିତ ଧାରାରେ ରଚନା କରିଥିବା ପ୍ରବନ୍ଧଗୁନିକ ମଧ୍ୟରୁ 'ଛତ୍ରପତି ବିବେକାନନ୍ଦ' ତାହାର ଅଂଶବିଶେଷ । ପରବର୍ତ୍ତିତ ଧାରାରେ ନିଜକୁ ସାମିଲ କରାଇଥିବା ନରେନ୍ ନିଜକୁ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ କରାଇ କିପରି ଯୁବକୁଳର ଉଜ୍ଜ୍ୱଳ ଦୃଷ୍ଟାନ୍ତ ସାଜିଛନ୍ତି ତାହା ପ୍ରାବନ୍ଧିକଙ୍କ କଲମ ମୁନରେ ବେଶ ଭାବଗ୍ରାହୀ ହୋଇପାରିଛି ସମାଜ ପାଇଁ ।

ଉଦ୍ଧୃତାଂଶରେ ନରେନ୍‌ଙ୍କର ଭାବାବେଗ ଦରିଦ୍ରମାନଙ୍କ ପ୍ରତି ବ୍ରତାନ୍ୱୟୀ ହେବାର ସୂଚନା ପ୍ରଦାନ କରୁଅଛି । ସମଗ୍ର ଦେଶ ପରିଭ୍ରମଣ ପରେ ଦି'ଓଳି ଦି'ମୁଠା ଖାଇବାକୁ ପାଉନଥିବା ଅଗଣିତ ମଣିଷମାନଙ୍କୁ ଦେଖି ବିବେକାନନ୍ଦ ପ୍ରାପ୍ତ ହୋଇଥିବା ନୂତନ ଜ୍ଞାନର ସାରାଂଶ ଏହିପରି କି, 'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' । ଏହି ଉକ୍ତିଟି ମାର୍କସ୍ ବା ତାଙ୍କର ଅନୁଗାମୀଙ୍କର ବୋଲି ଅନୁମିତ ହେଉଥିବାବେଳେ ନରେନ୍ କିନ୍ତୁ ଏ ପଦଟି ରାମକୃଷ୍ଣଙ୍କ ଠାରୁ ଶୁଣିଥିଲେ । ଦେଶର ଅନ୍ଧିକନ୍ଧି ବୁଲି ଏହାର ସତ୍ୟତାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ନରେନ୍ । ରାମକୃଷ୍ଣ ପରମହଂସଙ୍କର ଯୋଗ୍ୟ ଶିଷ୍ୟ ଭାବରେ ତାଙ୍କର ନିର୍ଦ୍ଦେଶକୁ ପାଥେୟ କରି ନିଜକୁ ସନ୍ନ୍ୟାସୀ ରୂପରେ ସଜାଇ ନେଇଥିବା ନରେନ୍ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, ଦେଶରୁ ଦାରିଦ୍ର୍ୟତା ନିରାକରଣ ନିମିତ୍ତ ଦରିଦ୍ର ନାରାୟଣମାନଙ୍କର ସେବାରେ ନିଜକୁ ନିୟୋଜିତ କରିବେ ଏବଂ ଶ୍ରେଷ୍ଠ ବ୍ରତଭାବରେ ଏହି ପଥକୁ ସୁଗମ କରିବେ । କାରଣ ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

ଉଚ୍ଛୃଙ୍ଖଳିତ ଯୁବଗୋଷ୍ଠୀର ପ୍ରାଣରେ ଦେଶସେବାର ବ୍ରତକୁ ଅବଲମ୍ବନ କରାଇବା ନିମିତ୍ତ 'ନରେନ୍‌ରୁ ବିବେକାନନ୍ଦ' ପ୍ରବନ୍ଧରେ ଯଥାସାଧ୍ୟ ଶୃଙ୍ଖଳିତ ପଦ ସମୁଚ୍ଚୟର ଉପସ୍ଥାପନା କରି ପ୍ରାବନ୍ଧିକ ତାଙ୍କର ରଚନାର ଉପାଦେୟତାକୁ ଦର୍ଶାଇଛନ୍ତି, ଖୁବ୍ ଚତୁରତାର ସହିତ ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧। ନରେନ୍‌ଙ୍କୁ ବିବେକାନନ୍ଦ ସଜାଇବାରେ ଶ୍ରୀରାମକୃଷ୍ଣଙ୍କର ଭୂମିକା କିପରି ଥିଲା ?**

**ଉତ୍ତର** – ଶ୍ରୀରାମକୃଷ୍ଣଙ୍କର ଶିଷ୍ୟତ୍ୱ ଗ୍ରହଣ କଲାପରେ ନରେନ୍ ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି ଅନୁଭବ କଲେ । ଏହା ଠାକୁରଙ୍କୁ ଜଣାଥାଏ । ନରେନ୍ ମଧ୍ୟ ଏହା ଅନୁଭବ କରିଥିଲେ ଯେ, ବିନା ଗୁରୁକୃପାରେ ଏହା ଲଭ୍ୟ ନୁହେଁ । ଦିନେ ସନ୍ଧ୍ୟାବେଳେ ବହୁ ଆକାଂକ୍ଷିତ ଶୁଭ ମୁହୂର୍ତ୍ତଟି ଉପସ୍ଥିତ ହେଲା । ଜ୍ଞାନଶୂନ୍ୟ ହୋଇ ନରେନ୍ ସମାଧିରେ ବୁଡ଼ିଗଲେ । ଠିକ୍ ନଅଟା ବେଳକୁ ସମାଧି ଭଙ୍ଗ ହେଲା । ସେତେବେଳେ ନରେନ୍‌ଙ୍କର ଅନ୍ତର ଅପୂର୍ବ ଦିବ୍ୟ ଆନନ୍ଦରେ ପରିପୂର୍ଣ୍ଣ ଥାଏ । ଠାକୁର ତାଙ୍କ ପାଖକୁ ଆସି କହିଲେ, ତାହାହେଲେ ମାଆ ତତେ ସବୁ ଦେଖାଇ ଦେଲେ । ତେବେ ବର୍ତ୍ତମାନ ଠାରୁ, ଏସବୁର ତାଲା ବନ୍ଦ ରହିଲା ଓ ଚାବି ମୋ ପାଖରେ ରହିଲା । ଯେତେବେଳେ ସବୁ କାର୍ଯ୍ୟ ଶେଷ ହେବ, ସେତେବେଳେ ଏହା ପୁଣି ଫେରି ପାଇବୁ । ରାମକୃଷ୍ଣ ଏପରି କହିବାର ପୃଷ୍ଠଭୂମି ଥିଲା । ଉଲ୍ଲିଖିତ ଘଟଣାର କିଛିଦିନ ପୂର୍ବରୁ ସେ କ'ଣ ଚାହାଁନ୍ତି, ପ୍ରଶ୍ନର ଉତ୍ତରରେ ନରେନ୍ କହିଥିଲେ, "ମୋର ଇଚ୍ଛା ହୁଏ ଶୁକଦେବଙ୍କ ପରି ଏକାଦିକ୍ରମେ ପାଞ୍ଚ ଛଅ ଦିନ ସମାଧିରେ ଲୀନ ହୋଇ ରହିବି, ପରେ ଟିକିଏ ତଳକୁ ଆସି ଦେହରକ୍ଷା ପାଇଁ କିଛି ଖାଦ୍ୟ ଗ୍ରହଣ କରି ପୁଣି ସମାଧିରେ ବୁଡ଼ିଯିବି ।" ତାଙ୍କର ଏକଥା ଶୁଣି ପ୍ରଥମ ଥର ପାଇଁ ନରେନ୍‌ଙ୍କୁ ଧିକ୍‌କାର କରି ଶ୍ରୀରାମକୃଷ୍ଣ କହିଥିଲେ, "ତୋତେ ଏକଥା କହିବାକୁ ଲଜ୍ଜାବୋଧ ହେଉନାହିଁ ? ଭାବିଥିଲି, ତୁ ଗୋଟାଏ ପ୍ରକାଣ୍ଡ ବଟବୃକ୍ଷପରି ହେବୁ ଏବଂ ତୋ' ଛାଇରେ ହଜାର ହଜାର ମଣିଷ ଆଶ୍ରୟ ପାଇବେ, କିନ୍ତୁ ତା ନହୋଇ ତୁ କେବଳ ନିଜର ମୁକ୍ତି ଚାହୁଁଛୁ ?"

ଠାକୁରଙ୍କର ଏହି କଠୋର କଥା ନରେନ୍‌ଙ୍କ ଅନ୍ତରରେ ଚାଲିଥିବା ଦ୍ୱନ୍ଦ୍ୱ ସମାଧାନ କରିଥଲା । ଗୋଟାଏ ପଟେ ଧ୍ୟାନ, ଧାରଣା,



Odisha 1 to 10 All Books App

ଯୋଗ, ସମାଧି । ଇହଲୋକ ବିମୁଖ ସନ୍ନ୍ୟାସୀର ଆଦର୍ଶ, ଅନ୍ୟପଟେ ତେଜହୀନ, ଉଦ୍ୟମହୀନ, ପ୍ରାଣହୀନ, ଉତ୍‌ଥାନ ଶକ୍ତି ରହିତ ଭାରତର ଅଭ୍ୟୁତ୍‌ଥାନ ପାଇଁ ସଂଗ୍ରାମ । ବିଶାଳ ବୁଭୁକ୍ଷୁ ଜନସମଷ୍ଟିର ଦୁର୍ଦ୍ଦଶା ମୋଚନାର୍ଥେ 'ମନୁଷ୍ୟର ସେବା ହିଁ ଈଶ୍ୱରଙ୍କର ସେବା' ବ୍ରତକୁ ଗ୍ରହଣ କରି ନରେନ୍ ସାଜିଲେ ବିବେକାନନ୍ଦ ।

**୨। ନବୀନ ସନ୍ନ୍ୟାସୀଗଣଙ୍କର ଅବସ୍ଥିତି ସଂପର୍କରେ ଉଲ୍ଲେଖ କର ।**

**ଉତ୍ତର** – ଇହଧାମ ତ୍ୟାଗ କରିବା ପୂର୍ବରୁ ଶ୍ରୀରାମକୃଷ୍ଣ ତାଙ୍କର ତରୁଣ ଶିଷ୍ୟମାନଙ୍କୁ ନରେନ୍‌ଙ୍କର ହାତରେ ସମର୍ପି ଦେଇଥିଲେ । ଜଗତର କଲ୍ୟାଣ ସାଧନ ପାଇଁ ସେ ନରେନ୍‌ଙ୍କୁ ନିର୍ଦ୍ଦେଶ ଦେଇ ବିଦାୟ ନେଲେ । କିନ୍ତୁ ନିଃସ୍ୱ, ଅନଭିଜ୍ଞ ଯୁବକ କେଇଜଣଙ୍କ ପକ୍ଷରେ କ'ଣ କରିବା ସମ୍ଭବ ? କାରଣ, ଏମାନଙ୍କ ମଧ୍ୟରୁ କେହି ସନ୍ନ୍ୟାସୀ ଭାବରେ ସମାଜରେ ପରିଚିତ ନଥିଲେ, ରାମକୃଷ୍ଣଙ୍କ ଶିଷ୍ୟ ବୋଲି ସେମାନଙ୍କୁ କେହି ଚିହ୍ନି ନଥିଲେ । ମୁଁ 'ଠାକୁରଙ୍କ ଶିଷ୍ୟ' ବୋଲି କହି କର୍ତ୍ତୃତ୍ୱ ଜାରି ତ କରିବା ଦୂରର କଥା, ଠାକୁରଙ୍କ ନାମରେ ଭିକ ମୁଠାଏ ପାଇବାର ବାଟ ମଧ୍ୟ ସେମାନଙ୍କର ନଥିଲା । କହିବା ବାହୁଲ୍ୟ, ସେମାନେ ପ୍ରାୟ ସମସ୍ତେ ଉଚ୍ଚ ଶିକ୍ଷିତ ଓ ସ୍ୱଚ୍ଛଳ ପରିବାରର ପିଲା । ଦି'ଓଳି ଦି'ମୁଠା ଖାଦ୍ୟ ମିଳିବା ସେମାନଙ୍କ ପାଇଁ ସ୍ୱପ୍ନ ହେଲା । ମାସ ମାସ ଧରି କଇଁଚିକାକୁଡ଼ି ପତ୍ର ସିଝା ଓ ଲୁଣ ଲଗାଇ ସେମାନେ ଭାତ ଖାଇଛନ୍ତି । ବାହାରକୁ ଯିବା ପାଇଁ ଖଣ୍ଡିଏ ଲୁଗା ପାଇ ନାହାନ୍ତି । ଏଥିରେ ସନ୍ଦେହ ନାହିଁ ଯେ ଠାକୁରଙ୍କର ଆଦର୍ଶ ଓ ପ୍ରେମ ସେମାନଙ୍କୁ ଏକାଠି କରି ରଖିଥିଲା । ଦୁଃଖ କଷ୍ଟରେ ପଡ଼ି ମଧ୍ୟ ସେମାନଙ୍କର ମନୋବଳ ଭାଙ୍ଗି ନଥିଲା । ଶ୍ରୀରାମକୃଷ୍ଣଙ୍କର ଜଣେ ଗୃହସ୍ଥ ଭକ୍ତଙ୍କର ଦୟାର ପାତ୍ର ହୋଇ ତାଙ୍କର ଗୋଟିଏ ପୁରୁଣା କୋଠାରେ ଠାକୁରଙ୍କର ପବିତ୍ର ଦେହାବଶେଷ ଓ ତାଙ୍କର ବ୍ୟବହୃତ ଜିନିଷପତ୍ର ସହ ନରେନ୍‌ଙ୍କର ଅନୁଗାମୀ ହୋଇ ଅବସ୍ଥାନ କରୁଥିଲେ ।

**୩। ଯେଉଁମାନେ ଶାସ୍ତ୍ରୀୟ ବିଧି ଅନୁଯାୟୀ ସନ୍ନ୍ୟାସ ଗ୍ରହଣ କଲେ ସେମାନଙ୍କ ନାମ ଓ ପରିବର୍ତ୍ତିତ ନାମ ଉଲ୍ଲେଖ କର ।**

**ଉତ୍ତର** – ୧୮୮୭ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ନବୀନ ତରୁଣଗଣ ବରାହନଗରରୁ ଫେରି ଶାସ୍ତ୍ରୀୟ ବିଧି ଅନୁଯାୟୀ ସନ୍ନ୍ୟାସ ଗ୍ରହଣ କଲେ । ଶ୍ରୀରାମକୃଷ୍ଣଙ୍କର ଷୋହଳଜଣ ସନ୍ନ୍ୟାସୀ ଶିଷ୍ୟ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ (ନରେନ୍ଦ୍ରନାଥ), ସ୍ୱାମୀ ବ୍ରହ୍ମାନନ୍ଦ (ରାଖାଲ ଚନ୍ଦ୍ର) ସ୍ୱାମୀ ପ୍ରେମାନନ୍ଦ (ବାବୁରାମ), ସ୍ୱାମୀ ଯୋଗାନନ୍ଦ (ଯୋଗେନ୍ଦ୍ରନାଥ), ସ୍ୱାମୀ ନିରଞ୍ଜନାନନ୍ଦ (ନିରଞ୍ଜନ) ସ୍ୱାମୀ ରାମକୃଷ୍ଣାନନ୍ଦ (ଶଶିଭୂଷଣ), ସ୍ୱାମୀ ଶିବାନନ୍ଦ (ତାରକନାଥ), ସ୍ୱାମୀ ତୁରୀୟାନନ୍ଦ (ହରିନାଥ), ସ୍ୱାମୀ ଅଭେଦାନନ୍ଦ (କାଳୀପ୍ରସାଦ), ସ୍ୱାମୀ ଶାରଦାନନ୍ଦ(ଶରତଚନ୍ଦ୍ର), ସ୍ୱାମୀ ଅଦ୍ୱୈତାନନ୍ଦ (ଗୋପାଳ), ସ୍ୱାମୀ ଅଭୁତାନନ୍ଦ (ଲାଟୁ) ସ୍ୱାମୀ ତ୍ରିଗୁଣାନନ୍ଦ (ସାରଦା), ସ୍ୱାମୀ ସୁବୋଧାନନ୍ଦ (ସୁବୋଧ), ସ୍ୱାମୀ ଅଖଣ୍ଡାନନ୍ଦ (ଗଙ୍ଗାଧର) ଓ ସ୍ୱାମୀ ବିଜ୍ଞାନାନନ୍ଦ (ହରିପ୍ରସନ୍ନ) । ଏମାନେ ସମସ୍ତେ ଏକାଦିନରେ ସନ୍ନ୍ୟାସ ଗ୍ରହଣ କରିନଥିଲେ । ଯେଉଁମାନେ ଅନୁପସ୍ଥିତ ଥିଲେ ସେମାନେ ପରେ ଯଥାବିଧି ସନ୍ନ୍ୟାସବ୍ରତ ଗ୍ରହଣ କରିଥିଲେ ।

**୪। ବିବେକାନନ୍ଦଙ୍କର ପ୍ରଥମ ପରିଭ୍ରମଣର ଅନୁଭୂତି ବର୍ଣ୍ଣନା କର ।**

**ଉତ୍ତର** – ୧୮୮୬ରେ ପ୍ରଥମ କରି ବିବେକାନନ୍ଦ ପରିଭ୍ରମଣରେ ବାହାରିଲେ । ହିମାଳୟ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରି ବାଟରେ ବନାରସ୍, ଅଯୋଧ୍ୟା, ବୃନ୍ଦାବନ, ଆଗ୍ରା ଓ ଲକ୍ଷ୍ନୌ ପ୍ରଭୃତି ତୀର୍ଥସ୍ଥାନ ଭ୍ରମଣ କଲେ । ତୀର୍ଥ କରିବା ଅପେକ୍ଷା ବିଶାଳ ଭାରତବର୍ଷ ଓ ତା'ର ଦରିଦ୍ର ଜନତା ସହିତ ଘନିଷ୍ଠ ଭାବେ ପରିଚୟ ହେବାର ସୁଯୋଗକୁ ସେ ବଡ଼ ମନେ କରୁଥିଲେ । ବାଟରେ ଅପ୍ରତ୍ୟାଶିତ ଭାବେ ସେ ତାଙ୍କର ପ୍ରଥମ ଶିଷ୍ୟଙ୍କୁ ଗ୍ରହଣ କରିଥିଲେ । ସେ ହେଉଛନ୍ତି ହାଥରାସ ନାମକ ଗୋଟିଏ ଛୋଟ ଷ୍ଟେସନର ଷ୍ଟେସନ –ମାଷ୍ଟର ଶ୍ରୀ ଶରତଚନ୍ଦ୍ର ଗୁପ୍ତ । ବିବେକାନନ୍ଦଙ୍କର ପ୍ରଥମ ଶିଷ୍ୟ ହେଲାପରି ଯୋଗ୍ୟ ମଣିଷଟିଏ । ଶ୍ରୀ ଗୁପ୍ତଙ୍କର ସନ୍ନ୍ୟାସୀ ନାମ ହେଉଛି ସ୍ୱାମୀ ସଦାନନ୍ଦ । ବିବେକାନନ୍ଦଙ୍କ ସହିତ ଦିନ ଦିନ ଭୋକ ଉପାସରେ କଟାଇ ଦରିଦ୍ର ଲୋକଙ୍କର ଦୁଃଖକଷ୍ଟକୁ ଅଙ୍ଗେ ଲିଭାଇ ଥିଲେ । ଶରୀର ଉପରେ କ୍ରମାଗତ ଅତ୍ୟାଚାର ଫଳରେ ଗୁରୁଶିଷ୍ୟ ଦୁହେଁ ବେମାର ପଡ଼ିବା ଫଳରେ ବରାହନଗରକୁ ଫେରିଆସିଲେ ।

**୫। ବିବେକାନନ୍ଦଙ୍କର ଦ୍ୱିତୀୟ ପରିଭ୍ରମଣ ସଂପର୍କରେ ଆଲୋଚନା କର ।**

**ଉତ୍ତର** – ଦୁଇବର୍ଷ ପରେ ବିବେକାନନ୍ଦ ଦ୍ୱିତୀୟବାର ଭ୍ରମଣରେ ବାହାରିଲେ । ଏଥର ଆଲାହାବାଦ ଓ ଗାଜୀପୁର ଦେଇ ହରିଦ୍ୱାର ଗଲେ । ଗାଜୀପୁରରେ ସିଦ୍ଧଯୋଗୀ ପାଓହାରୀ ବାବାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ପାଓହାରୀ ବାବାଙ୍କର ସିଦ୍ଧି ଓ ବ୍ୟକ୍ତିତ୍ୱ ଦ୍ୱାରା ଆକୃଷ୍ଟ ହୋଇ ସେହି ମଠରେ ତପସ୍ୟାରତ ରହିବାକୁ ବିବେକାନନ୍ଦଙ୍କର ବିଶେଷ ଇଚ୍ଛା ଜାତ ହୋଇଥିଲା । କିନ୍ତୁ ସେ ଯେତେଥର ପାଓହାରୀ ବାବାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ମନ ଭିତରେ ସ୍ଥିର କରିଛନ୍ତି, ସେତେଥର ରାତିରେ କେହି ଜଣେ ଆସି ତାକୁ ବାରଣ କରିଛି । ଏଥର ମଧ୍ୟ ବିବେକାନନ୍ଦ କେତେ ମାସ ପରେ ବରାହନଗର ମଠକୁ ଫେରି ଆସିଲେ ।



Odisha 1 to 10 All Books App

**୬। ବିବେକାନନ୍ଦଙ୍କର ହୃଦୟ କେଉଁକାରଣରୁ ହାହାକାର କରିଥିଲା ?**

**ଉତ୍ତର** – ବିବେକାନନ୍ଦଙ୍କ ଦୁଇଥର ଭ୍ରମଣ ଅଭିଜ୍ଞତାରୁ ସମାଜରେ ଯେତିକି ଆବର୍ଜନା କୁଢ଼ କୁଢ଼ ହୋଇ ଜମିଥିବାର ଦେଖିଥିଲେ ସେ ସବୁକୁ ଦୂର କରିବାର ବ୍ୟାକୁଳତା ତାଙ୍କୁ ଶାନ୍ତିରେ ଶୁଆଇ ଦେଲା ନାହିଁ । ଏଣୁ ସେ କ୍ରୋଧରେ ତୃତୀୟ ଥର ପାଇଁ ମଠ ପରିତ୍ୟାଗ କଲେ । ପାଦରେ ଚାଲି ଚାଲି ଦେଶସାରା ସେନାପତି ରୂପରେ ନୁହେଁ ପୁରନ୍ତୁ ସନ୍ନ୍ୟାସୀ ରୂପରେ ବୁଲିଲେ । ତାଙ୍କର ତେଜରେ ବିସ୍ମିତ ହୋଇ ରାଜା ମହାରାଜାମାନେ ତାଙ୍କୁ ଗୋଟିଏ ଦିନ ପାଇଁ ବି ଅତିଥି ରୂପରେ ପାଇ ନିଜକୁ କୃତାର୍ଥ ମଣୁଥିଲେ । ହେଲେ ରାଜା ମହାରାଜାଙ୍କ ଅପେକ୍ଷା ସମାଜର ତଳିଆ ଲୋକଙ୍କର ତଥା ଦୀନ ଦରିଦ୍ରଙ୍କ ଆତିଥ୍ୟ ଗ୍ରହଣ କରି ସେମାନଙ୍କ ସୁଖ ଦୁଃଖରେ ଭାଗୀଦାର ହେବାକୁ ବିବେକାନନ୍ଦ ଭଲ ପାଉଥିଲେ । ଧନୀ, ଦରିଦ୍ର, ଉଚ୍ଚଜାତି ଓ ନୀଚଜାତି ଭେଦ ଭୁଲି ସମାଜର ସବୁ ଶ୍ରେଣୀର ଲୋକଙ୍କର ଘନିଷ୍ଠ ସଂସ୍ପର୍ଶରେ ଆସି ମଣିଷ ପ୍ରତି ତାଙ୍କର ଶ୍ରଦ୍ଧା ଓ କରୁଣା ଗଭୀରତର ହେଲା । ଭୋକିଲା ଲୋକଙ୍କର ଦୁଃଖ ଦେଖି ତାଙ୍କ ହୃଦୟ ବିଗଳିତ ହେଲା । ଥରେ ସ୍ୱାମୀଜୀ ଗୋଟିଏ ଆଦିବାସୀ ବସ୍ତିରେ ସାନ୍ତାଳଙ୍କର ଅତିଥି ହୋଇଥାନ୍ତି । ଦିନକୁ ମୁଠାଏ ଭାତ ପାଉ ନଥିବା, ଗଛର ପତ୍ର ଚେର ଖାଇ ଭୋକ ମାରୁଥିବା ସାନ୍ତାଳମାନେ ଶ୍ରଦ୍ଧା ଓ ଭକ୍ତିରେ ତାଙ୍କର ଖାଇବା ପିଇବା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି । ଏହା ଦେଖି ବିବେକାନନ୍ଦଙ୍କର ହୃଦୟ ହାହାକାର କରିଉଠିଲା ।

**୭। କେଉଁ ଘଟଣାଟି ବିବେକାନନ୍ଦଙ୍କ ଉପରେ ଗଭୀର ରେଖାପାତ କରିଥିଲା ?**

**ଉତ୍ତର** – ରାଜପୁତନାରେ ବିବେକାନନ୍ଦ କ୍ଷେତରୀ ମହାରାଜାଙ୍କର ଆତିଥ୍ୟ ଗ୍ରହଣ କରିଥାନ୍ତି । ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ସେଠାରେ ଗୋଟିଏ ଉତ୍ସବର ଆୟୋଜନ ହୋଇଥାଏ । ସେହି ଉତ୍ସବରେ ଜଣେ ବାଇଜୀ ଗୀତ ଗାଇବାକୁ ପ୍ରସ୍ତୁତ ହେଉଥିବାର ଦେଖି ବିବେକାନନ୍ଦ ରାଗିଯାଇ ଉଠିଯିବାକୁ ବସିଲେ । ସନ୍ନ୍ୟାସୀଙ୍କର ମନୋଭାବକୁ ବାଇଜୀ ପରଖି ନେଲେ । ସେ ମୀରା ଭଜନର ସୁର ଧରିଲେ ।

ପ୍ରଭୁ ମେରା ଅବଗୁଣ ଚିତ ନ ଧରୋ,
ସମଦରଶୀ ହୈ ନାମ ତୁମ୍ହାରା,
ଚାହେ ତୋ ପାର କରୋ

ମଧୁର, ଆବେଗପୂର୍ଣ୍ଣ କଣ୍ଠରେ ବାଇଜୀଙ୍କର ଏହି ସଙ୍ଗୀତ ବିବେକାନନ୍ଦଙ୍କ ଉପରେ ଗଭୀର ରେଖାପାତ କରିଥିଲା ।

**୮। କେଉଁ ଘଟଣାର ସତ୍ୟତାକୁ ବିବେକାନନ୍ଦ ମର୍ମେ ମର୍ମେ ଅନୁଭବ କରିଥିଲେ ?**

**ଉତ୍ତର** – ସାରା ଦେଶ ବୁଲି ବୁଲି ବିବେକାନନ୍ଦ ଅନେକ ପ୍ରକାରର ଜ୍ଞାନ ଓ ଅଭିଜ୍ଞତା ଅର୍ଜନ କରିଥିଲେ, ଯେଉଁ ଅଭିଜ୍ଞତା ସେ କୌଣସି ପୁରାଣ ଶାସ୍ତ୍ରରୁ ପାଇପାରି ନଥାନ୍ତେ । ଦେଶରେ ଯେଉଁଠି ଜ୍ଞାନୀ ପଣ୍ଡିତଙ୍କୁ, ସେଠି କିଛିଦିନ ରହି ସେମାନଙ୍କଠାରୁ ଜ୍ଞାନ ଆହରଣ କରିବାକୁ ଚେଷ୍ଟା କରିଛନ୍ତି । ସେମାନଙ୍କ ସହ ଦେଶର ଐତିହ୍ୟ ଓ ଶାସ୍ତ୍ରପୁରାଣ ମଧ୍ୟ ଚର୍ଚ୍ଚା କରିଛନ୍ତି । ସମଗ୍ର ଦେଶ ବୁଲିବା ପରେ ଦି'ଓଳି ଦି'ମୁଠା ଖାଇବାକୁ ପାଉ ନଥିବା ଅଗଣିତ ମଣିଷଙ୍କୁ ଦେଖି ବିବେକାନନ୍ଦ ଗୋଟିଏ ନୂତନ ଜ୍ଞାନ ପାଇଲେ । ତାହା ହେଉଛି, "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ ।" ଉକ୍ତିଟି ମାର୍କସ ବା ତାଙ୍କର ଅନୁଗାମୀଙ୍କର ବୋଲି ଅନୁମାନ କରିନେବା ସ୍ୱାଭାବିକ କିନ୍ତୁ ଏ ପଦଟି ନରେନ୍ ତାଙ୍କର ପରମ ଗୁରୁ ଶ୍ରୀରାମକୃଷ୍ଣ ପରମହଂସଙ୍କ ଠାରୁ ଶୁଣିଥିଲେ । ଦେଶର ଅନ୍ଦିକନ୍ଦି ବୁଲିବା ପରେ ଏହାର ସତ୍ୟତାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ।

**୯। ସ୍ୱାମୀ ଶୁଦ୍ଧାନନ୍ଦ ବର୍ଣ୍ଣନା କରିଥିବା ନରେନ୍‌ଙ୍କର ଆମେରିକାରୁ ଫେରିବା ପରର ଘଟଣା ସଂପର୍କରେ ଆଲୋଚନା କର ।**

**ଉତ୍ତର** – ନରେନ୍‌ଙ୍କର ଆମେରିକାରୁ ଫେରିବା ପରର ଘଟଣା । ଦିନେ ସ୍ୱାମୀ ଶୁଦ୍ଧାନନ୍ଦ ଦେଖିଲେ, କେତେଜଣ ଗୁଜୁରାଟୀ ପଣ୍ଡିତ ସ୍ୱାମୀଜୀଙ୍କ ସହିତ ସଂସ୍କୃତ ଭାଷାରେ ଅନର୍ଗଳ ଧର୍ମ ବିଷୟକ ଆଲୋଚନା କରୁଛନ୍ତି । କିଛି ସମୟ ପରେ ଆଲୋଚନା ଗୃହରେ ଗୋଳମାଳ ଶୁଭିଲା । ଘଟଣା ଅନୁସନ୍ଧାନ କରି ଶ୍ରଦ୍ଧାନନ୍ଦ ବୁଝିଲେ, ସ୍ୱାମୀଜୀ ସଂସ୍କୃତ ଭାଷାରେ କଥା କହୁ କହୁ ଗୋଟାଏ ବ୍ୟାକରଣଗତ ଭୁଲ କରିପକାଇଛନ୍ତି । ସେହି କାରଣରୁ ପଣ୍ଡିତଗଣ ଜ୍ଞାନ- ଭକ୍ତି -ବୈରାଗ୍ୟ ବିଷୟକ ଚର୍ଚ୍ଚା ଛାଡ଼ି ଦେଇ ବିଜୟ ଉଲ୍ଲାସରେ "ଆମେ ସ୍ୱାମୀଜୀଙ୍କୁ ହରାଇଦେଲୁ" କହି ହଲ୍ଲା କରୁଛନ୍ତି । ଏହି ଦୃଶ୍ୟ ଦେଖିବା ପରେ ଶ୍ରଦ୍ଧାନନ୍ଦଙ୍କର ଠାକୁର କହୁଥିବା ବାଣୀଟି ମନେପଡ଼ିଲା । 'ଚିଲ, ଶାଗୁଣା ଖୁବ୍ ଉଚ୍ଚରେ ଉଡ଼ନ୍ତି, କିନ୍ତୁ ସେମାନଙ୍କର ଦୃଷ୍ଟିଥାଏ ତଳେ ଗୋରୁ, ମଢ଼ ଉପରେ ।' ପଣ୍ଡିତଗଣ କୌଣସି ଉଚ୍ଚ ଭାବ ବା ଗହନ ତତ୍ତ୍ୱ କଥା ଚର୍ଚ୍ଚା କରିବାକୁ ଆସି ନଥିଲେ । ଆସିବାର ଉଦ୍ଦେଶ୍ୟ ଥିଲା, ସ୍ୱାମୀଜୀଙ୍କୁ ଶାସ୍ତ୍ର ଆଲୋଚନାରେ ପରାସ୍ତ କରିବା । ଏହାର ଗୂଢ଼ ରହସ୍ୟକୁ ଭେଦ କରିବା ପରେ ସ୍ୱାମୀଜୀ ଅପ୍ରତିଭ ନ ହୋଇ ଅପରାଧ ପାଇଁ କ୍ଷମା ମାଗିଥିଲେ ।



Odisha 1 to 10 All Books App

# ଓଡ଼ିଆ ସାହିତ୍ୟ କଥା

## କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

୧। କେଉଁ ଶତାବ୍ଦୀର ଆରମ୍ଭରୁ ଇଂରେଜମାନେ ଓଡ଼ିଶାକୁ ଅଧିକାର କରିଥିଲେ ?

(କ) ସପ୍ତଦଶ ଶତାବ୍ଦୀ (ଖ) ଊନବିଂଶ ଶତାବ୍ଦୀ

(ଗ) ବିଂଶ ଶତାବ୍ଦୀ (ଘ) ଅଷ୍ଟାଦଶ ଶତାବ୍ଦୀ

୨। ନିମ୍ନଲିଖିତ କେଉଁ ସଂଗ୍ରାମୀ ଓଡ଼ିଶାରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିଥିଲେ ?

(କ) ବକ୍ସି ଜଗବନ୍ଧୁ (ଖ) ବାଲ ଗଙ୍ଗାଧର ତିଳକ

(ଗ) ଲାଲାଲାଜପତ୍ ରାୟ (ଘ) ମହାତ୍ମା ଗାନ୍ଧୀ

୩। ପ୍ରଥମ ପର୍ଯ୍ୟାୟରେ ସଂଗ୍ରାମୀମାନଙ୍କ ଠାରେ କ'ଣ ନଥିବାରୁ ଇଂରେଜ ସୈନ୍ୟବାହିନୀ ବିଦ୍ରୋହକୁ ଅବଦମନ କରିଥିଲେ ?

(କ) ଖଣ୍ଡା (ଖ) ଧନୁତୀର

(ଗ) ଆଧୁନିକ ଅସ୍ତ୍ରଶସ୍ତ୍ର (ଘ) ବୋମା

୪। ସୁଚତୁର ଇଂରେଜମାନେ କେଉଁ ଆଇନ୍ ଦ୍ୱାରା ଓଡ଼ିଶାରେ କୃଷକ ଓ ଜମିମାଲିକମାନଙ୍କ ଜମିକୁ ହସ୍ତାନ୍ତରିତ କରି ନୂତନ ସୃଷ୍ଟ ଅନୁଗତ ଜମିଦାରଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରିଥିଲେ ?

(କ) ଜମି ହସ୍ତାନ୍ତର ଆଇନ୍

(ଖ) ସୂର୍ଯ୍ୟୋଦୟ ଆଇନ୍

(ଗ) ସୂର୍ଯ୍ୟାସ୍ତ ଆଇନ୍

(ଘ) ଭୂସଂସ୍କାର ଆଇନ୍

୫। କେଉଁ ମସିହାରୁ ଖ୍ରୀଷ୍ଟିଆନ୍ ମିଶନାରୀମାନେ ଓଡ଼ିଶାରେ ମିଶନ୍ ସ୍କୁଲ୍ ସ୍ଥାପନ କଲେ ?

(କ) ୧୮୧୧ (ଖ) ୧୮୦୩

(ଗ) ୧୮୧୩ (ଘ) ୧୮୨୨

୬। କେବେ ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷ ହୋଇଥିଲା ?

(କ) ୧୮୬୬ (ଖ) ୧୮୭୭

(ଗ) ୧୮୮୮ (ଘ) ୧୮୫୫

୭। ଊନବିଂଶ ଶତାବ୍ଦୀର ଓଡ଼ିଆ ଜାତିର ନିର୍ବେଦତା ଓ ଆତ୍ମବିଲୁପ୍ତିର ଚରମ ନିଦର୍ଶନ କ'ଣ ?

(କ) ଭୟଙ୍କର ବନ୍ୟା (ଖ) ମହାବାତ୍ୟା

(ଗ) ନ'ଅଙ୍କ ଦୁର୍ଭିକ୍ଷ (ଘ) ଅଶିକ୍ଷା ଓ ଅନ୍ଧବିଶ୍ୱାସ

୮। କେଉଁ ମହାଶ୍ମଶାନରୁ ସୁପ୍ତ ଓଡ଼ିଆ ଜାତିର ନିଦ୍ରା ଭଙ୍ଗ ହେଲା ଓ ତା'ର ଆତ୍ମ ଜାଗୃତି ହୋଇଥିଲା ।

(କ) ଅଶିକ୍ଷା ଓ ଅନ୍ଧବିଶ୍ୱାସ (ଖ) କୁସଂସ୍କାର

(ଗ) ବାତ୍ୟାର ତାଣ୍ଡବଲୀଳା (ଘ) ନ'ଅଙ୍କ ଦୁର୍ଭିକ୍ଷ

୯। କିଏ ପ୍ରଥମେ ମାତୃଭାଷା ଓ ମାତୃଭୂମିକୁ ଆଧାର କରି ଓଡ଼ିଆ ଜାତୀୟତାର ଶୁଭଶଙ୍ଖ ବଜାଇଥିଲେ ?

(କ) ମଧୁସୂଦନ ଦାସ (ଖ) କର୍ମଯୋଗୀ ଗୌରୀଶଙ୍କର

(ଗ) ପଣ୍ଡିତ ଗୋପବନ୍ଧୁ ଦାସ(ଘ) ପଣ୍ଡିତ ନୀଳକଣ୍ଠ ଦାସ

୧୦। କିଏ 'ଉତ୍କଳ ଦୀପିକା' ପ୍ରତିଷ୍ଠା ଓ ସମ୍ପାଦନା କରିଥିଲେ ?

(କ) ଫକୀର ମୋହନ ସେନାପତି

(ଖ) ଅନନ୍ତ ପଟ୍ଟନାୟକ

(ଗ) ଗୌରୀଶଙ୍କର ରାୟ

(ଘ) ରାଜା ରାମମୋହନ ରାୟ

୧୧। 'ବାଲେଶ୍ୱର ସମ୍ବାଦବାହିକା' ପତ୍ରିକା କେବେ ପ୍ରକାଶ ପାଇଥିଲା ?

(କ) ୧୯୬୮ (ଖ) ୧୮୬୮

(ଗ) ୧୮୬୯ (ଘ) ୧୮୮୫

୧୨। କେଉଁଠାରେ ପ୍ରଥମେ ନବଜାଗରଣ ଦେଖାଦେଇଥିଲା ?

(କ) ବଙ୍ଗଳାରେ (ଖ) କର୍ଣ୍ଣାଟକରେ

(ଗ) କେରଳରେ (ଘ) ଆନ୍ଧ୍ରରେ

୧୩। କିଏ 'ବ୍ରାହ୍ମଧର୍ମ'ର ପ୍ରତିଷ୍ଠାତା ଥିଲେ ?

(କ) ଲାଲା ଲାଜପତ୍ ରାୟ (ଖ) ଗୋପାଳକୃଷ୍ଣ ଗୋଖେଲ

(ଗ) ଶଙ୍କରାଚାର୍ଯ୍ୟ (ଘ) ରାଜାରାମମୋହନ ରାୟ

୧୪। କେଉଁଥିରୁ ଆଧୁନିକ ଓଡ଼ିଆ ସାହିତ୍ୟ ଜନ୍ମ ନେଇଥିଲା ?

(କ) ସ୍ୱଦେଶ ପ୍ରୀତି (ଖ) ପରିବାର ପ୍ରୀତି

(ଗ) ମାତୃଭାଷା ପ୍ରୀତି (ଘ) ଶିକ୍ଷା ପ୍ରୀତି

୧୫। କେଉଁ ସମୟଠାରୁ ଆଧୁନିକ ଓଡ଼ିଆ ସାହିତ୍ୟ କ୍ରମବିକାଶ ପଥରେ ଗତି କରିଆସୁଛି ?

(କ) ୧୯୭୦ (ଖ) ୧୮୭୦

(ଗ) ୧୫୭୦ (ଘ) ୧୭୭୦

Edu Odia App



Odisha 1 to 10 All Books App

୧୬। ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗକୁ କାହା ନାମରେ ନାମିତ କରାଯାଇଛି ?

(କ) ମଧୁସୂଦନ ଦାସ (ଖ) ଫକୀର ମୋହନ ସେନାପତି

(ଗ) ରାଧାନାଥ ରାୟ (ଘ) ଗଙ୍ଗାଧର ମେହେର

୧୭। ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧର ନାମ କ'ଣ ?

(କ) ବିବେକୀ (ଖ) ଜନ୍ମଭୂମି

(ଗ) ଓଡ଼ିଆ କେବେ (ଘ) ପ୍ରବନ୍ଧ ମାନସ

୧୮। ଓଡ଼ିଆ ଆଧୁନିକ ସାହିତ୍ୟର ପ୍ରଥମ ପ୍ରାବନ୍ଧିକଙ୍କ ନାମ କ'ଣ ?

(କ) ଗୋଲୋକ ବିହାରୀ ଧଳ (ଖ) ବଂଶୀଧର ସାମନ୍ତରାୟ

(ଗ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (ଘ) ରାଧାନାଥ ରାୟ

୧୯। 'ଚନ୍ଦ୍ରଭାଗା' କାବ୍ୟର ରଚୟିତାଙ୍କ ନାମ କ'ଣ ?

(କ) ଗଙ୍ଗାଧର ମେହେର (ଖ) ପଣ୍ଡିତ ନୀଳକଣ୍ଠ ଦାସ

(ଗ) ରାଧାନାଥ ରାୟ (ଘ) ମଧୁସୂଦନ ରାଓ

୨୦। ରାଧାନାଥ ରାୟଙ୍କର କେଉଁ ଅସମ୍ପୂର୍ଣ୍ଣ ମହାକାବ୍ୟଟି ଅମିତ୍ରାକ୍ଷର ଛନ୍ଦରେ ରଚିତ ?

(କ) ଉଷା (ଖ) ମହାଯାତ୍ରା

(ଗ) ଚନ୍ଦ୍ରଭାଗା (ଘ) କେଦାରଗୌରୀ

୨୧। ଫକୀରମୋହନ ସେନାପତିଙ୍କୁ କିଏ 'ସରସ୍ୱତୀ' ଉପାଧିରେ ଭୂଷିତ କରିଥିଲେ ?

(କ) ବାମଣ୍ଡାର ରାଜସଭା (ଖ) ଘୁମୁସରର ରାଜା

(ଗ) ମୟୂରଭଞ୍ଜର ରାଜା (ଘ) ପାରଳାଖେମୁଣ୍ଡିର ରାଜା

୨୨। ଆଧୁନିକ ଓଡ଼ିଆ ସାହିତ୍ୟର 'ପ୍ରଥମ ଗଳ୍ପ'ର ନାମ କ'ଣ ?

(କ) ନୀଳ ମାଷ୍ଟ୍ରାଣୀ (ଖ) ମାଟିର ମାୟା

(ଗ) ରେବତୀ (ଘ) ଏବେ ମଧ ବଞ୍ଚିଛି

୨୩। 'ଛ' ମାଣ ଆଠଗୁଣ୍ଠ'ର ରଚୟିତାଙ୍କ ନାମ କ'ଣ ?

(କ) ଗୋପାଳଚନ୍ଦ୍ର ପ୍ରହରାଜ

(ଖ) ଫକୀର ମୋହନ ସେନାପତି

(ଗ) ଉମେଶ ଚନ୍ଦ୍ର ସରକାର

(ଘ) ବିଶ୍ୱନାଥ କର

୨୪। ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଆତ୍ମଚରିତର ନାମ କ'ଣ ?

(କ) ମୋ ସମୟର ଓଡ଼ିଶା

(ଖ) ଆରବସାଗରରୁ ଚିଲିକା

(ଗ) ଆତ୍ମଚରିତ

(ଘ) ସାଧନାର ପଥେ

୨୫। 'ପ୍ରଣୟ ବଲ୍ଲରୀ' କାବ୍ୟର କବିଙ୍କ ନାମ କ'ଣ ?

(କ) ଗଙ୍ଗାଧର ମେହେର (ଖ) ନନ୍ଦକିଶୋର ବଳ

(ଗ) ମଧୁସୂଦନ ରାଓ (ଘ) ଫକୀର ମୋହନ ସେନାପତି

୨୬। 'କନକଲତା' ଉପନ୍ୟାସର ଔପନ୍ୟାସିକଙ୍କ ନାମ କ'ଣ ?

(କ) ଉମେଶ ଚନ୍ଦ୍ର ସରକାର (ଖ) ଗୋପାଳଚନ୍ଦ୍ର ପ୍ରହରାଜ

(ଗ) ପଲ୍ଲୀକବି ନନ୍ଦକିଶୋର ବଳ (ଘ) ଗୋପୀନାଥ ନନ୍ଦ

୨୭। ଓଡ଼ିଆ ସାହିତ୍ୟର ପ୍ରଥମ ନାଟକର ନାମ କ'ଣ ?

(କ) କାଞ୍ଚିକାବେରୀ (ଖ) ବୃଦ୍ଧବିବାହ

(ଗ) ବାବାଜୀ (ଘ) କଳା ପାହାଡ଼

୨୮। ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାରଙ୍କ ନାମ କ'ଣ ?

(କ) ଅଶ୍ୱିନୀ କୁମାର ଘୋଷ

(ଖ) ଗୋପାଳ ଦାସ

(ଗ) କୃଷ୍ଣ ପ୍ରସାଦ ବସୁ

(ଘ) ଜଗନ୍ମୋହନ ଲାଲ

୨୯। ଓଡ଼ିଆ ସାହିତ୍ୟର ପ୍ରଥମ ଔପନ୍ୟାସିକ କିଏ ?

(କ) ଉମେଶ ଚନ୍ଦ୍ର ସରକାର

(ଖ) ବିଶ୍ୱନାଥ କର

(ଗ) ଫକୀର ମୋହନ ସେନାପତି

(ଘ) ଗୋପୀନାଥ ନନ୍ଦ

୩୦। ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସର ନାମ କ'ଣ ?

(କ) ଛ'ମାଣ ଆଠଗୁଣ୍ଠ (ଖ) ମାମୁ

(ଗ) ଲଛମା (ଘ) ପଦ୍ମମାଳୀ

୩୧। କାହାକୁ ଓଡ଼ିଆ ଭାଷାର 'କଳା କୋଣାର୍କ' ବୋଲି କୁହାଯାଏ ?

(କ) ଶ୍ରୀ ଭାରତ ଦର୍ପଣ (ଖ) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ

(ଗ) ପଦ୍ମମାଳୀ ନାଟକ (ଘ) ରେବତୀ ଗଳ୍ପ

୩୨। କେବେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ?

(କ) ୧୮୦୫ (ଖ) ୧୮୦୯

(ଗ) ୧୯୦୯ (ଘ) ୧୮୪୮

୩୩। 'ବନ୍ଦୀର ଆତ୍ମକଥା' ପୁସ୍ତକର ରଚୟିତାଙ୍କ ନାମ କ'ଣ ?

(କ) ପଣ୍ଡିତ ନୀଳକଣ୍ଠ ଦାସ (ଖ) ପଣ୍ଡିତ ଗୋପବନ୍ଧୁ ଦାସ

(ଗ) ପଣ୍ଡିତ ଗୋଦାବରୀଶ ମିଶ୍ର (ଘ) ପଣ୍ଡିତ କୃପାସିନ୍ଧୁ ମିଶ୍ର

Eduodia App



Odisha 1 to 10 All Books App

୩୪। 'କୋଣାର୍କେ' କାବ୍ୟର କବିଙ୍କ ନାମ କ'ଣ ?
(କ) ପଣ୍ଡିତ ଗୋଦାବରୀଶ ମିଶ୍ର (ଖ) ଆଚାର୍ଯ୍ୟ ହରିହର
(ଗ) ପଣ୍ଡିତ କୃପାସିନ୍ଧୁ ମିଶ୍ର (ଘ) ପଣ୍ଡିତ ନୀଳକଣ୍ଠ ଦାସ

୩୫। 'ଆଲେଖିକା' ଗାଥା କବିତାର କବିଙ୍କ ନାମ କ'ଣ ?
(କ) ଗୋଦାବରୀଶ ମହାପାତ୍ର (ଖ) ପଣ୍ଡିତ ନୀଳକଣ୍ଠ ଦାସ
(ଗ) ଆଚାର୍ଯ୍ୟ ହରିହର (ଘ) ପଣ୍ଡିତ ଗୋଦାବରୀଶ ମିଶ୍ର

୩୬। 'କଣାମାମୁଁ' ଉପନ୍ୟାସର ଔପନ୍ୟାସିକଙ୍କ ନାମ କ'ଣ ?
(କ) ସୁଧାକର ପଟ୍ଟନାୟକ (ଖ) କେଦାରନାଥ ମହାପାତ୍ର
(ଗ) ଲକ୍ଷ୍ମୀକାନ୍ତ ମହାପାତ୍ର (ଘ) ବିଚ୍ଛନ୍ଦ ଚରଣ ପଟ୍ଟନାୟକ

୩୭। 'ରଘୁ ଅରକ୍ଷିତ' ଉପନ୍ୟାସ କାହା ରଚନା ?
(କ) କୁନ୍ତଳା କୁମାରୀ ସାବତ (ଖ) ବିଦ୍ୟୁତ୍‌ପ୍ରଭା ଦେବୀ
(ଗ) ଗୋଦାବରୀଶ ମିଶ୍ର (ଘ) ଗୋଦାବରୀଶ ମହାପାତ୍ର

୩୮। ନବଯୁଗ ସାହିତ୍ୟ ସଂସଦ ଦ୍ୱାରା କେଉଁ ପତ୍ରିକା ପ୍ରକାଶ ପାଇଥିଲା ?
(କ) ନିଆଁଖୁଣ୍ଟା (ଖ) ଆଧୁନିକ
(ଗ) ସତ୍ୟବାଦୀ (ଘ) ଉତ୍କଳ ଦର୍ପଣ

୩୯। 'ବାଜିରାଉତ' କବିତା ପୁସ୍ତକର ରଚୟିତାଙ୍କ ନାମ କ'ଣ ?
(କ) ମାୟାଧର ମାନସିଂହ (ଖ) ରଘୁନାଥ ଦାସ
(ଗ) ସୁନନ୍ଦ କର (ଘ) ସଚ୍ଚିଦାନନ୍ଦ ରାଉତରାୟ

୪୦। 'ଉତ୍ତର କକ୍ଷ' ଆତ୍ମଚରିତର ଲେଖକ କିଏ ?
(କ) ସଚ୍ଚିଦାନନ୍ଦ ରାଉତରାୟ (ଖ) ହରେକୃଷ୍ଣ ମହତାବ
(ଗ) ଫକୀରମୋହନ ସେନାପତି (ଘ) କୃଷ୍ଣଚନ୍ଦ୍ର ତ୍ରିପାଠୀ

୪୧। 'ହାଅନ୍ନ' ଉପନ୍ୟାସର ଔପନ୍ୟାସିକଙ୍କ ନାମ କ'ଣ ?
(କ) କାଳିନ୍ଦୀ ଚରଣ ପାଣିଗ୍ରାହୀ (ଖ) ଅନନ୍ତ ପଟ୍ଟନାୟକ
(ଗ) କାହ୍ନୁଚରଣ ମହାନ୍ତି (ଘ) ଭଗବତୀ ଚରଣ ପାଣିଗ୍ରାହୀ

୪୨। ଭକ୍ତକବି ମଧୁସୂଦନ ରାଓଙ୍କର ସାହିତ୍ୟର ଅନ୍ତଃସ୍ୱର କ'ଣ ଥିଲା ?
(କ) ଆଦର୍ଶବାଦ (ଖ) ଉଦାର ଧର୍ମଭାବ
(ଗ) ନୈତିକତା ବୋଧ (ଘ) ନିରାଶଭାବ

୪୩। ଓଡ଼ିଆ ସାହିତ୍ୟରେ ଆଦିବାସୀ ଜୀବନଧାରାକୁ ନେଇ ରଚିତ ପ୍ରଥମ ଉପନ୍ୟାସର ନାମ କ'ଣ ?
(କ) ଶିବ ଭାଇ (ଖ) ପରଜା
(ଗ) ଅନାମ (ଘ) ଭୀମାଭୂୟାଁ

୪୪। 'ପରଜା' ଉପନ୍ୟାସର ଔପନ୍ୟାସିକଙ୍କ ନାମ କ'ଣ ?
(କ) ଗୋପାଳ ବଲ୍ଲଭ ଦାସ (ଖ) ସୁରେନ୍ଦ୍ର ମହାନ୍ତି
(ଗ) ବାମା ଚରଣ ମିତ୍ର (ଘ) ଗୋପୀନାଥ ମହାନ୍ତି

୪୫। 'ବଧୂ ଓ ପ୍ରିୟା' ଉପନ୍ୟାସର ଔପନ୍ୟାସିକଙ୍କ ନାମ କ'ଣ ?
(କ) ଫକୀର ମୋହନ ସେନାପତି
(ଖ) ଉମେଶ ଚନ୍ଦ୍ର ସରକାର
(ଗ) ଗୋପୀନାଥ ମହାନନ୍ତି
(ଘ) ସୁରେନ୍ଦ୍ର ମହାନ୍ତି

୪୬। 'ଗାଁ ମଜଲିସ୍' ରାମ୍ୟ ରଚନାର ଲେଖକଙ୍କ ନାମ କ'ଣ ?
(କ) ବୀଣାପାଣି ମହାନ୍ତି (ଖ) ହରେକୃଷ୍ଣ ମହତାବ
(ଗ) ଭୁବନେଶ୍ୱର ବେହେରା (ଘ) ରଘୁନାଥ ପଣ୍ଡା

୪୭। 'ଭାତ' ନାଟକର ନାଟ୍ୟକାରଙ୍କ ନାମ କ'ଣ ?
(କ) ଗୋପାଳ ଛୋଟରାୟ (ଖ) ରାମଚନ୍ଦ୍ର ମିଶ୍ର
(ଗ) ଭଞ୍ଜ କିଶୋର ପଟ୍ଟନାୟକ
(ଘ) କାଳୀଚରଣ ପଟ୍ଟନାୟକ

୪୮। 'ଜୟମାଲ୍ୟ' ନାଟକର ନାଟ୍ୟକାରଙ୍କ ନାମ କ'ଣ ?
(କ) ଗୋପାଳ ଛୋଟରାୟ (ଖ) ରାମଚନ୍ଦ୍ର ମିଶ୍ର
(ଗ) ଭଞ୍ଜକିଶୋର ପଟ୍ଟନାୟକ
(ଘ) କାଳୀଚରଣ ପଟ୍ଟନାୟକ

୪୯। 'ଅରଣ୍ୟ ଫସଲ' ନାଟକର ନାଟ୍ୟକାରଙ୍କ ନାମ କ'ଣ ?
(କ) ରଘୁନାଥ ପଣ୍ଡା (ଖ) ଭୁବନେଶ୍ୱର ମହାପାତ୍ର
(ଗ) କମଳ ଲୋଚନ ମହାନ୍ତି (ଘ) ମନୋରଞ୍ଜନ ଦାସ

୫୦। ଆଧୁନିକ ଓଡ଼ିଆ ସାହିତ୍ୟରେ କାହାକୁ ପ୍ରେମ ପ୍ରଣୟର କବି ବୋଲି କୁହାଯାଏ ?
(କ) ମାୟାଧର ମାନସିଂହ (ଖ) ସନନ୍ଦ କର
(ଗ) ମନମୋହନ ମିଶ୍ର (ଘ) ରଘୁନାଥ ଦାସ

## ଉତ୍ତର

୧। (ଖ) ଊନବିଂଶ ଶତାବ୍ଦୀ
୨। (କ) ବକ୍ସି ଜଗବନ୍ଧୁ
୩। (ଗ) ଆଧୁନିକ ଅସ୍ତ୍ରଶସ୍ତ୍ର
୪। (ଗ) ସୂର୍ଯ୍ୟାସ୍ତ ଆଇନ୍

Eduodia App



Odisha 1 to 10 All Books App

୫। (ଘ) ୧୮୨୨
୬। (କ) ୧୮୬୬
୭। (ଗ) ନ'ଅଙ୍କ ଦୁର୍ଭିକ୍ଷ
୮। (ଘ) ନ'ଅଙ୍କ ଦୁର୍ଭିକ୍ଷ
୯। (ଖ) କର୍ମଯୋଗୀ ଗୌରୀଶଙ୍କର
୧୦। (ଗ) ଗୌରୀଶଙ୍କର ରାୟ
୧୧। (ଖ) ୧୮୬୮
୧୨। (କ) ବଙ୍ଗଳାରେ
୧୩। (ଘ) ରାଜା ରାମମୋହନ ରାୟ
୧୪। (ଗ) ମାତୃଭାଷା ପ୍ରୀତି
୧୫। (ଖ) ୧୮୭୦
୧୬। (ଗ) ରାଧନାଥ ରାୟ
୧୭। (କ) ବିବେକୀ
୧୮। (ଘ) ରାଧାନାଥ ରାୟ
୧୯। (ଗ) ରାଧାନାଥ ରାୟ
୨୦। (ଖ) ମହାଯାତ୍ରା
୨୧। (କ) ବାମଣ୍ଡାର ରାଜସଭା
୨୨। (ଗ) ରେବତୀ
୨୩। (ଖ) ଫକୀର ମୋହନ ସେନାପତି
୨୪। (ଗ) ଆତ୍ମଚରିତ
୨୫। (କ) ଗଙ୍ଗାଧର ମେହେର
୨୬। (ଗ) ପଲ୍ଲୀକବି ନନ୍ଦକିଶୋର ବଳ
୨୭। (ଗ) ବାବାଜୀ
୨୮। (ଘ) ଜଗନ୍ମୋହନ ଲାଲ
୨୯। (କ) ଉମେଶ ଚନ୍ଦ୍ର ସରକାର
୩୦। (ଘ) ପଦ୍ମମାଳୀ
୩୧। (ଖ) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ
୩୨। (ଗ) ୧୯୦୯
୩୩। (ଖ) ପଣ୍ଡିତ ଗୋପବନ୍ଧୁ ଦାସ
୩୪। (ଘ) ପଣ୍ଡିତ ନୀଳକଣ୍ଠ ଦାସ
୩୫। (ଘ) ପଣ୍ଡିତ ଗୋଦାବରୀଶ ମିଶ୍ର
୩୬। (ଗ) ଲକ୍ଷ୍ମୀକାନ୍ତ ମହାପାତ୍ର
୩୭। (କ) କୁନ୍ତଳା କୁମାରୀ ସାବତ
୩୮। (ଖ) ଆଧୁନିକ
୩୯। (ଘ) ସଚ୍ଚିଦାନନ୍ଦ ରାଉତରାୟ
୪୦। (କ) ସଚ୍ଚିଦାନନ୍ଦ ରାଉତରାୟ
୪୧। (ଗ) କାହ୍ନୁଚରଣ ମହାନ୍ତି
୪୨। (ଖ) ଉଦାର ଧର୍ମଭାବ
୪୩। (ଘ) ଭୀମ ଭୂୟାଁ
୪୪। (ଘ) ଗୋପୀନାଥ ମହାନ୍ତି
୪୫। (ଘ) ସୁରେନ୍ଦ୍ର ମହାନ୍ତି
୪୬। (ଖ) ହରେକୃଷ୍ଣ ମହତାବ
୪୭। (କ) କାଳୀଚରଣ ପଟ୍ଟନାୟକ
୪୮। (ଗ) ଭଞ୍ଜକିଶୋର ପଟ୍ଟନାୟକ
୪୯। (ଘ) ମନୋରଂଜନ ଦାସ
୫୦। (କ) ମାୟାଧର ମାନସିଂହ

●

Eduodia App



Odisha 1 to 10 All Books App

## ଗଳ୍ପ ଏକାଙ୍କିକା

**( ଉକ୍ତ ବିଭାଗରେ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର ପରୀକ୍ଷାରେ ପଡ଼ିବ ନାହିଁ । କେବଳ ଶିକ୍ଷାର୍ଥୀଙ୍କ ସହଜ ନିମନ୍ତେ ଦିଆଯାଇଛି । )**

## କାଠ

### କ୍ଷୁଦ୍ର ଉତ୍ତରମୂଳକ ବହୁବିକଳ୍ପ ପ୍ରଶ୍ନୋତ୍ତର

୧। କାଠ ଗଳ୍ପଟିର ଲେଖକ ବସନ୍ତ କୁମାର ଶତପଥୀ କେବେ ଜନ୍ମ ଗ୍ରହଣ କରିଥିଲେ ?
(କ) ୧୯୧୪ ମାର୍ଚ୍ଚ ୧୫ (ଖ) ୧୯୨୫ ଜୁନ୍ ୧୮
(ଗ) ୧୯୧୩ ଜୁନ୍ ୨୬ (ଘ) ୧୫ ଜୁଲାଇ ୧୮

୨। ବସନ୍ତ କୁମାର ଶତପଥୀ କେଉଁ ଗଳ୍ପ ସଂକଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ?
(କ) ଆଣ୍ଟିରୋମାଣ୍ଟିକ୍ (ଖ) ଗୋଟାଏ ଆଳୁ
(ଗ) ଆକାଶ ଫୁଲ (ଘ) ହାଇଦ୍ରାବାଦ

୩। 'କାଠ ଗଳ୍ପରେ ଆଧୁନିକ ମଣିଷର କେଉଁ ଚିତ୍ର ପ୍ରକଟିତ ହୋଇଛି ?
(କ) ଗର୍ବ ଓ ଅହଂକାର (ଖ) ସ୍ୱାର୍ଥ ଓ ଶଠତା
(ଗ) ତ୍ୟାଗ (ଘ) ପରୋପକାର

୪। କାଠ ଗଳ୍ପରେ ସମାଜର ନିମ୍ନବର୍ଗର ଲୋକଙ୍କର କେଉଁ ସ୍ୱରୂପ ପ୍ରଦର୍ଶିତ ହୋଇଛି ?
(କ) ଦାରିଦ୍ର୍ୟ (ଖ) ସରଳତା ଓ ସ୍ୱାଭିମାନ
(ଗ) ନିଷ୍ଠା (ଘ) କର୍ତ୍ତବ୍ୟବୋଧ

୫। ବହୁ ତର୍କବିତର୍କ ପରେ କାଠ କେଉଁଠାରୁ କିଣି ଆଣିବାର ନିଷ୍ପତ୍ତି ହେଲା ?
(କ) ଗୋଦାମରୁ (ଖ) ଜଙ୍ଗଲରୁ
(ଗ) ପଡ଼ୋଶୀଙ୍କଠାରୁ (ଘ) ଦୋକାନରୁ

୬। କେତେ କୁଇଣ୍ଟାଲ କାଠଗଣ୍ଡି ଅଣାଗଲା ?
(କ) ଦୁଇ (ଖ) ତିନି
(ଗ) ଚାରି (ଘ) ପାଞ୍ଚ

୭। କାଠ ଗଡ଼ଟି କିପରି ଥିଲା ?
(କ) ପୁରୁଣା (ଖ) କଞ୍ଚା
(ଗ) ଓଦା (ଘ) ପୋକରା

୮। ଲେଖକ ନିଜକୁ କେଉଁ ରାଜ୍ୟର ଲୋକ ବୋଲି କହିଛନ୍ତି ?
(କ) ଓଡ଼ିଶା (ଖ) ଜଙ୍ଗଲ ରାଜ୍ୟ
(ଗ) ଆନ୍ଧ୍ର (ଘ) ବିହାର

୯। ଦାମିକିଆ କାଠକୁ ଲେଖକ କାହିଁକି ପସନ୍ଦ କଲେ ?
(କ) ଆରାମଚେୟାର ତିଆରି ହେବ
(ଖ) ଘର ପଞ୍ଝା କଳା ହେବନି
(ଗ) ଖଟ ତିଆରି ହେବ
(ଘ) କବାଟ ତିଆରି ହେବ

୧୦। କାଠ ଗଣ୍ଡିକୁ କିଏ ଚିରିବ ?
(କ) ନିଜେ ଲେଖକ (ଖ) ତାଙ୍କ ଚାକର
(ଗ) ତାଙ୍କ ପୁଅ (ଘ) ଆଦିବାସୀ କାଠ ଚିରାଳି

୧୧। ଲେଖକ ରବିବାର ଖବର କାଗଜରୁ କେଉଁ ବିଷୟରେ ଅନୁଧ୍ୟାନ କରୁଥିଲେ ?
(କ) ରାଜ୍ୟ ବିଷୟରେ
(ଖ) ଦେଶ ବିଷୟରେ
(ଗ) ଆଦିବାସୀଙ୍କ ପାଇଁ ହୋଇଥିବା ବିଗତ ତିରିଶ ବର୍ଷର କାର୍ଯ୍ୟକ୍ରମ
(ଘ) ସରକାରଙ୍କ ବିଷୟରେ

୧୨। ଲେଖକଙ୍କ କୁକୁର, ମୋତି କାହିଁକି ଭୁକି ଉଠିଲା ?
(କ) ଚୋରକୁ ଦେଖି (ଖ) ବୁଲା ବିକାଳିକୁ ଦେଖି
(ଗ) କାଠ ଚିରାଳିକୁ ଦେଖି (ଘ) ତାଙ୍କ ପୁଅକୁ ଦେଖି

୧୩। କାଠ ଚିରାଳି ଲେଖକଙ୍କୁ କ'ଣ କହିଲା ?
(କ) କାଠ କାଟିବୁ ବାବୁ (ଖ) କାଠ ବିକୁବୁ ବାବୁ
(ଗ) କାଠ ଦବୁ ବାବୁ (ଘ) କାଠ ପୋଡ଼ିବୁ ବାବୁ

୧୪। ଲେଖକ କାଠ କଟାଳିର କଥା ଶୁଣି ମନେ ମନେ କ'ଣ ଭାବିଲେ ?
(କ) ଆମେ ଏମାନଙ୍କୁ ଓଡ଼ିଆ ଭାଷା ଶିଖାଇ ପାରିଲୁ ନାହିଁ
(ଖ) ଏମାନେ ମଣିଷ ହେଲେ ନାହିଁ
(ଗ) ଏମାନେ ଅସଭ୍ୟ ହେଲେ
(ଘ) ଏମାନେ ମଣିଷ ପରି ଦେଖା ଗଲେ ନାହିଁ

୧୫। କାଠ କଟାଳିର ଗଳାସ୍ୱର ଅନୁକରଣ କରି ଲେଖକ କି ଉତ୍ତର ଦେଲେ ?



Edodia App

Odisha 1 to 10 All Books App

(କ) ନାଁ କାଠ କାଟିବି ନାହିଁ (ଖ) ହଁ ହଁ କାଟିବି

(ଗ) ଆଗରେ ଦେଖ୍ (ଘ) ଫେରିଆଆ

୧୬। କାଠ ଗୋଦାମରେ କୁଇଣ୍ଟାଲ କାଠ ଚିରିବାକୁ କେତେ ଟଙ୍କା ଦିଏ ?

(କ) ଏକ (ଖ) ଦୁଇ

(ଗ) ତିନି (ଘ) ଚାରି

୧୭। ଲେଖକ କାଠ ଚିରାଇବା ପାଇଁ କେତେ ଟଙ୍କା ଦେବେ ବୋଲି କହିଥିଲେ ?

(କ) ବାର ଅଣା (ଖ) ଆଠ ଅଣା

(ଗ) ଚାରି ଅଣା (ଘ) ଏକଟଙ୍କା

୧୮। ଶେଷରେ କାଠ କାଟିବା ପାଇଁ ଲେଖକଙ୍କ କଲେଜ ପଢୁଆ ପୁଅ ଆଉ କେତେ ଦେବାକୁ କହିଲା ?

(କ) ସାଢ଼େ ତିନି (ଖ) ଚାରି ଟଙ୍କା ପଚସ୍ତରି

(ଗ) ତିନିଟଙ୍କା ପଚସ୍ତରୀ (ଘ) ପାଞ୍ଚ

୧୯। ପୁଅକୁ ଆକଟ କରି ଲେଖକ କଅଣ କହିଲେ ?

(କ) ପଇସା ତତେ ଶସ୍ତା ହୋଇଛି

(ଖ) ନିଜେ ରୋଜଗାରର କଲେ ଜାଣିବୁ

(ଗ) ତୁ ଏଥିରେ ମୁଣ୍ଡ ପୂରାନା

(ଘ) ତୁ କହିବାକୁ କିଏ ?

୨୦। କାଠୁରିଆ କ'ଣ ଘୋଡ଼ି ହୋଇଥିଲା ?

(କ) ଶାଲ୍ (ଖ) ଚଦର

(ଗ) କନ୍ଥା (ଘ) ନାଲି ଧଡ଼ି ଶାଢ଼ୀ

୨୧। କାଠ କଟା ଯାଉଥିବା ସମୟରେ କେଉଁ ଋତୁ ଥିଲା ?

(କ) ବର୍ଷା (ଖ) ବସନ୍ତ

(ଗ) ଶୀତ (ଘ) ଗ୍ରୀଷ୍ମ

୨୨। ଲେଖକ କାଠୁରିଆ ଉତ୍ତର ଶୁଣି ଡରିଗଲେ କାହିଁକି ?

(କ) ତାଙ୍କୁ କାଠ ଭାବି କାଳେ ତାଙ୍କୁ ବୁଲି ପଡ଼ି ଆକ୍ରମଣ କରିବ

(ଖ) ପଡ଼ୋଶୀଙ୍କ ଆଗରେ ତାଙ୍କ ବିରୋଧରେ କହିବ

(ଗ) ଗୁଣ୍ଡା ଲଗେଇ ଦେବ

(ଘ) ଦାଣ୍ଡରେ ତାଙ୍କୁ ଗାଳି ଦବ

୨୩। କାଠ କଟାଳିର ପାରିବାର ପଣିଆ ଉପରେ ଲେଖକ କାହିଁକି ସନ୍ଦେହ କଲେ ?

(କ) ସେ ଅତି ଦୁର୍ବଳ ଥିଲା

(ଖ) ମୋଟାସୋଟା ଥିଲା

(ଗ) ପତଳା ଥିଲା

(ଘ) ବୟସ ଓ ଚେହେରା ଯୋଗୁ

୨୪। କାଠ ଗଚ୍ଛରେ କେଉଁ ଗଛର କାଠ ଜାଳିବା ପାଇଁ ଲେଖକ ଘରକୁ ଆଣିଥିଲେ ?

(କ) ଚାକୁଣ୍ଡା (ଖ) ଝାଉଁ

(ଗ) ଅସନ (ଘ) ଧଅ

୨୫। ଏ କାଠକୁ ଯିଏ କାଟିବ ତା'ର କ'ଣ କ୍ଷତି ହେବ ?

(କ) ହାତ ଫୁଟୁକା ହୋଇ ଚମଡ଼ା ଛାଡ଼ିଯିବ

(ଖ) କୁରାଢ଼ୀ ଭାଙ୍ଗି ଯିବ

(ଗ) ହାତର ହାଡ଼ ଭାଙ୍ଗିଯିବ

(ଘ) କୁରାଢ଼ୀ ବେଣ୍ଟ ହୁଗୁଳିଯିବ

୨୬। ଲେଖକ କାଠକୁ ଛୋଟ ଛୋଟ ଖଣ୍ଡ କରିବାକୁ କହିଲେ କାହିଁକି ?

(କ) ଛୋଟ କାଠ ଭଲ ଜଳିବ (ଖ) ଚୁଲି ସାନ ଥିବାରୁ

(ଗ) ଧୂଆଁ ଦିଆ ହବ (ଘ) ଖତ ହେବ

୨୭। କାଠୁରିଆ ଘର କେଉଁଠି ?

(କ) କଟକର ବାଦାମ ବାଡ଼ି (ଖ) ମୟୂରଭଞ୍ଜର ବେତନଟି

(ଗ) ସମ୍ବଲପୁର (ଘ) କଳାହାଣ୍ଡି

୨୮। କାଠ କଟାଳିର କେଉଁମାନେ ଏକାଦିନେ ମରିଗଲେ ବୋଲି କହିବି ?

(କ) ଗାଁର ଲୋକ (ଖ) ଦୁଇପୁଅ ଓ ଆଗ ତିର୍ଲା

(ଗ) ତା'ର ଭାଇମାନେ (ଘ) ତା'ର ମା' ଓ ବାପା

୨୯। କାଠୁରିଆର ଜମି କିଏ ନେଇ ଗଲେ ?

(କ) ହାଟୁଆ (ଖ) ଧନୀ

(ଗ) ସାଉକାର (ଘ) ଜମିଦାର

୩୦। ଲେଖକ ରୁଟି ଦୁଇ ଖଣ୍ଡର ଦାମ କେତେ ବୋଲି କହିଛନ୍ତି ?

(କ) ଚାରିଅଣା (ଖ) ଦୁଇ ଟଙ୍କା

(ଗ) ଆଠ ଅଣା (ଘ) ଏକ ଟଙ୍କା



Eduodia App

Odisha 1 to 10 All Books App

୩୧। ଲେଖକ କେଉଁ ରୁଟିକୁ କାଠୁରିଆକୁ ଖାଇବାକୁ ଦେଲେ ?
(କ) ଅସରପା ଚଢ଼ିଥିବା ବାସି ରୁଟି
(ଖ) ମୂଷା ଖାଇଥିବା ରୁଟି
(ଗ) ଫିମ୍ପି ମାରିଥିବା ରୁଟି
(ଘ) ପୋଡ଼ି ଯାଇଥିବା ରୁଟି

୩୨। କାଠୁରିଆ କେମିତି ରୁଟି ଚୋବାଇ ଖାଇଲା ?
(କ) ପାମ୍ପଡ଼ ଚୋବାଇବା ପରି ମଡ଼ମଡ଼ କରି
(ଖ) ପାଣିରେ ବତୁରାଇ
(ଗ) ଚିନି ସାଙ୍ଗରେ
(ଘ) ଗୁଡ଼ ସାଙ୍ଗରେ

୩୩। କାଠୁରିଆ କାଠ କାଟିଲା ବେଳେ ଲେଖକ କାହିଁକି ବସିଥିଲେ ?
(କ) ଠକି ଦବ (ଖ) କାଠକୁ ବଡ଼ କରି ଚିରି ଦେବ
(ଗ) ଛାଡ଼ି ଚାଲିଯିବ (ଘ) କାଠ ଚୋରେଇ ନେଇଯିବ

୩୪। ଲେଖକଙ୍କ ଚାକରର ନାଁ କ'ଣ ?
(କ) ମୋତି (ଖ) ଚୈତନ
(ଗ) ହରି (ଘ) ରାମ

୩୫। ଲେଖକଙ୍କ ରୋଷେଇ ଘର ଆଡୁ କୋଉ ମହକ ଆସୁଥିଲା ?
(କ) ମାଛ କଷା (ଖ) ମାଉଁସ କଷା
(ଗ) ଆଳୁ କଷା (ଘ) ପୋଟଳ କଷା

୩୬। କାଠ କାଟୁଥିବା ବେଳେ କାଠୁରିଆ ପାଟିରୁ କି ଶବ୍ଦ ବାହାରୁ ଥିଲା ?
(କ) ଗଁ ଗଁ (ଖ) ସଁ ସଁ
(ଗ) ଏଁଃ ଏଁଃ (ଘ) କଁ କଁ

୩୭। କାଠୁରିଆ କିପରି ଗ୍ରନ୍ଥିଳ ଶିରାଳ କାଠକୁ କାଟୁଥିଲା ?
(କ) ଅତି ଆଗ୍ରହର ସହ (ଖ) ଡେରି ଡେରି କରି
(ଗ) କଷ୍ଟରେ (ଘ) ହସି ହସି

୩୮। କାଠୁରିଆ କେତେ ସମୟ ମଧ୍ୟରେ ଅଧାଅଧି କାଠ କାଟି ଦେଲା ?
(କ) ଅଧ ଘଣ୍ଟାରେ (ଖ) ଦୁଇ ଘଣ୍ଟାରେ
(ଗ) ଚାରି ଘଣ୍ଟାରେ (ଘ) ଦେଢ଼ ଘଣ୍ଟା

୩୯। କାଠୁରିଆ ସକାଳୁ କ'ଣ ଖାଇ ଆସିଥିଲା ?
(କ) ତତଲା ଭାତ (ଖ) ତୋରାଣି କଂସାଏ
(ଗ) ରୁଟି ଚାରିଟି (ଘ) ପୁରି ଇଡ୍‌ଲି

୪୦। କାଠର ଚେନାଚୋପରା ସବୁ ନଗୋଟାଇଲେ କାହାର ଅସୁବିଧା ହେବ ବୋଲି ଲେଖକ କହିଲେ ?
(କ) ତାଙ୍କ ପୁଅର (ଖ) ତାଙ୍କ କୁକୁରର
(ଗ) ତାଙ୍କ ସ୍ତ୍ରୀର (ଘ) ତାଙ୍କର

୪୧। ଲେଖକଙ୍କ କୁକୁର କେଉଁଠି ଖେଳେ ?
(କ) ବାଡ଼ିରେ (ଖ) କାଠ ଚିରା ହେଉଥିବା ସ୍ଥାନରେ
(ଗ) ବଗିଚାରେ (ଘ) ଛାତ ଉପରେ

୪୨। କାଠୁରିଆ ହାତକୁ ଲେଖକ କେତେ ଟଙ୍କା ବଢ଼େଇ ଦେଲେ ?
(କ) ଦୁଇ (ଖ) ଚାରି
(ଗ) ତିନି (ଘ) ପାଞ୍ଚ

୪୩। କାଠୁରିଆକୁ କେତେ ଫେରାଇବାକୁ କହିଲେ ?
(କ) ଏକ ଟଙ୍କା (ଖ) ଆଠଅଣା
(ଗ) ଚାରଣା (ଘ) ବାରଅଣା

୪୪। କାଠୁରିଆ କାହିଁକି ପଇସା ଫେରେଇ ପାରିଲା ନାହିଁ ?
(କ) ତା ପାଖରେ ଖୁଚୁରା ନଥିଲା (ଖ) ଖାଲି ନୋଟ ଥିଲା
(ଗ) ଅବଶିଷ୍ଟ ଫେରେଇ ବାର ଇଚ୍ଛା ନଥିଲା (ଘ) ତାକୁ ଲାଜ ମାଡ଼ିଲା

୪୫। କାଠୁରିଆ କାହିଁକି ଲାଲ ଲାଲ ଆଖିରେ ଚାହିଁଲା ?
(କ) ନିଶା ଖାଇଥିଲା
(ଖ) ଲେଖକ ତାକୁ ଅବିଶ୍ୱାସୀ କହିଲେ ବୋଲି
(ଗ) ଲେଖକ ତାକୁ ମାଡ଼ ମାରିଲେ
(ଘ) ଖାଇବାକୁ ଦେଲେ ନାହିଁ

୪୬। ସେଦିନ ବଜାର କାହିଁକି ବନ୍ଦ ଥିଲା ?
(କ) ରବିବାର ଥିବାରୁ (ଖ) ଧର୍ମଘଟ ଥିଲା
(ଗ) ରାସ୍ତା ବନ୍ଦ ଥିଲା (ଘ) ଛୁଟିଦିନ ଥିଲା

୪୭। କାଠୁରିଆର ରୁଦ୍ରମୂର୍ତ୍ତି ଦେଖି ଲେଖକ କ'ଣ ଉପଲବ୍ଧି କଲେ ?
(କ) ବଡ଼ ଭୁଲ କରିଛନ୍ତି (ଖ) ଠିକ୍ କରିଛନ୍ତି
(ଗ) ଲୋକଟା ରାଗୀ (ଘ) ଲୋକଟା ମଦୁଆ

୪୮। କାଠୁରିଆ ପ୍ରତି ଲେଖକଙ୍କର ଆଚରଣ ଓ ବ୍ୟବହାର କିପରି ଥିଲା ?
(କ) ଆତ୍ମୀୟତା ଓ ଆନ୍ତରିକତା ନଥିଲା
(ଖ) ବହୁତ ଭଲ ଥିଲା
(ଗ) ସମଦୁଃଖୀ ଥିଲେ (ଘ) ହିଂସା କରୁଥିଲେ



Eduodia App
Odisha 1 to 10 All Books App

୪୯। ଲେଖକ କାଠୁରିଆକୁ ଟଙ୍କା ଦେବା ପାଇଁ କାହା ହାତରେ ପଠାଇଲେ ?

(କ) ପୁଅ (ଖ) ଝିଅ

(ଗ) ଚାକର (ଘ) ପଡ଼ୋଶୀ

## ଉତ୍ତର

୧। (ଗ) ୧୯୧୩ ଜୁନ୍ ୨୬

୨। (କ) ଆଣ୍ଟିରୋମାଣ୍ଟିକ୍

୩। (ଖ) ସ୍ୱାର୍ଥ ଓ ଶଠତାର ଚିତ୍ର

୪। (ଖ) ସରଳତା ଓ ସ୍ୱାଭିମାନ

୫। (କ) ଗୋଦାମରୁ

୬। (କ) ଦୁଇ

୭। (କ) ପୁରୁଣା

୮। (ଖ) ଜଙ୍ଗଲ ରାଜ୍ୟର

୯। (ଖ) ଘର ପଙ୍ଖା କଳା ହେବନି

୧୦। (ଘ) ଆଦିବାସୀ କାଠ ଚିରାଳି

୧୧। (ଗ) ଆଦିବାସୀଙ୍କ ପାଇଁ ହୋଇଥିବା ବିଗତ ତିରିଶ ବର୍ଷର କାର୍ଯ୍ୟକ୍ରମ

୧୨। (ଗ) କାଠ ଚିରାଳିକୁ ଦେଖି

୧୩। (କ) କାଠ କାଟିବୁ ବାବୁ

୧୪। (କ) ଆମେ ଏମାନଙ୍କୁ ଓଡ଼ିଆ ଭାଷା ଶିଖାଇ ପାରିଲୁ ନାହିଁ

୧୫। (ଖ) ହଁ ହଁ କାଟିବି

୧୬। (ଖ) ଦୁଇ

୧୭। (କ) ସାଢ଼େ ତିନି ଟଙ୍କା

୧୮। (ଗ) ଚାରିଅଣା

୧୯। (କ) ପଇସା ତତେ ଶସ୍ତା ହୋଇଛି

୨୦। (ଘ) ନାଲି ଧଡ଼ି ଶାଢ଼ୀ

୨୧। (ଗ) ଶୀତ

୨୨। (କ) ତାଙ୍କୁ କାଠ ଭାବି ବୁଲି ପଡ଼ି କାଳେ ଆକ୍ରମଣ କରିବ

୨୩। (ଘ) ବୟସ ଓ ଚେହେରା ଯୋଗୁ

୨୪। (ଘ) ଧଅ

୨୫। (କ) ହାତ ଫୁଟୁକା ହୋଇ ଚମଡ଼ା ଛାଡ଼ିଯିବ

୨୬। (ଖ) ଚୁଲି ସାନ ଥିବାରୁ

୨୭। (ଖ) ମୟୂରଭଞ୍ଜର ବେତନଟୀ

୨୮। (ଖ) ଦୁଇ ପୁଅ ଓ ଆଗ ତିର୍ଲା

୨୯। (କ) ହାଟୁଆ

୩୦। (କ) ଚାରିଅଣା

୩୧। (କ) ଅସରପା ଚଢ଼ିଥିବା ବାସି ରୁଟି

୩୨। (କ) ପାମ୍ପଡ଼ ଚୋବାଇବା ପରି ମଡ଼ ମଡ଼ କରି

୩୩। (କ) ଠକି ଦବ

୩୪। (ଖ) ଚୈତନ

୩୫। (ଖ) କଷା ମାଉଁସ

୩୬। (ଗ) ଏଁ ଏଁ

୩୭। (କ) ଅତି ଆଗ୍ରହର ସହ

୩୮। (ଘ) ଦେଢ଼ ଘଣ୍ଟା

୩୯। (ଖ) ତୋରାଣି କଂସାଏ

୪୦। (ଖ) ତାଙ୍କ କୁକୁର

୪୧। (ଖ) କାଠ ଚିରା ହେଉଥିବାର ସ୍ଥାନରେ

୪୨। (ଖ) ଚାରି ଟଙ୍କା

୪୩। (ଗ) ଚାରଣା

୪୪। (କ) ତା ପାଖରେ ଖୁଚୁରା ନ ଥିଲା

୪୫। (ଖ) ଲେଖକ ତାକୁ ଅବିଶ୍ୱାସୀ କହିଲେ ବୋଲି

୪୬। (କ) ରବିବାର ଥିବାରୁ

୪୭। (କ) ବଡ଼ ଭୁଲ କରିଛନ୍ତି

୪୮। (କ) ଆତ୍ମୀୟତା ଓ ଆନ୍ତରିକତା ନଥିଲା

୪୯। (ଗ) ଚାକର

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧। ଲେଖକ କାଠ ଗଳ୍ପରେ ଆଦିବାସୀମାନଙ୍କ ଶିକ୍ଷା, ଦୀକ୍ଷା ବିଷୟରେ କ'ଣ ଆଲୋକପାତ କରିଛନ୍ତି ତାହା ବର୍ଣ୍ଣନା କର ।**



Eduodia App

Odisha 1 to 10 All Books App

**ଉତ୍ତର** – ଲେଖକ ବସନ୍ତ କୁମାର ଶତପଥୀ କାଠ ଗଳ୍ପ ମାଧ୍ୟମରେ ଆଦିବାସୀମାନଙ୍କ ବିଷୟରେ ଏକ ମାର୍ମିକ ଚିତ୍ର ପ୍ରଦାନ କରିଛନ୍ତି । ଦେଶ ଏତେ ବର୍ଷ ହେଲା ସ୍ୱାଧୀନତା ପାଇଥିଲେ ମଧ୍ୟ ଆଦିବାସୀମାନଙ୍କର ସାମଗ୍ରିକ ବିକାଶ ହୋଇନାହିଁ । ସରକାର ଏମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି ହେଲେ ଏମାନେ ଅନ୍ଧାରରେ କାଳାତିପାତ କରୁଛନ୍ତି । ଶିକ୍ଷାର ଆଲୋକ ଏମାନଙ୍କ ପାଖରେ ପହଞ୍ଚି ପାରୁନାହିଁ । ଓଡ଼ିଆ ଭାଷା କହିଲା ବେଳେ ଏଥିରେ ପ୍ରଳମ୍ବ ଅଶୁଦ୍ଧି କରୁଛନ୍ତି । ଏମାନେ ପର୍ବପର୍ବାଣିରେ ହାଣ୍ଡିଆ ପିଇବା, କୁକୁଡ଼ା ଲଢ଼େଇ କରିବା, ମାଦଳ ବଜେଇ ନୃତ୍ୟ କରିବାରେ ସମୟ ବରବାଦ କରୁଛନ୍ତି । ଏମାନେ ଗାଁ ମହଜାନ, ଧନୀମାନଙ୍କ ଦ୍ୱାରା ନିର୍ଯ୍ୟାତନା ପାଉଛନ୍ତି । ଏମାନଙ୍କ ନିରୀହ ସ୍ୱଭାବ ଯୋଗୁଁ ସଭ୍ୟ ସମାଜର ଚକ୍ରବ୍ୟୂହରେ ପଡ଼ି ଛଟପଟ ହେଉଛନ୍ତି ।

**୨ । ଜାଳ ପାଇଁ ଚିରାକାଠ ନ ଆଣି ଗୋଦାମରୁ କାଠ ଗଡ଼ ଆଣିଲେ ଅଧିକ ଲାଭ କିପରି ହେବ ଗଳ୍ପ ଆଧାରରେ ବର୍ଣ୍ଣନା କର ।**

**ଉତ୍ତର** – ଲେଖକ ନିଜେ ଜଙ୍ଗଲ ରାଜ୍ୟର ମଣିଷ । କୋଉ କାଠ ଭଲ, କୋଉ କାଠ ଖରାପ, ସେ ବିଷୟରେ ସେ ଭଲଭାବରେ ଜାଣିଛନ୍ତି । ତେଣୁ ସେ ଜାଣିଛନ୍ତି ଚିରା କାଠ ଠାରୁ କାଠ ଗଡ଼ ଭଲ କାରଣ ଚିରା କାଠରେ ବିଭିନ୍ନ କାଠ ମିଶି ରହିଥାଏ । ଗୋଦାମରୁ ଧଅ କାଠ କିଣିଲେ ଏହା ଜଳିବାକୁ ଭଲ କାରଣ ଏହା ପ୍ରାୟ ଦୁଇ ବର୍ଷର ପୁରୁଣା କାଠ ଗଡ଼ିଟିଏ । ଏହି କାଠ ଚିରିବାକୁ ଆଦିବାସୀ କାଠ ଚିରାଳି ସୁଲଭ ମୂଲ୍ୟରେ ମିଳି ଯାଆନ୍ତି । ଏମାନେ ବହୁତ ଶକ୍ତିଶାଳୀ । ଯେତେ ଟାଣ ବା ଗଣ୍ଠି କାଠକୁ ଏମାନେ ଅନାୟାସରେ ଚିରି ଦେବେ । ଆଉ ଘରେ ନେଇ ସଜାଡ଼ି ରଖି ଦେବେ । କିଛି କଷ୍ଟ କରିବାକୁ ପଡ଼ିବ ନାହିଁ ।

**୩ । ଆଦିବାସୀମାନଙ୍କୁ ଅନ୍ୟ ବର୍ଗର ମଣିଷମାନେ କିପରି ଶୋଷଣ କରୁଛନ୍ତି ତାହା ପଠିତ ଗଳ୍ପ ଆଧାରରେ ବର୍ଣ୍ଣନା କର ।**

**ଉତ୍ତର** – ଏ ଦୁନିଆରେ ସବୁବେଳେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ଲାଗି ରହିଛି । ଯେହେତୁ ଆଦିବାସୀଙ୍କର ଶିକ୍ଷାଗତ ଯୋଗ୍ୟତା ନାହିଁ, ଏମାନଙ୍କ ସରଳ ବିଶ୍ୱାସର ସୁଯୋଗ ନେଇ ଉଚ୍ଚବର୍ଗର ଲୋକମାନେ ନିଜର ଫାଇଦା ଉଠାନ୍ତି । ଏମାନଙ୍କ ଜମିବାଡ଼ି ଅନ୍ୟମାନେ ହଡ଼ପ କରନ୍ତି । ଏମାନଙ୍କ ଜୀବନ ନିରାପଦ ନୁହେଁ । ଏମାନଙ୍କ ବିଶ୍ୱାସକୁ ନେଇ ଅନ୍ୟମାନେ ଖେଳନ୍ତି । ଆଦିବାସୀମାନେ ସବୁବେଳେ ନଖାଇ ନପିଇ ଜୀବନଯାପନ କରନ୍ତି । ଏମାନଙ୍କର ପୃଥିବୀ ପରି ସହିବାର ଶକ୍ତି ଅଛି । ଏ ସମାଜର ବଡ଼ ପଣ୍ଡମାନେ ଏମାନଙ୍କର ଜୀବନକୁ ନେଇ ଖେଳ ଖେଳନ୍ତି । ଏ ସମାଜର ରାଜନୈତିକ ପଶାପାଲିରେ ଏଇମାନେ ହିଁ ବଳି ପଡ଼ିଥାଆନ୍ତି । ଏମାନଙ୍କ ପାଇଁ ହେଉଥିବା ବିଭିନ୍ନ ଯୋଜନା ଏମାନଙ୍କ ପାଖରେ ପହଞ୍ଚି ନ ପାରି ବାଟମାରଣା ହୁଏ । ଏମାନେ ପ୍ରଭୁ ନୀଳକଣ୍ଠଙ୍କ ପରି ଗରଳ ପାନ କରି ହସିବା ଶିଖିଛନ୍ତି ।

**୪ । ଲେଖକ ଗଳ୍ପରେ ନିଜକୁ ଅତି ସ୍ୱାର୍ଥପର ଭାବେ କିପରି ଚିତ୍ରଣ କରିଛନ୍ତି ତାହା ଗଳ୍ପ ଆଧାରରେ ବର୍ଣ୍ଣନା କର ।**

**ଉତ୍ତର** – ଗଳ୍ପ ମାଧ୍ୟମରେ ଲେଖକ ନିଜକୁ ଅତି ସ୍ୱାର୍ଥପର ଭାବରେ ଚିତ୍ରିତ କରିଛନ୍ତି । ଧଅ କାଠ ଗଡ଼ଟି ଗଣ୍ଠିଆ ଆଉ ଚେମରା ହୋଇଥିବାରୁ ଏହାକୁ ଚିରିବାକୁ କଠିନ ପରିଶ୍ରମ କରିବାକୁ ହେବ ଜାଣି ମଧ୍ୟ ମାତ୍ର ସାଢ଼େ ତିନି ଟଙ୍କା କାଠୁରିଆକୁ ଦେବାକୁ ମୂଲାମୂଲି କରିଛନ୍ତି । ତାଙ୍କ ପୁଅ ଶେଷରେ ତିନି ଟଙ୍କା ପଚସ୍ତରି ଛିଡ଼େଇଲା ପରେ ତା ଉପରେ ଲେଖକ ବିରକ୍ତି ପ୍ରକାଶ କରିଛନ୍ତି । ଦୁଇ ଦିନର ବାସି ରୁଟି ଯାହା ଉପରେ ଅସରପା ଚଢ଼ି ଯାଇଛନ୍ତି; ତାଙ୍କ କୁକୁର ତାକୁ ଖାଇଲା ନାହିଁ ତାକୁ କାଠୁରିଆ ଭଳି ମଣିଷକୁ ଦେଇଛନ୍ତି । ତାଙ୍କ ଚାକର ତାଙ୍କ ପାଇଖାନା ନୋଟାରେ କାଠୁରିଆକୁ ପାଣି ପିଇବାକୁ ଦେଇଛି । ଅଥଚ ନିଜେ ମାଂସ କଷା ଖାଉଛନ୍ତି । କାଠୁରିଆ ସେ ନୋଟାକୁ ଘଷି ଚିକ୍ ଚିକ୍ କରି ଦେଇଛି । ବଡ଼ କାଠ ଗଡ଼ଟିକୁ ମେହନତ କରି ଚିରି ସାରିଲା ପରେ କାଠ ଖଣ୍ଡ ଓ ଛୋଟ ଛୋଟ ଖଣ୍ଡଗୁଡ଼ିକୁ ବୋହି ନେବାକୁ ଲେଖକ ଜଗି ବସିଛନ୍ତି ।

**୫। ଭଗବାନ ଆଦିବାସୀମାନଙ୍କୁ ଦେଇଥିବା ସାମର୍ଥ୍ୟ ପଠିତ ଗଳ୍ପ ଆଧାରରେ ବର୍ଣ୍ଣନା କର ।**

**ଉତ୍ତର** – ଲେଖକ ବସନ୍ତ କୁମାର ଶତପଥୀ ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ସନ୍ତାନ । ଏମାନେ ପ୍ରକୃତି କୋଳରେ ଖେଳି ବୁଲି ନିଜ ଶରୀରକୁ ଶକ୍ତ କରିଛନ୍ତି । ଭଗବାନ ଆଶୀର୍ବାଦ ଏମାନଙ୍କ ଉପରେ ଅଛି । ଲେଖକ ଯୋଉ କୁରାଢ଼ୀକୁ ଉଠାଇ ପାରୁ ନଥିଲେ କାଠୁରିଆ ସକାଳୁ ତୋରାଣି କଂସାଏ ପିଇ ଆସି କାଠ ଗଡ଼ଟିକୁ କୁରାଢ଼ୀ କାଟିବାକୁ ସମର୍ଥ ହେଲା । ଏମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବେଶି । ଖରା, ବର୍ଷା, ଶୀତ, କାକରରେ ଦିନ ରାତି କାମ କଲେ ମଧ୍ୟ ଏମାନଙ୍କୁ କୌଣସି ରୋଗ ହୁଏ ନାହିଁ ।

**୬। ଆଦିବାସୀମାନଙ୍କ ଜୀବନ ଜୀବିକାକୁ ନେଇ ଲେଖକ ଯାହା କହିଛନ୍ତି ଗଳ୍ପ ଆଧାରରେ ତାହା ବର୍ଣ୍ଣନା କର ।**

**ଉତ୍ତର** – ଲେଖକ ବସନ୍ତ କୁମାର ଶତପଥୀ ଅତି ଜୀବନ୍ତ ଭାବରେ ଆଦିବାସୀଙ୍କର ଜୀବନ ଜୀବିକା ବିଷୟରେ ଏହି ଗଳ୍ପରେ ଉପସ୍ଥାପନ କରିଛନ୍ତି । ଏମାନେ ନିରକ୍ଷର; ତେଣୁ ସରକାରୀ ଯୋଜନାର ସୁଫଳ ଏମାନେ ପାଇ ପାରନ୍ତି ନାହିଁ । ଏମାନେ ଯାଯାବର ପରି ଜୀବନ

EduOdiaApp



Odisha 1 to 10 All Books App

ନିର୍ବାହ କରନ୍ତି । ସ୍ୱଚ୍ଛଳ ବର୍ଗର ଲୋକମାନେ ଏମାନଙ୍କୁ କମ୍ ମଜୁରୀ ଦେଇ ବିଲ, ବାଡ଼ି, ଘରକାମରେ ଲଗାନ୍ତି । ଏମାନେ କାମ କଲା ବେଳେ ମନ ଲଗାଇ ଆଗ୍ରହରେ କାମ କରନ୍ତି । ଭଗବାନ ଏମାନଙ୍କ ମାଂସପେଶୀକୁ ଲୁହା ଭଳି ଶକ୍ତ କରିଛନ୍ତି । ଏମାନେ ଖରା ବର୍ଷାରେ ଚାଷ କରିବା, କାଠ କାଟିବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ଇତ୍ୟାଦି କାର୍ଯ୍ୟରେ ଧୁରନ୍ଧର ।

**୭। ଲେଖକଙ୍କ ପ୍ରତି କାଠୁରିଆର ବ୍ୟବହାର ଓ ମନୋଭାବ ସଂପର୍କରେ ପଠିତ ଗଳ୍ପ ଆଧାରରେ ବର୍ଣ୍ଣନା କର ।**

**ଉତ୍ତର** – ଲେଖକ ବସନ୍ତ କୁମାର ଶତପଥୀ ଅତି ଚମତ୍କାର ଭାବେ କେମିତି ଏ ସଭ୍ୟ ସମାଜ ନିଜ ସ୍ୱାର୍ଥରେ ଅନ୍ଧ ହୋଇ ନିରୀହ ଅଶିକ୍ଷିତ ଆଦିବାସୀମାନଙ୍କୁ ଅତ୍ୟନ୍ତ ଘୃଣ୍ୟ ବ୍ୟବହାର କରନ୍ତି ତାର ଏକ ନମୁନାରେ ପରିପ୍ରକାଶ ଏକ କାଠ ଗଳ୍ପ ମାଧ୍ୟମରେ କରିଛନ୍ତି । ମଣିଷକୁ ମଣିଷ ପରି ଆଚରଣ ପ୍ରଦର୍ଶନ ନକରି ନିଜ ପୋଷା କୁକୁରଟି ଖାଉ ନଥିବା ବାସି ଆଉ ଅସରପା ବୁଲୁଥିବା ରୁଟିକୁ ଭୋକିଲା ଆଦିବାସୀକୁ ଦେଇଛନ୍ତି । କାଠୁରିଆ ତାକୁ ପାମ୍ପଡ଼ ପରି ମଡ଼ମଡ଼ କରି ଚୋବାଇ ପେଟ ଭୋକକୁ ଦୂର କରିବାକୁ ଚେଷ୍ଟା କରିଛି । ତା'ର କଠିନ ପରିଶ୍ରମରେ ପେଟରେ ଜ୍ୱାଳାରେ ଅସ୍ତବ୍ୟସ୍ତ ହେଉଥବା ସମୟରେ ସ୍ୱାଦିଷ୍ଟ ବ୍ୟଞ୍ଜନର ସୁଗନ୍ଧ ତାର ଭାବାନ୍ତର ସୃଷ୍ଟି କରିଛି । ମାତ୍ର ଚାରେଣା ପଇସା ସକାଶେ ତାକୁ ଅବିଶ୍ୱାସୀର ଆଖ୍ୟା ଦେଇଛନ୍ତି । ଏମାନେ ସବୁ ସହି ଯିବେ ହେଲେ ଏମାନଙ୍କ ଚରିତ୍ର ଉପରେ ଦୋଷାରୋପ କଲେ ଏମାନେ କାହାକୁ ଛାଡ଼ିବେ ନାହିଁ । ଏମାନଙ୍କ ପାଇଁ କର୍ମ ହିଁ ଭଗବାନ । ତେଣୁ ଲେଖକଙ୍କ ପଦେ ମାତ୍ର କଥାରେ ଦିନମାନର କଷ୍ଟ ଅର୍ଜିତ ମାତ୍ର ଚାରିଟଙ୍କାକୁ ପାଦରେ ଆଡ଼େଇ ଦେଇ ଚାଲି ଯାଇଛି । କାଠୁରିଆ ପ୍ରତି ଲେଖକଙ୍କ ଏଭଳି ବ୍ୟବହାର ଅତ୍ୟନ୍ତ ହୃଦୟବିଦାରକ ହୋଇଛି ।

**୮। କାଠୁରିଆର ଆଖି ଲାଲ୍ ଲାଲ୍ ଦେଖି ଲେଖକ କିପରି ଡରି ଯାଇଥିଲେ ତାହା ଗଳ୍ପ ଆଧାରରେ ବର୍ଣ୍ଣନା କର ।**

**ଉତ୍ତର** – କାଠୁରିଆକୁ ଲେଖକ ଯେତେବେଳେ ଅବିଶ୍ୱାସର ଆଖ୍ୟା ଦେଲେ ସେତେବେଳେ ସେ ରାଗି ନିଆଁବାଣ ହୋଇଗଲା । କାଠ ଚିରିବା ଠାରୁ ଛୋଟ ବଡ଼ କାଠକୁ ନେଇ କାମ କରିବାକୁ ସେ ରାଜି ହୋଇ ଯାଇଥିଲା । କୁକୁର ଖାଉ ନଥିବା ବାସି ରୁଟିକୁ ବିନା ଦ୍ୱିଧାରେ ପେଟ ବିକଳରେ ଖାଇ ମଧ୍ୟ ସେ ନିରୁତ୍ତର ରହିଥିଲା ।

ଦିନମାନର କଠିନ ପରିଶ୍ରମର ମୂଲକୁ ପାଦରେ ଠେଲି ଦେଇ ଚାଲି ଯାଇ ଥିଲା । କାଠୁରିଆ ଏତେ ଭୀଷଣ ରାଗି ଯାଇଥିଲା ଯେ ଲେଖକ ଡରି ଯାଇଥିଲେ । କାଠୁରିଆ ତାଙ୍କୁ କାଠର ଗଡ଼ ପରି ଯଦି ତାର ଦୁଇ କେଜିଆ କୁରାଢ଼ୀ ଧରି ତାଙ୍କ ଛାତିକୁ କୁଦି ପଡ଼େ ତାହେଲେ ତାଙ୍କର ରାମ ନାମ ସତ୍ୟ ହୋଇଯିବ । କାଠୁରିଆ ବିଶ୍ୱରୂପ ଲେଖକଙ୍କ ଛାତି ଥରାଇ ଦେଇଥିଲା । ସେ କାଠୁରିଆର ନିରୀହ ରୂପ ଦେଖିଥିଲେ ହେଲେ ତାର ଉଗ୍ରରୂପ ଦେଖି ଭୟ ଓ ଆଶଙ୍କାରେ ଥରିବାକୁ ଲାଗିଲେ । ନିଜ ଚାକର ହାତରେ ଦୁଇଟି ଦୁଇ ଟଙ୍କିଆ ଦେଇ କବାଟ କିଳି ଘରେ ଲୁଚିଲେ । କାଠୁରିଆର ନରମ ରୂପ ଦେଖିଥିଲେ ହେଲେ କାଠୁରିଆର ଗରମ ରୂପ ଲେଖକଙ୍କ ହୋସ୍ ଉଡ଼େଇ ଦେଇଥିଲା ।

**୯। ଗଳ୍ପଟିର ଶୀର୍ଷକ "କାଠ" ରଖାଯିବା କେତେଦୂର ଯୁକ୍ତିଯୁକ୍ତ ? – ନିଜସ୍ୱ ମତ ଦିଅ ।**

**ଉତ୍ତର** – ବିଷୟର ଶୀର୍ଷକ କାଠ ରଖାଯିବା ଯୁକ୍ତିଯୁକ୍ତ । କାରଣ ହେଉଛି ପ୍ରଥମରୁ କାଠ ଗଡ଼ କାଠ ଗୋଦାମରୁ ଧଅ କାଠ କିଣାଯିବା । ତାକୁ ଚିରିବା ପାଇଁ କାଠୁରିଆ ଆସିବା କାଠ ଚିରିବାକୁ ନେଇ ମୂଲାମୂଲି କରିବା । କାଠକୁ ଦେଖି କାଠୁରିଆ ଏହାକୁ ଗଣ୍ଠିଆ ଚେମେରା ଆଉ ତାକୁ ଯିଏ ଚିରିବ ତା ହାତ ଫୁଟୁକା ଆଉ ଚମଡ଼ା ଛାଡ଼ିବା ଥୟ । କାଠ ଗଡ଼ ଚିରା ସମୟରେ କାଠୁରିଆକୁ ଲେଖକ ଜଗି ରହି ଚିରା କାଠକୁ ନେଇ ତଦାରଖ କରୁଥିବା, କାଠୁରିଆକୁ କୁକୁର ଖାଉ ନଥିବା ବାସି ରୁଟି ଦେବା, ଦେଢ଼ ଘଣ୍ଟା ଭିତରେ କାଠୁରିଆ ଅଧାକାଠ ଚିରିଦେବା ଘଟଣା, ଶେଷରେ ଲେଖକ କାଠୁରିଆକୁ ଅବିଶ୍ୱାସୀ କହି ତାର ରାଗର ଶିକାର ହୋଇ ଡରି ଯାଇଛନ୍ତି । ତେଣୁ ଏ ବିଷୟର ନାମ କାଠ ରଖାଯିବା ଯୁକ୍ତିଯୁକ୍ତ । ଲେଖକ ଏଇ କାଠ ମାଧ୍ୟମରେ ଆଦିବାସୀମାନଙ୍କର ଚଳଣିର ଏକ ଜୀବନ୍ତ ଚିତ୍ର ଆଙ୍କିଛନ୍ତି । ଏଇ ପ୍ରକୃତିର ସନ୍ତାନମାନଙ୍କୁ ସମାଜ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଭରପୂର ପ୍ରୟାସ କରିଛନ୍ତି । ଏକ ସାଧାରଣ ଘଟଣା ମାଧ୍ୟମରେ ଆଦିବାସୀମାନଙ୍କର ବିକାଶ କାଠ ଗଳ୍ପର ଅନ୍ତଃସ୍ୱର ଅଟେ ।



Odisha 1 to 10 All Books App

# ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ

## କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

୧। ଗାଳ୍ପିକ ରବି ପଟ୍ଟନାୟକ କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ?
(କ) କଟକ (ଖ) କେନ୍ଦ୍ରାପଡ଼ା
(ଗ) ମୟୂରଭଞ୍ଜ (ଘ) ଭଦ୍ରକ

୨। ସେ କେଉଁ ଗଳ୍ପ ସଂକଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ?
(କ) ହିରଣ୍ୟଗର୍ଭ (ଖ) ଅମରୀ ଲତା
(ଗ) ବିଷୁବ ରେଖା (ଘ) ରାଗତୋଡ଼ି

୩। ନିମ୍ନଲିଖିତ କୃତିଗୁଡ଼ିକ ମଧ୍ୟରୁ କେଉଁଟି ଗାଳ୍ପିକ ରବି ପଟ୍ଟନାୟକଙ୍କର ?
(କ) ଅଜାଗା ଘା (ଖ) ଆକାଶୀ ଫୁଲ
(ଗ) ବନ୍ଧ୍ୟା ଗାନ୍ଧାରୀ (ଘ) ଗୋଟାଏ ଆଳୁ

୪। ପଠିତ ଗଳ୍ପରେ ଗାଳ୍ପିକ ବଟବୃକ୍ଷକୁ କାହାର ପ୍ରତୀକ ଭାବରେ ଦର୍ଶାଇଛନ୍ତି ?
(କ) ପିତାର (ଖ) ଜନନୀର
(ଗ) ପୁତ୍ରର (ଘ) ଭଗିନୀର

୫। ସରକାରୀ ବସ୍‌ରେ ଯାଇଥିଲେ ନଟବର ବାବୁ, କେତେଟାବେଳେ ଗାଁରେ ପହଞ୍ଚିପାରିଥାନ୍ତେ ?
(କ) ୯ଟା (ଖ) ୧୦ଟା
(ଗ) ୧୧ଟା (ଘ) ୧୨ଟା

୬। ପଛ ବସ୍‌ଧରି ନଟବର ବାବୁଙ୍କୁ କେଉଁଠି ଓହ୍ଲାଇବାକୁ ହେଲା ?
(କ) ହଂସପାଳ (ଖ) ଫୁଲନଖରା
(ଗ) କଳ୍ପନା (ଘ) ନିଆଳି

୭। ଗଳ୍ପରେ କେଉଁ ମାସର କଥା କୁହାଯାଇଛି ?
(କ) ଆଷାଢ଼ (ଖ) ମାଘ
(ଗ) ବୈଶାଖ (ଘ) ଫଗୁଣ

୮। କିଏ ନିଆଁପରି ତାତିଛି ?
(କ) ବୁଦା (ଖ) ହିଡ଼
(ଗ) ଗଛ (ଘ) ପବନ

୯। ହରି ଗୁଡ଼ିଆ କେଉଁ ଗଛ ତଳେ ପାନଜଳଖିଆ ଦୋକାନ କରିଥିଲା ?
(କ) ଆମ୍ବଗଛ (ଖ) ବରଗଛ
(ଗ) ଚାକୁଣ୍ଡା ଗଛ (ଘ) ଅଶ୍ୱତ୍ଥ ଗଛ

୧୦। ହରି ଗୁଡ଼ିଆ କାହା ଉପରେ ଗଡ଼ପଡ଼ ହେଉଛି ?
(କ) ଖଟ ଉପରେ (ଖ) ବେଞ୍ଚ ଉପରେ
(ଗ) ଛିଣ୍ଡା ସପଉପରେ (ଘ) ଟେବୁଲ ଉପରେ

୧୧। କିଏ ଧୀର ଗଳାରେ ହରିକୁ ଡାକିଲେ ?
(କ) ମଧୁବାବୁ (ଖ) ରଘୁବାବୁ
(ଗ) ନଟବର ବାବୁ (ଘ) ଶିବବାବୁ

୧୨। ବୋଉର ଦେହ ଖରାପ ବିଷୟରେ ନଟବର ବାବୁ କେତେବେଳେ ତାର ପାଇଲେ ବୋଲି କହିଲେ ?
(କ) କାଲି ସକାଳେ (ଖ) କାଲି ଉପରବେଳା
(ଗ) କାଲି ସଞ୍ଜବେଳେ (ଘ) କାଲି ରାତିରେ

୧୩। ବାପା ମରିବା ସମୟରେ ନଟବର ବାବୁଙ୍କୁ କେତେବର୍ଷ ହୋଇଥିଲା ?
(କ) ୫ ବର୍ଷ (ଖ) ୭ ବର୍ଷ
(ଗ) ୧୦ ବର୍ଷ (ଘ) ୧୨ ବର୍ଷ

୧୪। ନଟବରବାବୁଙ୍କ ଧାରଣାରେ ମଣିଷ ଜାତିଟା ସବୁବେଳେ କ'ଣ ଅଟେ ?
(କ) ବିଶ୍ୱସ୍ତ (ଖ) ସାହସୀ
(ଗ) କୃତଜ୍ଞ (ଘ) ଅକୃତଜ୍ଞ

୧୫। ନଟବର ବାବୁ ପିଲାଙ୍କ ମନରେ କେଉଁ ଭାବ ନ ରହୁ ବୋଲି ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଥିଲେ ?
(କ) ଧନୀ (ଖ) ଗରିବ
(ଗ) କୃପଣ (ଘ) ବଦାନ୍ୟ

୧୬। ବୋଉର ସ୍ୱାର୍ଥ ତ୍ୟାଗ ଓ ଆତ୍ମୋତ୍ସର୍ଗ ସହିତ ନଟବର ବାବୁଙ୍କ ନିଜର କ'ଣ ଥିଲା ?
(କ) ସାହସ (ଖ) ଚେଷ୍ଟା
(ଗ) ପ୍ରଗାଢ଼ ଚେଷ୍ଟା (ଘ) ତ୍ୟାଗ

୧୭। ନଟବର ବାବୁ କିପରି ବଞ୍ଚିବାର ପାଥେୟ ସଂଗ୍ରହ କରିଛନ୍ତି ?
(କ) ସାଧାରଣ ଭାବେ (ଖ) ଅସାଧାରଣ ଭାବେ
(ଗ) ନିଷ୍ପାପରଭାବେ (ଘ) କୃତବିଦ୍ୟ ଭାବେ



Odisha 1 to 10 All Books App

Eduodia App

୧୮। ନଟବର ବାବୁଙ୍କ ବଡ଼ ପୁଅଟା କ'ଣ ପଢୁପଢୁ ହିପି ହୋଇଗଲା ?
(କ) ମାଟ୍ରିକ୍ (ଖ) ଆଇ.ଏ.
(ଗ) ବି.ଏ. (ଘ) ଏମ୍.ଏ.

୧୯। ନଟବର ବାବୁଙ୍କ ବଡ଼ପୁଅ ଘରକୁ କେଉଁ କାମଛଡ଼ା ଅନ୍ୟ କିଛି ପାଇଁ ଆସେନା ?
(କ) ପଢ଼ିବା (ଖ) ରହିବା
(ଗ) ଖାଇବା ଶୋଇବା (ଘ) ଖେଳିବା

୨୦। ଝାଳରେ ନଟବର ବାବୁଙ୍କ କଣ ପୂରାପୂରି ଓଦା ହୋଇଗଲାଣି ?
(କ) ଲୁଗାଟା (ଖ) ପଞ୍ଜାବୀଟା
(ଗ) ଗଞ୍ଜିଟା (ଘ) ସାର୍ଟଟା

୨୧। ଆଗକୁ କେଉଁ ଗାଁ ଦେଖାଯାଉଛି ?
(କ) ମାଣପୁର (ଖ) ନାନପୁର
(ଗ) ହରିଚନ୍ଦନପୁର (ଘ) ମୁକୁନ୍ଦପୁର

୨୨। ପୋଖରୀ ହୁଡ଼ାରେ କେତୋଟି ତାଳଗଛ ଥିଲା ?
(କ) ୧୫-୨୦ଟି (ଖ) ୧୦-୧୨ଟି
(ଗ) ୨୦-୨୫ଟି (ଘ) ୧୨-୧୪ଟି

୨୩। ପୋଖରୀର ଗୋଟିଏ କୋଣକୁ କ'ଣ ଅଛି ?
(କ) ଖରିବଣ (ଖ) ବେଲବଣ
(ଗ) ବାଉଁଶବଣ (ଘ) ଆମ୍ବବଣ

୨୪। ବେଲବଣ ମଝିରେ କେଉଁ ପୁରାତନ ମନ୍ଦିରଟିଏ ଅଛି ?
(କ) ଜଗନ୍ନାଥ (ଖ) ଶିବ
(ଗ) ମଙ୍ଗଳା (ଘ) ଦୁର୍ଗା

୨୫। ବନ୍ଧୁ ଷଡ଼ଙ୍ଗୀର ବାଉଁଶବାଡ଼ି କେଉଁଠି ?
(କ) ଗାଁ ବାହାରେ (ଖ) ଗାଁ ମଝିରେ
(ଗ) ଗାଁ ମୁଣ୍ଡର (ଘ) ଘର ପାଖରେ

୨୬। ଗାଁ ମୁଣ୍ଡରେ କାହାର ବାଉଁଶ ବାଡ଼ି ?
(କ) ରାଧୁ ତିଆଡୀ (ଖ) ମଧୁ ତିଆଡୀ
(ଗ) ହରି ତିଆଡୀ (ଘ) ବନ୍ଧୁ ଷଡଙ୍ଗୀ

୨୭। ମନ୍ଦିରର ପୂଜକ କିଏ ?
(କ) ବିପ୍ର ଷଡ଼ଙ୍ଗୀ (ଖ) ରଧୁ ତିଆଡ଼ୀ
(ଗ) ମଧୁ ତିଆଡୀ (ଘ) ହରି ତିଆଡୀ

୨୮। ମନ୍ଦିର ଚଉତରା ଉପରେ କ'ଣ ପଡ଼ିଛି ?
(କ) ତାସ୍‌ପାଲି (ଖ) ପଶାପାଲି
(ଗ) ଲୁଡୁପାଲି (ଘ) ଗଞ୍ଜାପାପାଲି

୨୯। ଚଉତରାରୁ ହୋ ହୋ ହୋଇ ଚିତ୍କାର କାହିଁକି ଉଠୁଥିଲା ?
(କ) ବଢ଼ିଆ କାମପାଇଁ (ଖ) ବଢ଼ିଆ ଦାନପାଇଁ
(ଗ) ବଢ଼ିଆ ଖେଳପାଇଁ (ଘ) ବଢ଼ିଆ ଜାଗାପାଇଁ

୩୦। ଚଉତରା ଉପରେ ମଧୁ ତିଆଡ଼ୀ କ'ଣ ପଢୁଥିଲେ ?
(କ) ରାମାୟଣ (ଖ) ଭାଗବତ
(ଗ) ନୃସିଂହ ପୁରାଣ (ଘ) ମହାଭାରତ

୩୧। ବନ୍ଦ ମନ୍ଦିର କେତେବେଳକୁ ଖୋଲା ହେବ ?
(କ) ସକାଳେ (ଖ) ଉପରବେଳା
(ଗ) ସଂଧ୍ୟାରେ (ଘ) ରାତିରେ

୩୨। ମଧୁ ତିଆଡୀ କହିଲା ପରି ଏ ପାପ ଅନ୍ୟାୟ ଅନାଚାର ଭିତରେ ଠାକୁର କେଉଁଠି ନାହାଁନ୍ତି ?
(କ) ଘରେ (ଖ) ବାହାରେ
(ଗ) ମନ୍ଦିରରେ (ଘ) ବେଢ଼ାରେ

୩୩। ନଡ଼ିଆ ବଣ ଭିତରେ ଚକମକ କରୁଥିବା କୋଠାଟି କାହାର ?
(କ) ସୁନାକର ମାରୁଆଡ଼ିର
(ଖ) ସୁଧାକର ମାରୁଆଡ଼ିର
(ଗ) ସୁରଜମଲ ମାରୁଆଡ଼ିର
(ଘ) ସୁବାସ ମାରୁଆଡ଼ିର

Eduodia App

୩୪। ମଦନପୁର ଗାଁ ଓ ନଟବର ଗାଁର ସୀମାକୁ କିଏ ଚିହ୍ନଟ କରୁଥିଲା ?
(କ) ବେଲଗଛ (ଖ) ଆମ୍ବଗଛ
(ଗ) ବରଗଛ (ଘ) ଅଶ୍ୱତ୍ଥ ଗଛ

୩୫। ଅଶ୍ୱତ୍ଥ ଗଛରେ ଗଣ୍ଡିରେ କେଉଁ ଦାଗ ଲାଗିଥିଲା ?
(କ) ନାଲି ସିନ୍ଦୂରର ଦାଗ (ଖ) ଖଣ୍ଡିଆ ଦାଗ
(ଗ) କଳାଦାଗ (ଘ) କଟାଦାଗ

୩୬। ସୁରଜମଲ ମାରୁଆଡ଼ିର ବାପା ପିମ୍ପୁଡ଼ିମାନଙ୍କୁ କ'ଣ ଦେଉଥିଲା ?
(କ) ଚାଉଳ (ଖ) ମହୁ
(ଗ) ଗୁଡ଼ କି ଚିନି (ଘ) ଭୋଗ

୩୭। ବୁଦ୍ଧଦେବ କେଉଁ ଗଛମୂଳେ ବସି ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ ?
(କ) ବରଗଛ (ଖ) ଆମ୍ବଗଛ
(ଗ) ଅଶ୍ୱତ୍ଥ ଗଛ (ଘ) ବେଲଗଛ

୩୮। ମହାବୀର ଜୀନ ଅଶ୍ୱତ୍ଥ ଗଛମୂଳେ କ'ଣ ପାଇଥିଲେ ?
(କ) ପରମଜ୍ଞାନ (ଖ) ପରମ ଧର୍ମ
(ଗ) ପରମ ଶକ୍ତି (ଘ) ପରମ ମୁକ୍ତି



Odisha 1 to 10 All Books App

୩୯। ପ୍ରକାଶିତ ରସର ପୋଖରୀ ଓ ନଦୀକୁ କିଏ ଶୋଷି ନିଏ ?
(କ) ନିଆଁ (ଖ) ସମୟର ଖରା
(ଗ) ଖରା (ଘ) ଉଷ୍ଣତା

୪୦। ଭାବୁଭାବୁ ନଟବର କେଉଁଠି ଆସି ପହଞ୍ଚିଲେ ?
(କ) ବେଲଗଛ ପାଖରେ (ଖ) ଆମ୍ବଗଛ ପାଖରେ
(ଗ) ବରଗଛ ପାଖରେ (ଘ) ଅଶ୍ୱତ୍ଥ ଗଛ ପାଖରେ

୪୧। ବରଗଛର ଶୀତଳ ଛାଇରେ କାହାର ଚେତା ପଶିଲା ?
(କ) ହରିବାବୁଙ୍କର (ଖ) ରଘୁବାବୁଙ୍କର
(ଗ) ନଟବର ବାବୁଙ୍କର (ଘ) ଘନଶ୍ୟାମବାବୁଙ୍କର

୪୨। କାହାର ଶୀତଳ ଛାଇରେ ନଟବର ବାବୁଙ୍କର ଚେତା ପଶିଲା ?
(କ) ଅଶ୍ୱତ୍ଥ ଗଛ (ଖ) ବରଗଛ
(ଗ) ଆମ୍ବଗଛ (ଘ) ବେଲଗଛ

୪୩। ଗଛ ତଳେ କେଉଁମାନେ ବସି ପାକୁଳି କରୁଛନ୍ତି ?
(କ) ଛେଳି (ଖ) ମଇଁଷି
(ଗ) ଗୋରୁ (ଘ) ମେଣ୍ଢା

୪୪। ଦୁଇ ଚାରିଟା ପିଲା ଧୁମ୍ ଖରାରେ କେଉଁ ଖେଳ ଖେଳୁଥିଲେ ?
(କ) ବୋହୂଚୋରୀ (ଖ) ବାଗୁଡ଼ି
(ଗ) ଲୁଡୁ (ଘ) ଡାଳ ମାଙ୍କୁଡ଼ି

୪୫। ଗଛଟା ନିଜର ବାହୁ ମେଲେଇ ସନ୍ତାନମାନଙ୍କୁ କିପରି ଆଲିଙ୍ଗନ କରି ରଖିଛି ?
(କ) ସ୍ନେହମୟୀ ଭଗିନୀ ପରି
(ଖ) ସ୍ନେହମୟୀ ଜନନୀ ପରି
(ଗ) ସ୍ନେହମୟୀ ମାଉସୀ ପରି
(ଘ) ସ୍ନେହମୟୀ ଧାତ୍ରୀ ପରି

୪୬। ମୁଣ୍ଡତଳେ କଣ ଦେଇ ଗଡ଼ିପଡ଼ିଲେ ନଟବର ବାବୁ ?
(କ) ଲୁଗା (ଖ) ବ୍ୟାଗ୍
(ଗ) ଗାମୁଛା (ଘ) ପୁଟୁଳି

୪୭। ଖରା ତାତିରୁ କେଉଁଠି ଗୋଟିଏ ଫୋଟକା ବାହାରିଥିଲା ?
(କ) ପାଦରେ (ଖ) ପାଦର ପଛପାଖରେ
(ଗ) କାଣିଆଙ୍ଗୁଠି କଣରେ (ଘ) ମଝି ଆଙ୍ଗୁଳିରେ

୪୮। କେଉଁ ଗଛ କୋରଡ଼ରେ ବେଲ ଓ ଅଶ୍ୱତ୍ଥ ଗଛ ଉଠିଥିଲା ?
(କ) ବେଲଗଛ (ଖ) ବରଗଛ
(ଗ) ଅଶ୍ୱତ୍ଥ ଗଛ (ଘ) ଆମ୍ବଗଛ

୪୯। ନଟବର କିପରି ଆଖିବୁଜିଲେ ?
(କ) ପରମ ଆନନ୍ଦରେ (ଖ) ପରମ ତୃପ୍ତିରେ
(ଗ) ପରମ ଶାନ୍ତିରେ (ଘ) ପରମ ମୁକ୍ତିରେ

୫୦। ନଟବର ବାବୁଙ୍କ ମୁଦା ଆଖିପତା ଉପରେ କାହାର ଛବି ଭାସି ଉଠିଲା ?
(କ) ବାପାଙ୍କର (ଖ) ବୋଉର
(ଗ) ବିରାଟ ବରଗଛର (ଘ) ପରିବାରର

୫୧। କିଏ ନଟବର ବାବୁଙ୍କୁ କେବେହେଲେ କିଛି ମାଗିନାହିଁ କେବଳ ଦେଇ ଚାଲିଛି ?
(କ) ବାପା (ଖ) ବୋଉ
(ଗ) ସହଧର୍ମିଣୀ (ଘ) ପୁତ୍ର

୫୨। ବରଗଛକୁ ଆଚ୍ଛନ୍ନ କରି କେଉଁ ଛବିଟି ନଟବରଙ୍କ ଆଖିଆଗକୁ ଆସିଗଲା ?
(କ) ଗାଁର (ଖ) ବାପାର
(ଗ) ଭାଇର (ଘ) ବୋଉର

Eduodia App

## ଉତ୍ତର

୧। (ଗ) ମୟୂରଭଞ୍ଜ
୨। (କ) ହିରଣ୍ୟଗର୍ଭ
୩। (ଗ) ବନ୍ଧ୍ୟାଗାନ୍ଧାରୀ
୪। (ଖ) ଜନନୀର
୫। (କ) ୯ଟା
୬। (ଖ) ଫୁଲ ନଖରା
୭। (ଗ) ବୈଶାଖ
୮। (ଘ) ପବନ
୯। (ଗ) ଚାକୁଣ୍ଡା ଗଛ
୧୦। (ଗ) ଛିଣ୍ଡା ସପ ଉପରେ
୧୧। (ଗ) ନଟବରବାବୁ
୧୨। (ଗ) କାଲି ସଞ୍ଜବେଳେ
୧୩। (କ) ପାଞ୍ଚବର୍ଷ
୧୪। (ଘ) ଅକୃତଜ୍ଞ
୧୫। (ଖ) ଗରିବ
୧୬। (ଗ) ପ୍ରଗାଢ଼ ଚେଷ୍ଟା
୧୭। (କ) ସାଧାରଣ ଭାବେ



Odisha 1 to 10 All Books App

୧୮। (ଗ) ବି.ଏ.
୧୯। (ଗ) ଖାଇବା ଓ ଶୋଇବା
୨୦। (ଖ) ପଞ୍ଜାବୀଟା
୨୧। (ଗ) ହରିଚନ୍ଦନପୁର
୨୨। (ଗ) ୨୦-୨୫ଟି
୨୩। (ଖ) ବେଲବଣ
୨୪। (ଖ) ଶିବ
୨୫। (ଗ) ଗାଁ ମୁଣ୍ଡରେ
୨୬। (ଘ) ବନ୍ଧୁ ଷଡ଼ଙ୍ଗୀ
୨୭। (ଗ) ମଧୁ ତିଆଡ଼ୀ
୨୮। (ଖ) ପଶାପାଲି
୨୯। (ଖ) ବଢ଼ିଆ ଦାନପାଇଁ
୩୦। (ଖ) ଭାଗବତ
୩୧। (ଗ) ସଂଧ୍ୟାରେ
୩୨। (ଗ) ମନ୍ଦିରରେ
୩୩। (ଗ) ସୁରଜମଲ ମାରୁଆଡ଼ିର
୩୪। (ଗ) ବରଗଛ
୩୫। (କ) ନାଲିସିନ୍ଦୂରର ଦାଗ
୩୬। (ଗ) ଗୁଡ଼ କି ଚିନି
୩୭। (ଗ) ଅଶ୍ୱତ୍ଥ ଗଛ
୩୮। (କ) ପରମଜ୍ଞାନ
୩୯। (ଖ) ସମୟର ଖରା
୪୦। (ଗ) ବରଗଛ ପାଖରେ
୪୧। (ଗ) ନଟବର ବାବୁଙ୍କର
୪୨। (ଖ) ବରଗଛ
୪୩। (ଗ) ଗୋରୁ
୪୪। (ଘ) ଡାଳ ମାଙ୍କୁଡ଼ି
୪୫। (ଖ) ସ୍ନେହମୟୀ ଜନନୀ ପରି
୪୬। (ଗ) ଗାମୁଛା
୪୭। (ଗ) କାଣିଆଙ୍ଗୁଠି କଣରେ
୪୮। (ଖ) ବରଗଛ
୪୯। (ଖ) ପରମତୃପ୍ତିରେ
୫୦। (ଗ) ବିରାଟ ବରଗଛର
୫୧। (ଖ) ବୋଉ
୫୨। (ଘ) ବୋଉର

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର.୧। ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ ଗଳ୍ପରେ ଗଳ୍ପର ଅନ୍ତସ୍ୱର କ'ଣ ?**

**ଉ.** ଆଲୋଚ୍ୟ ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ ଗଳ୍ପରେ ଜୀବନ ଦର୍ଶନ, ସମାଜପାଇଁ ବାର୍ତ୍ତା, ପ୍ରାଚୀନ ଓ ପରମ୍ପରାର ଝଲକ, ମାତା ମାତୃଭୂମି ପ୍ରତି ଆକର୍ଷଣ ଯଥାବତ୍ ବର୍ଣ୍ଣିତ ହୋଇଥିବାରୁ ଏହା ଏକ ସଫଳଗଳ୍ପ ଓ ଏହାର ସ୍ରଷ୍ଟା ଜଣେ ଯଥାର୍ଥ ଗାଳ୍ପିକ ଅଟନ୍ତି । ବଟବୃକ୍ଷକୁ ମମତାମୟୀ ଜନନୀ ଭାବେ ଅଭିହିତ କରି ତହିଁରୁ ଅଶ୍ୱତ୍ଥ ଓ ବେଲବୃକ୍ଷର ସୃଷ୍ଟି ବୋଲି ଗାଳ୍ପିକ ବର୍ଣ୍ଣନା କରିଛନ୍ତି ।

ବୋଉର ଦେହଖରାପ ଯୋଗୁଁ ନଟବରବାବୁ ନିଜ ଜନ୍ମମାଟିକୁ ଫେରିଛନ୍ତି । ପରିବର୍ତ୍ତିତ ସମୟରେ ତାଙ୍କ ପିଲାମାନଙ୍କର ବ୍ୟବହାର ଓ ବାପା ମା'ଙ୍କର ତ୍ୟାଗ ପ୍ରତି ବୀତସ୍ପୃହ ଭାବ ତାଙ୍କୁ ବ୍ୟଥିତ କରିଛି । ଗାଁରେ ପ୍ରବେଶ କଲାପରେ ଅନୁଭବ କରିଛନ୍ତି ସତେ ଯେପରି ଠାକୁର ପ୍ରାର୍ଥନା କେବଳ ଲୋକଦେଖାଣିଆ, ବୈଶାଖ ଝାଞ୍ଜିରେ ଆଉଟିପାଉଟି ହୋଇପଡ଼ିଥିବା ନଟବରବାବୁ ବଟବୃକ୍ଷ ତଳେ ଆଶ୍ରୟ ନେବାବେଳେ ପରମ ଆଶ୍ୱସ୍ତିଲାଭ କରିଛନ୍ତି । ସକଳ ପ୍ରତିକୂଳତା ସତ୍ତ୍ୱେ ବଟବୃକ୍ଷ ସ୍ନେହମୟୀ ଜନନୀ ପରି ତା' ସମସ୍ତ ସନ୍ତାନମାନଙ୍କୁ ଆଶ୍ରୟ ଦେଇପାରିଛି ।

ବାସ୍ତବିକ୍ ବୃକ୍ଷର ଜୀବନ ତ୍ୟାଗର ଜୀବନ ।

**ପ୍ର.୨। ଗଳ୍ପରେ ନଟବରବାବୁ ତାଙ୍କ ମା'ଙ୍କ ସ୍ୱାର୍ଥତ୍ୟାଗ ଓ ବଳିଦାନ ସଂପର୍କରେ କ'ଣ ପ୍ରକାଶ କରିଛନ୍ତି ?**

**ଉ.** ପାଞ୍ଚବର୍ଷ ବୟସରୁ ପିତୃହରା ନଟବରବାବୁ ମା'ଙ୍କର ସାମଗ୍ରିକ ଉଦ୍ୟମ, ନିଃସ୍ୱାର୍ଥପର ଚେଷ୍ଟା ଫଳରେ ସହରରେ ସାମାନ୍ୟ ଚାକିରୀଟିଏ ପାଇଛନ୍ତି । ସାମାନ୍ୟ ଚାକିରୀ ସାଙ୍ଗକୁ ପରିବାରରେ ଚାରି ପାଞ୍ଚୋଟି ପିଲା । ଯେତିକି ଦରମା ପାଆନ୍ତି ସେତିକିରେ ଚଳିବା କଷ୍ଟ । ନଟବରବାବୁଙ୍କର ଏ ପ୍ରକାର ଅସୁବିଧାକୁ ହୃଦୟଙ୍ଗମ କରି, ପୁଅ ବୋହୂଙ୍କର ଶତ ବାରଣ ସତ୍ତ୍ୱେ । ସେ ଭୁବନେଶ୍ୱରରେ ନରହି ଗାଁକୁ ପଳାଇ ଆସିଥିଲେ । ନିଜ ପିଲାମାନେ ଭଲରେ ଚଳିବେ, ଭଲରେ ଖାଇବେ, ଅଭାବ ଜାଣିବେ ନାହିଁ, ସେଥିପାଇଁ ତାଙ୍କ ମା' ଭାଗ ଜମିରୁ ଆଦାୟ ହେଉଥିବା, ଧାନକୁ ଚାଉଳ କରି ତତ୍‌ସହିତ ମୁଗ, ବିରି,



Eduodia App
Odisha 1 to 10 All Books App

ନଡ଼ିଆ, ଚିନାବାଦାମ ଗୋଟି ଗୋଟି କରି ସଜେଇ ସାଜେଇ ଦେଇ ଆସନ୍ତି । ଏହାହିଁ ହେଉଛି ମା'ର ମନ ଓ ତାର ସ୍ୱଭାବ ।

ବାସ୍ତବିକ୍ ମା'ର ବିଶାଳ ହୃଦୟର ତୁଳନା ନାହିଁ ।

**ପ୍ର.୩। ହରିଚନ୍ଦନପୁର ଗାଁର ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥା ସମ୍ପର୍କରେ ଲେଖ ।**

**ଉ.** ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ ଗଳ୍ପରେ ବର୍ଣ୍ଣିତ ହରିଚନ୍ଦନପୁର ଗାଁ ବ୍ରାହ୍ମଣ ଶାସନ ପରିବେଷ୍ଟିତ ଅଟେ । ପ୍ରାଚୀନ ବ୍ରାହ୍ମଣ ଶାସନ ବ୍ୟବସ୍ଥା ଅନୁସାରେ ଗାଁ ମୁଣ୍ଡରେ ଏକ ବଡ଼ ପୋଖରୀଟିଏ ରହିଛି । ପୋଖରୀ ସଂଲଗ୍ନ ବେଲବଣ ମଧ୍ୟରେ ଭଙ୍ଗାରୁଜା ଅଧାକାନ୍ଥ ଭିତରେ ଏକ ଶିବଲିଙ୍ଗ, ଖରାବର୍ଷା ଖାଇ ପୂଜା ପାଆନ୍ତି । ଗାଁ ମୁଣ୍ଡରେ ବନ୍ଧୁ ଷଡ଼ଙ୍ଗୀର ଘର । ତାଙ୍କ ବାଉଁଶବାଡ଼ିର ଶେଷମୁଣ୍ଡରେ ଏକ ପୁରାତନ ମନ୍ଦିର ଯାହା ୨୦-୨୫ ବର୍ଷଧରି ରଙ୍ଗ କରାଯାଇନାହିଁ । ପାଖରେ ମନ୍ଦିରପୂଜକ ମଧୁ ତିଆଡୀଙ୍କ ଘର । ମନ୍ଦିରର ଚଉତରାରେ ଶାସନିକ ବ୍ୟବସ୍ଥା ଅନୁସାରେ ପଶାପାଲି ଖେଳସହ, ବଉଳଗଛ ଛାଇରେ ଚକାମାଡ଼ି ମଧୁତିଆଡୀଙ୍କର ଭାଗବତ ପଢ଼ା, ଏକ ନିଆରା ଅନୁଭୂତି ସୃଷ୍ଟିକରେ । ମନ୍ଦିରର ପ୍ରତିଦିନର କାର୍ଯ୍ୟ ନିର୍ଘଣ୍ଟ ଶାସନୀ ବ୍ରାହ୍ମଣମାନଙ୍କ ଦ୍ୱାରା ନିର୍ଦ୍ଧାରିତ । ଦିପହରରେ ମନ୍ଦିର ପହଡ଼ ପଡ଼େ ତଥା ସନ୍ଧ୍ୟାବେଳକୁ ସନ୍ଧ୍ୟାଆଳତୀ କରାଯାଏ । ହରିଚନ୍ଦନପୁର ଗାଁର ଅନ୍ତିମରେ ସୁରଜମଲ ମାରୁୱାଡ଼ିର ଧଳାକୋଠା, ଚକ୍‌ଚକ୍ ଦେଖାଯାଏ । ଯାହା ମାରୁୱାଡ଼ିର ବ୍ୟବସାୟ ପ୍ରଗତିର ସୂଚନା ଦିଏ ।

**ପ୍ର.୪। ଗଳ୍ପରେ ବଟବୃକ୍ଷକୁ ସ୍ନେହମୟୀ ଜନନୀଭାବେ ଗାଳ୍ପିକ କାହିଁକି ବର୍ଣ୍ଣନା କରିଛନ୍ତି ?**

**ଉ.** ଆଲୋଚ୍ୟ ଗଳ୍ପର ଗାଳ୍ପିକ ବୃକ୍ଷମାହାତ୍ମ୍ୟକୁ ଦ୍ୱିଗୁଣିତ କରି ତାକୁ ସ୍ନେହମୟୀ ଜନନୀଭାବେ ବର୍ଣ୍ଣନା କରିଛନ୍ତି । ନିଜ ସନ୍ତାନର ସୁଖପାଇଁ ଜନନୀ ନିଜର ବ୍ୟକ୍ତିଗତ ସୁଖ ସାଚ୍ଛନ୍ଦ୍ୟ, ଭୋଗବିଳାସକୁ ପରିହାର କରି ସନ୍ତାନପାଇଁ ସୁଖ ବାଣ୍ଟିଥାଏ ।

ନିଦାଘର ଝାଞ୍ଜିରେ ଜନ୍ମଦାତ୍ରୀର ଶରୀର ଅସୁଖ ଖବରପାଇଁ ନଟବରବାବୁ ଗାଁକୁ ଫେରିଛନ୍ତି । ଗାଁମୁଣ୍ଡ ପୋଖରୀ ହୁଡ଼ାରେ ଥିବା ତାଳଗଛ, ବନ୍ଧୁ ଷଡ଼ଙ୍ଗୀର ବାଉଁଶବାଡ଼ି କଙ୍କାଳସାର ଓ ବାବନାଭୂତ ପରି ଛିଡ଼ା ହୋଇଛନ୍ତି । କେଉଁଠି ହେଲେ ଆଶ୍ୱସ୍ତିର ଚିହ୍ନବର୍ଣ୍ଣ ନାହିଁ । ଆଗକୁ ଗଲେ ନଟବରବାବୁ ବିରାଟ ଅଶ୍ୱତ୍ଥ ବୃକ୍ଷ ହେଲେ ଛାଇର ଲେଶମାତ୍ର ନାହିଁ । ପରିଶେଷରେ ପ୍ରକାଣ୍ଡ ବରଗଛର ଶୀତଳ ଛାଇରେ ତାଙ୍କର ଚେତା ପଶିଲା । ସମସ୍ତ ଶରୀରରେ ଏକ ଶୀତଳ ମଧୁର ସ୍ପର୍ଶ ଅନୁଭୂତ ହେଲା । ବରଗଛ ଛାଇରେ ଗାଈଗୋରୁ ପାକୁଳି କରିବା, ଛେଳିମାନେ ପତ୍ର ଛିଣ୍ଡାଇ ଖାଇବ, ଓହଳରେ ଝୁଲି ପିଲାମାନେ ଡାଳ ମାଙ୍କୁଡ଼ି ଖେଳିବା, ବାଟୋଇ ଶାନ୍ତିରେ ନିଘୋଡ଼ ନିଦରେ ଶୋଇବା, ଅସଂଖ୍ୟ ଚଢ଼େଇମାନଙ୍କ କିଚିରି ମିଚିରି ଶବ୍ଦ, ସତେ ଯେପରି ଜନନୀପରି ବଟବୃକ୍ଷଟି ସମସ୍ତ ବାହୁମେଲାଇ ତା'ର ସମସ୍ତ ସନ୍ତାନଙ୍କୁ ଆଶ୍ରୟ ଦେଇଛି ।

**ପ୍ର.୫। ନଟବରବାବୁଙ୍କ ଆତ୍ମୋତ୍ସର୍ଗ ସତ୍ତ୍ୱେ ତାଙ୍କ ପିଲାମାନେ ମଣିଷ ହେଲେନାହିଁ କାହିଁକି ?**

**ଉ.** ବେଲ, ଅଶ୍ୱତ୍ଥ, ବଟବୃକ୍ଷ ଗଳ୍ପର ନାୟକ ନଟବର ବାବୁ ଜଣେ ସାମାନ୍ୟ ସରକାରୀ ଚାକିରିଆ । ସେ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କୁ ନେଇ ଭୁବନେଶ୍ୱରରେ ରୁହନ୍ତି । ତାଙ୍କ ବୋଉ ଗାଁରେ ରୁହନ୍ତି । ସ୍ୱଳ୍ପ ଦରମାରେ ତାଙ୍କ ସଂସାର ଚଳେଇବା କଷ୍ଟ ହୋଇଥିବାରୁ ତାଙ୍କ ବୋଉ ତାଙ୍କ ପାଖରେ ନ ରହି ଗାଁକୁ ପଳାଇଆସନ୍ତି । ଏତେ ଅଭାବରେ ପରିବାର ଚଳାଉଥିଲେ ମଧ ନିଜେ ଭଲକରି ଗଣ୍ଡେ ନଖାଇ ନପିନ୍ଧି ପିଲାଏ କେମିତି ଭଲଖାଇବେ, ଭଲପିନ୍ଧିବେ ଓ ଭଲ ପାଠ ପଢ଼ିବେ ସେଥିପାଇଁ ଅନବରତ ଖଟି ଚାଲିଛନ୍ତି । ନିଜେ ଯେପରି କଷ୍ଟ ସହି ପାଠ ପଢ଼ିଥିଲେ, ପିଲାମାନେ ସେପରି କଷ୍ଟ ନ ପାଆନ୍ତୁ ସେଥିପାଇଁ ବହୁଚେଷ୍ଟା କରିଛନ୍ତି । କିନ୍ତୁ ଆଜି ସବୁ ସ୍ୱପ୍ନ ପ୍ରାୟ ।

ବୋଉର ସ୍ୱାର୍ଥତ୍ୟାଗ ଓ ଆତ୍ମୋତ୍ସର୍ଗ ସହ ସେତେବେଳେ ପ୍ରଗାଢ଼ ଚେଷ୍ଟା ମଧ ଥିଲା । ଯେଉଁଥିପାଇଁ ନଟବର ବାବୁ ବୋଉକୁ ସୁଖରେ ରଖିବାକୁ ଦୃଢ଼ ପ୍ରତିଜ୍ଞା । ଆଜି ତାଙ୍କ ପିଲାଙ୍କ ମଧ୍ୟରେ ମଣିଷ ହେବାର ଆକାଂକ୍ଷା ନାହିଁ । ଆଉ ଯେଉଁଠି ଆକାଂକ୍ଷା ଓ ଇଚ୍ଛାଶକ୍ତି ନାହିଁ, ସେଠାରେ ସଫଳତା ମିଳିବ କୋଉଠୁ ? ତେଣୁ ନଟବର ବାବୁଙ୍କ ସବୁ ଆତ୍ମୋତ୍ସର୍ଗ ମୂଲ୍ୟହୀନ ହୋଇଯାଇଛି । ଯେଉଁ ପିଲାଙ୍କ ପାଇଁ ତାଙ୍କର ସୁଖକୁ ଉତ୍ସର୍ଗ କରିଥିଲେ, ସେହି ପିଲାମାନେ ଶେଷକୁ ଅମଣିଷ ହୋଇଯାଇଛନ୍ତି ।



Odisha 1 to 10 All Books App

# କୋଣାର୍କ

## କ୍ଷୁଦ୍ର ଉତ୍ତରମୂଳକ ବହୁ ବିକଳ୍ପ ପ୍ରଶ୍ନୋତ୍ତର

୧। କୋଣାର୍କ ଏକାଙ୍କିକାର ରଚୟିତା କିଏ ?
(କ) ସରଳା ଦେବୀ
(ଖ) ରବି ପଟ୍ଟନାୟକ
(ଗ) ଭୁବନେଶ୍ୱର ବେହେରା
(ଘ) ଭଞ୍ଜକିଶୋର ପଟ୍ଟନାୟକ

୨। କୋଣାର୍କ ମନ୍ଦିର କେଉଁ ନଦୀ ମୁହାଣରେ ଅବସ୍ଥିତ ?
(କ) ମହାନଦୀ (ଖ) ଗୋଦାବରୀ
(ଗ) ଚନ୍ଦ୍ରଭାଗା (ଘ) ଋଷିକୁଲ୍ୟା

୩। ଭଞ୍ଜକିଶୋର ପଟ୍ଟନାୟକ କେଉଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ?
(କ) ଛଣିପୁର (ଖ) ନରିଲୋ
(ଗ) ସୁଆଣ୍ଡୋ (ଘ) ଖୁର୍ସାଲି ଗୁଡ଼ା

୪। ଭଞ୍ଜକିଶୋର କେଉଁ ବୃତ୍ତି କରିଥିଲେ ?
(କ) ଅଫିସର୍ (ଖ) କିରାଣୀ
(ଗ) ପିଅନ (ଘ) ସିକ୍ୟୁରିଟି ଗାର୍ଡ଼

୫। କେଉଁ ରାଜାଙ୍କ ଦ୍ୱାରା କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ?
(କ) ଚୋଡ଼ଗଙ୍ଗ ଦେବ (ଖ) ଯଯାତି କେଶରୀ
(ଗ) ଅନଙ୍ଗ ଭୀମଦେବ (ଘ) ଲାଙ୍ଗୁଳା ନରସିଂହ ଦେବ

୬। କୋଣାର୍କ ମନ୍ଦିର କେଉଁ ଦେବତାଙ୍କ ପୂଜା ପାଇଁ ନିର୍ମିତ ?
(କ) ଗଣେଶ (ଖ) ସୂର୍ଯ୍ୟ
(ଗ) ହନୁମାନ (ଘ) ମହାଦେବ

୭। କେଉଁ ଦେବତାଙ୍କୁ ପୂଜାକରି ଶାମ୍ୱ କୁଷ୍ଠ ବ୍ୟାଧିରୁ ମୁକ୍ତ ହୋଇଥିଲେ ?
(କ) ଚନ୍ଦ୍ର (ଖ) ପବନ
(ଗ) ସୂର୍ଯ୍ୟ (ଘ) ଅଗ୍ନି

୮। କେଉଁ ମନ୍ଦିରର କାରୁକାର୍ଯ୍ୟର ଉତ୍କଳର ଶ୍ରେଷ୍ଠ କୀର୍ତ୍ତି ?
(କ) ପୁରୀର ଜଗନ୍ନାଥ ମନ୍ଦିର
(ଖ) କୋଣାର୍କର ସୂର୍ଯ୍ୟ ମନ୍ଦିର
(ଗ) ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର
(ଘ) ଯାଜପୁରର ବିରଜା ମନ୍ଦିର

୯। କିଏ କୋଣାର୍କ ମନ୍ଦିର ନିର୍ମାଣରେ ବିରାଟ ଦାୟିତ୍ୱ ବହନ କରିଥିଲେ ?
(କ) ଶିବେଇ ସାନ୍ତରା (ଖ) ଧର୍ମପଦ
(ଗ) ବିଶୁ ମହାରଣା (ଘ) କେହି ନୁହେଁ

୧୦। କୋଣାର୍କ ମନ୍ଦିର ନିର୍ମାଣର ମୁଖ୍ୟ କାରିଗର କିଏ ?
(କ) ବିଶୁ ମହାରଣା (ଖ) ଧର୍ମପଦ
(ଗ) ଶିବେଇ ସାନ୍ତରା (ଘ) କେହିନୁହେଁ

୧୧। ବିଶୁମହାରଣାଙ୍କ ପୁଅର ନାମ କ'ଣ ?
(କ) ଧର୍ମପଦ (ଖ) ନରସିଂହ
(ଗ) ଅର୍ଜୁନ (ଘ) କାର୍ତ୍ତିକ

୧୨। "ମୋ ଏକୋଇର ବଳା ବିଶିକେସନ, ଲକ୍ଷେ ଦିଅଁ ପୂଜି ତତେ ପାଇଛି" —ଏକଥା କିଏ କହିଥିଲେ ?
(କ) ବିଶୁ ମହାରଣା (ଖ) ଧରମାର ମା'
(ଗ) ଧରମାର ଜେଜେମା' (ଘ) ଆଗନ୍ତୁକ

୧୩। ଧରମା କେତେ ବର୍ଷ ବୟସର ବାଳକ ଥିଲା ?
(କ) ୧୫ (ଖ) ୨୨
(ଗ) ୧୦ (ଘ) ୧୨

୧୪। ବାହାରେ କାହାର ପାଟି ଶୁଭିଲା ?
(କ) ଧରମା (ଖ) ମା'
(ଗ) ବାପା (ଘ) ଆଗନ୍ତୁକ

୧୫। ଆଗନ୍ତୁକକୁ ଧରମା କ'ଣ କହି ସମ୍ବୋଧନ କଲା ?
(କ) ପିଉସା (ଖ) ଦାଦା
(ଗ) ମଉସା (ଘ) ମାମୁ

୧୬। ଆଗନ୍ତୁକ ଜଣକ ମା'ଙ୍କୁ କେଉଁ ବିଷୟରେ କହିଲେ ?
(କ) ରାଜାଙ୍କ ବିଷୟରେ
(ଖ) ଦେଉଳତୋଳା ବିଷୟରେ
(ଗ) ଧରମା ବିଷୟରେ
(ଘ) ବିଶୁମହରଣାଙ୍କ ବିଷୟରେ

୧୭। ମନ୍ଦିରର କେଉଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନଥିଲା ?
(କ) ମୂଳଦୁଆ (ଖ) ଦଧିନଉତି
(ଗ) ଆସ୍ଥାନ (ଘ) ପ୍ରବେଶଦ୍ୱାର



Eduodia App

Odisha 1 to 10 All Books App

୧୮। ଧର୍ମପଦକୁ କେଉଁ ନାମରେ ଡାକନ୍ତି ?
(କ) ଧରୁଆ (ଖ) ଧରମା
(ଗ) ଧରମୁ (ଘ) ପଦିଆ

୧୯। କାହାର ମୁଣ୍ଡ କାଟପାଇଁ ରାଜା ଆଦେଶ ଦେଇଥିଲେ ?
(କ) ବାରଶହ ବଢ଼େଇ (ଖ) ଶିବେଇ ସାନ୍ତରା
(ଗ) ପ୍ରଜାମାନଙ୍କର (ଘ) କେଉଁଟି ନୁହେଁ

୨୦। ମହାଭାରତ ଯୁଦ୍ଧରେ କେଉଁ ଟିକି ଛୁଆ ବୀରପଣିଆ ଦେଖାଇଥିଲା ?
(କ) ଅର୍ଜ୍ଜୁନ (ଖ) ଦୁଃଶାସନ
(ଗ) ଅଭିମନ୍ୟୁ (ଘ) ଧୃଷ୍ଟଦ୍ୟୁମ୍ନ

୨୧। 'ଶେଷରେ ପୋଡ଼ା ଭାଗ୍ୟରେ ଏଇଆ ଥିଲା' –ଏହା କାହାର ଉକ୍ତି ?
(କ) ଧରମା (ଖ) ଶିବେଇ
(ଗ) ଧରମାର ମାଆ (ଘ) ବିଶୁ ମହାରଣା

୨୨। ସୂର୍ଯ୍ୟଦେବଙ୍କୁ କ'ଣ ବୋଲି ସମ୍ବୋଧନ କରାଯାଇଛି ?
(କ) ଦିନନାଥ (ଖ) ନାରାୟଣ
(ଗ) ବିଶ୍ୱକର୍ତ୍ତା (ଘ) ବିଶ୍ୱମୟ

୨୩। "ମୁଳଦୁଆରେ କୋଉଠି କ'ଣ ଦୋଷ ରହିଯାଇଛି ବୋଲି ଭାର ସମାନ ରହୁନି" –ଏହା କାହାର ଉକ୍ତି ?
(କ) ଧରମାର ମା' (ଖ) ଧରମା
(ଗ) ଆଗନ୍ତୁକ (ଘ) ଶିବେଇ

୨୪। 'ଚକାଡ଼ୋଳା ହେ ତୁମରି ଇଚ୍ଛା ପୂର୍ଣ୍ଣ ହେଉ' –ଏକଥା କିଏ କହିଛନ୍ତି ?
(କ) ବିଶୁ ମହାରଣା (ଖ) ନରସିଂହ ଦେବ
(ଗ) ଆଗନ୍ତୁକ (ଘ) ଧରମାର ମାଆ

୨୫। ପ୍ରମାଣ ଆକାରରେ ଧରମା ନିଜ ସାଥିରେ କ'ଣ ନେଇ ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା କରିଥିଲା ?
(କ) ବାଡ଼ି ବରକୋଳି ଓ ମାଆର ହାତମୁଦି
(ଖ) ବାଡ଼ି ପିଜୁଳି ଓ ତା ବାପାଙ୍କ ମୁଦି
(ଗ) ବାଡ଼ି ବରକୋଳି ଓ ମୁଦି
(ଘ) ବାଡ଼ି ଆମ୍ବ ଓ ବାଡ଼ି ପିଜୁଳି

୨୬। "ଅସମ୍ଭବ ! ଅସମ୍ଭବ ! ତୁ ଗୋଟିଏ ମାୟାବୀ । ମୋତେ ଆଘାତ ଦେବାକୁ ଆସିଛୁ ।" –ଏହା କାହାର ଉକ୍ତି ?
(କ) ଆଗନ୍ତୁକ (ଖ) ଶିବେଇ
(ଗ) ବିଶୁ (ଘ) ଧରମାର ମାଆ

୨୭। ବିଶୁ ମହାରଣା ଧରମାର ଜନ୍ମ ପୂର୍ବରୁ କେଉଁଆଡ଼େ ଯାଇଥିଲେ ?
(କ) କୋଣାର୍କରେ ସୂର୍ଯ୍ୟମନ୍ଦିର ତୋଳିବାକୁ
(ଖ) ରାଜଦରବାରକୁ
(ଗ) ଚନ୍ଦ୍ରଭାଗା ଦେଖିବାକୁ
(ଘ) ଶିକାର କରିବାକୁ

୨୮। କିଏ ଧରମାକୁ ବାଚାଳ ବୋଲି କହିଛି ?
(କ) ୧ମ ଶିଳ୍ପୀ (ଖ) ବିଶୁ
(ଗ) ଶିବେଇ ସାନ୍ତରା (ଘ) ଆଗନ୍ତୁକ

୨୯। ନିଜଘରେ ବିଶୁ ମହାରଣା କେତେବର୍ଷ ଧରି ଅନୁପସ୍ଥିତ ଥିଲେ ?
(କ) ଚଉଦ (ଖ) ପନ୍ଦର
(ଗ) ବାର (ଘ) ବାଇଶି

୩୦। ଧରମାକୁ ନିଜ ପୁତ୍ର ବୋଲି ବିଶୁ ମହାରଣା ଚିହ୍ନି ନ ପାରିବାର କାରଣ କ'ଣ ?
(କ) ସେ ଆଗରୁ ତାକୁ ଆଦୌ ଦେଖି ନଥିଲେ
(ଖ) ଧରମାରୁ ମୁହଁର ରଙ୍ଗ ବଦଳି ଯାଇଥିଲା
(ଗ) ରାଜାଙ୍କ ସାମ୍ନାରେ ଧରାପଡ଼ିଯିବାର ଭୟ ଥିଲା
(ଘ) ଅନେକ ଦିନ ଧରମାକୁ ଦେଖି ନ ଥିବାରୁ

୩୧। "ତୋ ବାପାଠୁ ବଳି ବଡ଼ କାରିଗର ଏ ମୂଲକରେ ଆଉ କେହି ନାହିଁ" –ଏହା କାହାର ଉକ୍ତି ?
(କ) ୧ମ ଶିଳ୍ପୀ (ଖ) ଶିବେଇ ସାନ୍ତରା
(ଗ) ଧରମାର ମାଆ (ଘ) ୨ୟ ଶିଳ୍ପୀ

୩୨। "ସବୁଦିନ ଏ ଶିଳ୍ପୀକୁଳ ବଞ୍ଚିରହୁ" ବୋଲି କିଏ କହିଛି ?
(କ) ୨ୟ ଶିଳ୍ପୀ (ଖ) ବିଶୁ ମହାରଣା
(ଗ) ଆଗନ୍ତୁକ (ଘ) ଧରମା

୩୩। "ଆମ ସାଙ୍ଗରେ ଆ", ଆଜି ରାତିଟା ସମସ୍ତେ ଏକାଠି ସାଙ୍ଗହୋଇ ଖାଇପିଇ ଖୁସିରେ କଟାଇବା ।" –ଏକଥା କିଏ କହିଛି ?
(କ) ୧ମ ଶିଳ୍ପୀ (ଖ) ୨ୟ ଶିଳ୍ପୀ
(ଗ) ଶିବେଇ (ଘ) ବିଶୁ ମହାରଣା

୩୪। "ଏଇ ମେଞ୍ଚଡ଼ ଟୋକା ଖଣ୍ଡକ" ବୋଲି ଧରମାକୁ କିଏ କହିଛି ?
(କ) ଶିବେଇ (ଖ) ବିଶୁ ମହାରଣା
(ଗ) ୧ମ ଶିଳ୍ପୀ (ଘ) ଶିଳ୍ପୀଗଣ



Eduodia App
Odisha 1 to 10 All Books App

୩୫। "ହେଲେ ଯାହାର ମୁଣ୍ଡ ନାହିଁ, ତା ପିଣ୍ଡରେ ଜୀବନ କୁଆଡୁ ଆସିବ ?" ଏହାର କାହାର ଉକ୍ତି ?
(କ) ଧରମା (ଖ) ବିଶୁ ମହାରଣା
(ଗ) ଧରମାର ମାଆ (ଘ) ୨ୟ ଶିଳ୍ପୀ

୩୬। ଅନ୍ୟ କେଉଁ ଟିକି ପିଲାଙ୍କ ସାହସିକତା କାର୍ଯ୍ୟର ଉଦାହରଣ ସମ୍ପର୍କରେ ଧରମା ତା'ର ମା'ଙ୍କୁ ସୂଚନା ଦେଇଛି ?
(କ) ବିପ୍ର ଓ ଅଭିମନ୍ୟୁ (ଖ) ଧ୍ରୁବ ଓ ବାଜିରାଉତ
(ଗ) ଧ୍ରୁବ ଓ ପ୍ରହ୍ଲାଦ (ଘ) ଅଭିମନ୍ୟୁ ଓ ବାଜିରାଉତ

୩୭। "ଦେଉଳର ଘନକେନ୍ଦ୍ର ସହିତ ଦଧିନଉତି ଗୋଟିଏ ସରଳରେଖାରେ ରହିପାରୁନି ।" ଏହା କିଏ କହିଛି ?
(କ) ଧରମା (ଖ) ବିଶୁ ମହାରଣା
(ଗ) ୨ୟ ଶିଳ୍ପୀ (ଘ) ଆଗନ୍ତୁକ

୩୮। ସୌନ୍ଦର୍ଯ୍ୟର ପୂଜାରୀ କାହାକୁ କୁହାଯାଇଛି ?
(କ) ସୂର୍ଯ୍ୟଦେବ (ଖ) ଶିବେଇ ସାନ୍ତରା
(ଗ) ବିଶୁ ମହାରଣା (ଘ) ନରସିଂହଦେବ

୩୯। "ରକ୍ତ କ'ଣ ରକ୍ତକୁ ଟାଣିବନି ?" ଏହା କିଏ କାହାକୁ କହିଛି ?
(କ) ବିଶୁମହାରଣା ଧରମାକୁ
(ଖ) ଧରମାର ମାଆ ଧରମାକୁ
(ଗ) ଆଗନ୍ତୁକ ଧରମା ମାଆକୁ
(ଘ) ଦରମା ମାଆ ଆଗନ୍ତୁକଙ୍କୁ

୪୦। 'ଯେ'ତ ଅତି ମହତ୍ ଇଚ୍ଛା ଛାମୁ ! –ଏକଥା କିଏ କହିଛନ୍ତି ?
(କ) ଧରମା (ଖ) ଶିବେଇ
(ଗ) ଶିଳ୍ପୀଗଣ (ଘ) ବିଶୁ ମହାରଣା

୪୧। ଧରମା ତା'ର ବାପାଙ୍କ ପାଖରେ ପହଞ୍ଚି ତାଙ୍କୁ କ'ଣ ମାଗିଛି ?
(କ) ପାଦଧୂଳି (ଖ) ନିଜର ଦାବି
(ଗ) ଅଧିକାର (ଘ) ନିହାଣ

୪୨। କାହାର ଅନୁରୋଧରେ ରାଜା ନରସିଂହଦେବ ଚନ୍ଦ୍ରଭାଗାରେ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରିଥିଲେ ?
(କ) ତାଙ୍କ ପିତା (ଖ) ଛାୟାଦେବୀ
(ଗ) ସୂର୍ଯ୍ୟଦେବତା (ଘ) ପ୍ରଜାଗଣ

୪୩। ନରସିଂହଦେବ ଚନ୍ଦ୍ରଭାଗା ତୀରରେ କାହାକୁ ପ୍ରଣାମ କରିଛନ୍ତି ?
(କ) ସାଗର ଦେବତା (ଖ) ସୂର୍ଯ୍ୟଦେବ
(ଗ) ମାତା ଲକ୍ଷ୍ମୀ (ଘ) ଚନ୍ଦ୍ର ଦେବତା

୪୪। ନରସିଂହ ଦେବ ମନ୍ଦିରର କାରୁକାର୍ଯ୍ୟ ସମ୍ପର୍କରେ କି ମତାମତ ଦେଇଛନ୍ତି ?
(କ) ମନ୍ଦିରର କାରୁକାର୍ଯ୍ୟ ଉତ୍କଳ ସର୍ବଶ୍ରେଷ୍ଠ କୀର୍ତ୍ତି ହେବ
(ଖ) ମନ୍ଦିରରେ ରାଜ୍ୟର ସର୍ବାଧିକ ରାଜସ୍ୱ ଖର୍ଚ୍ଚ ହେବ
(ଗ) ଏ ମନ୍ଦିର ଦିନେ ଆକାଶରେ ଉଡ଼ିବାର ସକ୍ଷମ ହେବ
(ଘ) ସମଗ୍ର ଭାରତରେ ଏଭଳି ମନ୍ଦିର କୌଣସି ରାଜା ଗଢ଼ିନାହାନ୍ତି ।

୪୫। ସୂର୍ଯ୍ୟମନ୍ଦିର କେଉଁ ଗଣ୍ଡରେ ନିର୍ମିତ ହୋଇଥିଲା
(କ) ପଦ୍ମତୋଳା ଗଣ୍ଡରେ (ଖ) ପାରିକୁଦ ଗଣ୍ଡରେ
(ଗ) ପଦ୍ମପୋଖରୀ ଗଣ୍ଡରେ (ଘ) କାଳିଜାଇ ଗଣ୍ଡରେ

୪୬। ପଠିତ ଏକାଙ୍କିକା 'କୋଣାର୍କ'ରେ ଏଥିମଧ୍ୟରୁ କେଉଁ ପ୍ରସଙ୍ଗଟି ନାଟ୍ୟାୟିତ ହୋଇନାହିଁ ?
(କ) ମନ୍ଦିରର ଦଧିନଉତି ବା ମୁଣ୍ଡିମାରିବା ପ୍ରସଙ୍ଗ
(ଖ) ମାଆ ପାଖରୁ ପୁଅର ବିଚ୍ଛିନ୍ନ ହେବାର ଘଟଣା
(ଗ) ନରସିଂହ ଦେବଙ୍କ ରାଜ୍ୟଜୟ ପ୍ରସଙ୍ଗ
(ଘ) ଚନ୍ଦ୍ରଭାଗା ତୀରରେ ସୂର୍ଯ୍ୟୋଦୟ ଦୃଶ୍ୟ ଦର୍ଶନ

୪୭। ଜୀବନସାରା ନିଜର କେଉଁକଥା ଅପାସୋରା ରହିଯିବ ବୋଲି ରାଜା ନରସିଂହଦେବ କହିଥିଲେ ?
(କ) ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟର ଦୃଶ୍ୟ
(ଖ) ଆପଣାର ଆକାଂକ୍ଷା
(ଗ) ସୂର୍ଯ୍ୟମନ୍ଦିରର ପ୍ରତିଷ୍ଠା
(ଘ) ପିତାଙ୍କର ଶେଷଇଚ୍ଛା

୪୮। ମନ୍ଦିରର ମୁଣ୍ଡି ମାରି ସାରିବା ପରେ ଧରମା କ'ଣ କରିଛି ?
(କ) ରାଜାଙ୍କୁ ନିଜ ପାରଦର୍ଶିତା ସମ୍ପର୍କରେ ସୂଚନା ଦେଇଛି
(ଖ) ସମୁଦ୍ରରେ ଝାସ ଦେଇଛି
(ଗ) ତା ବାପାଙ୍କ ଭୁଲ୍‌କୁ ଦର୍ଶାଇଛି
(ଘ) ଶିଳ୍ପୀକୁଳର ବଦନାମ କରିଛି ।

୪୯। କାହାର ଶେଷଇଚ୍ଛା କଥା ନରସିଂହ ଦେବଙ୍କର ମନେପଡ଼ିଯାଇଥିଲା ?
(କ) ତାଙ୍କ ବାପାଙ୍କର (ଖ) ତାଙ୍କ ମାଆଙ୍କର
(ଗ) ତାଙ୍କ ସ୍ତ୍ରୀଙ୍କର (ଘ) ତାଙ୍କ ଗୁରୁଦେବଙ୍କର

୫୦। ମଣିଷର ବିଦ୍ୟାବୁଦ୍ଧି ସବୁ କେଉଁଥିରେ ବିଫଳ ହୋଇଥିବା କଥା ଆଗନ୍ତୁକଙ୍କ କହିଛି ?
(କ) ଦେଉଳର ସୌନ୍ଦର୍ଯ୍ୟ ବୃଦ୍ଧିରେ
(ଖ) ଦେଉଳର ଅସଲ ଚୂଳି ମାରିବାରେ
(ଗ) ଦେଉଳରେ ସୂର୍ଯ୍ୟଦେବଙ୍କ ମୂର୍ତ୍ତି ଥାପନାରେ
(ଘ) ମନ୍ଦିରର ପଥର ବସାଇବାରେ

Eduodia App



Odisha 1 to 10 All Books App

## ଉତ୍ତର

୧। (ଘ) ଭଞ୍ଜ କିଶୋର ପଟ୍ଟନାୟକ
୨। (ଗ) ଚନ୍ଦ୍ରଭାଗା
୩। (କ) ଛଣିପୁର
୪। (ଖ) କିରାଣୀ
୫। (ଘ) ଲାଙ୍ଗୁଳା ନରସିଂହ ଦେବ
୬। (ଖ) ସୂର୍ଯ୍ୟ
୭। (ଗ) ସୂର୍ଯ୍ୟ
୮। (ଖ) କୋଣାର୍କର ସୂର୍ଯ୍ୟମନ୍ଦିର
୯। (କ) ଶିବେଇ ସାନ୍ତରା
୧୦। (କ) ବିଶୁ ମହାରଣା
୧୧। (କ) ଧର୍ମପଦ
୧୨। (ଖ) ଧରମାର ମାଆ
୧୩। (ଘ) ୧୨
୧୪। (ଘ) ଆଗନ୍ତୁକ
୧୫। (ଗ) ମଉସା
୧୬। (ଖ) ଦେଉଳ ତୋଳା ବିଷୟରେ
୧୭। (ଖ) ଦଧିନଉତି
୧୮। (ଖ) ଧରମା
୧୯। (କ) ବାରଶହ ବଢ଼େଇ
୨୦। (ଗ) ଅଭିମନ୍ୟୁ
୨୧। (ଗ) ଧରମାର ମାଆ
୨୨। (ଖ) ନାରାୟଣ
୨୩। (ଖ) ଧରମା
୨୪। (ଗ) ଆଗନ୍ତୁକ
୨୫। (ଗ) ବାଡ଼ି ବରକୋଳି ଓ ମୁଦି
୨୬। (ଗ) ବିଶୁ
୨୭। (କ) କୋଣାର୍କରେ ସୂର୍ଯ୍ୟମନ୍ଦିର ତୋଳିବାକୁ
୨୮। (ଖ) ବିଶୁ
୨୯। (ଗ) ବାର
୩୦। (କ) ସେ ଆଗରୁ ତାକୁ ଆଦୌ ଦେଖି ନ ଥିଲେ
୩୧। (ଗ) ଧରମାର ମାଆ
୩୨। (ଘ) ଧରମା
୩୩। (କ) ୧ମ ଶିଳ୍ପୀ
୩୪। (ଘ) ଶିଳ୍ପୀଗଣ
୩୫। (ଖ) ବିଶୁ ମହାରଣା
୩୬। (ଗ) ଧ୍ରୁବ ଓ ପ୍ରହ୍ଲାଦ
୩୭। (କ) ଧରମା
୩୮। (ଘ) ନରସିଂହଦେବ
୩୯। (ଖ) ଧରମାର ମାଆ ଧରମାକୁ
୪୦। (ଖ) ଶିବେଇ
୪୧। (କ) ପାଦଧୂଳି
୪୨। (ଖ) ଛାୟାଦେବୀ
୪୩। (ଖ) ସୂର୍ଯ୍ୟଦେବ
୪୪। (କ) ମନ୍ଦିରର କାରୁକାର୍ଯ୍ୟ ଉତ୍କଳ ସର୍ବଶ୍ରେଷ୍ଠ କୀର୍ତ୍ତି ହେବ
୪୫। (କ) ପଦ୍ମତୋଳା
୪୬। (ଗ) ନରସିଂହ ଦେବଙ୍କ ରାଜ୍ୟଜୟ ପ୍ରସଙ୍ଗ
୪୭। (କ) ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟର ଦୃଶ୍ୟ
୪୮। (ଖ) ସମୁଦ୍ରରେ ଝାସ ଦେଇଛି
୪୯। (ଖ) ତାଙ୍କ ମାଆଙ୍କର
୫୦। (ଖ) ଦେଉଳର ଅସଲ ଚୁଳି ମାରିବାରେ

Eduodia App

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର.୧। କୋଣାର୍କ ଏକାଙ୍କିକାରୁ ଧରମାର ଚରିତ୍ର ଚିତ୍ରଣ କର ।**

**ଉ.** କୋଣାର୍କ ଏକାଙ୍କିକାରେ ଜାତିପାଇଁ ଜୀବନ ଦେଇଥିବା ଧରମାର ଚରିତ୍ରକୁ ଅତି ନିଖୁଣ ଭାବରେ ଚିତ୍ରିତ କରାଯାଇଛି । କୋଣାର୍କର ସୂର୍ଯ୍ୟମନ୍ଦିର ନିର୍ମାଣପାଇଁ ବିଶୁମହାରଣା ୧୨ ବର୍ଷ ଧରି ଘର ଛାଡ଼ିଥିଲେ । ତାଙ୍କର ଅନୁପସ୍ଥିତିରେ ଧର୍ମପଦର ଜନ୍ମ ହୋଇଥିଲା । ପିତୃସୁଖରୁ ବଞ୍ଚିତ ହେଲେ ମଧ୍ୟ ବାପାଙ୍କ ପ୍ରତି ଓ ତାଙ୍କର କାରିଗରୀ କୌଶଳ ପ୍ରତି ଧରମାର ଅଶେଷ ସମ୍ମାନ ଥିଲା । ୧୨ ବର୍ଷ ବୟସରେ ଉପନୀତ ହେଲା ପରେ ଯେତେବେଳେ ଧରମା ବାପାଙ୍କ ବିଷୟରେ ଜାଣିବାକୁ ପାଇଲା, ସେ ନିଜକୁ ନିୟନ୍ତ୍ରଣ କରିପାରିଲା ନାହିଁ । ମାଆଙ୍କ ଅନିଚ୍ଛା ସତ୍ତ୍ୱେ ସେ ବାଡ଼ି ବରକୋଳି ଓ ମୁଦି ଧରି କୋଣାର୍କ ଅଭିମୁଖେ ଯାତ୍ରା କଲା ବାପାଙ୍କୁ ଦେଖିବା ପାଇଁ । ବିଶୁ ମହାରଣାଙ୍କୁ ସାକ୍ଷାତ କରି ନିଜର ପରିଚୟ ଦେଇ ମନ୍ଦିରର ଦଧିନଉତି ବସାଇଲା । ଯାହା ବାରଶହ ବଢ଼େଇ କରିପାରି ନଥିଲେ ତାହା ଧରମାଦ୍ୱାରା ସମ୍ଭବ ହୋଇପାରିଥିଲା ।



Odisha 1 to 10 All Books App

ଏତାଦୃଶ କାର୍ଯ୍ୟପାଇଁ ସେ ଦେଶ ଓ ଜାତିପାଇଁ ଗୌରବ ଆଣିପାରିଥିଲା ।

**ପ୍ର.୨। କୋଣାର୍କ ମନ୍ଦିର ନିର୍ମାଣରେ ନରସିଂହ ଦେବଙ୍କ ଭୂମିକା ବର୍ଣ୍ଣନା କର ।**

**ଉ.** ନରସିଂହ ଦେବ ସୌନ୍ଦର୍ଯ୍ୟର ପୂଜାରୀ ଥିଲେ । ତାଙ୍କର ମାତା ଛାୟାଦେବୀଙ୍କ ଶେଷ ଅନୁରୋଧ ଥିଲା – ଚନ୍ଦ୍ରଭାଗାରେ ଏକ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରିବାପାଇଁ; ତେଣୁ ସୂର୍ଯ୍ୟବଂଶର ଦାୟାଦ ନରସିଂହଦେବ ମାତାଙ୍କ ଅନୁରୋଧ କ୍ରମେ ଚନ୍ଦ୍ରଭାଗା ତୀରରେ ସୂର୍ଯ୍ୟମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ମନ୍ଦିର ସମୁଦ୍ରର ଛାତି ଉପରେ ପଦ୍ମତୋଳା ଗଣ୍ଡ ଉପରେ ନିର୍ମାଣ କରିବାର ଦାୟିତ୍ୱ ଶିବେଇ ସାନ୍ତରାଙ୍କ ଉପରେ ନ୍ୟସ୍ତ କରିଥିଲେ । କାରୀଗରୀ କୌଶଳରେ, ରୂପର ଗରିମାରେ ଏଇ ମନ୍ଦିର ସାରା ବିଶ୍ୱରେ ଅଦ୍ୱିତୀୟ ବା ଉତ୍କଳର ସର୍ବଶ୍ରେଷ୍ଠ କୀର୍ତ୍ତି । ଏହି ମନ୍ଦିରର ନିର୍ମାଣ କାର୍ଯ୍ୟରେ ବାରଶହ ବଢ଼େଇ ନିୟୋଜିତ ହୋଇଥିଲେ । ଦଧିନଉତି ନିର୍ମାଣ କାର୍ଯ୍ୟ ବିଫଳ ହେବାରୁ ରାଜା ବାରଶହ ବଢ଼େଇଙ୍କ ମୁଣ୍ଡ କାଟର ନିର୍ଦ୍ଦେଶ ଦେଇଥିଲେ । ବାସ୍ତବରେ ମନ୍ଦିରର ନିର୍ମାଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାପାଇଁ ତାଙ୍କର ପ୍ରଚେଷ୍ଟା ପ୍ରଶଂସନୀୟ ଅଟେ ।

**ପ୍ର.୩। ବିଶୁ ମହାରଣାର ଚରିତ୍ର ସଂକ୍ଷେପରେ ବର୍ଣ୍ଣନା କର ।**

**ଉ.** ବିଶୁ ମହାରଣା ଭାସ୍କର କୁଳର ମଉଡ଼ମଣି ଥିଲେ । କୋଣାର୍କ ମନ୍ଦିରର ନିର୍ମାଣ ପାଇଁ ସେ ଘରଦ୍ୱାର, ସ୍ତ୍ରୀ ପୁତ୍ର ଛାଡ଼ି ବାରବର୍ଷ କାଳ ଚନ୍ଦ୍ରଭାଗା ତୀରରେ କଟାଇଥିଲେ । ସେ ଥିଲେ କାରିଗରମାନଙ୍କର ମୁଖ୍ୟ । ସମୁଦ୍ର ଭିତରେ ପଥର ଖଞ୍ଜି ଗୋଟିଏ ବିରାଟ ଦେଉଳ ତୋଳାଇଥିଲେ ଯେଉଁଥିରେ ଉତ୍କଳର କଳା ଓ ସ୍ଥାପତ୍ୟ ଅତି ନିଖୁଣ ଭାବରେ ଚିତ୍ରିତ ହୋଇଥିଲା ଏବଂ ଏହି ମନ୍ଦିର ମଧ୍ୟ ଥିଲା ଉତ୍କଳର ସର୍ବଶ୍ରେଷ୍ଠ କୀର୍ତ୍ତି । ଯେତେବେଳେ ମନ୍ଦିରର ଦଧିନଉତି କାର୍ଯ୍ୟ ଅସଂପୂର୍ଣ୍ଣ ରହିଲା ସେତେବେଳେ ବିଶୁ ମହାରଣା ବ୍ୟସ୍ତ ବିବ୍ରତ ହୋଇପଡ଼ିଲେ । ନିହାଣ ମୁନରେ ନିଖୁଣ କାର୍ଯ୍ୟ ଓ କାରିଗରୀ କୌଶଳର ପ୍ରଦର୍ଶନ କରିଥିବା ବିଶୁ ମହାରଣା ଶେଷରେ ମନ୍ଦିରର ନିର୍ମାଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାପାଇଁ ନିଜ ପୁତ୍ର ଆତ୍ମତ୍ୟାଗକୁ ମଧ୍ୟ ସ୍ୱୀକାର କରିଥିଲେ । ନିଜର ଦାୟିତ୍ୱକୁ ସୂଚାରୁରୂପେ ସଂପାଦନ କରିବା ପାଇଁ ସେ ନିଜ ବଂଶର ଦାୟାଦଙ୍କୁ ମଧ୍ୟ ହରାଇଥିଲେ ।

**ପ୍ର.୪। ବିଶୁ ମହାରଣା ନିଜର ପୁତ୍ରକୁ କାହିଁକି ପୁତ୍ର ରୂପେ ପ୍ରଥମେ ସ୍ୱୀକାର କଲେ ନାହିଁ ?**

**ଉ.** ବିଶୁ ମହାରଣା କୋଣାର୍କ ମନ୍ଦିର ନିର୍ମାଣର ମୁଖ୍ୟ କାରିଗର ଥିଲେ । କୋଣାର୍କ ମନ୍ଦିର ନିର୍ମାଣ ପାଇଁ ସେ ବାରବର୍ଷ କାଳ ଘରଛାଡ଼ି ଚନ୍ଦ୍ରଭାଗା ତୀରରେ କାର୍ଯ୍ୟରତ ଥିଲେ । ତାଙ୍କର ଅନୁପସ୍ଥିତିରେ ଧରମାର ଜନ୍ମ ହୋଇଥିଲା । ତେଣୁ ବାଲ୍ୟାବସ୍ଥାରୁ ସେ ପିତାଙ୍କୁ ଦେଖି ନଥିଲା କି ପିତୃସୁଖ ପାଇନଥିଲା । ତେଣୁ ସବୁବେଳେ ମାଆଙ୍କୁ ବାପାଙ୍କ ବିଷୟରେ ପଚାରି ଜାଣିଥିଲା ଯେ ତା ବାପା ଏ ମୂଲକର ସର୍ବଶ୍ରେଷ୍ଠ କାରିଗର । ସବୁବେଳେ ବାପାଙ୍କୁ ଦେଖିବା ପାଇଁ ତା ମନ ବିକଳ ହୋଇଉଠୁଥିଲା । ଆଗନ୍ତୁକଙ୍କ ଡାକରା ପାଇ ସେ ମାଆଙ୍କୁ ଅନୁରୋଧ କଲା ପିତାଙ୍କ ନିକଟକୁ ଯିବାପାଇଁ; ତେଣୁ ପୁତ୍ରର ଅନୁରୋଧକ୍ରମେ ମାଆ ସାଙ୍ଗରେ ବାଡ଼ି ବରକୋଳି ଓ ମୁଦି ଦେଇ ଧରମାକୁ କୋଣାର୍କକୁ ପଠାଇଥିଲେ । କୋଣାର୍କରେ ପହଞ୍ଚି ଯେତେବେଳେ ଧରମା ବିଶୁଙ୍କୁ ବାପା ବୋଲି ସମ୍ବୋଧନ କଲା ସେତେବେଳେ ତାଙ୍କର ପିତୃହୃଦୟ ତରଳି ଉଠିଲା; କିନ୍ତୁ ଯେତେବେଳେ ଧରମା ବାପାଙ୍କର କାର୍ଯ୍ୟ ଉପରେ ସନ୍ଦେହ କଲା ସେତେବେଳେ ବିଶୁ ମହାରଣା ବିରକ୍ତ ହୋଇଥିଲେ ଓ ତାକୁ ମାୟାବୀ କହି ନିଜର ପୁତ୍ର ରୂପେ ସ୍ୱୀକାର କରିନଥିଲେ ।

Eduodia App

**ପ୍ର.୫। "ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ" ଏହି ଉକ୍ତିର ତାତ୍ପର୍ଯ୍ୟ କ'ଣ ?**

**ଉ.** କୋଣାର୍କ ମନ୍ଦିରର ନିର୍ମାଣ କାର୍ଯ୍ୟରେ ବାରଶହ ବଢ଼େଇ ନିୟୋଜିତ ହୋଇଥିଲେ । ନିହାଣ ମୁନରେ ସେମାନେ ନିଖୁଣ କାରୁକାର୍ଯ୍ୟର ପ୍ରଦର୍ଶନ କରିଥିଲେ । କିନ୍ତୁ ଅନେକ ପ୍ରଚେଷ୍ଟା ସତ୍ତ୍ୱେ ମନ୍ଦିରର ଦଧିନଉତି ବସାଇବା ସମ୍ଭବ ହୋଇପାରୁ ନଥିଲା । ମନ୍ଦିରର କାର୍ଯ୍ୟ ସଂପୂର୍ଣ୍ଣ ନ ହେଲେ ବାରଶହ ବଢ଼େଇଙ୍କ ମୁଣ୍ଡକାଟ ହେବାର ନିର୍ଦ୍ଦେଶ ରାଜା ଦେଇଥିଲେ । ତେଣୁ ବାରଶହ ବଢ଼େଇଙ୍କ ଜୀବନକୁ ରକ୍ଷା କରିବାକୁ ଯାଇ ଧରମା ଦେଉଳର ମୁଣ୍ଡି ମାରିଥିଲା । ସମସ୍ତ କାରିଗର ଖୁସି ହୋଇଯାଇଥିଲେ । କିନ୍ତୁ ତାଙ୍କ ମନରେ ସନ୍ଦେହ ଥିଲା ଯେ ଯଦି ରାଜା ଏ ବିଷୟରେ ଜାଣିବେ ତେବେ ବାରଶହ ବଢ଼େଇଙ୍କ ମୁଣ୍ଡ ନିଶ୍ଚିତ କଟାଯିବ । ତେଣୁ ସେ ବାପାଙ୍କୁ ବୁଝାଇଥିଲା ଯେ ବାରଶହ ବଢ଼େଇଙ୍କ ଜୀବନକୁ ରକ୍ଷା କରିବାକୁ ଯାଇ ଯଦି ସେ ମୃତ୍ୟୁବରଣ କରେ ତେବେ ବିଶେଷ କ୍ଷତି ହେବ ନାହିଁ । ତେଣୁ ଦେଶ ଓ ଜାତିପାଇଁ ସେ ପରିଶେଷରେ ସମୁଦ୍ରରେ ଝାସ ଦେଇଥିଲା । ନିଜ ଜନ୍ମଭୂମିର ଗୌରବ ରଖିବା ସହ ପିତାମାତାଙ୍କ ଯଶ ବୃଦ୍ଧି କରିଥିଲା ।



Odisha 1 to 10 All Books App

## ବ୍ୟାକରଣ ବିଭାଗ

# ବାକ୍ୟବିଚାର

୧। କହି ଜାଣିଲେ କ'ଣ ସୁନ୍ଦର ହୁଏ ?
(କ) ମଥା (ଖ) କଥା
(ଗ) ମୁଖ (ଘ) ନେତ୍ର

୨। ଅରୁଣ କାଲି ଗଛରେ ଚଢ଼ି ଆମ୍ବ ତୋଳିଥିଲା – ଏହା କ'ଣ ଅଟେ ?
(କ) ଅସଂପୂର୍ଣ୍ଣ ବକ୍ତବ୍ୟ (ଖ) ଅସଂପୂର୍ଣ୍ଣ ଭାବ
(ଗ) ସଂପୂର୍ଣ୍ଣ ବକ୍ତବ୍ୟ (ଘ) ଅସଂପୂର୍ଣ୍ଣ ଉକ୍ତି

୩। ଏକ ବା ଏକାଧିକ ପଦ ମିଳିତ ହୋଇ ମନର ଭାବକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କଲେ, ତାକୁ କ'ଣ କୁହାଯାଏ ?
(କ) ଶବ୍ଦ (ଖ) ବାକ୍ୟ
(ଗ) ପଦ (ଘ) ଧ୍ୱନି

୪। ସାର୍ଥକ ବାକ୍ୟର କେତୋଟି ଲକ୍ଷଣ ଥାଏ ?
(କ) ୦୧ (ଖ) ୦୨
(ଗ) ୦୩ (ଘ) ୦୪

୫। ବାକ୍ୟରେ ବ୍ୟବହାର କରାଯାଉଥିବା ପଦଗୁଡ଼ିକର ପାରସ୍ପରିକ ସମ୍ବନ୍ଧକୁ କ'ଣ କୁହାଯାଏ ?
(କ) ପଦଯୋଜନା (ଖ) ଯୋଗ୍ୟତା
(ଗ) ଆସତ୍ତି (ଘ) ଆକାଂକ୍ଷା

୬। ଛେଳିଟି ଭଲ ଗୀତ ବୋଲୁଛି । ଏଠାରେ ବାକ୍ୟର କେଉଁ ଉପାଦାନର ଅଭାବ ଅଛି ?
(କ) ପଦବିନ୍ୟାସ (ଖ) ଆକାଂକ୍ଷା
(ଗ) ଆସତ୍ତି (ଘ) ଯୋଗ୍ୟତା

୭। ବାକ୍ୟରେ ଥିବା ଗୋଟିଏ ପଦ ଅନ୍ୟ ପଦଗୁଡ଼ିକର ଅର୍ଥବୋଧକତା ପାଇଁ ଅପେକ୍ଷା ରଖିବାକୁ କ'ଣ କୁହାଯାଏ ?
(କ) ଆକାଂକ୍ଷା (ଖ) ଯୋଗ୍ୟତା
(ଗ) ଆସତ୍ତି (ଘ) ପଦବିନ୍ୟାସ

୮। ମଦନ ସହିତ ....... । ଏଠାରେ କେଉଁ ଉପାଦାନର ଅଭାବ ଅଛି ?
(କ) ପଦବିନ୍ୟାସ (ଖ) ଆସତ୍ତି
(ଗ) ଆକାଂକ୍ଷା (ଘ) ଯୋଗ୍ୟତା

୯। ହୋଇ ହେଲେ ପ୍ରାପ୍ତ ବୁଦ୍ଧତ୍ୱ ଗୌତମ ତପସିଦ୍ଧ – ଏଠାରେ କେଉଁ ଉପାଦାନର ଅଭାବ ଅଛି ?
(କ) ଯୋଗ୍ୟତା (ଖ) ଆସତ୍ତି
(ଗ) ଆକାଂକ୍ଷା (ଘ) ପଦବିନ୍ୟାସ

୧୦। ବାକ୍ୟରେ ଥିବା ପଦଯୋଜନା ବା ସୌନ୍ଦର୍ଯ୍ୟକୁ କ'ଣ କୁହାଯାଏ ?
(କ) ଯୋଗ୍ୟତା (ଖ) ଆକାଂକ୍ଷା
(ଗ) ପଦବିନ୍ୟାସ (ଘ) ଆସତ୍ତି

୧୧। ବାକ୍ୟର କେଉଁ ଉପାଦାନକୁ ପଦବିନ୍ୟାସ କୁହାଯାଏ ?
(କ) ଯୋଗ୍ୟତା (ଖ) ଆକାଂକ୍ଷା
(ଗ) ଆସତ୍ତି (ଘ) ପାରସ୍ପରିକ ସମ୍ବନ୍ଧ

୧୨। ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ କ'ଣ କୁହାଯାଏ ?
(କ) ବାକ୍ୟ (ଖ) ବାକ୍ୟାଂଶ
(ଗ) ଖଣ୍ଡବାକ୍ୟ (ଘ) ଉପବାକ୍ୟ

୧୩। ବାକ୍ୟର କେଉଁଠାରେ କର୍ତ୍ତା ବ୍ୟବହୃତ ହୁଏ ?
(କ) ଆରମ୍ଭରେ (ଖ) ମଧ୍ୟରେ
(ଗ) ଶେଷରେ (ଘ) କ୍ରିୟା ପରେ

୧୪। ବାକ୍ୟରେ କ୍ରିୟା ସକର୍ମକ ହୋଇଥିଲେ, କର୍ମପଦ କେଉଁଠାରେ ବସେ ?
(କ) ବାକ୍ୟର ଆରମ୍ଭରେ (ଖ) ବାକ୍ୟର ଶେଷରେ
(ଗ) କ୍ରିୟାର ପରେ (ଘ) କ୍ରିୟାର ପୂର୍ବରୁ

୧୫। ବାକ୍ୟରେ ପଦାନ୍ୱୟୀ ଅବ୍ୟୟ କେଉଁଠାରେ ବସେ ?
(କ) ସମ୍ବନ୍ଧିତ ପଦ ପୂର୍ବରୁ
(ଖ) ସମ୍ବନ୍ଧିତ ପଦ ପରେ
(ଗ) ବାକ୍ୟର ଶେଷରେ
(ଘ) ବାକ୍ୟର ଆରମ୍ଭରେ

୧୬। କେତେବେଳେ ପ୍ରତ୍ୟେକ ସମ୍ବନ୍ଧପଦ ବିଭକ୍ତିଯୁକ୍ତ ହୁଏ ?
(କ) ବିଶିଷ୍ଟ ବ୍ୟକ୍ତିସମ୍ବନ୍ଧ ବୁଝାଇଲେ
(ଖ) ବିଭିନ୍ନ ବ୍ୟକ୍ତିସମ୍ବନ୍ଧ ବୁଝାଇବାକୁ ହେଲେ
(ଗ) କୌଣସି ବ୍ୟକ୍ତିସମ୍ବନ୍ଧ ନ ବୁଝାଇଲେ
(ଘ) ଏକାଧିକ ସମ୍ବନ୍ଧିତ ପଦ ଥିଲେ

୧୭। ବାକ୍ୟରୂପ ମୁଖ୍ୟତଃ କେତେ ପ୍ରକାର ?
(କ) ୦୧ (ଖ) ୦୨
(ଗ) ୦୩ (ଘ) ୦୪

୧୮। ବାକ୍ୟର ଗଠନାତ୍ମକ ରୂପ କେତେ ପ୍ରକାର ?
(କ) ୦୧ (ଖ) ୦୨
(ଗ) ୦୩ (ଘ) ୦୪

Eduodia App



Odisha 1 to 10 All Books App

୧୯। ଗୋଟିଏ ମାତ୍ର ସମାପିକା କ୍ରିୟା ଥିବା ବାକ୍ୟକୁ କ'ଣ କୁହାଯାଏ ?
(କ) ସରଳ ବାକ୍ୟ (ଖ) ଯୌଗିକ ବାକ୍ୟ
(ଗ) ଜଟିଳ ବାକ୍ୟ (ଘ) ମିଶ୍ର ବାକ୍ୟ

୨୦। ବାକ୍ୟରେ ନ କେଉଁଠାରେ ବସିଥାଏ ?
(କ) କର୍ତ୍ତା ପରେ (ଖ) କ୍ରିୟା ପୂର୍ବରୁ
(ଗ) କ୍ରିୟା ପରେ (ଘ) ଅବ୍ୟୟ ପୂର୍ବରୁ

୨୧। ଆମ ସାହିତ୍ୟ ଶିକ୍ଷକ ଜଣେ ଜ୍ଞାନୀ ବ୍ୟକ୍ତି । –ଗଠନ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ?
(କ) ମିଶ୍ରବାକ୍ୟ (ଖ) ଯୌଗିକ ବାକ୍ୟ
(ଗ) ଜଟିଳ ବାକ୍ୟ (ଘ) ସରଳବାକ୍ୟ

୨୨। ପରସ୍ପର ନିର୍ଭରଶୀଳ ଦୁଇ ବା ତତୋଽଧିକ ସରଳବାକ୍ୟର ସମାହାରରେ କେଉଁ ବାକ୍ୟ ଗଠିତ ହୁଏ ?
(କ) ସରଳ ବାକ୍ୟ (ଖ) ଯୌଗିକ ବାକ୍ୟ
(ଗ) ଜଟିଳ ବାକ୍ୟ (ଘ) ମିଶ୍ରବାକ୍ୟ

୨୩। ଯେଉଁ ପଦ ଦୁଇଟି ବାକ୍ୟ ବା ଦୁଇଟି ଶବ୍ଦକୁ ସଂଯୋଗ କରେ, ତାହାକୁ କେଉଁ ଅବ୍ୟୟ କୁହାଯାଏ ?
(କ) ବିଯୋଜକ (ଖ) ପ୍ରଶ୍ନସୂଚକ
(ଗ) ସଂଯୋଜକ (ଘ) ପଦାନ୍ୱୟୀ

୨୪। ଦୁଇ ବା ତତୋଽଧିକ ପରସ୍ପର ସାପେକ୍ଷ ଖଣ୍ଡବାକ୍ୟର ସମନ୍ୱୟରେ କେଉଁ ବାକ୍ୟ ଗଠିତ ହୁଏ ?
(କ) ସରଳ ବାକ୍ୟ (ଖ) ଜଟିଳ ବାକ୍ୟ
(ଗ) ଯୌଗିକ ବାକ୍ୟ (ଘ) ମିଶ୍ର ବାକ୍ୟ

୨୫। ଯେକୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ କେଉଁ ବାକ୍ୟ କୁହାଯାଏ ?
(କ) ମିଶ୍ରବାକ୍ୟ (ଖ) ସରଳ ବାକ୍ୟ
(ଗ) ଯୌଗିକ ବାକ୍ୟ (ଘ) ଜଟିଳ ବାକ୍ୟ

୨୬। ଯେଉଁ ଝିଅଟି ନାଚୁଛି, ସେ ରାମର ଭଉଣୀ । –ଗଠନ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ?
(କ) ସରଳବାକ୍ୟ (ଖ) ଯୌଗିକ ବାକ୍ୟ
(ଗ) ଜଟିଳ ବାକ୍ୟ (ଘ) ମିଶ୍ର ବାକ୍ୟ

୨୭। ବାକ୍ୟର ପ୍ରକାର୍ଯ୍ୟଗତ ରୂପ କେତେ ପ୍ରକାର ?
(କ) ୦୧ (ଖ) ୦୫
(ଗ) ୦୩ (ଘ) ୦୪

୨୮। ନିର୍ଦ୍ଦିଷ୍ଟ ବିଷୟକ ବିବୃତି ବା ବକ୍ତବ୍ୟ ପ୍ରଦାନ କରୁଥିବା ବାକ୍ୟକୁ କେଉଁ ବାକ୍ୟ କୁହାଯାଏ ?
(କ) ବିବୃତିସୂଚକ ବାକ୍ୟ
(ଖ) ଆଦେଶସୂଚକ ବାକ୍ୟ
(ଗ) ନାସ୍ତିସୂଚକ ବାକ୍ୟ
(ଘ) ପ୍ରଶ୍ନସୂଚକ ବାକ୍ୟ

୨୯। କବିମାନଙ୍କ ମଧ୍ୟରେ କାଳିଦାସ ଶ୍ରେଷ୍ଠ । –ପ୍ରକାର୍ଯ୍ୟ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ?
(କ) ପ୍ରଶ୍ନସୂଚକ ବାକ୍ୟ (ଖ) ନାସ୍ତିସୂଚକ ବାକ୍ୟ
(ଗ) ବିବୃତିସୂଚକ ବାକ୍ୟ (ଘ) ବିସ୍ମୟସୂଚକ ବାକ୍ୟ

୩୦। ଘରଟିକୁ ସଫା କରିଦିଅ । –ପ୍ରକାର୍ଯ୍ୟ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ?
(କ) ପ୍ରଶ୍ନସୂଚକ ବାକ୍ୟ
(ଖ) ଅନୁରୋଧ ବା ଆଦେଶସୂଚକ ବାକ୍ୟ
(ଗ) ବିସ୍ମୟସୂଚକ ବାକ୍ୟ
(ଘ) ବିବୃତିସୂଚକ ବାକ୍ୟ

୩୧। କୌଣସି ପ୍ରଶ୍ନର ସୂଚନା ପ୍ରଦାନ କରୁଥିବା ବାକ୍ୟକୁ କେଉଁ ବାକ୍ୟ କୁହାଯାଏ ?
(କ) ବିବୃତିସୂଚକ ବାକ୍ୟ
(ଖ) ଆଦେଶସୂଚକ ବାକ୍ୟ
(ଗ) ପ୍ରଶ୍ନସୂଚକ ବାକ୍ୟ
(ଘ) ନାସ୍ତିସୂଚକ ବାକ୍ୟ

୩୨। ତୁମେ କେବେ ଆସିଲ ? –ପ୍ରକାର୍ଯ୍ୟଗତ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ?
(କ) ପ୍ରଶ୍ନସୂଚକ ବାକ୍ୟ (ଖ) ବିବୃତିସୂଚକ ବାକ୍ୟ
(ଗ) ନାସ୍ତିସୂଚକ ବାକ୍ୟ (ଘ) ବିସ୍ମୟସୂଚକ ବାକ୍ୟ

୩୩। ଯେଉଁ ବାକ୍ୟ ବିସ୍ମୟଭାବକୁ ପ୍ରକାଶ କରେ, ତାକୁ କେଉଁ ବାକ୍ୟ କୁହାଯାଏ ?
(କ) ପ୍ରଶ୍ନସୂଚକ ବାକ୍ୟ (ଖ) ନାସ୍ତିସୂଚକ ବାକ୍ୟ
(ଗ) ବିବୃତିସୂଚକ ବାକ୍ୟ (ଘ) ବିସ୍ମୟସୂଚକ ବାକ୍ୟ

୩୪। ସତରେ ତୁମେ ଆସିଛ ! –ପ୍ରକାର୍ଯ୍ୟଗତ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ?
(କ) ପ୍ରଶ୍ନସୂଚକ ବାକ୍ୟ (ଖ) ବିବୃତିସୂଚକ ବାକ୍ୟ
(ଗ) ବିସ୍ମୟସୂଚକ ବାକ୍ୟ (ଘ) ନାସ୍ତସୂଚକ ବାକ୍ୟ

Eduodia App



Odisha 1 to 10 All Books App

୩୫। ନାସ୍ତି ସୂଚନା ପ୍ରଦାନ କରୁଥିବା ବାକ୍ୟକୁ କ'ଣ କହନ୍ତି ?
(କ) ନାସ୍ତିସୂଚକ ବାକ୍ୟ (ଖ) ପ୍ରଶ୍ନସୂଚକ ବାକ୍ୟ
(ଗ) ବିସ୍ମୟସୂଚକ ବାକ୍ୟ (ଘ) ଆଦେଶସୂଚକ ବାକ୍ୟ

୩୬। ମୁଁ ତୁମ ନିୟମ ପାଳି ପାରିବି ନାହିଁ । ପ୍ରକାର୍ଯ୍ୟଗତ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ?
(କ) ପ୍ରଶ୍ନସୂଚକ ବାକ୍ୟ (ଖ) ବିସ୍ମୟସୂଚକ ବାକ୍ୟ
(ଗ) ଆଦେଶସୂଚକ ବାକ୍ୟ (ଘ) ନାସ୍ତିସୂଚକ ବାକ୍ୟ

୩୭। ଆଦେଶ ଓ ଅନୁରୋଧ ଭାବ ପ୍ରକାଶ କରୁଥିବା ବାକ୍ୟକୁ କେଉଁ ବାକ୍ୟ କୁହାଯାଏ ?
(କ) ପ୍ରଶ୍ନସୂଚକ ବାକ୍ୟ
(ଖ) ଆଦେଶ ବା ଅନୁରୋଧସୂଚକ ବାକ୍ୟ
(ଗ) ନାସ୍ତିସୂଚକ ବାକ୍ୟ
(ଘ) ବିବୃତିସୂଚକ ବାକ୍ୟ

୩୮। ସେ ପୁରୀ ଗଲା କିନ୍ତୁ ଜଗନ୍ନାଥଙ୍କୁ ଦେଖିପାରିଲା ନାହିଁ । ଗଠନ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ?
(କ) ସରଳ (ଖ) ଯୌଗିକ
(ଗ) ଜଟିଳ (ଘ) ମିଶ୍ର

୩୯। ବାକ୍ୟରେ 'ନାହିଁ' ପଦ କେଉଁଠାରେ ବସେ ?
(କ) ଆରମ୍ଭରେ (ଖ) କର୍ତ୍ତା ପରେ
(ଗ) କ୍ରିୟା ପୂର୍ବରୁ (ଘ) କ୍ରିୟା ପରେ

୪୦। ବାକ୍ୟରେ ବିଶେଷଣ ପଦ କେଉଁଠାରେ ବ୍ୟବହୃତ ହୁଏ ?
(କ) ବିଶେଷ୍ୟ ପୂର୍ବରୁ (ଖ) ବିଶେଷ୍ୟ ପରେ
(ଗ) କ୍ରିୟାର ପୂର୍ବରୁ (ଘ) କ୍ରିୟାର ପରେ

୪୧। <u>ଜାଣିବାକୁ ଇଚ୍ଛା କରୁଥିବା</u> ବ୍ୟକ୍ତି । ରେଖାଙ୍କିତ ଅଂଶକୁ ଏକପଦରେ ପ୍ରକାଶ କଲେ କ'ଣ ହେବ ?
(କ) ଜିଜ୍ଞାସା (ଖ) ପିପାସା
(ଗ) ଜିଜ୍ଞାସୁ (ଘ) ପିପାସୁ

୪୨। ବାକ୍ୟରେ କ୍ରିୟା ଦ୍ୱିକର୍ମକ ହୋଇଥିଲେ, ମୁଖ୍ୟ କର୍ମ କେଉଁଠାରେ ବସେ ?
(କ) ଆରମ୍ଭରେ
(ଖ) ଶେଷରେ
(ଗ) ଗୌଣକର୍ମ ପରେ
(ଘ) ଗୌଣକର୍ମ ପୂର୍ବରୁ

୪୩। ଦୀର୍ଘବାକ୍ୟକୁ ସଂକ୍ଷେପରେ ପ୍ରକାଶ କରିବାକୁ କ'ଣ କୁହାଯାଏ ?
(କ) ବାକ୍ୟ ରୂପାନ୍ତର (ଖ) ବାକ୍ୟ ସଂକ୍ଷେପଣ
(ଗ) ଉକ୍ତି ପରିବର୍ତ୍ତନ (ଘ) ବାଚ୍ୟ ପରିବର୍ତ୍ତନ

୪୪। ଯାହା କରିବା ଉଚିତ ତାହା କର । ଏହାକୁ ସଂକ୍ଷେପଣ କଲେ ହେବ – କର୍ତ୍ତବ୍ୟ କର – କେଉଁ ମାଧ୍ୟମରେ ଏହା ସଂକ୍ଷେପଣ କରାଯାଇଛି ?
(କ) ସନ୍ଧି (ଖ) କୃଦନ୍ତ
(ଗ) ସମାସ (ଘ) ତଦ୍ଧିତ

୪୫। <u>ପାନରାଟି</u> ଆମ ଗ୍ରାମକୁ ଆସୁଛି । ରେଖାଙ୍କିତ ପଦଟି କାହାଦ୍ୱାରା ସଂକ୍ଷେପଣ କରାଯାଇଛି ?
(କ) ସନ୍ଧି (ଖ) ସମାସ
(ଗ) କୃଦନ୍ତ (ଘ) ତଦ୍ଧିତ

୪୬। ଓହୋ ! କି ଶୀତ ! ପ୍ରକାର୍ଯ୍ୟଗତ ଦୃଷ୍ଟିରୁ ଏହା କି ପ୍ରକାର ବାକ୍ୟ ?
(କ) ବିସ୍ମୟସୂଚକ ବାକ୍ୟ (ଖ) ନାସ୍ତିସୂଚକ ବାକ୍ୟ
(ଗ) ପ୍ରଶ୍ନସୂଚକ ବାକ୍ୟ (ଘ) ବିବୃତିସୂଚକ ବାକ୍ୟ

୪୭। "ରାଧାଶ୍ୟାମ ଭଲ ଭାଷଣ ଦେଇପାରନ୍ତି" –ଏହା କେଉଁ ବାଚ୍ୟ ?
(କ) କର୍ମବାଚ୍ୟ (ଖ) କର୍ତ୍ତୃବାଚ୍ୟ
(ଗ) ଭାବବାଚ୍ୟ (ଘ) କର୍ମ ଓ ଭାବ ବାଚ୍ୟ

୪୮। ବାକ୍ୟରେ କ୍ରିୟା ସକର୍ମକ ହୋଇଥିଲେ, କର୍ମ ପଦଟି କେଉଁଠାରେ ରହେ ?
(କ) ଆରମ୍ଭରେ (ଖ) ଶେଷରେ
(ଗ) କ୍ରିୟା ପୂର୍ବରୁ (ଘ) କ୍ରିୟା ପରେ

୪୯। "ତନୁଜାର ନାଚ ହେଉ" –ଏହା କେଉଁ ବାଚ୍ୟ ?
(କ) ଭାବ-କର୍ମବାଚ୍ୟ (ଖ) କର୍ତ୍ତୃବାଚ୍ୟ
(ଗ) କର୍ମବାଚ୍ୟ (ଘ) ଭାବବାଚ୍ୟ

୫୦। ଗଠନାତ୍ମକ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ?
(କ) ଦୁଇ (ଖ) ତିନି
(ଗ) ଚାରି (ଘ) ପାଞ୍ଚ

## ଉତ୍ତର

୧। (ଖ) କଥା
୨। (ଗ) ସଂପୂର୍ଣ୍ଣ ବକ୍ତବ୍ୟ
୩। (ଖ) ବାକ୍ୟ
୪। (ଗ) ୦୩
୫। (ଖ) ଯୋଗ୍ୟତା
୬। (ଘ) ଯୋଗ୍ୟତା
୭। (କ) ଆକାଂକ୍ଷା

Eduodia App



Odisha 1 to 10 All Books App

୮। (ଗ) ଆକାଂକ୍ଷା
୯। (ଖ) ଆସତ୍ତି
୧୦। (ଘ) ଆସତ୍ତି
୧୧। (ଗ) ଆସତ୍ତି
୧୨। (ଗ) ଖଣ୍ଡବାକ୍ୟ
୧୩। (କ) ଆରମ୍ଭରେ
୧୪। (ଘ) କ୍ରିୟା ପୂର୍ବରୁ
୧୫। (ଖ) ସମ୍ବନ୍ଧିତ ପଦ ପରେ
୧୬। (ଖ) ବିଭିନ୍ନ ବ୍ୟକ୍ତିସମ୍ବନ୍ଧ ବୁଝାଇଲେ
୧୭। (ଖ) ୦୨
୧୮। (ଘ) ୦୪
୧୯। (କ) ସରଳ ବାକ୍ୟ
୨୦। (ଖ) କ୍ରିୟା ପୂର୍ବରୁ
୨୧। (ଘ) ସରଳ ବାକ୍ୟ
୨୨। (ଖ) ଯୌଗିକ ବାକ୍ୟ
୨୩। (ଗ) ସଂଯୋଜକ
୨୪। (ଖ) ଜଟିଳ ବାକ୍ୟ
୨୫। (କ) ମିଶ୍ରବାକ୍ୟ
୨୬। (ଗ) ଜଟିଳ ବାକ୍ୟ
୨୭। (ଖ) ୦୫
୨୮। (କ) ବିବୃତିସୂଚକ ବାକ୍ୟ
୨୯। (ଗ) ବିବୃତିସୂଚକ ବାକ୍ୟ
୩୦। (ଖ) ଅନୁରୋଧ ବା ଆଦେଶସୂଚକ ବାକ୍ୟ
୩୧। (ଗ) ପ୍ରଶ୍ନସୂଚକ ବାକ୍ୟ
୩୨। (କ) ପ୍ରଶ୍ନସୂଚକ ବାକ୍ୟ
୩୩। (ଘ) ବିସ୍ମୟସୂଚକ ବାକ୍ୟ
୩୪। (ଗ) ବିସ୍ମୟସୂଚକ ବାକ୍ୟ
୩୫। (କ) ନାସ୍ତିସୂଚକ ବାକ୍ୟ
୩୬। (ଘ) ନାସ୍ତିସୂଚକ ବାକ୍ୟ
୩୭। (ଖ) ଆଦେଶ ବା ଅନୁରୋଧ ସୂଚକ ବାକ୍ୟ
୩୮। (ଖ) ଯୌଗିକ
୩୯। (ଘ) କ୍ରିୟା ପରେ
୪୦। (କ) ବିଶେଷ୍ୟ ପୂର୍ବରୁ
୪୧। (ଗ) ଜିଜ୍ଞାସୁ
୪୨। (ଗ) ଗୌଣକର୍ମ ପରେ
୪୩। (ଖ) ବାକ୍ୟ ସଂକ୍ଷେପଣ
୪୪। (ଖ) କୃଦନ୍ତ
୪୫। (ଘ) ତଦ୍ଧିତ
୪୬। (କ) ବିସ୍ମୟସୂଚକ ବାକ୍ୟ
୪୭। (ଖ) କର୍ତ୍ତୃବାଚ୍ୟ
୪୮। (ଗ) କ୍ରିୟା ପୂର୍ବରୁ
୪୯। (ଘ) ଭାବବାଚ୍ୟ
୫୦। (ଗ) ଚାରି

Eduodia App

# 'ଣ'ତ୍ୱ ବିଧି, 'ଷ'ତ୍ୱ ବିଧି ଓ ସାଧାରଣ ଅଶୁଦ୍ଧି

୧। ପଦ ମଧ୍ୟରେ 'ନ' ସ୍ଥାନରେ 'ଣ' ହେବାକୁ କ'ଣ କୁହାଯାଏ ?
(କ) 'ନ'ତ୍ୱ ବିଧି (ଖ) 'ଷ'ତ୍ୱ ବିଧି
(ଗ) 'ଣ'ତ୍ୱ ବିଧି (ଘ) ଣିଜନ୍ତ ବିଧି

୨। ଗୋଟିଏ ପଦ ମଧ୍ୟରେ କେଉଁ କେଉଁ ବର୍ଣ୍ଣ ପରେ 'ନ' ଥିଲେ 'ଣ' ହୁଏ ?
(କ) କ, ଚ, ଟ (ଖ) ର, ଋ, ଷ
(ଗ) ଅ, ଇ, ଉ (ଘ) ଶ, ସ, ହ

୩। ନିମ୍ନୋକ୍ତ ମଧ୍ୟରୁ ର, ଋ, ଷ ପରେ କେଉଁ ବର୍ଗସ୍ଥ ବର୍ଣ୍ଣମାନଙ୍କର ବ୍ୟବଧାନ ଥିଲେ ମଧ୍ୟ 'ନ' ସ୍ଥାନରେ 'ଣ' ହୁଏ ?
(କ) 'କ' ବର୍ଗ (ଖ) 'ଟ' ବର୍ଗ
(ଗ) 'ତ' ବର୍ଗ (ଘ) 'ଚ' ବର୍ଗ

୪। 'ରଚନା' –ଏଥିରେ 'ନ' କାହିଁକି 'ଣ' ହେଲା ନାହିଁ ?
(କ) ବୈଦେଶିକ ଶବ୍ଦ ହେତୁ
(ଖ) 'ନ' ପରେ 'ଆ' ଥିବା ହେତୁ
(ଗ) 'ଅ' ବ୍ୟବଧାନ ହେତୁ
(ଘ) 'ଚ' ବ୍ୟବଧାନ ହେତୁ

୫। ମାର୍ଗଣ – ଏହାର ଉପଯୁକ୍ତ ବର୍ଣ୍ଣବିନ୍ୟାସ ନିମ୍ନୋକ୍ତ ମଧ୍ୟରୁ କେଉଁଟି ?



Odisha 1 to 10 All Books App

(କ) ମ୍ ଆ ଗ୍ ର୍ ଥ ନ୍ ଅ
(ଖ) ମ୍ ଆ ର୍ ଗ୍ ଅ ନ୍ ଅ
(ଗ) ମ୍ ଗ୍ ଆ ର୍ ଅ ନ୍ ଅ
(ଘ) ମ୍ ଆ ର୍ ଅ ନ୍ ଗ୍ ଅ

୬। ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ?
(କ) ଅପରାହ୍ନ (ଖ) ଅପରହ୍ନ
(ଗ) ଅପରାହ୍ନ (ଘ) ଆପାରାହ୍ନ

୭। ପ୍ରସୂନ – ଏଠାରେ 'ନ' ପୂର୍ବରୁ କେଉଁ ବର୍ଣ୍ଣ ଅଛି ?
(କ) ଉ (ଖ) ସ
(ଗ) ଊ (ଘ) ସୂ

୮। ନିମ୍ନସ୍ଥ କେଉଁ ଶବ୍ଦଟିରେ 'ଣ' ସ୍ୱାଭାବିକ ଭାବେ ରହିଅଛି ?
(କ) ପ୍ରାଣ (ଖ) ଅନ୍ୱେଷଣ
(ଗ) ଅଣାକାର (ଘ) ତୃଣ

୯। ହିତୈଷଣା – ଏଠାରେ 'ଣ' ହେବାର କାରଣ କ'ଣ ?
(କ) 'ଷ' ତ୍ୱ ବିଧି ହେତୁ
(ଖ) ଶେଷରେ 'ଆ' ଥିବା ହେତୁ
(ଗ) 'ଷ' ପୂର୍ବରୁ 'ଐ' ଥିବା ହେତୁ
(ଘ) 'ଷ' ପରେ ଥିବା 'ନ' 'ଣ' ହୁଏ

୧୦। କେଉଁଟି ସ୍ୱାଭାବିକ 'ଣ' ଥିବା ଶବ୍ଦ ନୁହେଁ ?
(କ) ପ୍ରୟାଣ (ଖ) ଫେଡ଼ାଣ
(ଗ) ବଣ (ଘ) ଖୁଣ

୧୧। (ଜ୍ ଇ ଗ୍ ଇ ଷ୍ ଆ) – ଏହି ବର୍ଣ୍ଣରୂପର ଶବ୍ଦରୂପଟି କ'ଣ ହେବ ?
(କ) ଜୀଗିଷା (ଖ) ଜୀଗୀଷା
(ଗ) ଜିଗୀଷା (ଘ) ଜିଗିଷା

୧୨। 'ସ' ସ୍ଥାନରେ 'ଷ' ହେବା ବିଧିକୁ କ'ଣ କୁହାଯାଏ ?
(କ) ସବିଧି (ଖ) 'ସ'ତ୍ୱ ବିଧି
(ଗ) 'ଣ'ତ୍ୱ ବିଧି (ଘ) 'ଷ'ତ୍ୱ ବିଧି

୧୩। କେଉଁ ପ୍ରତ୍ୟୟ ଯୁକ୍ତ ହେଲେ 'ସ୍' ର 'ଷ' ହୋଇ ନଥାଏ ?
(କ) ଷାତ୍ ପ୍ରତ୍ୟୟ (ଖ) ସାତ୍ ପ୍ରତ୍ୟୟ
(ଗ) ପୂର୍ବ ପ୍ରତ୍ୟୟ (ଘ) କୃତ୍ ପ୍ରତ୍ୟୟ

୧୪। ଉତ୍କର୍ଷ – ଏଠାରେ 'ଷ'ତ୍ୱ ବିଧି ହେବାର କାରଣ କ'ଣ ?
(କ) 'ର୍' ପରେ 'ସ୍' ଥିବାରୁ
(ଖ) ର ପରେ 'ଷ୍' ଥିବାରୁ
(ଗ) 'ଉ' ପରେ 'ଷ୍' ଥିବାରୁ
(ଘ) 'ଷ' ପରେ 'ଅ' ଥିବାରୁ

୧୫। ଅନୁସନ୍ଧାନ – ଏଠାରେ 'ଷ'ତ୍ୱ ବିଧି ନ ହେବାର କାରଣ କ'ଣ ?
(କ) ଏହା ଏକ ବୈଦେଶିକ ଶବ୍ଦ ହୋଇଥିବାରୁ
(ଖ) 'ଷ'ତ୍ୱ ବିଧି ନିୟମର ବ୍ୟତିକ୍ରମ ହେତୁ
(ଗ) 'ଅ' ପରେ 'ସ୍' ଥିବା ହେତୁ
(ଘ) ଉପସର୍ଗ ଲାଗିଥିବା ହେତୁ

୧୬। ଠିକ୍ ଉତ୍ତରଟିକୁ ବାଛ ।
(କ) ଷୋଡ଼ଶ (ଖ) ଶୋଡ଼ଷ
(ଗ) ଶୋଡ଼ସ (ଘ) ଷୋଡ଼ସ

୧୭। 'ସାଲିସ୍' – ଏଠାରେ 'ଷ'ତ୍ୱ ବିଧି ନ ହେବାର କାରଣ କ'ଣ ?
(କ) 'ଇ' ପରେ 'ସ୍' ଥିବାରୁ
(ଖ) ଦୁଇଟି 'ସ୍' ଥିବାରୁ
(ଗ) 'ସ୍' ପୂର୍ବରୁ ସ୍ୱରବର୍ଣ୍ଣ ଥିବାରୁ
(ଘ) ଏହା ଏକ ବୈଦେଶିକ ଶବ୍ଦ ହୋଇଥିବାରୁ

୧୮। କେଉଁ ଶବ୍ଦଟି ଅଶୁଦ୍ଧ ?
(କ) ଭୂଷଣ (ଖ) ଇସାରା
(ଗ) ଚତୁଷ୍ପଦ (ଘ) ଆବିସ୍କାର

୧୯। ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟି ଭିନ୍ନ ଅଟେ ?
(କ) ପାଲିସ୍ (ଖ) ଔଷଧ
(ଗ) ନୋଟିସ୍ (ଘ) ବକ୍‌ସିସ୍

୨୦। ଶୁଦ୍ଧ ଶବ୍ଦଟିକୁ ବାଛ ।
(କ) ନୀରୋଗ (ଖ) ନିରୋଗୀ
(ଗ) ନିରୋଗ (ଘ) ନୀରୋଗୀ

୨୧। ସନ୍ଧିଗତ ଶୁଦ୍ଧ ଶବ୍ଦଟିକୁ ବାଛ ।
(କ) ଅଧୀନ (ଖ) ଏକତ୍ର
(ଗ) ସୂର୍ଯ୍ୟୋପରାଗ (ଘ) ଆଶିଷ

୨୨। ସବୁ ବହିଗୁଡ଼ିକ – ଏହା କେଉଁ ପ୍ରକାର ଅଶୁଦ୍ଧି ?
(କ) ବଚନଗତ ଅଶୁଦ୍ଧି (ଖ) 'ଷ'ତ୍ୱ ବିଧିଗତ ଅଶୁଦ୍ଧି
(ଗ) ଲିଙ୍ଗଗତ ଅଶୁଦ୍ଧି (ଘ) କୃଦନ୍ତଗତ ଅଶୁଦ୍ଧି

୨୩। ଉପଯୋଗୀତା – ଏହାର ଶୁଦ୍ଧରୂପଟି କ'ଣ ?
(କ) ଉପାଯୋଗିତା (ଖ) ଉପଯୋଗିତା
(ଗ) ଉପୋଯୋଗୀତା (ଘ) ଉପୋଯୋଗିତା

୨୪। ତଦ୍ଧିତଗତ ଶୁଦ୍ଧ ଶବ୍ଦର ଉଦାହରଣଟିକୁ ବାଛ ।
(କ) ନିରପରାଧ (ଖ) ସର୍ଜନ
(ଗ) ପ୍ରତ୍ୟେକ (ଘ) ଭୌଗୋଳିକ

Eduodia App



Odisha 1 to 10 All Books App

୨୫। କେଉଁଟି ଶୁଦ୍ଧଶବ୍ଦ ନୁହେଁ ?
(କ) ଅନୁସୂୟା (ଖ) ଆରକ୍ତ
(ଗ) ବିଷମ (ଘ) ଅଧୀନ

୨୬। କେଉଁଟି ଠିକ୍ ?
(କ) ଯାତାୟାତ (ଖ) ଜାତାୟାତ
(ଗ) ଯାତାୟତ (ଘ) ଜାତାୟତ

୨୭। ଧୂମ୍ରପାନ – ଏହାର ଶୁଦ୍ଧରୂପଟି କ'ଣ ?
(କ) ଧୁମ୍ରପାନ (ଖ) ଧୁମପାନ
(ଗ) ଧୂମପାନ (ଘ) ଧୂମ୍ମପାନ

୨୮। କେଉଁଟି ତଦ୍ଧିତଗତ ଅଶୁଦ୍ଧି ଅଟେ ?
(କ) ଅନୁଗ୍ରହ (ଖ) ଦାଶରଥୀ
(ଗ) ମନଭାବ (ଘ) ଅହର୍ନିଶି

୨୯। ନିମ୍ନଲିଖିତ ମଧ୍ୟରୁ କେଉଁଟି ଶୁଦ୍ଧ ଶବ୍ଦ ଅଟେ ?
(କ) ତ୍ରିଭୂଜ (ଖ) ତ୍ରୀଭୁଜ
(ଗ) ତ୍ରିଭୁଯ (ଘ) ତ୍ରିଭୁଜ

୩୦। ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶୁଦ୍ଧଶବ୍ଦ ନୁହେଁ ?
(କ) ମୂକ (ଖ) ମୁଖ୍ୟ
(ଗ) ବହୁବ୍ରିହୀ (ଘ) ଅଞ୍ଜଳି

୩୧। ନିର୍ଦ୍ଦୋଷୀ – ଏହା କି ପ୍ରକାର ଅଶୁଦ୍ଧି ?
(କ) ସନ୍ଧିଗତ (ଖ) ସମାସଗତ
(ଗ) କୃଦନ୍ତଗତ (ଘ) ତଦ୍ଧିତଗତ

୩୨। ନିମ୍ନଲିଖିତ କେଉଁ ବାକ୍ୟଟି ଠିକ୍ ?
(କ) ସବୁ ଛାତ୍ର ପଢୁଛନ୍ତି
(ଖ) ସବୁ ଛାତ୍ରମାନେ ପଢୁଛନ୍ତି
(ଗ) ସମସ୍ତ ଛାତ୍ରମାନେ ପଢୁଛନ୍ତି
(ଘ) ଛାତ୍ରଗଣମାନେ ପଢୁଛନ୍ତି

୩୩। ସୁକେଶିନୀ – ଏହା କି ପ୍ରକାର ଅଶୁଦ୍ଧି ?
(କ) 'ଷ'ତ୍ୱ ବିଧିଗତ ଅଶୁଦ୍ଧି
(ଖ) ବଚନଗତ ଅଶୁଦ୍ଧି
(ଗ) 'ଣ'ତ୍ୱ ବିଧିଗତ ଅଶୁଦ୍ଧି
(ଘ) ଲିଙ୍ଗଗତ ଅଶୁଦ୍ଧି

୩୪। କେଉଁଟି ଶୁଦ୍ଧଶବ୍ଦ ଚିହ୍ନାଅ ।
(କ) ବିଷର୍ଣ୍ଣ (ଖ) ବିସର୍ଣ୍ଣ
(ଗ) ବିଷଣ୍ଣ (ଘ) ବୀଷଣ୍ଣ

୩୫। 'ଣ'ତ୍ୱ ବିଧିଗତ ଶୁଦ୍ଧଶବ୍ଦଟିକୁ ବାଛ ।
(କ) କ୍ଷୁର୍ଣ୍ଣ (ଖ) କ୍ଷୁଣ୍ଣ
(ଗ) କ୍ଷୁନ୍ନ (ଘ) କ୍ଷୂର୍ଣ

୩୬। ଠିକ୍ ଶବ୍ଦଟିକୁ ବାଛ ।
(କ) ଶୁଶ୍ରୂଷା (ଖ) ଶୁଶ୍ରୁଷା
(ଗ) ଶୁଶ୍ରୂସା (ଘ) ଶୂଶ୍ରୂଷା

୩୭। ଶୁଦ୍ଧ ଶବ୍ଦ କେଉଁଟି ?
(କ) ଶାରିରୀକ (ଖ) ଶାରିରିକ
(ଗ) ଶାରୀରୀକ (ଘ) ଶାରୀରିକ

୩୮। ଶୁଦ୍ଧ-ଶବ୍ଦଟିକୁ ବାଛ ।
(କ) ଶଶିଭୂଷଣ (ଖ) ଶଶୀଭୁଷଣ
(ଗ) ଶଶୀଭୂଷଣ (ଘ) ଶଶିଭୂସଣ

୩୯। ଜନତାମାନଙ୍କର – ଏହା କି ପ୍ରକାର ଅଶୁଦ୍ଧି ?
(କ) ଲିଙ୍ଗଗତ ଅଶୁଦ୍ଧି (ଖ) 'ଣ'ତ୍ୱ ବିଧିଗତ ଅଶୁଦ୍ଧି
(ଗ) ବଚନଗତ ଅଶୁଦ୍ଧି (ଘ) 'ଷ'ତ୍ୱ ବିଧିଗତ ଅଶୁଦ୍ଧି

୪୦। ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ?
(କ) ସାଣ୍ମାସିକ (ଖ) ଷାଣ୍ମାସିକ
(ଗ) ସାଣ୍ମାଷିକ (ଘ) ଷାଣ୍ମାସୀକ

୪୧। 'ଣ'ତ୍ୱ ବିଧିଗତ ଶୁଦ୍ଧ ଶବ୍ଦ ଚିହ୍ନାଅ ।
(କ) ଐକ୍ୟତା (ଖ) ବିଷ୍ଣୁ
(ଗ) ସବୁ ବହିଗୁଡ଼ିକ (ଘ) ପରିଷ୍କାର

୪୨। ଠିକ୍ ଶବ୍ଦଟିକୁ ବାଛ ।
(କ) ପୂଜ୍ୟାସ୍ପଦ (ଖ) ପୂଜାସ୍ପଦ
(ଗ) ପୂଜ୍ୟାଷ୍ପଦ (ଘ) ପୂଜାଷ୍ପଦ

୪୩। ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭୁଲ୍ ?
(କ) ସଂକ୍ଷିପ୍ତରେ (ଖ) ଆଧିକ୍ୟ
(ଗ) କାଳିନ୍ଦୀ (ଘ) ବାହୁଲ୍ୟ

୪୪। ଶୁଦ୍ଧରୂପ କେଉଁଟି ?
(କ) ବ୍ୟାବହାରିକ (ଖ) ବ୍ୟବହାରୀକ
(ଗ) ବ୍ୟବହାରିକ (ଘ) ବ୍ୟାବହାରୀକ

୪୫। ଶୁଦ୍ଧବାକ୍ୟ ଚିହ୍ନାଅ ।
(କ) ମୂସା ଗଣେଷଙ୍କ ବାହନ ଅଟେ ।
(ଖ) ମୂଷା ଗଣେଷଙ୍କ ବାହାନ ଅଟେ ।
(ଗ) ମୂଷା ଗଣେସଙ୍କ ବାହନ ଅଟେ ।
(ଘ) ମୂଷା ଗଣେଶଙ୍କ ବାହନ ଅଟେ ।

Eduodia App



Odisha 1 to 10 All Books App

୪୬। କେଉଁଟି ଶୁଦ୍ଧରୂପ ନୁହେଁ ?
(କ) ସାହାର୍ଯ୍ୟ (ଖ) ଯାଜ୍ଞସେନୀ
(ଗ) ରବୀନ୍ଦ୍ର (ଘ) ଗ୍ରାହକ

୪୭। ଦିଗାମ୍ବର – କି ପ୍ରକାର ଅଶୁଦ୍ଧି ଚିହ୍ନାଅ ।
(କ) ଲିଙ୍ଗଗତ ଅଶୁଦ୍ଧି (ଖ) ସନ୍ଧିଗତ ଅଶୁଦ୍ଧି
(ଗ) ତଦ୍ଧିତଗତ ଅଶୁଦ୍ଧି (ଘ) ସମାସଗତ ଅଶୁଦ୍ଧି

୪୮। ଶୁଦ୍ଧ ଶବ୍ଦଟିକୁ ବାଛ ।
(କ) ଅପଦକ୍ଷ (ଖ) ଅପଦସ୍ଥ
(ଗ) ଅପଦାସ୍ଥ (ଘ) ଅପଦସ୍ତ

୪୯। ସମାସଗତ ଅଶୁଦ୍ଧ ଶବ୍ଦଟିକୁ ଚିହ୍ନାଅ ।
(କ) ନୀର୍ଜନ (ଖ) ଐକ୍ୟତା
(ଗ) ନିର୍ଦ୍ଧନୀ (ଘ) ସନ୍ୟାସ

୫୦। କେଉଁଟି ବୈଦେଶିକ ଶବ୍ଦ ନୁହେଁ ?
(କ) ସ୍କୁଲ (ଖ) ଗ୍ଲାସ୍
(ଗ) ବକ୍ସିସ୍ (ଘ) ପ୍ରଦୋଷ

## ଉତ୍ତର

୧। (ଗ) 'ଣ'ତ୍ୱ ବିଧି
୨। (ଖ) ର, ର, ଷ
୩। (କ) 'କ' ବର୍ଗ
୪। (ଘ) 'ଚ' ବ୍ୟବଧାନ ହେତୁ
୫। (ଖ) ମ୍ ଆ ର୍ ଗ୍ ଅ ନ୍ ଅ
୬। (ଗ) ଅପରାହ୍ଣ
୭। (କ) ଊ
୮। (ଗ) ଅଣାକାର
୯। (ଘ) 'ଷ' ପରେ ଥିବା 'ନ' 'ଣ' ହୁଏ
୧୦। (କ) ପ୍ରୟାଣ
୧୧। (ଗ) ଜିଗୀଷା
୧୨। (ଘ) 'ଷ'ତ୍ୱ ବିଧି
୧୩। (ଖ) ସାତ୍ ପ୍ରତ୍ୟୟ
୧୪। (କ) 'ର' ପରେ 'ସ୍' ଥିବାରୁ
୧୫। (ଖ) 'ଷ'ତ୍ୱ ବିଧି ନିୟମର ବ୍ୟତିକ୍ରମ ହେତୁ
୧୬। (କ) ଷୋଡ଼ଶ
୧୭। (ଘ) ଏହା ଏକ ବୈଦେଶିକ ଶବ୍ଦ ହୋଇଥିବାରୁ
୧୮। (ଘ) ଆବିଷ୍କାର
୧୯। (ଖ) ଔଷଧ
୨୦। (କ) ନୀରୋଗ
୨୧। (ଗ) ସୂର୍ଯ୍ୟୋପରାଗ
୨୨। (କ) ବଚନଗତ ଅଶୁଦ୍ଧି
୨୩। (ଖ) ଉପଯୋଗିତା
୨୪। (ଘ) ଭୌଗୋଳିକ
୨୫। (କ) ଅନୁସୂୟା
୨୬। (କ) ଯାତାୟାତ
୨୭। (ଗ) ଧୂମପାନ
୨୮। (ଖ) ଦାଶରଥୀ
୨୯। (ଘ) ତ୍ରିଭୁଜ
୩୦। (ଗ) ବହୁବ୍ରିହୀ
୩୧। (ଖ) ସମାସଗତ
୩୨। (କ) ସବୁ ଛାତ୍ର ପଢୁଛନ୍ତି
୩୩। (ଘ) ଲିଙ୍ଗଗତ ଅଶୁଦ୍ଧି
୩୪। (ଗ) ବିଷଣ୍ଣ
୩୫। (ଖ) କ୍ଷୁଣ୍ଣ
୩୬। (କ) ଶୁଶ୍ରୂଷା
୩୭। (ଘ) ଶାରୀରିକ
୩୮। (କ) ଶଶିଭୂଷଣ
୩୯। (ଗ) ବଚନଗତ ଅଶୁଦ୍ଧି
୪୦। (ଖ) ଷାଣ୍ମାସିକ
୪୧। (ଖ) ବିଷ୍ଣୁ
୪୨। (ଖ) ପୂଜାସ୍ପଦ
୪୩। (କ) ସଂକ୍ଷିପ୍ତରେ
୪୪। (କ) ବ୍ୟାବହାରିକ
୪୫। (ଘ) ମୂଷା ଗଣେଶଙ୍କ ବାହନ ଅଟେ ।
୪୬। (କ) ସାହାର୍ଯ୍ୟ
୪୭। (ଖ) ସନ୍ଧିଗତ ଅଶୁଦ୍ଧି
୪୮। (ଖ) ଅପଦସ୍ଥ
୪୯। (ଗ) ନିର୍ଦ୍ଧନୀ
୫୦। (ଘ) ପ୍ରଦୋଷ

Eduodia App



Odisha 1 to 10 All Books App

# ଛନ୍ଦ ଓ ଅଳଙ୍କାର

୧। ପଦ୍ୟ ବା କବିତା ରଚନାରେ ଏକ ନିର୍ଦ୍ଦିଷ୍ଟ ନିୟମ ବା ଶୈଳୀକୁ କ'ଣ କୁହାଯାଏ ?
(କ) ଛନ୍ଦ (ଖ) ଛାନ୍ଦ
(ଗ) ଅଳଙ୍କାର (ଘ) ବୃତ୍ତ

୨। ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଛନ୍ଦରେ ରଚିତ ହୋଇଥିବା ପ୍ରାଚୀନ ପଦ୍ୟ ବା କବିତାକୁ କ'ଣ କହନ୍ତି ?
(କ) ଛନ୍ଦ (ଖ) ଛାନ୍ଦ
(ଗ) ବୃତ୍ତ (ଘ) ଅଳଙ୍କାର

୩। ଛନ୍ଦ ସାଧାରଣତଃ କେତେ ପ୍ରକାରର ?
(କ) ୦୧ (ଖ) ୦୩
(ଗ) ୦୨ (ଘ) ୦୪

୪। ମିତ୍ରାକ୍ଷର ଛନ୍ଦ କେତେ ପ୍ରକାରର ?
(କ) ୦୧ (ଖ) ୦୨
(ଗ) ୦୩ (ଘ) ୦୪

୫। କବିତାର ପ୍ରତ୍ୟେକ ପଂକ୍ତିକୁ କ'ଣ କହନ୍ତି ?
(କ) ପଦ (ଖ) ପାଦ
(ଗ) ବାକ୍ୟ (ଘ) ଯତି

୬। ଛନ୍ଦର ନିୟମ ଅନୁସାରେ ରଚିତ ହୋଇଥିବା ପଦ୍ୟକୁ ଗାନ କଲାବେଳେ ଯେଉଁ ନିର୍ଦ୍ଦିଷ୍ଟ ଅକ୍ଷର ଉପରେ ବିଶ୍ରାମ ନିଆଯାଏ, ତାକୁ କ'ଣ କହନ୍ତି ?
(କ) ପଦ (ଖ) ପାଦ
(ଗ) ବୃତ୍ତ (ଘ) ଯତି ବା ଯତିପାତ

୭। ଦାଣ୍ଡିବୃତ୍ତ ବା ଛନ୍ଦର ପାଦସଂଖ୍ୟା କେତେ ?
(କ) ୦୧ (ଖ) ୦୨
(ଗ) ୦୩ (ଘ) -୪

୮। କେଉଁ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ଅନିର୍ଦ୍ଦିଷ୍ଟ ?
(କ) ଗୁଜ୍ଜରୀ (ଖ) ନଟବାଣୀ
(ଗ) ବଙ୍ଗଳାଶ୍ରୀ (ଘ) ଦାଣ୍ଡିବୃତ୍ତ ବା ଛନ୍ଦ

୯। କେଉଁ ଛନ୍ଦର ଯତିପାତ ଅନିର୍ଦ୍ଦିଷ୍ଟ ଅଟେ ?
(କ) ଦାଣ୍ଡିବୃତ୍ତ ବା ଛନ୍ଦ (ଖ) ନଟବାଣୀ
(ଗ) ଗୁଜ୍ଜରୀ (ଘ) ବଙ୍ଗଳାଶ୍ରୀ

୧୦। ସାରଳା ଦାସଙ୍କ 'ମହାଭାରତ' କେଉଁ ଛନ୍ଦରେ ରଚିତ ?
(କ) ନଟବାଣୀ (ଖ) ଗୁଜ୍ଜରୀ
(ଗ) ଦାଣ୍ଡିବୃତ୍ତ ବା ଛନ୍ଦ (ଘ) ବଙ୍ଗଳାଶ୍ରୀ

୧୧। ଜଗନ୍ନାଥ ଦାସଙ୍କ ଓଡ଼ିଆ 'ଭାଗବତ' କେଉଁ ଛନ୍ଦରେ ରଚିତ ?
(କ) ନଟବାଣୀ (ଖ) ଦାଣ୍ଡିବୃତ୍ତ ବା ଛନ୍ଦ
(ଗ) ଗୁଜ୍ଜରୀ (ଘ) ବଙ୍ଗଳାଶ୍ରୀ

୧୨। ଗୁଜ୍ଜରୀ ଛନ୍ଦର ପାଦସଂଖ୍ୟା କେତେ ?
(କ) ୦୧ (ଖ) ୦୨
(ଗ) ୦୩ (ଘ) ୦୪

୧୩। ଗୁଜ୍ଜରୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷରସଂଖ୍ୟା କେତେ ?
(କ) ୦୯ (ଖ) ୧୧
(ଗ) ୧୨ (ଘ) ୧୪

୧୪। ତୁମ ସାହିତ୍ୟ ବହିର କେଉଁ କବିତା ନଟବାଣୀ ଛନ୍ଦରେ ରଚିତ ?
(କ) ସର୍ବଂସହା ମାଟି
(ଖ) ରାଘବଙ୍କ ଲଙ୍କା ଯାତ୍ରାନୁକୂଳ
(ଗ) ଚିଲିକାରେ ସାୟନ୍ତନ ଦୃଶ୍ୟ
(ଘ) ମଙ୍ଗଳେ ଅଇଲା ଉଷା

Eduodia App

୧୫। ନଟବାଣୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?
(କ) ୧୨ (ଖ) ୦୯
(ଗ) ୨୦ (ଘ) ୧୬

୧୬। ନଟବାଣୀ ଛନ୍ଦର ପାଦସଂଖ୍ୟା କେତେ ?
(କ) ୦୪ (ଖ) ୦୨
(ଗ) ୦୬ (ଘ) ୦୮

୧୭। ଚୋଖି ଛନ୍ଦର ପାଦ ସଂଖ୍ୟା କେତେ
(କ) ୦୨ (ଖ) ୦୬
(ଗ) ୦୮ (ଘ) ୦୪

୧୮। ତୁମ ସାହିତ୍ୟ ବହିର କେଉଁ କବିତା ଚୋଖି ଛନ୍ଦରେ ରଚିତ ?
(କ) ମଙ୍ଗଳେ ଅଇଲା ଉଷା
(ଖ) ଚିଲିକାରେ ସାୟନ୍ତନ ଦୃଶ୍ୟ
(ଗ) ରାଘବଙ୍କ ଲଙ୍କା ଯାତ୍ରାନୁକୂଳ
(ଘ) ସର୍ବଂସହା ମାଟି



Odisha 1 to 10 All Books App

୧୯। ଚୋଖି ଛନ୍ଦର ୩ୟ ପାଦର ଅକ୍ଷର ସଂଖ୍ୟା କେତେ ?
(କ) ୧୩ (ଖ) ୨୯
(ଗ) ୦୯ (ଘ) ୧୪ମ

୨୦। ମଧୁସୂଦନ ରାଓଙ୍କର "ତୁହି ମା' ଜନମଭୂମି" କବିତା କେଉଁ ଛନ୍ଦରେ ରଚିତ ?
(କ) ଦାଣ୍ଡି (ଖ) ଚୋଖି
(ଗ) ବଙ୍ଗଳାଶ୍ରୀ (ଘ) ଗୁଜ୍ଜରୀ

୨୧। ବଙ୍ଗଳାଶ୍ରୀ ଛନ୍ଦର ପାଦସଂଖ୍ୟା କେତେ ?
(କ) ୦୪ (ଖ) ୦୬
(ଗ) ୦୮ (ଘ) ୦୨

୨୨। ବଙ୍ଗଳାଶ୍ରୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?
(କ) ୨୦ (ଖ) ୧୬
(ଗ) ୦୯ (ଘ) ୧୨

୨୩। ଶଙ୍କରାଭରଣ ଛନ୍ଦର ପାଦସଂଖ୍ୟା କେତେ ?
(କ) ୦୨ (ଖ) ୦୪
(ଗ) ୦୬ (ଘ) ୦୮

୨୪। ମଧୁସୂଦନ ରାଓଙ୍କର "ହେ ଆନନ୍ଦମୟ କୋଟି ଭୁବନ ପାଳକ" କବିତା କେଉଁ ଛନ୍ଦରେ ରଚିତ ?
(କ) ଗୁଜ୍ଜରୀ (ଖ) ଦାଣ୍ଡି
(ଗ) ବଙ୍ଗଳାଶ୍ରୀ (ଘ) ଶଙ୍କରାଭରଣ

୨୫। ରାମକେରୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?
(କ) ୧୬ (ଖ) ୧୨
(ଗ) ୦୯ (ଘ) ୨୦

୨୬। ସାହିତ୍ୟକୁ ସରସ, ସୁନ୍ଦର ଓ ରମଣୀୟ କରିବାପାଇଁ ଯେଉଁ ସୌନ୍ଦର୍ଯ୍ୟବୋଧକ ଉପାଦାନର ଆବଶ୍ୟକ ହୁଏ, ତାକୁ କ'ଣ କହନ୍ତି ?
(କ) ଛନ୍ଦ (ଖ) ଛାନ୍ଦ
(ଗ) ଅଳଙ୍କାର (ଘ) ବୃତ୍ତ

୨୭। ଅଳଙ୍କାର ମୁଖ୍ୟତଃ କେତେ ପ୍ରକାରର ?
(କ) ୦୧ (ଖ) ୦୨
(ଗ) ୦୩ (ଘ) ୦୪

୨୮। ଯାହାଦ୍ୱାରା ଶବ୍ଦ ସରସ, ସୁନ୍ଦର ଓ ଶ୍ରୁତିମଧୁର ହୁଏ, ତାକୁ କ'ଣ କୁହାଯାଏ ?
(କ) ଶବ୍ଦାଳଙ୍କାର (ଖ) ଅର୍ଥାଳଙ୍କାର
(ଗ) ଅଳଙ୍କାର (ଘ) ଛନ୍ଦ

୨୯। କେଉଁ ଅଳଙ୍କାରରେ ପଦମଧ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନ ବର୍ଣ୍ଣର ବାରମ୍ବାର ଆବୃତ୍ତି ହୁଏ ?
(କ) ଯମକ (ଖ) ରୂପକ
(ଗ) ଶ୍ଳେଷ (ଘ) ଅନୁପ୍ରାସ

୩୦। "ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ-ନୀଳାମ୍ବୁ-ଚିଲିକା ।" ଏହା କେଉଁ ଅଳଙ୍କାର ?
(କ) ଯମକ (ଖ) ରୂପକ
(ଗ) ଅନୁପ୍ରାସ (ଘ) ଶ୍ଳେଷ

୩୧। ଭିନ୍ନାର୍ଥବୋଧକ ଏକପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ କେଉଁ ଅଳଙ୍କାର କୁହାଯାଏ ?
(କ) ରୂପକ (ଖ) ଯମକ
(ଗ) ଶ୍ଳେଷ (ଘ) ଅନୁପ୍ରାସ

୩୨। ପ୍ରଧାନତଃ ଯମକ ଅଳଙ୍କାର କେତେ ପ୍ରକାରର ?
(କ) ୦୫ (ଖ) ୦୪
(ଗ) ୦୨ (ଘ) ୦୩

୩୩। ଯେଉଁଠାରେ ଗୋଟିଏ ଶବ୍ଦ ଦୁଇ ବା ତହିଁରୁ ଅଧିକ ଭିନ୍ନାର୍ଥ ପ୍ରକାଶ କରେ, ତାକୁ କେଉଁ ଅଳଙ୍କାର କହନ୍ତି ?
(କ) ଯମକ (ଖ) ରୂପକ
(ଗ) ଅନୁପ୍ରାସ (ଘ) ଶ୍ଳେଷ

୩୪। ଯେଉଁ ଶବ୍ଦ ଏକାଧିକ ଅର୍ଥ ପ୍ରକାଶ କରେ, ତାକୁ କ'ଣ କହନ୍ତି ?
(କ) ଯୌଗିକ ପଦ (ଖ) ଉପମାବାଚକ ଶବ୍ଦ
(ଗ) ଶ୍ଳିଷ୍ଟ ପଦ (ଘ) ସଂଯୋଜକ ପଦ

୩୫। ଶ୍ଳେଷ ଅଳଙ୍କାର କେତେ ପ୍ରକାର ?
(କ) ୦୨ (ଖ) ୦୩
(ଗ) ୦୪ (ଘ) ୦୫

୩୬। ଯେଉଁଠାରେ ଉପମାନ, ଉପମେୟ ମଧ୍ୟରେ ସାଦୃଶ୍ୟ କଥନ ହୁଏ, ତାକୁ କେଉଁ ଅଳଙ୍କାର କହନ୍ତି ?
(କ) ଉପମା (ଖ) ଯମକ
(ଗ) ରୂପକ (ଘ) ଶ୍ଳେଷ

୩୭। ଯାହାକୁ ତୁଳନା କରାଯାଏ, ତାକୁ କ'ଣ କହନ୍ତି ?
(କ) ଉପମାନ (ଖ) ଉପମାବାଚକ ଶବ୍ଦ
(ଗ) ଶ୍ଳିଷ୍ଟ ପଦ (ଘ) ଉପମେୟ

୩୮। ଯାହା ସହିତ ତୁଳନା କରାଯାଏ, ତାକୁ କ'ଣ କହନ୍ତି ?
(କ) ଉପମେୟ (ଖ) ଉପମାନ
(ଗ) ଶ୍ଳିଷ୍ଟ ପଦ (ଘ) ସଂଯୋଜକ ପଦ

Eduodia App



Odisha 1 to 10 All Books App

୩୯। "ଖଣ୍ଡ ଖଣ୍ଡ ଧଳାମେଘ ସୁନୀଳ ଅମ୍ବରେ,
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ।"
– ଏହା କେଉଁ ଅଳଙ୍କାର ?
(କ) ଯମକ (ଖ) ରୂପକ
(ଗ) ଉପମା (ଘ) ଶ୍ଳେଷ

୪୦। ପରି, ଯେହ୍ନେ, ଯଥା, ପ୍ରଭୃତି ଶବ୍ଦକୁ କେଉଁ ଶବ୍ଦ କହନ୍ତି ?
(କ) ଉପମାବାଚକ ଶବ୍ଦ
(ଖ) ରୂଢ଼ ଶବ୍ଦ
(ଗ) ଉତ୍ପ୍ରେକ୍ଷାବାଚକ ଶବ୍ଦ
(ଘ) ଯୋଗରୂଢ଼ ଶବ୍ଦ

୪୧। ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ତର୍କଣା ବା ସମ୍ଭାବନା ହେଲେ, କେଉଁ ଅଳଙ୍କାର ହୁଏ ?
(କ) ଶ୍ଳେଷ (ଖ) ରୂପକ
(ଗ) ଉପମା (ଘ) ଉତ୍ପ୍ରେକ୍ଷା

୪୨। କି, ସିନା, ସତେ, ଅବା, କିବା ପ୍ରଭୃତି କି ଶବ୍ଦ ଅଟନ୍ତି ?
(କ) ରୂଢ଼ ଶବ୍ଦ
(ଖ) ଉପମାବାଚକ ଶବ୍ଦ
(ଗ) ଉତ୍ପ୍ରେକ୍ଷାବାଚକ ଶବ୍ଦ
(ଘ) ଯୋଗରୂଢ଼ ଶବ୍ଦ

୪୩। କେଉଁ ଅଳଙ୍କାରରେ ଉପମେୟର ଉପମାନରେ ତର୍କଣା ବା ସମ୍ଭାବନା କରାଯାଏ ?
(କ) ଉତ୍ପ୍ରେକ୍ଷା (ଖ) ଉପମା
(ଗ) ଯମକ (ଘ) ରୂପକ

୪୪। "ଶ୍ୱେତାଙ୍ଗ ଚଢ଼େଇ ଗୁହା ସମୁଦ୍‌ଗତ,
ନୀରଭେଦି କିବା, ଉଠେ ଐରାବତ।" ଏହା କେଉଁ ଅଳଙ୍କାର ?
(କ) ଉପମା (ଖ) ଉତ୍ପ୍ରେକ୍ଷା
(ଗ) ଯମକ (ଘ) ରୂପକ

୪୫। ଉପମାନ, ଉପମେୟରେ ଅଭେଦ ପରିକଳ୍ପିତ ହେଲେ, କେଉଁ ଅଳଙ୍କାର ହୁଏ ?
(କ) ଉପମା (ଖ) ଉତ୍ପ୍ରେକ୍ଷା
(ଗ) ଯମକ (ଘ) ରୂପକ

୪୬। କେଉଁ ଅଳଙ୍କାରରେ ଉପମେୟରେ ଉପମାନର ଆରୋପ କରାଯାଏ ?
(କ) ଉପମା (ଖ) ଯମକ
(ଗ) ରୂପକ (ଘ) ଉତ୍ପ୍ରେକ୍ଷା

୪୭। ଉପମା ଅଳଙ୍କାରରେ ଉପମାନ ଉପମେୟ ମଧ୍ୟରେ ସାଦୃଶ୍ୟ ବର୍ଣ୍ଣନା କରାଯାଉଥିବା ବେଳେ ରୂପକ ଅଳଙ୍କାରରେ କ'ଣ କରାଯାଏ ?
(କ) ଅଭେଦ (ଖ) ତର୍କଣା
(ଗ) ସାଦୃଶ୍ୟ (ଘ) ସମ୍ଭାବନା

୪୮। "କଳୁଷ ପଙ୍କେ ମୁହିଁ କେଡ଼େ ମଳିନ,
କେମନ୍ତେ ସରି ହେବି ତୋର ନଳିନ।" –ଏହା କେଉଁ ଅଳଙ୍କାର ?
(କ) ଯମକ (ଖ) ରୂପକ
(ଗ) ଉପମା (ଘ) ଉପମେୟ

୪୯। "ପ୍ରଚେତା, ପ୍ରବାଳ ପ୍ରାସାଦର ରୁଚି,
ନୀଳ ନୀରୁ ଅବା ଫୁଟି ବାହାରୁଛି।"
–ଏଠାରେ 'ଅବା' କି ପ୍ରକାର ଶବ୍ଦ ?
(କ) ଉପମାବାଚକ ଶବ୍ଦ
(ଖ) ସାଦୃଶ୍ୟବାଚକ ଶବ୍ଦ
(ଗ) ଉତ୍ପ୍ରେକ୍ଷାବାଚକ ଶବ୍ଦ
(ଘ) ଯୌଗିକ ଶବ୍ଦ

୫୦। ଦେଖରେ ନଳିନି ! ନଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ।
– ଏହା କେଉଁ ଅଳଙ୍କାର ?
(କ) ଶ୍ଳେଷ (ଖ) ଯମକ
(ଗ) ଅନୁପ୍ରାସ (ଘ) ରୂପକ

## ଉତ୍ତର

୧। (କ) ଛନ୍ଦ
୨। (ଖ) ଛାନ୍ଦ
୩। (ଗ) ୦୨
୪। (ଗ) ୦୩
୫। (ଖ) ପାଦ
୬। (ଘ) ଯତି ବା ଯତିପାତ
୭। (ଖ) ୦୨
୮। (ଘ) ଦାଣ୍ଡିବୃତ୍ତ ବା ଛନ୍ଦ
୯। (କ) ଦାଣ୍ଡିବୃତ୍ତ
୧୦। (ଗ) ଦାଣ୍ଡିବୃତ୍ତ
୧୧। (ଗ) ଗୁଜ୍ଜରୀ



Odisha 1 to 10 All Books App

୧୨। (ଖ) ୦୨
୧୩। (କ) ୦୯
୧୪। (ଗ) ଚିଲିକାରେ ସାୟନ୍ତନ ଦୃଶ୍ୟ
୧୫। (କ) ୧୨
୧୬। (ଖ) ୦୨
୧୭। (ଘ) ୦୪
୧୮। (କ) ମଙ୍ଗଳେ ଅଇଲା ଉଷା
୧୯। (ଗ) ୦୯
୨୦। (ଖ) ଚୋଖି
୨୧। (ଘ) ୦୨
୨୨। (କ) ୨୦
୨୩। (ଖ) ୦୪
୨୪। (ଘ) ଶଙ୍କରାଭରଣ
୨୫। (କ) ୧୬
୨୬। (ଗ) ଅଳଙ୍କାର
୨୭। (ଖ) ୦୨
୨୮। (କ) ଶବ୍ଦାଳଙ୍କାର
୨୯। (ଘ) ଅନୁପ୍ରାସ
୩୦। (ଗ) ଅନୁପ୍ରାସ
୩୧। (ଖ) ଯମକ
୩୨। (କ) ୦୫
୩୩। (ଘ) ଶ୍ଳେଷ
୩୪। (ଗ) ଶ୍ଳିଷ୍ଟପଦ
୩୫। (ଖ) ୦୩
୩୬। (କ) ଉପମା
୩୭। (ଘ) ଉପମେୟ
୩୮। (ଖ) ଉପମାନ
୩୯। (ଗ) ଉପମା
୪୦। (କ) ଉପମାବାଚକ ଶବ୍ଦ
୪୧। (ଘ) ଉତ୍ପ୍ରେକ୍ଷା
୪୨। (ଗ) ଉତ୍ପ୍ରେକ୍ଷାବାଚକ ଶବ୍ଦ
୪୩। (କ) ଉତ୍ପ୍ରେକ୍ଷା
୪୪। (ଖ) ଉତ୍ପ୍ରେକ୍ଷା
୪୫। (ଘ) ରୂପକ
୪୬। (ଗ) ରୂପକ
୪୭। (କ) ଅଭେଦ
୪୮। (ଖ) ରୂପକ
୪୯। (ଗ) ଉତ୍ପ୍ରେକ୍ଷାବାଚକ ଶବ୍ଦ
୫୦। (ଖ) ଯମକ

Eduodia App

●



Odisha 1 to 10 All Books App

## ପ୍ରବନ୍ଧ ବିଭାଗ

### ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ

**[ ଉପକ୍ରମ – ପରିବେଶ କାହାକୁ ନେଇ ଗଠିତ – ଏହା ପ୍ରଦୂଷଣ ହେବାର କାରଣ – ନିରାକରଣର ଉପାୟ – ସରକାରୀ ପ୍ରଚେଷ୍ଟା – ସଚେତନତା – ଉପସଂହାର ]**

**ଉପକ୍ରମ :** ଆଜିର ସଭ୍ୟତା ଓ ସଭ୍ୟମାନବ ଯନ୍ତ୍ର ପଛରେ ଧାଇଁ ଧାଇଁ ଶୁଣୁଛି ଯନ୍ତ୍ର ସଭ୍ୟତାର ନୂତନ ମନ୍ତ୍ର । ସେହି ମନ୍ତ୍ରର କୁହୁକ ଶକ୍ତିରେ ମଣିଷ ଆତ୍ମହରା । କୃଷି ଭିତ୍ତିକ ସଭ୍ୟତାର ଧ୍ୱଂସସ୍ତୂପ ଉପରେ ଠିଆ କରିଛି ଧ୍ୱଂସକାରୀ ଯନ୍ତ୍ର ଦାନବକୁ । ପ୍ରକୃତିର ଉନ୍ମୁକ୍ତ ଅଙ୍ଗନରେ ମୁକ୍ତ ଭାବରେ ବିଚରଣ କରୁଥିବା ମାନବ ଆଜି ନଗର ଜୀବନର ସୁବର୍ଣ୍ଣ ମୃଗ ପଛରେ ଧାଇଁ ହୋଇଛି କ୍ଷତାକ୍ତ । ଶିଳ୍ପ ବିପ୍ଳବ ସୃଷ୍ଟିକରି ଯନ୍ତ୍ର ସଭ୍ୟତାର ଆରମ୍ଭ କରିବା ପରଠାରୁ ଆତ୍ମତୃପ୍ତିରେ ବିଜ୍ଞାନର ଜୟଗାନ କରୁଛି । ବୃଦ୍ଧି ପାଇଛି ଜନସଂଖ୍ୟା । ଅଭାବ ହୋଇଛି ଖାଦ୍ୟଶସ୍ୟ, ବସ୍ତ୍ର, ବାସଗୃହ । ବିଜ୍ଞାନର ଅମୋଘ ଶକ୍ତି ବ୍ୟବହାର କରି ଅବରୁଦ୍ଧ କରିଛି ପ୍ରକୃତିର ମୁକ୍ତ ଗତିପଥକୁ । ରୋଷ କଷାୟିତ ନୟନରେ ପ୍ରକୃତି ହୋଇଉଠିଛି ରୁଷ୍ଟ । କରିଛି ବିକ୍ଷୋଭ, ଧରିତ୍ରୀ ହୋଇଛି ସନ୍ତୁଳିତ । ବଂଚି ରହିବାର ଆବେଷ୍ଟନୀରେ କୁଢ଼ାଇ ହୋଇଗଲା ଆବିଳତା, ପରିବେଶ ପାଲଟିଗଲା ପ୍ରଦୂଷିତ । ଭରିଗଲା ବିଷ, ଜଳ, ସ୍ଥଳ, ବାୟୁ, ଆକାଶରେ । ଅଜ୍ଞତା, ଦାୟିତ୍ୱହୀନତା, ବିଳାସୀ ଜୀବନର ମୋହ ମାନବଠାରୁ ହରଣ କରିନେଲା ତା'ର ଆୟୁଷ ଓ ଆରୋଗ୍ୟକୁ ।

**ପରିବେଶ କାହାକୁ ନେଇ ଗଠିତ :**

ମନୁଷ୍ୟର ଜୀବନଲାଭ ଅନେକାଂଶରେ ତା'ର ଚତୁଃପାର୍ଶ୍ୱର ସମୃଦ୍ଧି ଉପରେ ନିର୍ଭରଶୀଳ । ଏହି ଚତୁଃପାର୍ଶ୍ୱ ହିଁ ତା'ର ପରିବେଶ, ଯାହା ମନୁଷ୍ୟର ପ୍ରଲମ୍ବିତ ଜୀବନର ଆଧାର । ସ୍ଥୂଳତଃ ମନୁଷ୍ୟକୁ ଚତୁଃପାର୍ଶ୍ୱରୁ ଘେରି ରହି ତା'ର ଜୀବନ ତଥା କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଉଥିବା ପରିବୃତ୍ତିକୁ ହିଁ ପରିବେଶ କୁହାଯାଏ ।

**ପ୍ରଦୂଷଣର କାରଣ :**

ଦୈନିକ ଜୀବନ ପ୍ରବାହ, ଆଚାର, ବ୍ୟବହାର ଦ୍ୱାରା ସାମାଜିକ ସ୍ଥିତି ଉପରେ ପ୍ରଭାବକୁ ପର୍ଯ୍ୟାବରଣ ବା ପରିବେଶ ରୂପେ ଚିହ୍ନିତ କରାଯାଇପାରେ । ମାତ୍ର ସେ କାଳ ପଖାଳ ଆଉ ନାହିଁ । ବିଶ୍ୱର ବାୟୁରାଶି ଆଉ ବିମଳ ଜଳରାଶିରେ ମିଶିଲେଣି କେତେ ଭୀଷଣ ଭୂତାଣୁ । ପରିଣାମ ହୋଇଛି ଭୟଙ୍କର । ଶିଳ୍ପ ପ୍ରସାର ପରିବେଶକୁ ଦୂଷିତ କରୁଛି । କଳ କାରଖାନାରୁ ନିର୍ଗତ ବିଷାକ୍ତ ବାଷ୍ପ, ଧୂମ କୁଣ୍ଡଳୀ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି କରୁଛି । ଅମ୍ଳଜାନ ହ୍ରାସ ପାଉଛି । ଶିଳ୍ପ କାରଖାନାର ଅଦରକାରୀ ଦ୍ରବ୍ୟ ଜଳରେ ମିଶୁଛି, ଫଳରେ ତମ୍ବା, ଆର୍ସେନିକ୍ ଇତ୍ୟାଦିର ଧାତବ ଅଂଶ ଜଳରେ ମିଶ୍ରିତ ହୋଇ ଏହାର ଜୈବିକ ଅଂଶ ବିଘଟନ ସୃଷ୍ଟି କରୁଛି, ଯାହାକି ଜଳର ମୁଖ୍ୟ ଅଂଶ, ଅମ୍ଳଜାନକୁ ନଷ୍ଟ କରୁଛି । ସେଥିପାଇଁ ଜଳ ବ୍ୟବହାରଜନିତ ରୋଗକୁ ଆମନ୍ତ୍ରଣ କରାଯାଉଛି ।

ପ୍ରଗତିଶୀଳ ସଭ୍ୟତାର ଗତିଭଙ୍ଗୀକୁ ତ୍ୱରାନ୍ୱିତ କରିବାପାଇଁ ପରିବହନ ବ୍ୟବସ୍ଥାକୁ ଦୃଢ଼ କରାଯାଇଛି । ଗାଡ଼ି, ମଟର ସଂଖ୍ୟା ବୃଦ୍ଧି ପାଇଛି । ଇଂଜିନ୍‌ରୁ ନିର୍ଗତ ଧୂମଧାର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭରିଦେଉଛି । ଯାନବାହନ ଚଳାଚଳ ହେତୁ ବାୟୁମଣ୍ଡଳରେ ପ୍ରାୟ ଦୁଇହଜାର ଟନ୍ ଅଙ୍ଗାରକାମ୍ଳ ବାଷ୍ପ ମିଶ୍ରିତ ହେଉଛି ବୋଲି ବିଜ୍ଞାନୀମାନଙ୍କ ମତ । ଏହାଦ୍ୱାରା ଜଳ, ବାୟୁ ଉଭୟ ପ୍ରଦୂଷିତ ହେଉଛି ।

ଆମ ସମାଜରେ ଅନେକ ପର୍ବପର୍ବାଣି ପାଳନ କରାଯାଏ । ଏହି ପର୍ବପର୍ବାଣି ସମୟରେ ମାତ୍ରାଧିକ ସାଜସଜ୍ଜା, ବାଣ, ରୋଷଣୀ, ପରିବେଶକୁ ପ୍ରଦୂଷିତ କରେ । ପୂଜାରେ ବ୍ୟବହୃତ ଫୁଲ, ପତ୍ର, ନଦୀ ପୋଖରୀ ଜଳରେ ପକାଇ ଦିଆଯାଉଛି । ଯାହାକି ଜଳ ପ୍ରଦୂଷଣ କରୁଛି । ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଉଛି । ପର୍ବପର୍ବାଣୀ ପରେ ଆମେ ଆମ ପରିବେଶର ପରିଷ୍କାର ପରିଚ୍ଛନ୍ନ ପ୍ରତି ଦୃଷ୍ଟି ଦେଉନାହେଁ । ଫଳରେ ବିଭିନ୍ନ ରୋଗ ବ୍ୟାଧିର ଶିକାର ହେଉଛେ ।

ମାତ୍ରାଧିକ ଅରଣ୍ୟ କଟାଯାଇ ଶିଳ୍ପକାରଖାନା ଗଢ଼ାଯାଉଛି । ଗୃହ ନିର୍ମାଣ କରାଯାଉଛି । ଅରଣ୍ୟ କ୍ଷୟ ହେବାରୁ ଅଙ୍ଗାରକାମ୍ଳ ବୃଦ୍ଧି ପାଉଛି । ବୃଷ୍ଟିପାତ ହ୍ରାସ ପାଉଛି । ଗ୍ରୀଷ୍ମତାପ ବୃଦ୍ଧି ଘଟି ଅଂଶୁଘାତ ଭଳି ଦୁର୍ବିପାକ ଦେଖାଯାଉଛି ।

ଗାଁଗହଳିରେ ଘରର ଆବର୍ଜନା, ଗୋରୁଗୁହାଳର ମଳମୂତ୍ର, ପୋଖରୀ ହୁଡ଼ାରେ ମଳତ୍ୟାଗ, ପୋଖରୀରେ ଗାଈଗୋରୁ ଧୋଇବା ସହିତ ଲୁଗା ସଫା ଇତ୍ୟାଦି ହେବାଦ୍ୱାରା ଜଳ ପ୍ରଦୂଷିତ ହେଉଛି । ସେହି ଜଳକୁ ପୁନଶ୍ଚ ବ୍ୟବହାର କରି ବିଭିନ୍ନ ରୋଗବ୍ୟାଧିର ଶିକାର ହେଉଛି ମଣିଷ ।

**ନିରାକରଣର ଉପାୟ :**

ପରିବେଶର ଅସନ୍ତୁଳନଜନିତ ମହାବ୍ୟାଧିରୁ ମାନବ ସମାଜକୁ ରକ୍ଷା କରିବା ହିଁ ସମସ୍ତଙ୍କର କର୍ତ୍ତବ୍ୟ । ସେଥିପାଇଁ ନୂତନ ଜଙ୍ଗଲ ସୃଷ୍ଟି



Odisha 1 to 10 All Books App

କରିବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଜଙ୍ଗଲ କ୍ଷୟ ରୋକିବା, କଳକାରଖାନା ତଥା ଗାଡ଼ିମଟରକୁ ନିଷ୍କାସିତ ଦୂଷିତ ଜଳ ଓ ଧୂମକୁଣ୍ଡଳୀ ଉପଯୁକ୍ତ ମାର୍ଗରେ ନିର୍ଗମନ ପ୍ରତ୍ୟେକଙ୍କର ଏକାନ୍ତ ଦାୟିତ୍ୱ ।

**ସରକାରୀ ପ୍ରଚେଷ୍ଟା :**

ବର୍ତ୍ତମାନର ସରକାର ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ହାତକୁ ନେଇଛନ୍ତି । ପତ୍ରପତ୍ରିକା ଓ ଦୂରଦର୍ଶନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଉଛି । ବିଭିନ୍ନ ବନୀକରଣ ମାଧ୍ୟମରେ ସବୁଜ ବଳୟ ସୃଷ୍ଟି କରାଯାଉଛି । ଯଥା:- ପଥପ୍ରାନ୍ତ ବନୀକରଣ, ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ବନୀକରଣ, ବନ ମହୋତ୍ସବ କାର୍ଯ୍ୟକ୍ରମ ଇତ୍ୟାଦି । ଏହାଛଡ଼ା ଶିକ୍ଷା ଅନୁଷ୍ଠାନମାନଙ୍କରେ ଏହି ସମ୍ବନ୍ଧୀୟ ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତାମାନ କରି ପିଲାମାନଙ୍କ ମନରେ ପରିବେଶ ସୁରକ୍ଷା ଦିଗରେ ସଚେତନତା ବୃଦ୍ଧି କରାଯାଉଛି ।

**ଜନସଚେତନତା :**

ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିବାପାଇଁ ସବୁରି ଭିତରେ ସତର୍କତା ଓ ସଚେତନତା ସୃଷ୍ଟି ହେବା ଆବଶ୍ୟକ । ଜନମାନସକୁ ଏଥିପାଇଁ ସତର୍କ ଓ ପ୍ରଭାବିତ କରିବା ଆବଶ୍ୟକ । ସରକାରୀ ଓ ବେସରକାରୀ ସ୍ତରରେ ପ୍ରଚେଷ୍ଟା ବାଞ୍ଛନୀୟ । ରେଡ଼ିଓ, ଦୂରଦର୍ଶନ, ଖବରକାଗଜ ଇତ୍ୟାଦି ଗଣମାଧ୍ୟମଗୁଡ଼ିକରେ ଯଥେଷ୍ଟ ସଚେତନତା ସୃଷ୍ଟି କରାଯିବା ଦରକାର । ସ୍ଥଳ ବିଶେଷରେ ସଭାସମିତି ମାଧ୍ୟମରେ ଜନସଚେତନତା ଜାଗ୍ରତ ହେବା ମଧ୍ୟ ବିଧେୟ । ଗ୍ରାମାଞ୍ଚଳରେ ସୁସ୍ଥ ପରିବେଶର ଉପାଦେୟତା ଉପରେ ସଚେତନତା ବାର୍ତ୍ତା ପ୍ରେରଣ କରିବା ଜରୁରୀ ।

**ଉପସଂହାର :**

ବିଶୁଦ୍ଧ ପରିବେଶ ଭିତରେ ସୁସ୍ଥ ଜୀବନଯାପନ କରିବା ସମସ୍ତଙ୍କର କାର୍ଯ୍ୟ । ତେଣୁ ପ୍ରକୃତି କୋଳରେ ବଢ଼ିଥିବା ମାନବ ମାତୃରୂପା ପ୍ରକୃତିକୁ ବିକଳାଙ୍ଗ ନ କରି ତାହାର ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ । ବାୟୁ, ମଣିଷର ପ୍ରାଣ ପବନ, ଜଳ-ଶୋଣିତବିନ୍ଦୁ, ଫଳ, ଶସ୍ୟ ମାନବର ପୃଷ୍ଟିସାଧନରେ ବ୍ରତୀ । ପ୍ରକୃତିର ଛବିଳରୂପ ମାନବକୁ କରେ ବିମୁଗ୍ଧ । ତେଣୁ ମାତୃରୂପା ପ୍ରକୃତିକୁ ବିକଳାଙ୍ଗ ନୁହେଁ ବରଂ ଏହାର ଉପାସନାରେ ସାଧିତ ହେବ ମାନବର କଲ୍ୟାଣ । ତେଣୁ ଭୌତିକ ବିଜ୍ଞାନର ଯାନ୍ତ୍ରିକ ମାୟାରେ ପ୍ରଲୁବ୍ଧ ନ ହୋଇ ମାନବ ଆଜି ପ୍ରକୃତିକୁ ଉପାସନା କରୁ, ପରିବେଶକୁ ସୁରକ୍ଷିତ ରଖୁ, ଆପେ ବଞ୍ଚୁ, ଅନ୍ୟମାନେ ମଧ୍ୟ ବଞ୍ଚିବେ । ସ୍ମରଣ ରଖିବା ଉଚିତ–

"ଆମ ପରିବେଶ – ଆମ ଜୀବନ ।"

## ବିଜ୍ଞାନର ଉପକାରିତା

**[ ଉପକ୍ରମ – ବିଜ୍ଞାନର ଅତୀତ – ଦୈନନ୍ଦିନ ଜୀବନରେ ବିଜ୍ଞାନ – ମାନବ ସମାଜକୁ ବିଜ୍ଞାନର ଅବଦାନ – ଭବିଷ୍ୟତର ସମ୍ଭାବନା – ଉପସଂହାର ]**

**ଉପକ୍ରମ :** ଆଦିମରୁ ଆଧୁନିକ ଏକ ସୁଦୀର୍ଘ ଯାତ୍ରାପଥ – ଏ ଯାତ୍ରା ବିଜ୍ଞାନର ଜୟଯାତ୍ରା । ଆଦିମ ମାନବର କଳ୍ପନାଗୁଡ଼ିକୁ ବାସ୍ତବତାରେ ପରିଣତ କରିପାରିଛି ବିଜ୍ଞାନ । ପୁରାଣ ବିଶ୍ୱାସୀ ଜନସାଧାରଣଙ୍କ ମନରେ ବିଜ୍ଞାନ ସ୍ଥାପନ କରିପାରିଛି ଦୃଢ଼ ଆସନ । ଯାବତୀୟ ସୁଖ-ଶାନ୍ତି-ସୌଭାଗ୍ୟର ପଥ ଉନ୍ମୋଚନ କରିପାରିଛି । ବିଜ୍ଞାନର ବିଜୟବାର୍ତ୍ତା ବିଶ୍ୱସାରା ହେଉଛି ପ୍ରଚାରିତ ।

**ବିଜ୍ଞାନର ଅତୀତ :**

ଏ ଜଗତ ସୃଷ୍ଟିର ରହସ୍ୟକୁ ଦେଖିବାକୁ ଗଲେ ଯେଉଁ ବିଶ୍ୱନିୟନ୍ତା ତାହା ସୃଷ୍ଟି କରନ୍ତୁ ପଛେ, ସେ ଯେ ପ୍ରଥମ ବୈଜ୍ଞାନିକ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ପୁରାଣର କଥାବସ୍ତୁ ଆଧାରରେ ଭଗବାନଙ୍କ ଦଶାବତାର କ୍ରମବିବର୍ତ୍ତମାନର ପ୍ରକୃଷ୍ଟ ଉଦାହରଣ । ପ୍ରାଚୀନ କାଳର ଧ୍ୟାନମଗ୍ନରେ ଅନ୍ୟର ଅବସ୍ଥା ଓ ସମୟକୁ ଦେଖିପାରୁଥିବା ଋଷିମାନଙ୍କର ଜ୍ଞାନକୁ ବିଜ୍ଞାନ ଭିନ୍ନ ଅନ୍ୟ କ'ଣ ବା କୁହାଯିବ ? ରାମାୟଣ ବର୍ଣ୍ଣିତ ପୁଷ୍ପକ ବିମାନ, ମୃତ ସଞ୍ଜୀବନୀର ବ୍ୟବହାର, ବ୍ରହ୍ମାସ୍ତ୍ର, ପାଶୁପତ ଅସ୍ତ୍ର ତଥା ସୁଦର୍ଶନ ଚକ୍ରାଦି ଆଧୁନିକ ବିଜ୍ଞାନକୁ ପଛରେ ଛାଡ଼ିପାରିବ । ଗଣେଶ ତଥା ଦକ୍ଷଙ୍କ ସ୍କନ୍ଧରେ ମସ୍ତକର ସ୍ଥାପନ ଅଙ୍ଗପ୍ରତିରୋପଣର ଉଦାହରଣ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ବିଜ୍ଞାନ ଐତିହ୍ୟ ସମୃଦ୍ଧ । କିନ୍ତୁ ପୁରାଣ ବର୍ଣ୍ଣିତ ଏ କଥାବସ୍ତୁକୁ ବାଦ୍ ଦେଇ ଇତିହାସରୁ ଆମେ ବିଜ୍ଞାନର କ୍ରମବିକାଶ ଦେଖିପାରିବା । ପ୍ରସ୍ତରଯୁଗ ନିଆଁର ବ୍ୟବହାର – ଚକ୍ରର ବ୍ୟବହାର – ତାମ୍ର ଲୌହ ଯୁଗାଦି ଏପରି ବହୁ ଉଦାହରଣ ଆମେ ପାଇବା । ଏସବୁକୁ ପଛରେ ପକାଇ ଆମେ ଏବେ ବିଜ୍ଞାନର ଅତ୍ୟାଧୁନିକ ଯୁଗରେ ପାଦ ଥାପିଲେଣି ।

**ଦୈନନ୍ଦିନ ଜୀବନରେ ବିଜ୍ଞାନ :**

ଅତି କ୍ଷୁଦ୍ରକାୟ ପିନ୍‌ଟିଏ ଠାରୁ ଆରମ୍ଭ କରି ଉଡ଼ାଜାହାଜ ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷ ଆମକୁ ମିଳିଛି ବିଜ୍ଞାନଦ୍ୱାରା । ଦୈନନ୍ଦିନ ଜୀବନରେ ଖାଦ୍ୟ-ପାନୀୟ, ବସ୍ତ୍ର-ବାସଗୃହ ଏସବୁ ଦୈନିକ ସମସ୍ୟାର ସମାଧାନରେ ବିଜ୍ଞାନ ଆଜ୍ଞାବହ । ହିଟର, ଫ୍ରିଜ୍, ୱାସିଂମେସିନ୍ ଆଦି ମନୁଷ୍ୟର କାର୍ଯ୍ୟକୁ ସହଜ କରିଛି । ବିଦ୍ୟୁତ୍ ମନୁଷ୍ୟପାଇଁ ହୋଇଯାଇଛି ଅପରିହାର୍ଯ୍ୟ । ଗମନାଗମନର ସୁବିଧା ଦୃଷ୍ଟିରୁ ପୃଥିବୀକୁ କ୍ଷୁଦ୍ରପ୍ରାୟ କରିଦେଇଛି । ଏପରି ଦୈନନ୍ଦିନ ଜୀବନର ବ୍ୟବହାର୍ଯ୍ୟ ଅନେକ ଦ୍ରବ୍ୟ ବିଜ୍ଞାନର ଆଶୀର୍ବାଦରେ ମନୁଷ୍ୟ ପାଖରେ ଉପଲବ୍ଧ ।



Odisha 1 to 10 All Books App

**ମାନବ ସମାଜକୁ ବିଜ୍ଞାନର ଅବଦାନ :**

ପ୍ରାକୃତିକ ପରିବେଶ ବ୍ୟତିରେକ ପୃଥିବୀରେ ଦେଖାଯାଉଥିବା ପ୍ରତ୍ୟେକ ପଦାର୍ଥ/ବସ୍ତୁ ବିଜ୍ଞାନର ଅବଦାନ । ବିଦ୍ୟୁତ୍‌ଶକ୍ତିରୁ ମହାକାଶ ପର୍ଯ୍ୟନ୍ତ ବିଜ୍ଞାନ ମାନବ ସମାଜକୁ ଦେଇଚାଲିଛି ଗୋଟିଏ ପରେ ଗୋଟିଏ ଉପହାର । ଚିକିତ୍ସା ବିଜ୍ଞାନର ଅଗ୍ରଗତି ଆଜି ମଣିଷକୁ କରିଛି ସୁସ୍ଥ ଓ ନୀରୋଗ । ବହୁ ଜଟିଳ ରୋଗର ନିରୂପଣ, ଚିକିତ୍ସା ତଥା ଅସ୍ତ୍ରୋପଚାର ଆଦି ସମ୍ଭବପର ହୋଇପାରିଛି । ମହାମାରୀ ହୋଇପାରୁଛି ମୂଳୋତ୍ପାଟନ । ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପାଇଁ ବିଜ୍ଞାନ ସହାୟତାରେ ସଫଳ ହୋଇପାରିଛି ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବ । କମ୍ପ୍ୟୁଟରର ବ୍ୟବହାର ବଢ଼ାଇପାରିଛି ମନୁଷ୍ୟର କାର୍ଯ୍ୟଦକ୍ଷତା । ଶିକ୍ଷାକ୍ଷେତ୍ରରେ କାଗଜ, ପୁସ୍ତକାଦିର ମୁଦ୍ରଣ ତଥା ଆଧୁନିକ ସମୟର e-content ଆଣିପାରିଛି ବୈପ୍ଳବିକ ପରିବର୍ତ୍ତନ । T.V. ରେଡ଼ିଓ ଓ ମୋବାଇଲ୍‌ର ବ୍ୟବହାର ପୃଥିବୀକୁ ଗ୍ଲୋବରେ ପରିଣତ କରିଦେଇଛି । ମନୁଷ୍ୟର ମନୋରଞ୍ଜନ ପାଇଁ ଚଳଚ୍ଚିତ୍ର ହୋଇପାରିଛି ଏକ ବଳିଷ୍ଠ ମାଧ୍ୟମ । ନିଜ ସୁରକ୍ଷା ପାଇଁ ମନୁଷ୍ୟ ତିଆରି କରିଛି ଅସ୍ତ୍ରଶସ୍ତ୍ର ରୂପକ ଅମୋଘ ରକ୍ଷାକବଚ । ମହାକାଶରେ ଉପଗ୍ରହର ଅବସ୍ଥିତି ମନୁଷ୍ୟପାଇଁ ପାଲଟିଛି ବରଦାନ ସଦୃଶ । ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ମନୁଷ୍ୟ ସଜାଗ ହୋଇ ରହୁଛି । ଏପରି ଅନେକ କିଛି ତାର ଅସରନ୍ତି ପେଡ଼ିରୁ ବିଜ୍ଞାନ ଦାନକରି ମନୁଷ୍ୟ ସମାଜର ଉପକାର କରିଆସିଛି ।

**ଭବିଷ୍ୟତର ସମ୍ଭାବନା :**

ମୁଦ୍ରାର ଦୁଇପାର୍ଶ୍ୱ ପରି ବିଜ୍ଞାନର ଏକ ଅଲୋଡ଼ା ପାର୍ଶ୍ୱ ମଧ ରହିଛି । ଦୁରୁପଯୋଗରେ ବିଜ୍ଞାନ ପାଲଟିଯାଏ ଦୁର୍ବାଶାଙ୍କ ଅଭିଶାପ ଭଳି ଅମଙ୍ଗଳର ହେତୁ । ପରନ୍ତୁ ଶିଡ଼ିର ପାହାଚରେ ଉପରକୁ ଚଢୁଥିବା ମନୁଷ୍ୟ ବିଜ୍ଞାନଠାରୁ ରଖିଛି ଅନେକ ସମ୍ଭାବନା । ସୀମିତ ପୃଥିବୀର ବର୍ଦ୍ଧିତ ଜନସଂଖ୍ୟାକୁ ନେଇ ଜହ୍ନରାଇଜ ଓ ଲୋହିତ ଗ୍ରହରେ ବାସ କରିବାର ମଣିଷର ସ୍ୱପ୍ନ ବିଜ୍ଞାନ ଆଗରେ ଦଣ୍ଡାୟମାନ । ଜଳପ୍ରାଚୁର୍ଯ୍ୟଭରା ପୃଥିବୀରେ ଭୂତଳ ଜଳର ଅଭାବକୁ ଦୂରେଇବାକୁ ଇଚ୍ଛା କରୁଛି । ପ୍ରଦୂଷଣର ବୃଦ୍ଧି ତଥା ବିଶ୍ୱ ତାପମାନକୁ ବିଜ୍ଞାନ ବଳରେ କରାୟତ୍ତ କରିବାକୁ ଆଶା କରୁଛି ମଣିଷ । ସର୍ବୋପରି ଶ୍ରେଷ୍ଠରୁ ଶ୍ରେଷ୍ଠତର ହେବାର ଇଚ୍ଛା ବିଜ୍ଞାନ ଆଗରେ ଆଣିଛି ଏକ ଆହ୍ୱାନ ।

**ଉପସଂହାର :**

ବିଜ୍ଞାନ ଅଭିଶାପ ନୁହେଁ, ଆଶୀର୍ବାଦ । ପ୍ରଗତିର ଆଶା ରଖିଥିବା ମନୁଷ୍ୟ ମଙ୍ଗଳପାଇଁ ବିଜ୍ଞାନ ହେଉ ଅଭିପ୍ରେତ । ବିଶ୍ୱ ହିତପାଇଁ କାର୍ଯ୍ୟକରି ସ୍ୱୟଂକୁ ଉତ୍ସର୍ଗ କରୁ ବିଜ୍ଞାନ । ଆଧୁନିକ ବିଜ୍ଞାନ ମାଲିକ ଭୂମିକାରେ କାର୍ଯ୍ୟ ନକରି ମନୁଷ୍ୟ ଦ୍ୱାରା କଲ୍ୟାଣକାରୀ ମାର୍ଗରେ ପରିଚାଳିତ ହେଉ । ତେବେ ଯାଇ ବିଶ୍ୱଶାନ୍ତି ପ୍ରତିଷ୍ଠା ହୋଇପାରିବ ଓ ମନୁଷ୍ୟ ଶ୍ରେଷ୍ଠତ୍ୱକୁ ପ୍ରାପ୍ତ ହୋଇ ସୁଖରେ ଜୀବନଯାପନ କରିବାରେ ସମର୍ଥ ହୋଇପାରିବ ।

## ଆଦର୍ଶ ଛାତ୍ର-ଜୀବନ

**[ ଉପକ୍ରମ – ଆଦର୍ଶ ଛାତ୍ରର କର୍ତ୍ତବ୍ୟ – ଶୃଙ୍ଖଳିତ ଜୀବନଚର୍ଯ୍ୟା – ସାମାଜିକ ମୂଲ୍ୟବୋଧ – ଉପସଂହାର ]**

**ଉପକ୍ରମ :** ଯେପରି ବିଶାଳ ଅଟ୍ଟାଳିକାଟିଏ ନିର୍ମାଣ କରିବାପାଇଁ ସୁଦୃଢ଼ ମୂଳଭିତ୍ତିର ଆବଶ୍ୟକତା ରହିଛି ଠିକ୍ ସେହିପରି ପ୍ରତ୍ୟେକ ମାନବ ପକ୍ଷେ ଉତ୍ତମ ସାମାଜିକ ଜୀବନ ତଥା ସୁନ୍ଦର ଭବିଷ୍ୟ ଗଠନ ନିମିତ୍ତ ଆଦର୍ଶ ଛାତ୍ର ଜୀବନ ଏକାନ୍ତ ପ୍ରୟୋଜନ । ସତ୍ୟ, ସଂଯମ, ତ୍ୟାଗ, ନ୍ୟାୟ କର୍ତ୍ତବ୍ୟନିଷ୍ଠା ତଥା ସ୍ୱାଧ୍ୟାୟରୂପୀ ଅନୁଶାସନରେ ଅନୁବନ୍ଧିତ ହୋଇ ଆଦର୍ଶ ଛାତ୍ର ଜୀବନର ନିର୍ମାଣ ସମ୍ଭବ ହୋଇଥାଏ । ଛାତ୍ର ଜୀବନ ହେଉଛି ଆଦର୍ଶ ମାନବ ଜୀବନ ଗଠନର ମୂଳପାବଚ୍ଛ । ଏହି ସମୟରେ ଯେ ଯେତେ ପରିମାଣରେ କର୍ତ୍ତବ୍ୟନିଷ୍ଠ ହୋଇ ଜୀବନ ନିର୍ବାହ କରେ ତଦନୁରୂପ ଭବିଷ୍ୟତରେ ସେ ସେତେ ପରିମାଣରେ ପ୍ରତିଷ୍ଠା ଲାଭ କରିଥାଏ ।

**ଆଦର୍ଶ ଛାତ୍ରର କର୍ତ୍ତବ୍ୟ :**

ଭୋଗବିଳାସକୁ ପାଦରେ ଆଡ଼େଇ ଦେଇ ସାଧନା ଓ ତପସ୍ୟାର କଠୋର ମାର୍ଗରେ ଆଗେଇ ଯିବା ହେଉଛି ଆଦର୍ଶ ଛାତ୍ରର ପରମ କର୍ତ୍ତବ୍ୟ । ଶୃଙ୍ଖଳିତ କର୍ମଯୋଜନା ସାଧାରଣ ଛାତ୍ରକୁ ଅସାଧାରଣ କରି ଗଢ଼ିତୋଳେ । ସମୟାନୁବର୍ତ୍ତିତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବ୍ୟକ୍ତିତ୍ୱ ଗଠନରେ ସହାୟକ ହୁଏ । ମନ ଓ ବଚନରେ ସଂଯମତା ମାନସିକ ସନ୍ତୁଳନ ରକ୍ଷାରେ ସହାୟତା କରେ । ନିୟମିତ ପ୍ରାର୍ଥନା କରିବା ଫଳରେ ମନ ପବିତ୍ର ହୁଏ ଓ ସ୍ମୃତିଶକ୍ତି ଜାଗ୍ରତ ହୋଇଥାଏ ।

ଶରୀରକୁ ସୁସ୍ଥସବଳ କରି ଗଢ଼ି ତୋଳିବାପାଇଁ ଛାତ୍ରାବସ୍ଥାରୁ ହିଁ ବ୍ୟାୟାମର ନିତ୍ୟ ଅଭ୍ୟାସ କରିବା ନିହାତି ଆବଶ୍ୟକ । ସ୍ୱାଧ୍ୟାୟ ହିଁ ତପସ୍ୟା । ପ୍ରତ୍ୟହ ପାଠ୍ୟପୁସ୍ତକ ଅଧ୍ୟୟନ ସହିତ ଅନ୍ୟାନ୍ୟ ପ୍ରେରଣାପ୍ରଦ ଗ୍ରନ୍ଥମାନଙ୍କର ପଠନ ସ୍ୱଜ୍ଞାନ ଓ ବିଚାରଶକ୍ତିକୁ ପରିବର୍ଦ୍ଧିତ କରିଥାଏ ।

**ଶୃଙ୍ଖଳିତ ଜୀବନଚର୍ଯ୍ୟା :**

ଛାତ୍ର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶୃଙ୍ଖଳିତ ଜୀବନଧାରା । ଗୃହ ହେଉ ଅବା ବିଦ୍ୟାଳୟ ସର୍ବତ୍ର କଠୋର ଶୃଙ୍ଖଳାକୁ ପାଳନ କରି କାର୍ଯ୍ୟ କଲେ ତା'ର ସୁପରିଣାମ ଭବିଷ୍ୟତ ଜୀବନରେ ପ୍ରତିଫଳିତ ହୁଏ । ସହସ୍ରାଂଶୁ ଯେପରି ନିୟମିତ ଭାବରେ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି ଠିକ୍ ସେହିପରି ସୁଛାତ୍ର ଶଯ୍ୟାତ୍ୟାଗଠାରୁ ପୁନଶ୍ଚ ନିଦ୍ରାଯିବା ପର୍ଯ୍ୟନ୍ତ ସମସ୍ତକାର୍ଯ୍ୟ ଶୃଙ୍ଖଳିତ ଢଙ୍ଗରେ ସମାପନ କରିବା



Odisha 1 to 10 All Books App

ଆବଶ୍ୟକ । ପ୍ରାତଃ ଓ ସାୟଂକାଳରେ ପ୍ରାର୍ଥନା କରିବା, ଶ୍ରେଣୀରେ ମନୋଯୋଗ ପୂର୍ବକ ଅଧ୍ୟୟନ କରିବା, ସମସ୍ତଙ୍କୁ ସୁବ୍ୟବହାର ପ୍ରଦର୍ଶନ କରିବା ତଥା ମନରେ ସର୍ବଦା ସୁବିଚାରକୁ ସ୍ଥାନ ଦେବା ଏକ ଆଦର୍ଶ ଛାତ୍ରର ଲକ୍ଷଣ । ମହତ୍ତର ଲକ୍ଷ୍ୟ ସ୍ଥାପନ କରି ତାହାକୁ ପ୍ରାପ୍ତ ହେବା ନିମନ୍ତେ ସତତ ଚେଷ୍ଟିତ ହେବା ଏକ ଆଦର୍ଶ ଛାତ୍ରର କର୍ତ୍ତବ୍ୟ ।

**ସାମାଜିକ ମୂଲ୍ୟବୋଧ :**

ଆଜିର ଛାତ୍ର କାଲିର ନାଗରିକ । ଛାତ୍ରାବସ୍ଥାରୁହିଁ ତା' ମନରେ ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ ହେବା ନିହାତି ଆବଶ୍ୟକ । ସେ ନିଜେ ଜ୍ଞାନ ଆହରଣ କରି ସମାଜରେ ଶିକ୍ଷାର ଆଲୋକ ବିତରଣ କରିବା ଯତ୍ନବାନ ହେବା ଉଚିତ । ସାମାଜିକ କୁସଂସ୍କାର ବିରୁଦ୍ଧରେ ଜନସଚେତନତା ସୃଷ୍ଟିକରିବା ପ୍ରତ୍ୟେକ ଆଦର୍ଶ ଛାତ୍ରର କର୍ତ୍ତବ୍ୟ । "ମାନବ ସେବାହିଁ ମାଧବ ସେବା" – ସ୍ୱାମୀ ବିବେକାନନ୍ଦଙ୍କର ଏହି ମହତ ବାଣୀକୁ ସ୍ୱ-କାର୍ଯ୍ୟଧାରାରେ ପ୍ରତିଫଳିତ ହୋଇ ଦୟା, ପରୋପକାର, ସାମାଜିକ ସମରସତା ପ୍ରଭୃତି ସୁଗୁଣଗୁଡ଼ିକୁ ନିଜେ ଅନୁସରଣ ପୂର୍ବକ ଅନ୍ୟମାନଙ୍କୁ ସେହି ମାର୍ଗରେ ଅନୁପ୍ରାଣିତ କରାଇବା ଆଦର୍ଶ ଛାତ୍ରର ପରମ କର୍ତ୍ତବ୍ୟ ।

**ଉପସଂହାର :**

କଥାରେ ଅଛି "ତୁଳସୀ ଦୁଇପତ୍ରରୁ ବାସେ" । ଠିକ୍ ସେହିପରି ଜୀବନଯାତ୍ରାର ଆଦ୍ୟପର୍ବ ଛାତ୍ରାବସ୍ଥାରେ ଯେ ଯେତେ ପରିମାର୍ଜିତ ତା'ର ଭବିଷ୍ୟ ଜୀବନ ସେତିକି ସମୁନ୍ନତ ହୋଇଥାଏ । ଜଣେ ସୁନାଗରିକ ଭାବେ ପ୍ରତିଷ୍ଠିତ ହୋଇ ସେ ଦେଶ, ଜାତି ତଥା ବିଶ୍ୱପାଇଁ ଗର୍ବ ଓ ଗୌରବର କାରଣ ହୁଏ । ବାସ୍ତବରେ ଆଦ୍ୟ ଛାତ୍ରଜୀବନ ରୂପୀ ଅଙ୍କୁର ଶୃଙ୍ଖଳାରୂପୀ ଖାଦ୍ୟସାର ଦ୍ୱାରା ପରିବର୍ଦ୍ଧିତ ହୋଇ ଦିନେ ମହାମାନବ ରୂପକ ମହାଦ୍ରୁମରେ ପରିଣତ ହୁଏ । ସେତେବେଳେ ସ୍ୱଜ୍ଞାନରୂପକ ଶୀତଳ ଛାୟା ପ୍ରଦାନ କରି ସେ ଯେ ଜଗତକୁ ପୁଲକିତ କରେ, ଏଥିରେ ସନ୍ଦେହ ନାହିଁ ।

## ତୁମର ପ୍ରିୟ ଖେଳ

**[ ଉପକ୍ରମ – ପ୍ରିୟ ଖେଳ – ଖେଳର ବର୍ଣ୍ଣନା – ଉପସଂହାର ]**

ମନୁଷ୍ୟର କର୍ମକ୍ଲାନ୍ତ ଜୀବନକୁ ହର୍ଷମୁଖର କରିବା ନିମନ୍ତେ ଶାନ୍ତି ଏକାନ୍ତ ଭାବରେ ଲୋଡ଼ା । ସୁସ୍ଥ ଶରୀର ଶାନ୍ତିର ସ୍ୱାଦ ଉପଲବ୍ଧି କରିଥାଏ । ବିଭିନ୍ନ ମାଧ୍ୟମରେ ଏହି ଶାନ୍ତିର ଅନ୍ୱେଷଣ କରାଯାଇଥାଏ । ସେହି ଅନ୍ୱେଷିତ ଧାରାର ସଫଳ ରୂପାୟନ ଘଟେ କ୍ରୀଡ଼ା ମାଧ୍ୟମରେ । କ୍ରୀଡ଼ାଦ୍ୱାରା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ, ସଂହତିର ସ୍ଥୂଳ ରୂପାୟନ ହେବା ସଙ୍ଗେ ସଙ୍ଗେ ବନ୍ଧୁତ୍ୱର ଡୋର ଶକ୍ତ ତଥା ମଜବୁତ ହୋଇଥାଏ । ତତ୍ ସହିତ କ୍ରୀଡ଼ାଜଗତରୁ ଶୃଙ୍ଖଳାବୋଧ ଓ ମୈତ୍ରୀଭାବର ଜାଗ୍ରତ ହୋଇଥାଏ । ଶରୀରର ପୁଷ୍ଟି ସାଧନରେ ମୁଖ୍ୟ ସହାୟକ ସାଜିଥାଏ କ୍ରୀଡ଼ା । କେବଳ ଏତିକି ନୁହେଁ ପରନ୍ତୁ ଶରୀରର ପୁଷ୍ଟିସାଧନ, ମାନସିକ ଶାନ୍ତି, ସୁଖନିଦ୍ରା, କାର୍ଯ୍ୟ ସମାପନ କରିବାର ସ୍ୱତନ୍ତ୍ର ଉତ୍ସାହ ହିଁ କ୍ରୀଡ଼ା ପ୍ରଦାନ କରିଥାଏ । ଦେଶୀ ତଥା ବିଦେଶୀ କ୍ରୀଡ଼ା ଦ୍ୱିବିଧ । ଯଥା- 'ଅନ୍ତଃକ୍ରୀଡ଼ା' 'Indoor game' ଓ 'ବାହ୍ୟ କ୍ରୀଡ଼ା' 'Out door game' । ଘରେ ବସି ଆମୋଦ ଅନୁଭବି କ୍ରୀଡ଼ା ଅନ୍ତଃକ୍ରୀଡ଼ା ଏବଂ ମୁକ୍ତ ଗଗନ ତଳେ ବିସ୍ତୀର୍ଣ୍ଣ ପଡ଼ିଆ ଅଙ୍ଗପ୍ରତ୍ୟଙ୍ଗକୁ ସଂଚାଳିତ କରାଉଥିବା କ୍ରୀଡ଼ା ବାହ୍ୟକ୍ରୀଡ଼ା ଅଟେ । ବାହ୍ୟ କ୍ରୀଡ଼ାର ଅନ୍ତର୍ଭୁକ୍ତ କ୍ରିକେଟ୍, ଫୁଟବଲ୍, ହକି, ବ୍ୟାଡ଼ମିଣ୍ଟନ, ଭଲିବଲ, ଖୋ-ଖୋ, କବାଡ଼ି, ହା-ଡୁଡୁ, ବାଗୁଡ଼ି, ଦଉଡ଼ିଡିଆଁ, ରିଙ୍ଗବଲ୍ ଇତ୍ୟାଦି । ଏଗୁଡ଼ିକ ମଧ୍ୟରୁ କ୍ରିକେଟ୍ ମୋର ପ୍ରିୟ ଖେଳ ।

କ୍ରିକେଟ୍ ଖେଳ ତ୍ରୟୋଦଶ ଶତାବ୍ଦୀରେ ପ୍ରଥମେ ଇଂଲଣ୍ଡରେ ଖେଳାଯାଉଥିବାର ନଜିର ଅଛି । ଏହା ଲଣ୍ଡନର ଜାତୀୟ ଖେଳ ଭାବରେ ସୁପରିଚିତ । ଷୋଡ଼ଶ ଶତାବ୍ଦୀରୁ ଏହି ଖେଳ କ୍ରମାଗତ ଭାବରେ ଖେଳ ହୋଇ ଆସୁଅଛି । ପ୍ରାଥମିକ ସ୍ତରରେ ଅନୁନ୍ନତ ଭାବରେ ଗତି କରୁଥିବା କ୍ରିକେଟ୍ ଖେଳରେ ବିଭିନ୍ନ ନୀତି ନିୟମ ଖଞ୍ଜାଯାଇ ସାଂପ୍ରତିକ ଯୁଗରେ ଏହା ଉନ୍ନତ ଖେଳରେ ପରିଣତ ହୋଇଅଛି । ବର୍ତ୍ତମାନ ବିଭିନ୍ନ ଦେଶରେ ଏହି ଖେଳ ଲୋକପ୍ରିୟତା ହାସଲ କରିପାରିଛି । ଏପରିକି ଆଧୁନିକ ଯୁଗରେ ଭାରତ, ପାକିସ୍ତାନ, ବାଙ୍ଗଲାଦେଶ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଜିମ୍ବାୱେ ପ୍ରଭୃତି ଦେଶରେ ଏହାର ଆଦର ବୃଦ୍ଧି ପାଉଛି ।

କ୍ରିକେଟ୍ ବଲ୍‌ର ଓଜନ ଏକଶହ ତେଷଠି ଗ୍ରାମ୍‌ରୁ ଅଧିକ । ବଲ୍‌ର ପରିଧି ୨୨.୪ ସେ.ମି.ରୁ ୨୨.୯ ସେ.ମି. ମଧ୍ୟରେ । କ୍ରିକେଟ୍ ବ୍ୟାଟ୍‌ର ଦୈର୍ଘ୍ୟ ୯୬.୫ ସେ.ମି. ହୋଇଥିବା ବେଳେ ଓସାର ୧୦.୮ ସେ.ମି. ଅଟେ । ଷ୍ଟମ୍ପର ଉଚ୍ଚତା ଭୂପୃଷ୍ଠରୁ ୭୧.୧ ସେ.ମି. ଦୂରତ୍ୱ । ଉଇକେଟ ପ୍ରାନ୍ତ ଷ୍ଟମ୍ପ ଦୁଇଟିର ବ୍ୟବଧାନ ୨୨.୯ ସେ.ମି. ହେବା ବିଧେୟ । ପ୍ରତ୍ୟେକ ଉଇକେଟ୍‌ର ସମଦୂରରେ କାଠର ଷ୍ଟମ୍ପ ତିନୋଟି ପୋତା ହୋଇଥାଏ । ଏଥିରେ ୧୧ ଜଣ ଖେଳାଳି ଖେଳନ୍ତି । ଷ୍ଟମ୍ପ ଉପରେ କାଠର ଦୁଇଟି ବେଲ୍ ଥାଏ । ଏହାର ବ୍ୟବଧାନ ୨୨ ଗଜ ।

କ୍ରିକେଟ୍ ଖେଳପାଇଁ ଏକ ବୃହତ୍ ପଡ଼ିଆ ଆବଶ୍ୟକ । ଦୁଇ ଦଳଙ୍କ ମଧ୍ୟରେ କ୍ରିକେଟ୍ ଖେଳ ହୁଏ । ପ୍ରତ୍ୟେକ ଦଳରେ ୧୧ ଜଣ ଲେଖାଏଁ ଖେଳାଳି ରହିବା ଆବଶ୍ୟକ । ଖେଳ ପୂର୍ବରୁ ସେମାନଙ୍କର ନାମ ତାଲିକା ଖେଳର ପୋଷ୍ଟ ଘୋଷଣା କରାଯାଏ । ଅସୁସ୍ଥତା ହେତୁ କୌଣସି ଖେଳାଳି ଯୋଗଦେଇ ନ ପାରିଲେ ତା'ର ସ୍ଥାନରେ ଅତିରିକ୍ତ



Odisha 1 to 10 All Books App

ଖେଳାଳିଙ୍କୁ ଗ୍ରହଣ କରାଯାଇଥାଏ । କ୍ରିକେଟ୍ ଖେଳ ପାଇଁ ବ୍ୟାଟସ୍‌ମ୍ୟାନ, ରନର୍, ବୋଲର ଓ ୱିକେଟ୍ କିପରଙ୍କର ଆବଶ୍ୟକତା ଥାଏ । ଯେଉଁ ସ୍ଥାନରେ ରନ୍ ହୁଏ ତାକୁ ପିଚ୍ କୁହାଯାଏ । ଏହାର ଓସାର ପାଞ୍ଚ ଫୁଟ । କ୍ରିକେଟ୍ ବଲ୍ ମୋଟା ଲେଦରରେ ତିଆରି ହୋଇଥାଏ ।

କ୍ରିକେଟ୍ ଖେଳ ପ୍ରାରମ୍ଭରେ ଦୁଇ ଦଳର ପ୍ରତିନିଧିଙ୍କୁ ନେଇ ଟସ୍ ପକାଯାଏ । ଏହି ଟସ୍‌ରେ ଯେଉଁ ଦଳ ଜିତନ୍ତି, ସେମାନେ ନିର୍ଣ୍ଣୟ କରନ୍ତି ଯେ, କିଏ ପ୍ରଥମେ ବୋଲିଂ କରିବ ବା କିଏ ବ୍ୟାଟିଂ କରିବ । ଗୋଟିଏ ଦଳର ଦଶଜଣ ଖେଳାଳି ଆଉଟ୍ ହେଲେ କିମ୍ବା ଦଳର ଅଧିନାୟକ ଇନିଂସ୍ ଘୋଷଣା କଲେ ଅନ୍ୟ ଦଳ ବ୍ୟାଟିଂ କରିବାକୁ ଆସନ୍ତି । ଯେଉଁ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଆସନ୍ତି ପରେ ସେହି ଦଳ ବୋଲିଂ ଓ ଫିଲଡ଼ିଂ କରନ୍ତି । ଗୋଟିଏ ଟେଷ୍ଟ ମ୍ୟାଚ୍ ପାଞ୍ଚଦିନ ଧରି ଚାଲେ । ସେହି ଟେଷ୍ଟମ୍ୟାଚ୍‌ରେ ପ୍ରତ୍ୟେକ ଦଳ ଦୁଇଥର ବା ଦୁଇଟି ଇନିଂସ ଖେଳିଥା'ନ୍ତି । ଗୋଟିଏ ଓଭରରେ ୬ଟି ବଲ୍ ବୋଲିଂ କରାଯାଇଥାଏ ।

ଖେଳରେ ଯେଉଁଦଳ ବ୍ୟାଟିଂ କରନ୍ତି ତାକୁ ଆଉଟ୍ କରିବାପାଇଁ ବୋଲିଂ କରନ୍ତି । ବଲ୍ ଦ୍ରୁତଗତିରେ ଯାଉଥିବାବେଳେ ଦୁଇଜଣ ବ୍ୟାଟ୍‌ସମ୍ୟାନ୍ ମଧ୍ୟ ଖୁବ୍ ଶୀଘ୍ର ଗୋଟିଏ ପକ୍ଷରୁ ଅନ୍ୟ ପକ୍ଷକୁ ଦୌଡ଼ି ରନ୍ ସଂଗ୍ରହ କରିଥାନ୍ତି । ଫିଲଡ଼ର ବଲକୁ ଧରି ଉଇକେଟ୍ ପାଖକୁ ପକାଇଦେଲେ ବ୍ୟାଟ୍‌ସମ୍ୟାନ୍ ଆଉଟ୍ ହୁଏ । ବ୍ୟାଟ୍‌ସମ୍ୟାନ୍ ତା ବ୍ୟାଟ୍‌ରେ ଆଘାତ କଲେ ବଲ ଦ୍ରୁତ ଗତିରେ ଯାଉଥିବାବେଳେ ବ୍ୟାଟ୍‌ସମ୍ୟାନ୍ ମଧ୍ୟ ଖୁବ୍ ଶୀଘ୍ର ଗୋଟିଏ ପକ୍ଷରୁ ଅନ୍ୟ ପକ୍ଷକୁ ଦୌଡ଼ି ରନ୍ ସଂଗ୍ରହ କରିଥାନ୍ତି । ଫିଲଡ଼ର ବଲ୍‌କୁ ଧରି ଉଇକେଟ୍ ପାଖକୁ ପକାଇଦେଲେ ବ୍ୟାଟ୍‌ସମ୍ୟାନ ଆଉଟ୍ ହୁଏ । ବ୍ୟାଟ୍‌ସମ୍ୟାନ୍ ତା' ବ୍ୟାଟ୍‌ରେ ଆଘାତ କଲେ ବଲ୍ ଦ୍ରୁତ ଗତିରେ ଯାଉଥିବାବେଳେ ବ୍ୟାଟ୍‌ସମ୍ୟାନ ମଧ୍ୟ ଦ୍ରୁତଗତିରେ ଗୋଟିଏ ପକ୍ଷରୁ ଅନ୍ୟପକ୍ଷକୁ ଦଉଡ଼ି ରନ୍ ସଂଗ୍ରହ କରନ୍ତି । ଫିଲ୍‌ଡ଼ରଙ୍କ ମୂଳ ଲକ୍ଷ୍ୟ ଥାଏ ଯେପରି ବ୍ୟାଟସ୍‌ମ୍ୟାନ୍ ରନ୍ ସଂଗ୍ରହ କରି ନ ପାରନ୍ତି । ଗୋଟିଏ ଓଭରରେ ଛଅଟି ବଲ୍ ବୋଲିଂ କରାଯାଏ । ଉଇକେଟ୍ ପଛରେ ଉଇକେଟ୍ ରକ୍ଷକ ଥା'ନ୍ତି । ଅନ୍ୟପକ୍ଷରେ ଉଇକେଟ୍ ପତନ ପାଇଁ ସେମାନେ ଯତ୍ନବାନ୍ ହୁଅନ୍ତି ।

ସେହିପରି ବୋଲିଂ ବେଳେ ବ୍ୟାଟ୍ ସାହାଯ୍ୟରେ ଜଣେ ବ୍ୟାଟସ୍‌ମ୍ୟାନ ବଲ୍‌ଟିକୁ ଫିଙ୍ଗିଦେଇ ଅନ୍ୟ ଦଳର ଉଇକେଟ୍ ପାଖକୁ ଦଉଡ଼ିଯାଏ । ବିପରୀତ ଉଇକେଟ୍ ପାଖରୁ ସେହି ସ୍ଥାନର ବ୍ୟାଟସ୍‌ମ୍ୟାନ ଦଉଡ଼ି ଆସନ୍ତି । ସେମାନଙ୍କର ସ୍ଥାନ ବିନିମୟ ଫଳରେ ଏକ ରନ୍ ହୁଏ । ସେମାନେ ଯେତେଥର ସ୍ଥାନ ବିନିମୟ କରନ୍ତି ସେତେ ରନ୍ ହୁଏ । ଯଦି ବ୍ୟାଟସ୍‌ମ୍ୟାନ୍ ବଲକୁ ଆଘାତ କରି ଶୂନ୍ୟେ ଶୂନ୍ୟେ ବାଉଣ୍ଡରୀ ପାର କରିଦିଏ, ତେବେ ଛଅ ରନ୍ ହୁଏ । ବଲ୍ ଯେତେବେଳେ ଉର୍ଦ୍ଧ୍ୱରେ ଗତି କରୁଥାଏ, ସେତେବେଳେ ଯଦି ତାକୁ ଫିଲ୍‌ଡ଼ର ଧରିପାରେ ତେବେ ବ୍ୟାଟସ୍‌ମ୍ୟାନ୍ ଆଉଟ୍ ହୋଇଯାଏ । ଏହାକୁ କ୍ୟାଚ୍‌ଆଉଟ୍ କୁହାଯାଏ ।

ଖେଳ ପରିଚାଳନାକାରୀଙ୍କୁ ଅମ୍ପେୟାର କୁହାଯାଏ । ଖେଳରେ ତିନିଜଣ ଅମ୍ପେୟାର ମୁତୟନ ଥା'ନ୍ତି । ସେମାନେ ନିରପେକ୍ଷ ରହିବା ବିଧେୟ । ସେମାନଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ଗ୍ରହଣ କରାଯାଏ । ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୁଇଦଳ ଅମ୍ପେୟାରଙ୍କ ନିଷ୍ପତ୍ତି ମାନିବାକୁ ବାଧ୍ୟ । ଖେଳର ହିସାବ ରଖିବାପାଇଁ ସ୍କୋରର ଥାଆନ୍ତି । ଏମାନେ ରନ୍, ବଲ୍, ବୋଲିଂ, ଓଭରର ହିସାବ ରଖିଥା'ନ୍ତି । ଗୋଟିଏ ଟେଷ୍ଟ ଅନ୍ତତଃ ପାଞ୍ଚଦିନ ଧରି ଚାଲେ । ଏତଦ୍‌ବ୍ୟତୀତ ତ୍ରିଦିବସୀୟ ଓ ଏକଦିବସୀୟ କ୍ରିକେଟ୍ ମଧ୍ୟ ଖେଳାଯାଏ । କଣ୍ଟ୍ରୋଲ ବୋର୍ଡ଼ ପରାମର୍ଶରେ ଖେଳାଳି ମନୋନୀତ ହୁଅନ୍ତି । ବୋଲିଂ ପଟରେ ୧୧ ଜଣ ଖେଳାଳି ମଧ୍ୟରେ ବୋଲର, ଉଇକେଟ୍ କିପର, ପ୍ରଥମ ସ୍ଲିପ୍, ଦ୍ୱିତୀୟ ସ୍ଲିପ୍, ପଏଣ୍ଟମ୍ୟାନ୍, ଗଲି, ଲଙ୍ଗଅନ୍, ଲଙ୍ଗଅଫ୍, ଲଙ୍ଗଅଫ୍ ବାଉଣ୍ଡରୀ, ଥାର୍ଡ଼ଡାଉନ୍, ଫୋର୍ଥ ଡାଉନ୍, ଫିଫଥ୍ ଡାଉନ୍, ସିକ୍ସଥ୍ ଡାଉନ୍, ସେଭେନ୍‌ଥ ଡାଉନ୍, ଏଇଟିସ୍ ଡାଉନ୍, ନାଇନ୍‌ଥ୍ ଡାଉନ୍ ପ୍ରମୁଖ ୧୦ ଜଣ ଖେଳାଳି ଓ ଶେଷଜଣକ ନଟ୍ ଆଉଟ୍ ରୁହନ୍ତି । ଏହିପରି ୧୧ ଜଣ ଖେଳାଳି ମୁତୟନ ହୋଇଥାନ୍ତି ।

ଅଧୁନା ଖେଳ ଜଗତରେ କ୍ରିକେଟ୍ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଏଥିପାଇଁ କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ମଂଜୁର କରିଥା'ନ୍ତି । ଏତଦ୍‌ଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାର ପ୍ରୋତ୍ସାହନ ଖେଳକୁ ଉଚ୍ଚମାନର କରିଥାଏ । ଫଳରେ ଖେଳାଳି ଉତ୍ସାହିତ ହୋଇଥା'ନ୍ତି । ଭାରତରେ ଗୋଟିଏ ସୁଦକ୍ଷ କ୍ରିକେଟ୍ ଟିମ୍ ଗଠନ ଉଦ୍ଦେଶ୍ୟରେ ଆଞ୍ଚଳିକ ଭିତ୍ତିରେ ବର୍ଷକ ମଧ୍ୟରେ ଏକାଧିକବାର କ୍ରିକେଟ୍ ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଅଛି । ସେଥିମଧ୍ୟରୁ ରଣଜିତ୍ ଟ୍ରଫି ପ୍ରଣିଧାନଯୋଗ୍ୟ । ସେହିପରି ଭାରତ ବାହାରେ ଅନୁଷ୍ଠିତ ହେଉଥିବା ୱାର୍ଲଡ଼ କପ୍, ଜେନ୍‌ସନ୍ ହେଜସ୍, ରଥମ୍ୟାନସ କପ୍ ଇତ୍ୟାଦି ଟୁର୍ଣ୍ଣାମେଣ୍ଟ ଉଲ୍ଲେଖଯୋଗ୍ୟ । ଏଥିରେ ଭାରତ ସମେତ ବିଦେଶ ରାଷ୍ଟ୍ରମାନ ଯୋଗ ଦେଉଥିବାର ଦେଶ ଦେଶ ମଧ୍ୟରେ ଶାନ୍ତି, ମୈତ୍ରୀ ସ୍ଥାପନ ହୁଏ । ଏଣୁ କ୍ରିକେଟ୍ ମୋର ପ୍ରିୟ ଖେଳ । ମୋର କେବଳ ନୁହେଁ, ପରନ୍ତୁ ସମଗ୍ର ଯୁବକୁଳର ପ୍ରିୟଖେଳ ମଧ୍ୟ ।

## ବର୍ଷାକାଳୀନ ପଲ୍ଲୀ ପ୍ରକୃତି

**[ ଉପକ୍ରମ – ସମୟ – ବର୍ଷାକାଳୀନ ପଲ୍ଲୀ ପ୍ରକୃତି – ପର୍ବପର୍ବାଣି – ଉପସଂହାର ]**

ଋତୁଚକ୍ରର ଆବର୍ତ୍ତମାନରେ ନୀରସ, ଶୁଷ୍କ ଗ୍ରୀଷ୍ମଋତୁ ଧରାପୃଷ୍ଠରୁ ବିଦାୟ ନିଏ; ନିଦାଘର ପ୍ରଚଣ୍ଡ ରୌଦ୍ରତାପଜନିତ ଅସହ୍ୟ ଘର୍ମାକ୍ତ



Odisha 1 to 10 All Books App

ପରିବେଶର ପୂର୍ଣ୍ଣଚ୍ଛେଦ ପଡ଼େ । ଗ୍ରୀଷ୍ମର ରାଜୁତି ଶେଷ ହେବାପରେ ଦିଗଙ୍ଗନାର କୃଷ୍ଣାଞ୍ଚଳରୁ ଆତ୍ମପ୍ରକାଶ କରେ ଚଳଚଞ୍ଚଳା ରସମୟୀ ବର୍ଷା । ଏହାର ଆଗମନରେ ପଲ୍ଲୀର ନୀରସ ପ୍ରାଣ ସଜଳ ହୋଇଉଠେ । ଆଷାଢ଼ର ଆଦ୍ୟ ବାରିପାତରେ ପଲ୍ଲୀ ବୁକୁ ଶାନ୍ତ-ଶୀତଳ, କାନ୍ତ-କୋମଳ ପରିବେଶରେ ଗୁଞ୍ଜରିତ ହୁଏ ।

ଆଷାଢ଼, ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସରେ ବର୍ଷାଋତୁ ଅନୁଭୂତ ହୁଏ । ଆଷାଢ଼ ମାସର ଅୟମାରମ୍ଭରେ ଘନକୃଷ୍ଣ ବାଦଲର ଛାୟା ଗଗନ ମଣ୍ଡଳକୁ ଆଚ୍ଛାଦିତ କରେ । ଭାରତ ମହାସାଗର ଉପରିଭାଗ ଦେଇ ପ୍ରବାହିତ ଦକ୍ଷିଣ ପଶ୍ଚିମ ବାୟୁ ଭାରତବର୍ଷରେ ପ୍ରବେଶ କରି ବର୍ଷା ଆଗମନର ସନ୍ଦେଶ ଦିଏ ।

ବର୍ଷାର ଆବିର୍ଭାବରେ ପ୍ରକୃତିର ପରିବର୍ତ୍ତନ ଦେଖାଦିଏ । ଆକାଶ ମେଘାଚ୍ଛନ୍ନ ହୁଏ । ମେଘ କୋଳରେ ବିଦ୍ୟୁତର ଆଭା ଦର୍ଶକ ମନରେ ଭାବାନ୍ତର ଆଣେ । ବର୍ଷାର ଆଦ୍ୟ ବାରିପାତରେ ଜୀବଜଗତ ସତେଜ ହୋଇଉଠେ । ଶ୍ୟାମ ଦୂର୍ବାଦଳ ବିମଣ୍ଡିତ ଧରଣୀ ବକ୍ଷ ଜନମନ ହରଣ କରେ । ଶୁଷ୍କ ବୃକ୍ଷଲତା ନବ କିଶଳୟରେ ବିମଣ୍ଡିତ ହୁଅନ୍ତି । ନଦୀ, ନାଳ ଓ ତଡ଼ାଗ ଜଳରେ ପରିପୂର୍ଣ୍ଣକୁ ଲକ୍ଷ୍ୟ କରି କବିବର ରାଧାନାଥ ବର୍ଷା ପଦ୍ୟରେ ଲେଖିଛନ୍ତି–

"ନିରତେ ନୀରପାତେ ପୂରିଲା ସର<br>ସାତ୍ତ୍ୱିକ ଗୁଣେ ଯଥା ସାଧୁ ଅନ୍ତର ।"

ନିଦାଘ ରୁକ୍ଷ ଧରଣୀ ବର୍ଷାସ୍ନାତ ହୋଇ ସବୁଜିମାରେ ଭରିଯାଏ । ପଲ୍ଲୀ ପ୍ରାଣରୁ ଧୀରେ ଧୀରେ କ୍ଳାନ୍ତି, ଅବସାଦ, ବ୍ୟଥା ଓ ବେଦନା ବିଦୂରିତ ହୁଏ । ନୂତନ ଆଶା ଉଦ୍ରେକ ହୁଏ । ଆନନ୍ଦ ଓ ଅନୁରାଗର ସାହାନାଇ ବାଜିଉଠେ । ଶ୍ରାବଣର ଅବିଶ୍ରାନ୍ତ ବାରିପାତରେ ପଲ୍ଲୀଭୂମି କର୍ଦ୍ଦମାକ୍ତ ହୁଏ, ବିଦ୍ୟୁତର ସ୍ଫୁରଣ ସହିତ ବଜ୍ରପାତର ନିନାଦ ମନରେ ଭୀତି ସଞ୍ଚାର କରେ । ଶ୍ୟାମଳ ଦୂର୍ବାଦଳ ମଧ୍ୟରେ ଲାଲ୍ ଟୁକୁଟୁକୁ ସାଧବବୋହୂର ମନ୍ଥର ଗତି ବେଶ୍ ଉପଭୋଗ୍ୟ ହୋଇଥାଏ । ଏହି ସମୟରେ ଇନ୍ଦ୍ରଧନୁର ସପ୍ତବର୍ଣ୍ଣ ଛଟା ନଭପ୍ରଦେଶକୁ ବର୍ଣ୍ଣିଳ କରିଥାଏ । ସନ୍ଧ୍ୟା ଆଗମନରେ ବିହଗମାନଙ୍କ କଳକଳରବ ସହ ଗୋଧନ ଦଳର ହମ୍ବାରଡ଼ି ଗ୍ରାମଭୂମିକୁ ମୁଖରିତ କରିଥାଏ । ବର୍ଷଣ ମୁଖର ରଜନୀରେ ଖଦ୍ୟୋତିକାମାନଙ୍କ ବର୍ଣ୍ଣବୈଭବ ଦର୍ଶକ ମନରେ ଆନନ୍ଦ ସଞ୍ଚାର କରେ । ଏହି ସମୟରେ କୃଷକମାନେ ନିଜ ନିଜ କୃଷି କ୍ଷେତ୍ରରେ ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି । ମୟୂରମାନେ ଆନନ୍ଦରେ ବିଭୋର ହୋଇ ନୃତ୍ୟ କରନ୍ତି । ବର୍ଷା ସନ୍ଧ୍ୟାରେ ବେଙ୍ଗ, ଡାହୁକ, ଶ୍ୱାନ ଓ ଶିବାମାନଙ୍କର ଚିତ୍କାର ମନରେ ଭୀତି ଆଣେ । ଏହି ସମୟରେ ଛୋଟ ଛୋଟ ପିଲାମାନେ ପ୍ରବାହମାନ ଜଳଧାରାରେ କାଗଜ ଡଙ୍ଗା ଭସାଇ ଉତ୍‌ଫୁଲ୍ଲିତ ହୋଇଥାନ୍ତି । ପ୍ରାତଃକାଳରେ ଗ୍ରାମର ପିଲାମାନେ ଉଇହୁଙ୍କାରୁ ଛତୁ ତୋଳିଥାନ୍ତି । ଏହାକୁ ଲକ୍ଷ୍ୟ କରି ପଲ୍ଲୀକବି ନନ୍ଦକିଶୋର ଗାଇ ଉଠିଛନ୍ତି–

"ହୁଙ୍କା ବାଢ଼ିବିଲେ ଫୁଟିଉଠେ ଛତୁ<br>ଘୋର ଘନ ନୀର ପାଇ<br>ସାନ ସାନ ପିଲେ ଛତୁ ତୋଳୁଥାନ୍ତି<br>ପ୍ରଭାତରୁ ଉଠିଯାଇ ।"

ବର୍ଷାକାଳୀନ ପୁଷ୍ପବାଟିକାରେ କଦମ୍ବ, ଜାଇ, ଯୂଇ, ମଲ୍ଲୀ, ମାଳତୀ, ହେନା, ଚମ୍ପା, ଟଗର, ତରାଟ, ଗୋଲାପ, ସେବତୀ ଫୁଟି ପଲ୍ଲୀ ଭୂମିକୁ ସୁଶୋଭିତ କରିଥାଏ ।

ବର୍ଷାକାଳରେ ଶ୍ରୀଗୁଣ୍ଡିଚା, ଚିତାଲାଗି ଅମାବାସ୍ୟା ଓ ରାକ୍ଷୀ ପୂର୍ଣ୍ଣିମା ଇତ୍ୟାଦି ପର୍ବ ପଲ୍ଲୀପ୍ରାଣକୁ ଆମୋଦିତ କରିବା ସହିତ କର୍ମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର କରିଥାଏ ।

ବର୍ଷାଋତୁରେ ପ୍ରକୃତିରାଣୀର ଯେଉଁ ମନଲୋଭା ରୂପମାଧୁରୀ ରହିଛି, ତା'ର ପଟାନ୍ତର ନାହିଁ, ଯାହା କବି, ଭାବୁକ ଓ ଦର୍ଶକମାନଙ୍କର ଚେତନାକୁ ବେଶ୍ ସମୃଦ୍ଧ କରିଥାଏ । ଯଥାର୍ଥରେ କବିଙ୍କ ଲେଖନୀରୁ ନିସୃତ ହୁଏ ।

"ବରଷାକାଳ ଅଟେ ମଙ୍ଗଳକାରୀ<br>ପାଳଇ ପରଜାକୁ ବରଷି ବାରି ।"

## ବନମହୋତ୍ସବ

**[ ଉପକ୍ରମ – ବନମହୋତ୍ସବର ଲକ୍ଷ୍ୟ – ବନର ଆବଶ୍ୟକତା – ବନ ଧ୍ୱଂସର କାରଣ – ଜଙ୍ଗଲ ସୃଷ୍ଟିରେ ବନମହୋତ୍ସବର ଭୂମିକା – ଉପସଂହାର ]**

**ଉପକ୍ରମ :**

"ବୃକ୍ଷ ଅଟେ ବଳ ବୃକ୍ଷ ଦିଏ ଫଳ<br>ବୃକ୍ଷ ଦିଏ ଅମ୍ଳଜାନ,<br>ବୃକ୍ଷ ବିନା ପରା ସୃଷ୍ଟି ଅସମ୍ଭବ<br>ଗଢ଼ିଛନ୍ତି ଭଗବାନ ।"

ବୃକ୍ଷ ଏ ପୃଥିବୀର ରକ୍ଷାକବଚ । ପୃଥିବୀକୁ ସୁନ୍ଦର କରିବାକୁ ସବୁଜ ବନାନୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ଆମ ଦେଶରେ ଶତକଡ଼ା ୩୩.୨ ଜଙ୍ଗଲ ରହିବା କଥା । ମାତ୍ର ଜନସଂଖ୍ୟା ଯୋଗୁଁ ଏହା ହ୍ରାସ ଘଟି ଶତକଡ଼ା ୨୨.୭ରେ ସୀମିତ ରହିଛି । ଜଙ୍ଗଲର ପରିମାଣ ଦିନକୁ ଦିନ ହ୍ରାସ ଘଟୁଛି । ଏହି ଜଙ୍ଗଲ କ୍ଷୟକୁ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ସ୍ୱାଧୀନ ଭାରତରେ ଜଙ୍ଗଲ

Eduodia App



Odisha 1 to 10 All Books App

କ୍ଷୟ ରୋକିବା ପାଇଁ ୧୯୫୦ ମସିହାରେ ତତ୍କାଳୀନ ଭାରତର କେନ୍ଦ୍ର ମନ୍ତ୍ରୀ କେ.ଏମ୍. ମୁନ୍ସୀ "ବନମହୋତ୍ସବ" ଭାରତରେ ଆରମ୍ଭ କରିଥିଲେ । ତେଣୁ ଜୁଲାଇ ମାସର ପ୍ରଥମ ସପ୍ତାହ ଅର୍ଥାତ୍ "ଜୁଲାଇ ମାସର ଏକ ତାରିଖ ଠାରୁ ଆଠ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଏହା ପାଳନ କରାଯାଇଥାଏ ।

କବି କହିଛନ୍ତି-

"ଜୁଲାଇ ମାସର ପ୍ରଥମ ସପ୍ତାହେ
ପଡ଼େ ବନମହୋତ୍ସବ,
ବୃକ୍ଷର ରୋପଣ ବୃକ୍ଷର ଚିନ୍ତନେ
ସର୍ବେ ମନାନ୍ତି ଉତ୍ସବ ।"

କାରଣ ଏହି ସମୟରେ ଭାରତରେ ବର୍ଷାଋତୁ ଚାଲିଥାଏ । ଏହି ସମୟରେ ଚାରା ରୋପଣ କଲେ ଚାରା ଗୁଡ଼ିକ ବିନା ଜଳରେ ବଞ୍ଚିବାର ସମ୍ଭାବନା ଅଧିକ ରହିଥାଏ ।

**ବନମହୋତ୍ସବର ଲକ୍ଷ୍ୟ :**

ବନମହୋତ୍ସବର ଲକ୍ଷ୍ୟ ହେଉଛି ଆମ ଦେଶର ଜନସାଧାରଣଙ୍କୁ ଜଙ୍ଗଲ ସୃଷ୍ଟି କରିବା ପାଇଁ ସଚେତନ କରାଇବାର ପର୍ବ । ସମାଜର ପ୍ରତ୍ୟେକ ସ୍ତରରେ ବୃକ୍ଷ ରୋପଣର ବାର୍ତ୍ତା ପହଞ୍ଚେଇବା । ଏହାଦ୍ୱାରା ବୃକ୍ଷର ଉପକାରିତା ବିଷୟରେ ସ୍କୁଲ, କଲେଜ, ଯୁବକ ସଂଘ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ସଭା ସମିତି, ଶୋଭାଯାତ୍ରା, ପଥପ୍ରାନ୍ତ ସଭା, ବକ୍ତୃତା ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ବୃକ୍ଷ ରୋପଣ ଇତ୍ୟାଦି କରାଯାଇଥାଏ । ଯାହାଦ୍ୱାରା ବୃକ୍ଷରୋପଣ କରିବାପାଇଁ ସମାଜର ସବୁ ସ୍ତରରେ ପ୍ରୟାସ ସୃଷ୍ଟି କରାଯାଏ । କେବଳ ବୃକ୍ଷରୋପଣ କରିବା ନୁହେଁ ଏହାର ଯତ୍ନ ନେବାର ଶିକ୍ଷା ମଧ୍ୟ ଦିଆଯାଏ ।

**ବନର ଆବଶ୍ୟକତା :**

ଜଙ୍ଗଲ କ୍ଷୟ ବର୍ତ୍ତମାନ ଆମ ସମାଜ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରୁଛି । ବନ ମହୋତ୍ସବ ଜଙ୍ଗଲ ସୃଷ୍ଟି କରିବାରେ ଏକ ଉତ୍ସବ ଭାବରେ ପାଳନ କରାଯାଏ । ଏହା ନିଶ୍ଚିତ ଭାବରେ ଏକ ସୁସ୍ଥ ପରିବେଶ ଗଢ଼ିବାରେ ସହାୟକ ହେଉଛି । ଏହି ଉତ୍ସବର ମହତ୍ତ୍ୱ ବିଷୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରଦର୍ଶିତ କରାଯାଏ । ଏପରି ଏକ ସାମାଜିକ ଉତ୍ସବ ମାଧ୍ୟମରେ ବୃକ୍ଷରୋପଣ କରିବାକୁ ପ୍ରୋତ୍ସାହିତ କରାଯାଉଛି ।

**ବନ ଧ୍ୱଂସର କାରଣ :**

ବନମହୋତ୍ସବ ମାଧ୍ୟମରେ କିପରି ବନ ଧ୍ୱଂସକୁ ରୋକାଯିବ ତା'ର ପ୍ରୟାସ କରାଯାଉଛି । ଜନସଂଖ୍ୟା ବୃଦ୍ଧି ଯୋଗୁଁ ସବୁଜ ଜଙ୍ଗଲ କାଟି ସେଠାରେ କଂକ୍ରିଟ ଜଙ୍ଗଲ ତିଆରି କରାଯାଉଛି । କଳକାରଖାନା, ରାସ୍ତାଘାଟ ନିର୍ମାଣ ଯୋଗୁଁ ଅନେକ ବୃକ୍ଷ କାଟି ଦିଆଯାଉଛି ଯାହାକି ଆମ ପରିବେଶ ଉପରେ ଏହା କୁପ୍ରଭାବ ପକାଉଛି । ତାପମାତ୍ରା ଅତି ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇ ବନାଗ୍ନି ସୃଷ୍ଟି ହୋଇ ଶହ ଶହ ଏକର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଉଛି ।

**ଜଙ୍ଗଲ ସୃଷ୍ଟିରେ ବନମହୋତ୍ସବର ଭୂମିକା :**

ବନ କ୍ଷୟ ଯୋଗୁଁ ପୃଥିବୀକୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ମାଡ଼ି ଆସୁଛି । ଗ୍ଲେସିଅର ତରଳୁଛି, ସମୁଦ୍ର ଜଳ ପତନ ବଢ଼ୁଛି କରୋନା ପରି ମହାମାରୀ ସୃଷ୍ଟି ହୋଇ ସାରା ବିଶ୍ୱକୁ କବଳିତ କରି ଚାଲିଛି । ତେଣୁ ଏଭଳି ପରିସ୍ଥିତିରେ ବନମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଯଦି ସମସ୍ତେ ସଚେତନ ହୋଇ ବୃକ୍ଷରୋପଣ ଓ ତାର ଯତ୍ନ ନିଅନ୍ତେ ଆମେ ଆମ ଦେଶକୁ ତଥା ସାରା ବିଶ୍ୱକୁ ବିପର୍ଯ୍ୟୟରୁ ରୋକି ପାରନ୍ତେ ।

**ଉପସଂହାର :**

ବନମହୋତ୍ସବ ଭଳି ଏକ ଉତ୍ସବକୁ ଯଦି ସବୁ ସ୍ତରରେ ଆନ୍ତରିକତାର ସହିତ ପାଳନ କରାଯାଆନ୍ତା ତାହାହେଲେ ବନ୍ୟା, ବାତ୍ୟା, ମରୁଡ଼ି, ମହାମାରୀ ଭଳି ବିପର୍ଯ୍ୟୟକୁ ରୋକାଯାଇ ପାରନ୍ତା । ଏହାକୁ କେବଳ ପ୍ରଚାରମୁଖୀ ନକରି ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଅତି ସହୃଦୟତାର ପୂର୍ବକ ପାଳନ କରିବା ଆବଶ୍ୟକ । ଖାଲି ବୃକ୍ଷରୋପଣ କରି ଫଟୋ ନ ଉଠାଇ ଏହାର ଯତ୍ନ ନେବା ଆବଶ୍ୟକ । ଏହି ଉତ୍ସବକୁ ଅନ୍ୟ ସାମାଜିକ ପର୍ବପର୍ବାଣି ପରି ଆନ୍ତରିକତାର ସହିତ ପାଳନ କରିବା ସମସ୍ତଙ୍କର ଦାୟିତ୍ୱ । ସାମାଜିକ ସଚେତନତା ଅଭାବରୁ ୧୯୫୦ ମସିହା ଠାରୁ ବନମହୋତ୍ସବ ପାଳନ କରାଯାଇ ଆସୁଅଛି ସତ କିନ୍ତୁ ପରିତାପ ବିଷୟ ଯେ ସମାଜରେ ଜଣେ ସାଧାରଣ ମଣିଷ ବନମହୋତ୍ସବର ଅର୍ଥ ବୁଝିନାହିଁ । ବନମହୋତ୍ସବକୁ ଏକ ରାଜନୈତିକ ଉତ୍ସବ ରୂପେ ପାଳନ କରା ନଯାଇ ଯଦି ଏହାକୁ ଏକ ଜାତୀୟ ଉତ୍ସବ ରୂପେ ପାଳନ କରାଯାଇପାରନ୍ତା ତେବେ ଏହି ଉତ୍ସବର ଉଦ୍ଦେଶ୍ୟ ସାଧିତ ହୋଇପାରନ୍ତା । ଏହା ଜଙ୍ଗଲ ବୃଦ୍ଧିରେ ଏପର୍ଯ୍ୟନ୍ତ ଆଖିଦୃଶିଆ ସଫଳତା ଲାଭ କରି ପାରିନାହିଁ ।

•



Odisha 1 to 10 All Books App

## ପତ୍ରଲିଖନ

**୦୧. ତୁମ ବିଦ୍ୟାଳୟରେ ହୋଇଥିବା ବିଜ୍ଞାନମେଳା ବିଷୟରେ ନିଜ ଅନୁଭୂତି ବର୍ଣ୍ଣନାକରି ସାନଭଉଣୀ ନିକଟକୁ ଏକ ପତ୍ର ଲେଖ ।**

ଜି.ଏସ୍. ସରକାରୀ ଉଚ୍ଚବିଦ୍ୟାଳୟ, ତିରୁଣା
ଜଗତ୍‌ସିଂହପୁର
ତା ୧୦-୦୭-୨୦୨୦

କଲ୍ୟାଣୀୟା ସୁମନ

ମୋର ସ୍ନେହାଶିଷ ନେବୁ । ତୋର ସାଙ୍ଗସାଥିମାନଙ୍କୁ ମୋର ସ୍ନେହ ଜଣାଇଦେବୁ । ତୁ ବୋଧେ ଜାଣିନୁ ଗତ ଜୁଲାଇ ୧୦ ତାରିଖରେ ଆମ ବିଦ୍ୟାଳୟ ଗୋପବନ୍ଧୁ ସ୍ମାରକୀ ସରକାରୀ ଉଚ୍ଚବିଦ୍ୟାଳୟ, ତିରୁଣାରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ମେଳା ବିଷୟରେ ତୋତେ ଅବଗତ କରାଇବା ପାଇଁ ମୁଁ ସେ ସମ୍ବନ୍ଧରେ ଲେଖୁଛି । ମାନବ ଜାତିର ଇତିହାସ ହେଉଛି ବିଜ୍ଞାନର ସଫଳ ଅଗ୍ରଗତି ରୂପକ କାହାଣୀ । ଆମ୍ଭେମାନେ ଏକବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ ପଦାର୍ପଣ କରିବାକୁ ଯାଉଛୁ, ତେଣୁ ବୈଜ୍ଞାନିକ ପ୍ରବୃତ୍ତି ଜାଗ୍ରତ କରାଇ ଆଜିର ଶିଶୁ ଆସନ୍ତା କାଲିର ବୈଜ୍ଞାନିକ ହେବା ଲକ୍ଷ୍ୟରେ ଆମ ରାଜ୍ୟର ସର୍ବତ୍ର ବିଜ୍ଞାନମେଳା ଅନୁଷ୍ଠିତ ହେଉଛି । ମନୁଷ୍ୟ ଆଜି ବିଜ୍ଞାନ ଯୋଗୁଁ ସଭ୍ୟ ଓ ସଂସ୍କୃତି ସମ୍ପନ୍ନ ଜୀବ ରୂପେ ବିବେଚିତ ।

ଆମ ବିଦ୍ୟାଳୟ ପରିସରରେ ହୋଇଥିବା ବିଜ୍ଞାନ ମେଳାରେ ମୁଁ ସକ୍ରିୟ ଅଂଶଗ୍ରହଣ କରିଥିଲି, ମୋର ବିଜ୍ଞାନ ଶିକ୍ଷକ ଓ ପ୍ରଧାନଶିକ୍ଷକ ମୋତେ ଉତ୍ସାହିତ କରିଥିଲେ । ମୋର ପ୍ରୋଜେକ୍ଟ ଥିଲା ଜଗୁଆଳି ବିହୀନ ରେଳ ଫାଟକ । ଏହା ସ୍ୱୟଂଚାଳିତ ଥିଲା । ଉଭୟ ବିଦ୍ୟୁତ୍ ଓ ବ୍ୟାଟେରୀ ଦ୍ୱାରା ପରିଚାଳିତ ହୋଇପାରିବ । ପ୍ରଦର୍ଶନୀଯୋଗ୍ୟ ବିଭିନ୍ନ ପଦାର୍ଥ ଧରି ପ୍ରାୟ ୩୬ଟି ସ୍କୁଲର ପିଲାମାନେ ମେଳାରେ ଯୋଗଦାନ କରିଥିଲେ । ସୁନ୍ଦର ଭାବରେ ଟେଣ୍ଟ ଓ ସଭାମଣ୍ଡପ ସଜାଯାଇଥିଲା । ନିଜ ଷ୍ଟଲ୍‌ରେ ନିଜ ପ୍ରସ୍ତୁତ ପଦାର୍ଥମାନ ପରୀକ୍ଷାକରି ପ୍ରାଞ୍ଜଳ ଭାବରେ ଛାତ୍ରପ୍ରତିନିଧିମାନେ ଦର୍ଶକମାନଙ୍କୁ ବୁଝାଉଥାନ୍ତି । ଅଧିକାଂଶ ଲୋକ ମାରାତ୍ମକ ଏଡ୍‌ସ, ଡେଙ୍ଗୁ, ପରିବେଶ ପ୍ରଦୂଷଣ ଓ ଜ୍ଞାନବିଜ୍ଞାନ ସମ୍ପର୍କରେ ବିଭିନ୍ନ ମଡ଼େଲରେ ବିଦ୍ୟୁତ୍ ସଞ୍ଚାର ସାହାଯ୍ୟରେ ଆଲୋକପାତ କରିଥିଲେ । ଶେଷରେ ଜଗତ୍‌ସିଂହପୁର ଶ୍ରୀକୃଷ୍ଣ ଏକାଡ଼େମୀ ମାନ୍ୟବର ବିଧାୟକଙ୍କଠାରୁ ପୁରସ୍କୃତ ହୋଇଥିଲେ । ଆମ ସ୍କୁଲ ଦ୍ୱିତୀୟ ସ୍ଥାନନେଇ ପୁରସ୍କୃତ ହୋଇଥିଲା । ଏହି ମେଳାଟିକୁ ଦେଖିଲେ ବୈଜ୍ଞାନିକ ହେବାକୁ ଇଚ୍ଛା ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

ଆଉ ଅଧିକ ଲେଖୁନାହିଁ । ଆସନ୍ତା ବର୍ଷର ବିଜ୍ଞାନମେଳାକୁ ତୋତେ ନିଶ୍ଚୟ ଡକାଇବି । ଗତ ପରୀକ୍ଷାରେ ବିଜ୍ଞାନରେ କେତେ ନମ୍ବର ରଖିଛୁ ଜଣାଇବୁ । ଆଶାକରେ ଭଲରେ ଥିବୁ, ଚିଠି ପାଇ ଚିଠି ଦେବୁ ।

ଇତି
ତୋର ଶୁଭାକାଂକ୍ଷୀ
ବଡ଼ଭାଇ

ଠିକଣା

| ପ୍ରେରକ : | ପ୍ରାପକ : ଟିକଟ |
|---|---|
| ଶ୍ରୀ ପ୍ରଦ୍ୟୁମ୍ନ ଦାସ | କୁମାରୀ ସୁମନସୁଧା ଦାସ |
| ଜି.ଏସ୍. ସରକାରୀ ଉଚ୍ଚ ବିଦ୍ୟାଳୟ, ତିରୁଣା | ସା- ସି/୧୧୦, ସେକ୍ଟର-୦୨ |
| ସା- ତିରୁଣା, ପୋ- ତେଣ୍ଡୋଲ | ପୋ- ରାଉରକେଲା-୧୨ |
| ଜିଲ୍ଲା - ଜଗତ୍‌ସିଂହପୁର | ଜିଲ୍ଲା - ସୁନ୍ଦରଗଡ଼ |
| ପିନ୍ - ୭୫୩୧୧୦ | ପିନ୍ - ............. |



Odisha 1 to 10 All Books App

**୦୨. ତୁମ ଜୀବନର ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ।**

ଛାତ୍ରାବାସ
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,
ଜଗତ୍‌ସିଂହପୁର
ତା ୧୬-୧୧-୨୦୨୦

ପ୍ରିୟ ଅରବିନ୍ଦ,

ମୋର ସ୍ନେହପୂର୍ଣ୍ଣ ଶୁଭେଚ୍ଛା ନେବୁ । ମଉସା ମାଉସୀଙ୍କୁ ମୋର ଭୂମିଷ୍ଠ ପ୍ରଣାମ । ଆଦରର ଲିପନ୍‌କୁ ସ୍ନେହାଶୀର୍ବାଦ । ତୁ ଦେଇଥିବା ପତ୍ରଟିକୁ ଗତକାଲି ପାଇଲି । ସେଥିରେ ତୋର ଜୀବନର ଲକ୍ଷ୍ୟ ବିଷୟରେ ସୁନ୍ଦର ଭାବେ ବର୍ଣ୍ଣନା କରିଛୁ । ପଢ଼ି ବହୁତ ଖୁସି ଲାଗିଲା । ତତ୍‌ସହିତ ମୋ ଜୀବନର ଲକ୍ଷ୍ୟ ଜାଣିବାପାଇଁ ବେଶ୍ ଆଗ୍ରହ ପ୍ରକାଶ କରିଛୁ । ମୁଁ ତାହା ତଳେ ଲେଖୁଛି ।

ସତରେ ଅରୁ, ଭବିଷ୍ୟତରେ ତୁ ଜଣେ ଡାକ୍ତର ହେବୁ ବୋଲି ଲକ୍ଷ୍ୟ ରଖିଛୁ । ଜାଣି ଏତେ ଖୁସି ଲାଗିଲା ଯେ ତାହା ଭାଷାରେ ବ୍ୟକ୍ତ କରି ହେବନି । ମୋର ଜୀବନର ଲକ୍ଷ୍ୟ ମୁଁ ଏକପ୍ରକାର ସ୍ଥିର କରିଛି । କାରଣ ଲକ୍ଷ୍ୟହୀନ ଜୀବନ ଜୀବନ ନୁହେଁ ବୋଲି ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ କହନ୍ତି । ତେଣୁ ମୋ ଶ୍ରମ ଓ ସାଧନା ବଳରେ ମୁଁ ଭବିଷ୍ୟତରେ ଜଣେ ଭଲ ଇଞ୍ଜିନିୟର ହେବାକୁ ଇଚ୍ଛା ପ୍ରକାଶ କରିଛି । ମୋ ପିତାମାତା ମଧ୍ୟ ମୋ ଲକ୍ଷ୍ୟ ବିଷୟରେ ଜାଣି ଖୁସି ବ୍ୟକ୍ତ କରିଛନ୍ତି । ମୁଁ ଦକ୍ଷ ଇଞ୍ଜିନିୟରଟିଏ ହୋଇ ଗଠନମୂଳକ କାର୍ଯ୍ୟକରି ଦେଶର ପ୍ରଗତି କରିବି । ନୂଆ ଯନ୍ତ୍ରପାତି ନିର୍ମାଣ କରିବାରେ ମନୋନିବେଶ କରିବି । ପ୍ରଚୁର ଅର୍ଥଲାଭର ଆଶା କେବେ ରଖିବି ନାହିଁ କିମ୍ବା ଲୋଭର ବଶବର୍ତ୍ତୀ ହେବି ନାହିଁ । ତେଣୁ ବର୍ତ୍ତମାନଠାରୁ ଇଣ୍ଟରନେଟ୍, ଖବରକାଗଜ ଓ ପତ୍ରପତ୍ରିକାରେ ବାହାରୁଥିବା ନୂଆ ନୂଆ ତଥ୍ୟ ବିଷୟରେ ଖବର ରଖୁଛି । ମୋର ଏହି ସାଧନାରେ କୌଣସି ଜିନିଷ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ । ନିଶ୍ଚୟ ଫଳପ୍ରସୂ ହେବ । ଈଶ୍ୱର ମଧ୍ୟ ତୋ ଆଶା ପୂର୍ଣ୍ଣ କରିବେ ।

ଆମେ ଦୁହେଁ ନିଜ ନିଜର ଲକ୍ଷ୍ୟ ବିଷୟରେ ଅବଗତ ହେଲେ । ଗୁରୁଜନମାନଙ୍କୁ ମୋର ସମ୍ମାନ । ଜେଜେମା'ଙ୍କ ଦେହ ଖରାପ ଥିଲା, ଏବେ କିପରି ଅଛନ୍ତି ଜଣାଇବୁ । ଆମର ଏଠି ସବୁ ଠିକ୍‌ଠାକ୍ ଚାଲିଛି । ତୁମ ଛାତ୍ରାବାସ କଥା ଜଣାଇବୁ । ଆଉ ସବୁ ସାକ୍ଷାତରେ ।

ଇତି
ତୋର ସାଙ୍ଗ ପୀୟୁଷ

Eduodia.app

ଠିକଣା

| ପ୍ରେରକ : | ପ୍ରାପକ : (ଟିକଟ) |
|---|---|
| ପୀୟୁଷ ମିଶ୍ର | ଅରବିନ୍ଦ ରାୟ |
| ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ର, | ନୂଆବଜାର ହାଇସ୍କୁଲ |
| ଜଗତ୍‌ସିଂହପୁର | ପୋ:ଅ:- ନୂଆବଜାର |
| ପୋ:ଅ:/ଜିଲ୍ଲା - ଜଗତ୍‌ସିଂହପୁର | ଜିଲ୍ଲା - କଟକ |

**୦୩. ତୁମ ଗ୍ରାମରେ ଏକ ପାଠାଗାର ପ୍ରତିଷ୍ଠା ନିମନ୍ତେ ଜିଲ୍ଲାପାଳଙ୍କ ନିକଟକୁ ଦରଖାସ୍ତ ଲେଖ ।**

**ମାନନୀୟ ଶ୍ରୀଯୁକ୍ତ ଜିଲ୍ଲାପାଳ, ଜଗତ୍‌ସିଂହପୁର ।**

**ବିଷୟ : ଗ୍ରାମରେ ଏକ ପାଠାଗାର ପ୍ରତିଷ୍ଠା ନିମନ୍ତେ ।**

**ମହାଶୟ,**

ନିବେଦ୍ୟାଭିପ୍ରାୟ ଏହିକି ଯେ, ଆମ୍ଭେ ଆପଣଙ୍କ ଜିଲ୍ଲାର କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପଙ୍କପାଳ ଗ୍ରାମର ଅଧିବାସୀ ଅଟୁ । ବର୍ତ୍ତମାନ ସମୟରେ ଆମ ଅଞ୍ଚଳରେ ଏକ ପ୍ରମୁଖ ଆବଶ୍ୟକତା ସଂପର୍କରେ ଆପଣଙ୍କ ଦୃଷ୍ଟିଗୋଚର କରାଇ ନିମ୍ନଲିଖିତ ବିଷୟମାନ ଉପସ୍ଥାପନ କରୁଛୁ । ଆମ ଗ୍ରାମରେ



Odisha 1 to 10 All Books App

କେତେଗୁଡ଼ିଏ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ମାଧ୍ୟମିକ ବିଦ୍ୟାଳୟ ଓ ଏକ ମହାବିଦ୍ୟାଳୟ ସ୍ଥାପିତ ହୋଇଛି । ଏହା ସହ ଡାକଘର, ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରହିଛି । ଆମ ଗ୍ରାମସହ ପାଖାପାଖି ସାତ ଆଠଟି ଗ୍ରାମରେ ବସବାସ କରୁଥିବା ଲୋକଙ୍କ ଅଧ୍ୟୟନ ପିପାସାକୁ ଚରିତାର୍ଥ କରିବାକୁ କୌଣସି ପାଠାଗାର ବା ଲାଇବ୍ରେରୀଟିଏ ନାହିଁ । ଦୁଃଖର ବିଷୟ ପାଠାଗାରଟିଏ ନିର୍ମାଣ ପାଇଁ ସ୍ଥାନ ଓ ନୂତନ ପୁସ୍ତକ କ୍ରୟ କରିବା ନିମନ୍ତେ ଅର୍ଥାଭାବ ପ୍ରଧାନ ଅନ୍ତରାୟ ସୃଷ୍ଟି କରୁଛି । ଗ୍ରାମର ଗୋଟିଏ ଗୃହରେ ଆମ୍ଭେମାନେ କିଛି ପୁସ୍ତକ ସଂଗ୍ରହ କରି ରଖିଛୁ ।

ଏଣୁ ବିନୀତ ପ୍ରାର୍ଥନା କରୁକି ଆପଣ ଦୟା-ପରବଶ ହୋଇ ଏଥି ନିମନ୍ତେ ଆବଶ୍ୟକ ଅର୍ଥ ମଞ୍ଜୁର କଲେ ଆମ୍ଭେ ଚିରୋପକୃତ ହେବୁ ଏବଂ ଆମ ଅଞ୍ଚଳରେ ତାହା ଜ୍ଞାନର ବିକାଶ କରାଇବାରେ ଯଥେଷ୍ଟ ସହାୟକ ହୋଇପାରିବ ।

ଇତି
ଆପଣଙ୍କ ବିଶ୍ୱସ୍ତ
ପଙ୍କପାଳ ଗ୍ରାମର ଗ୍ରାମବାସୀବୃନ୍ଦ
ଶ୍ରୀଯୁକ୍ତ ଦାମୋଦର ସାହୁ
ଶ୍ରୀଯୁକ୍ତ ଭୁବନାନନ୍ଦ ମିଶ୍ର
ଶ୍ରୀଯୁକ୍ତ ମହେଶ୍ୱର ରଥ

ସ୍ଥାନ : ପଙ୍କପାଳ
ତାରିଖ - ୧୫ / ୧୧ / ୨୦୨୦

**୦୪. ତୁମ ଗ୍ରାମରେ ଦେଖାଯାଇଥିବା ପାନୀୟ ଜଳର ଘୋର ସଂକଟର ଦୂରୀକରଣ ନିମନ୍ତେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।**

**ମାନନୀୟ ଶ୍ରୀଯୁକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ,**
**କୁଜଙ୍ଗ ବ୍ଲକ, କୁଜଙ୍ଗ**
(ସରପଞ୍ଚଙ୍କ ଜରିଆରେ)

**ବିଷୟ : ପାନୀୟ ଜଳ ସଂକଟ ଦୂରୀକରଣ ନିମିତ୍ତ ।**

Eduodia App

**ମହାଶୟ,**

ଅତ୍ୟନ୍ତ ସମ୍ମାନ ଓ ନମ୍ରତାର ସହ ଆମେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମର ଅଧିବାସୀଗଣ ନିମ୍ନଲିଖିତ ବିଷୟ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଏହାର ପ୍ରତିକାର ବିଧାନ ଆଶା କରୁଛୁ । ଆମ ଗ୍ରାମର ଲୋକସଂଖ୍ୟା ପ୍ରାୟ ଏକ ହଜାରରୁ ଅଧିକ । ଲୋକମାନଙ୍କର ପାନୀୟ ଜଳର ଅଭାବ ପୂରଣ ପାଇଁ କେବଳ ଦୁଇଟି ନଳକୂପ ଯଥେଷ୍ଟ ନୁହେଁ, ତାହା ମଧ୍ୟ ଗ୍ରାମର ଶେଷ ଭାଗରେ ଅବସ୍ଥିତ । ଗ୍ରାମର ମଧ୍ୟଭାଗରେ ରହୁଥିବା ଲୋକେ ପାନୀୟ ଜଳପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସଂପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଆଗକୁ ଗ୍ରୀଷ୍ମ ଋତୁର ପ୍ରଭାବ ଜଳର ସଂକଟକୁ ଦ୍ୱିଗୁଣିତ କରିଦେବ ।

ଏଣୁ ବିନୀତ ଅନୁରୋଧ କରୁକି, ତୁରନ୍ତ ଆମ୍ଭ ଅଞ୍ଚଳର ଏହି ସମସ୍ୟାକୁ ଗୁରୁତର ସହ ବିଚାର କରି ଦୁଇଟି ନୂତନ ନଳକୂପ ଖନନ ପାଇଁ ବିହିତ ବ୍ୟବସ୍ଥା କଲେ, ଆମ୍ଭେ ଚିରୋପକୃତ ହେବୁ ।

ଇତି
ଆପଣଙ୍କ ବିଶ୍ୱସ୍ତ
ଗ୍ରାମବାସୀବୃନ୍ଦ
ଶ୍ରୀଯୁକ୍ତ ଗଗନବିହାରୀ ଦାସ
ଶ୍ରୀଯୁକ୍ତ ମାଧବାନନ୍ଦ ପତି
ଶ୍ରୀଯୁକ୍ତ ନରେଶ ଜେନା

ସ୍ଥାନ : ପଙ୍କପାଳ
ତାରିଖ - ୧୫ / ୧୧ / ୨୦୨୦



Odisha 1 to 10 All Books App

**୦୫. ତୁମ ଗ୍ରାମରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଜିଲ୍ଲାପାଳଙ୍କ ନିକଟକୁ ଦରଖାସ୍ତ ଲେଖ ।**

**ମାନନୀୟ ଶ୍ରୀଯୁକ୍ତ ଜିଲ୍ଲାପାଳ, ଜଗତ୍‌ସିଂହପୁର**

**ବିଷୟ : ଗ୍ରାମରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ**

**ମହାଶୟ,**

ନିବେଦନର ଅଭିପ୍ରାୟ ଏହିକି ଯେ, ଆମ୍ଭେ ଆପଣଙ୍କ ଜିଲ୍ଲାର ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ଗ୍ରାମର ଅଧିବାସୀ ଅଟୁ । ବର୍ତ୍ତମାନ ସମୟରେ ଆମ ଅଞ୍ଚଳର ପ୍ରମୁଖ ଆବଶ୍ୟକତା ସଂପର୍କରେ ଆମେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ । ଆମ ବ୍ଲକରେ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ଆମ ପଞ୍ଚାୟତର ଅଧିକାଂଶ ଗ୍ରାମ (ଯଥା- ଶିଖର) ପନ୍ଦର କିଲୋମିଟର ଦୂରରେ ଅବସ୍ଥିତ । ଯୋଗାଯୋଗର ବିଶେଷ ସୁବିଧା ନ ଥିବାରୁ ପୀଡ଼ିତ ଜନସାଧାରଣ ହଠାତ୍ ଚିକିତ୍ସାର ସୁବିଧା ପାଇପାରୁ ନାହାନ୍ତି । ଫଳରେ ବହୁଲୋକ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଛନ୍ତି । ମାତ୍ର ଦୁଃଖର ବିଷୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ଆବଶ୍ୟକ ଜମି ଓ ଡାକ୍ତରମାନଙ୍କ ନିଯୁକ୍ତି ନିମନ୍ତେ ଅର୍ଥାଭାବ ପ୍ରଧାନ ଅନ୍ତରାୟ ସୃଷ୍ଟି କରୁଛି ।

ଏଣୁ ବିନୀତ ଅନୁରୋଧ କରୁ ଯେ ଆପଣ ଦୟାପରବଶ ହୋଇ ଆମ୍ଭର ଆବେଦନକୁ ବିଚାରକୁ ନେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଅର୍ଥ ମଞ୍ଜୁର କଲେ ଆମେ ଆପଣଙ୍କ ନିକଟରେ ଚିରୋପକୃତ ହେବୁ ।

ଇତି
ଆପଣଙ୍କ ବିଶ୍ୱସ୍ତ
ଶିଖର ଗ୍ରାମର ଗ୍ରାମବାସୀବୃନ୍ଦ

ସ୍ଥାନ : ଶିଖର
ତାରିଖ - ୧୫ / ୧୧ / ୨୦୨୦

Eduodia App

**୦୬. ତୁମ ବଡ଼ଭଉଣୀର ବିଭାଘର ପାଇଁ ୪ଦିନ ଛୁଟି ମଞ୍ଜୁର ନିମନ୍ତେ ପ୍ରଧାନଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖ ।**

**ମାନନୀୟ ଶ୍ରୀଯୁକ୍ତ ଅଙ୍ଗେଶ୍ୱରପଡ଼ା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ, ଜଗତ୍‌ସିଂହପୁର**

**ମହୋଦୟ ............................ ସମୀପେଷୁ**

(ଶ୍ରେଣୀ ଶିକ୍ଷକଙ୍କ ଜରିଆରେ)

**ମହାଶୟ,**

ନିବେଦନର ଅଭିପ୍ରାୟ ଏହିକି ଯେ, ମୁଁ ଆପଣଙ୍କ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ରୀ ଅଟେ । ଆସନ୍ତା ମାସ ୧୦ ତାରିଖରେ ମୋର ବଡ଼ଭଉଣୀର ବିବାହ ଉତ୍ସବ ଅନୁଷ୍ଠିତ ହେବ । ମୁଁ ଉକ୍ତ ଉତ୍ସବରେ ଯୋଗଦେବାକୁ ଚାହୁଁଅଛି । ତେଣୁ ମୁଁ ତା ୮-୧୨-୨୦୨୦ ରିଖ ଠାରୁ ତା ୧୧-୧୨-୨୦୨୦ ରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅନୁପସ୍ଥିତ ରହିବି ।

ଏଣୁ ବିନୀତ ଅନୁରୋଧ କରେ କି ଆପଣ ଦୟାପରବଶ ହୋଇ ମୋତେ ଉକ୍ତ ଦିନଗୁଡ଼ିକୁ ଛୁଟି ପ୍ରଦାନ କଲେ ମୁଁ ଆପଣଙ୍କ ନିକଟରେ ଚିରୋପକୃତ ଲାଭ କରିବି ।

ଇତି
ଆପଣଙ୍କ ଆଜ୍ଞାଧୀନା ଛାତ୍ରୀ
ନିବେଦିତା ସ୍ୱାଇଁ
ଶ୍ରେଣୀ - ୧୦ମ, ବିଭାଗ - କ

ସ୍ଥାନ : ଅଙ୍ଗେଶ୍ୱରପଡ଼ା
ତାରିଖ - ୨୦ / ୧୧ / ୨୦୨୦



Odisha 1 to 10 All Books App

# ଅନୁଚ୍ଛେଦ

## ଅନୁଚ୍ଛେଦ - ୧

**୦୧. ନିମ୍ନ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ପ୍ରତିଟି ଉତ୍ତର ପ୍ରାୟ ୨୫ ଶବ୍ଦରେ ହେବା ଆବଶ୍ୟକ ।**

ଧର୍ମ ଚେତନା, ଗୋଷ୍ଠୀ ଦେଇ କ୍ରମଶଃ ରାଷ୍ଟ୍ରୀୟ ମୂଲ୍ୟବୋଧକୁ ସଂଘର୍ଷଶୀଳ କରାଇଦିଏ । ରାଜନୀତି ଓ ଶାସନନୀତି କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ଯଦି ଗ୍ରହଣ କରି ପୃଷ୍ଠପୋଷକତା ଦିଏ, ତେବେ ଶାସନଚକ୍ର ତଳେ ଥିବା ଅନ୍ୟ ସମ୍ପ୍ରଦାୟ ଓ ଧର୍ମଭିତ୍ତିକ ଗୋଷ୍ଠୀ ନିଜର ସ୍ୱାଭିମାନ ରକ୍ଷା କରିବାକୁ ଯାଇ ସଂଘର୍ଷ ସୃଷ୍ଟି କରୁଛି । ସମ୍ପ୍ରତି ଭାରତରେ ବାବ୍‌ରୀ ମସ୍‌ଜିଦ୍ ଓ ରାମ ଜନ୍ମଭୂମିକୁ ନେଇ ହିନ୍ଦୁ ମୁସଲମାନ ଧର୍ମର ବିବାଦ ଏହି କ୍ରମରେ ରାଜନୀତି ଦ୍ୱାରା ପରିଚାଳିତ ହୋଇ ସଂଘର୍ଷ ଓ ଦ୍ୱନ୍ଦ୍ୱର ସୀମାବଦ୍ଧତାରେ ପ୍ରବେଶ କରିଛି । ଶିଖ୍‌ମାନେ ବି ଧର୍ମଭିତ୍ତିକ ରାଷ୍ଟ୍ର ଦାବି କରୁଛନ୍ତି । ତଥାପି ଭାରତୀୟ ନେତୃବର୍ଗ ସଂକୀର୍ଣ୍ଣ ଧର୍ମଚେତନା ଊର୍ଦ୍ଧ୍ୱରେ ଭାରତର ଅଖଣ୍ଡତା ପ୍ରତି ସଚେତନ ରହିଛନ୍ତି । ରାଜନୀତିରୁ ଧର୍ମକୁ ଅଲଗା କରି ବିଶ୍ୱ ମାନବବାଦର ଜୟଗାନରେ ଏ ଦେଶରେ ସ୍ୱତନ୍ତ୍ର ମାନ୍ୟତା ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହୋଇପାରିବ ଏ ବିଶ୍ୱାସ ଭାରତୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିଶ୍ୱାସ ରଖିଛି ।

### ପ୍ରଶ୍ନାବଳୀ :

(କ) ଧର୍ମଚେତନା, ରାଷ୍ଟ୍ରୀୟ ମୂଲ୍ୟବୋଧକୁ କିପରି ସଂଘର୍ଷଶୀଳ କରାଏ ?

(ଖ) ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ସୃଷ୍ଟି ହୁଏ, କାହିଁକି ?

(ଗ) ବାବ୍‌ରୀ ମସ୍‌ଜିଦ୍ ଓ ରାମ ଜନ୍ମଭୂମିକୁ ନେଇ ବିବାଦ ସୃଷ୍ଟି ହେବାର କାରଣ କ'ଣ ?

(ଘ) ଭାରତୀୟ ନେତୃବର୍ଗ ଦେଶର ଅଖଣ୍ଡତା ପ୍ରତି କିପରି ସଚେତନ ଅଛନ୍ତି ?

(ଙ) ଭାରତର ସ୍ୱତନ୍ତ୍ର ମାନ୍ୟତା, ବିଶ୍ୱ ଦରବାରରେ କିପରି ପ୍ରତିଷ୍ଠିତ ହୋଇପାରିବ ବୋଲି ଭାରତୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିଶ୍ୱାସ ରଖିଛି ?

### ଉତ୍ତର

(କ) ଧର୍ମ ଚେତନା, ବିଭିନ୍ନ ଗୋଷ୍ଠୀ ମଧ୍ୟ ଦେଇ ରାଷ୍ଟ୍ରୀୟ ମୂଲବୋଧକୁ ସଂଘର୍ଷଶୀଳ କରାଏ ।

(ଖ) ରାଜନୀତି ଓ ଶାସନନୀତି ଯଦି କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ଗ୍ରହଣ କରି ପୃଷ୍ଠପୋଷକତା ଦିଏ, ତେବେ ଶାସନକେନ୍ଦ୍ର ତଳେ ଥିବା ଅନ୍ୟ ସମ୍ପ୍ରଦାୟ ଓ ଧର୍ମଭିତ୍ତିକ ଗୋଷ୍ଠୀ ନିଜର ସ୍ୱାଭିମାନ ରକ୍ଷା କରିବାପାଇଁ ସଂଘର୍ଷ ସୃଷ୍ଟି କରନ୍ତି ।

(ଗ) ବାବ୍‌ରି ମସ୍‌ଜିଦ୍ ଓ ରାମ ଜନ୍ମଭୂମିକୁ ନେଇ ହିନ୍ଦୁ ମୁସଲ୍‌ମାନ ଧର୍ମର ବିବାଦ, ରାଜନୀତି ଦ୍ୱାରା ପରିଚାଳିତ ହୋଇ ସଂଘର୍ଷ ଓ ଦ୍ୱନ୍ଦ୍ୱର ସୀମାବଦ୍ଧତାରେ ପ୍ରବେଶ କରିଛି ।

(ଘ) ଶିଖ୍‌ମାନେ ଧର୍ମଭିତ୍ତିକ ରାଷ୍ଟ୍ର ଦାବି କରୁଥିଲେ ମଧ୍ୟ, ଭାରତୀୟ ନେତୃବର୍ଗ ଧର୍ମଚେତନାର ଊର୍ଦ୍ଧ୍ୱରେ ରହି ଦେଶର ଅଖଣ୍ଡତା ପ୍ରତି ସଚେତନ ଅଛନ୍ତି ।

(ଙ) ରାଜନୀତିରୁ ଧର୍ମକୁ ଅଲଗା କରି ବିଶ୍ୱମାନବବାଦର ଜୟଗାନରେ, ଭାରତର ସ୍ୱତନ୍ତ୍ର ମାନ୍ୟତା, ବିଶ୍ୱ ଦରବାରରେ ପ୍ରତିଷ୍ଠା ହୋଇପାରିବ ବୋଲି ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିଶ୍ୱାସ ରଖିଛି ।

❑

## ଅନୁଚ୍ଛେଦ - ୨

**୦୨. ନିମ୍ନ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ପ୍ରତିଟି ଉତ୍ତର ପ୍ରାୟ ୨୫ ଶବ୍ଦରେ ହେବା ଆବଶ୍ୟକ ।**

ଗଣତନ୍ତ୍ର ପଦ୍ଧତିରେ ଗଣଭୋଟର ବ୍ୟବସ୍ଥା ଥିବାରୁ ଅସନ୍ତୋଷକୁ ଖଣ୍ଡା, ତରବାରି ବା ବନ୍ଧୁକରେ ପ୍ରକାଶ ନକରି, ଭୋଟ କାଗଜରେ ପ୍ରକାଶ କରିବାର ସୁବିଧା ଦିଆହୋଇଥାଏ । ତେଣୁ ବିନା ରକ୍ତପାତରେ



Odisha 1 to 10 All Books App

ପରିବର୍ତ୍ତନ ସାଧନ କରିପାରେ ବୋଲି ଗଣତନ୍ତ୍ର ପଦ୍ଧତିକୁ ପ୍ରଶଂସା କରାହୁଏ । କିନ୍ତୁ ସେ ପଦ୍ଧତିର ଅପବ୍ୟବହାର ମଧ୍ୟ କରାହୁଏ । ସବୁ ପ୍ରକାର ପ୍ରତିଶ୍ରୁତି ଦେଇ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଭୋଟ ପାଇସାରିଲା ପରେ ଭୋଟରମାନଙ୍କୁ ଭୁଲିଯାଇ ନିର୍ବାଚିତ ପ୍ରତିନିଧି ଉପକୃତ ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇ ଯାଆନ୍ତି । ଏଣୁ କେବଳ ଭୋଟ କାଗଜ ଉପରେ ନିର୍ଭର କରି ରହିଲେ ଯେ ଜନତାର ଦୁଃଖ ଯିବ ତା' ମଧ୍ୟ ନୁହେଁ । ସବୁ ଦିଗରୁ ବିଚାର କଲେ ସ୍ପଷ୍ଟ ଜଣାଯିବ ଯେ ଜନତା ଭିତରେ ପଡ଼ି ରହି ସେମାନଙ୍କ ମନରେ ଆଶା ଓ ଆଲୋକ ସଞ୍ଚାର କରିବା ପାଇଁ କର୍ତ୍ତବ୍ୟବୋଧରେ ଅନେକ ବାହାରିବା ଉଚିତ । ସୁଖର ବିଷୟ ଏହା ହେଉଛି, ଏଥି ପ୍ରତି ସମ୍ବାଦ ପତ୍ରରେ ବା ବ୍ୟବସ୍ଥା ସଭାରେ ବା ଶାସନ କ୍ଷେତ୍ରରେ ଦୃଷ୍ଟି ପଡୁ ବା ନ ପଡୁ ଆଶା ଓ ଆଲୋକ ସଂଚାର କରିବା ହେଉଛି ସାଂସ୍କୃତିକ କାର୍ଯ୍ୟ । ଏହା ସହିତ ରାଜନୀତିର ପ୍ରତ୍ୟକ୍ଷ ସଂପର୍କ ନାହିଁ । ଏଣୁ ଯେଉଁମାନେ ସରକାରୀ କାମ କରୁଛନ୍ତି ବା ଅନ୍ୟ କୌଣସି କାରଣରୁ ରାଜନୀତିରେ ଯୋଗ ଦେଇ ପାରୁ ନାହାଁନ୍ତି, ସେମାନେ କର୍ତ୍ତବ୍ୟବୋଧରେ ଜନତାକୁ ନିରାଶାରୁ ଉଦ୍ଧାର କରି ଆଶାର ରାଜ୍ୟକୁ ନେଇଯାଇ ପାରନ୍ତି । ପୁରାଣମାନଙ୍କରେ ବର୍ଣ୍ଣିତ ଅଛି, ଲୋକଙ୍କୁ ନିର୍ଯାତନାରୁ ରକ୍ଷା କରିବା ପାଇଁ ଦେବତାମାନେ ସ୍ୱର୍ଗ ଛାଡ଼ି ମର୍ତ୍ତ୍ୟରେ ମନୁଷ୍ୟ ଜନ୍ମ ନେଇ ସାଧାରଣ ମଣିଷ ହୋଇ କାର୍ଯ୍ୟ କରନ୍ତି । ସେହିପରି ଉପକୃତ ଶ୍ରେଣୀରୁ ଅନେକ ଓହ୍ଲାଇ ଆସି ଅନୁପକୃତ ଶ୍ରେଣୀ ଭିତରେ ରହି ସେମାନଙ୍କୁ ଉଦ୍ଧାର କରିବାର ସଂକଳ୍ପ କଲେ ସେମାନେ ନିଜର ଜୀବନ ସାର୍ଥକ କରିବେ ଓ ସେମାନେ ନୂତନ ଇତିହାସ ମଧ୍ୟ ସୃଷ୍ଟି କରିବେ ।

### ପ୍ରଶ୍ନାବଳୀ :

(କ) ଗଣତନ୍ତ୍ର ପଦ୍ଧତିକୁ ପ୍ରଶଂସା କରାହୁଏ କାହିଁକି ?

(ଖ) ଗଣତନ୍ତ୍ର ପଦ୍ଧତିର ଅପବ୍ୟବହାର କିପରି କରାଯାଏ ?

(ଗ) କେଉଁ କାର୍ଯ୍ୟରେ ରାଜନୀତି ସହିତ ପ୍ରତ୍ୟକ୍ଷ ସଂପର୍କ ନାହିଁ ?

(ଘ) ଦେବତାମାନେ ମନୁଷ୍ୟ ଜନ୍ମ ନିଅନ୍ତି କାହିଁକି ?

(ଙ) କେଉଁମାନେ ନୂତନ ଇତିହାସ ସୃଷ୍ଟି କରିବେ ?

### ଉତ୍ତର

(କ) ଗଣତନ୍ତ୍ର ଶାସନ ଆଧୁନିକ ସମାଜ ପାଇଁ ଏକ ଉତ୍ତମ ବ୍ୟବସ୍ଥା । ଦେଶର ପ୍ରତ୍ୟେକ ସାବାଳକ ନାଗରିକ ଗଣଭୋଟ ମାଧ୍ୟମରେ ସେମାନଙ୍କ ପ୍ରତିନିଧିମାନଙ୍କୁ ନିର୍ବାଚିତ କରି ଶାସନରେ ପରିବର୍ତ୍ତନ କରିବାର ସୁଯୋଗ ପାଇଥାନ୍ତି । ଏହି ପରିବର୍ତ୍ତନ ଅହିଂସା ଉପାୟରେ କରାଯାଇପାରିବ । ଏଣୁ ଗଣତନ୍ତ୍ର ପଦ୍ଧତି ପ୍ରଶଂସାଯୋଗ୍ୟ ।

(ଖ) ଗଣତନ୍ତ୍ର ଶାସନ ପଦ୍ଧତି ଏକ ଉତ୍ତମ ବ୍ୟବସ୍ଥା ହୋଇଥିଲେ ମଧ ଏହାର ଅପବ୍ୟବହାରର ସମ୍ଭାବନା ଥାଏ । ନିର୍ବାଚନ ପୂର୍ବରୁ ନେତାମାନେ ନାଗରିକମାନଙ୍କୁ ସୁନ୍ଦର ସୁନ୍ଦର ପ୍ରତିଶ୍ରୁତି ଦେଇଥାନ୍ତି; ମାତ୍ର ଥରେ ନିର୍ବାଚିତ ହୋଇସାରିବା ପରେ ଜନସାଧାରଣଙ୍କ ଉପକାର ନକରି ପ୍ରତିଶ୍ରୁତି ଭୁଲି ନିଜର ସ୍ୱାର୍ଥସାଧନରେ ବ୍ୟସ୍ତ ଥା'ନ୍ତି । ଏହିପରି ଗଣତନ୍ତ୍ର ଶାସନର ଅପବ୍ୟବହାର ହୋଇଥାଏ ।

(ଗ) ଜନତା ମଧରେ ଆଶାର ଆଲୋକ ସଂଚାର କରାଇବା ଏକ କର୍ତ୍ତବ୍ୟ ବା ଦାୟିତ୍ୱବୋଧ କାର୍ଯ୍ୟ । ଏହି ଆଶାର ଆଲୋକକୁ ଫଳବତୀ କରାଇବା ନିମନ୍ତେ ବିଧେୟକ ସଭା, ଶାସନକ୍ଷେତ୍ର ବା ଗଣମାଧ୍ୟମ ସଂପୃକ୍ତ ରୁହନ୍ତୁ ବା ନ ରୁହନ୍ତୁ ଏହାସହ ରାଜନୀତିର କୌଣସି ସଂପର୍କ ନାହିଁ ।

(ଘ) ମାନବ ସେବା ହିଁ ମାଧବ ସେବା । ଦୁଃଖ ପୀଡ଼ିତ ଲୋକମାନଙ୍କର ଦୁଃଖ ଯେଉଁମାନେ ଦୂର କରିବାରେ ବ୍ରତୀ ହୋଇଥାନ୍ତି ସେମାନଙ୍କୁ ଲୋକେ ଦେବତୁଲ୍ୟ ଜ୍ଞାନ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ଅଛି ମଣିଷର ବା ପ୍ରାଣୀମାନଙ୍କର ଦୁଃଖ ଦୂର କରିବାପାଇଁ ଦେବତାମାନେ ମଧ ମନୁଷ୍ୟ ରୂପରେ ଜନ୍ମ ହୋଇଥାନ୍ତି ।

(ଙ) ଲୋକପ୍ରତିନିଧିମାନେ ସ୍ୱାର୍ଥ ତ୍ୟାଗକରି ପରାର୍ଥ ପାଇଁ କାର୍ଯ୍ୟ କରିବା ଦରକାର । ରାଜନୀତିଜ୍ଞମାନେ ଜୀବନରେ ଜନସେବାକୁ ବ୍ରତ ଭାବେ ଗ୍ରହଣକରି ଦୁଃଖୀ ଲୋକମାନଙ୍କର ଦୁଃଖ ଦୂର କରିବାରେ ଯଦି ସହାୟକ ହୋଇପାରିବେ ସେମାନେ ନୂତନ ଇତିହାସ ସୃଷ୍ଟି କରିବେ ।

❑



Odisha 1 to 10 All Books App

### ଅନୁଚ୍ଛେଦ – ୩

**୦୩. ନିମ୍ନ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ପ୍ରତିଟି ଉତ୍ତର ପ୍ରାୟ ୨୫ ଶବ୍ଦରେ ହେବା ଆବଶ୍ୟକ ।**

ଜୀବନକ୍ଷେତ୍ରରେ ଧୈର୍ଯ୍ୟଶୀଳତା ତଥା ସ୍ଥିର ମସ୍ତିଷ୍କର ପ୍ରଚୁର ପ୍ରୟୋଜନ ରହିଛି । ଏହି ଧୀର ସ୍ଥିର ଚିତ୍ତ କେବଳ ନିୟମିତ ଅଭ୍ୟାସ ବଳରେ ହିଁ ସମ୍ଭବ ହୋଇଥାଏ । ବ୍ୟକ୍ତି ଏହି ମହତ୍ ଗୁଣାବଳୀର ଅଧିକାରୀ ହୋଇପାରିଲେ କର୍ମକ୍ଷେତ୍ରରେ ସଫଳତା ସୁନିଶ୍ଚିତ ହୋଇପଡ଼େ । କୃଷିକ୍ଷେତ୍ରରେ କୃଷକ, କର୍ମକ୍ଷେତ୍ରରେ କର୍ମୀ, ଶିକ୍ଷାଗାରରେ ଶ୍ରମିକ କିମ୍ବା ପ୍ରଶାସନ କ୍ଷେତ୍ରରେ ପ୍ରଶାସକ ଏହି ସ୍ଥିର ମନନଶୀଳତାର ସହ କାର୍ଯ୍ୟ ସଂପାଦନ କରିବା ଉଚିତ । ନଚେତ୍ କାମ ବାମ ହେବା ସଂଗେ ସଂଗେ ବ୍ୟର୍ଥ ବେଦନାରେ ଜୀବନ ହାହାକାର ହୋଇଉଠିବ । ବିଦ୍ୟାର୍ଜନ ନିମିତ୍ତ ବିଦ୍ୟାର୍ଥୀ ପକ୍ଷେ ଏହି ଚିତ୍ତ ସଂଯମତା ବା ଧୀରସ୍ଥିର ଭାବ ଏକାନ୍ତ ଆବଶ୍ୟକ । ଏକାଗ୍ର ଚିତ୍ତରେ ଅଧ୍ୟୟନ କଲେହିଁ ବିଦ୍ୟାରୂପକ ମହାଧନ ସଂଚୟ ହୋଇପାରେ । ତେଣୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଧୈର୍ଯ୍ୟ ଓ ଏକାଗ୍ର ଚିତ୍ତର ଆବଶ୍ୟକତା ବିଶେଷ ଉପଲବ୍ଧ ହୁଏ । ତେବେ ଯାଇ ସକଳ ଜ୍ଞାନକୁ ଅକ୍ଲେଶରେ ସେମାନେ ଆୟତ୍ତ କରିବାକୁ ସକ୍ଷମ ହୋଇପାରିବେ । ଏ କ୍ଷେତ୍ରରେ ଏତିକିମାତ୍ର କୁହାଯାଇ ପାରେ ଯେ ଧୀର ପାଣି ତା'ର ସ୍ଥିର ଗତିପଥରେ ଅତିକ୍ରମ କରି ଯେପରି ପଥର ମୁକୁକୁ ବିଦୀର୍ଣ୍ଣ କରିପାରେ, ସେହିପରି ଧୀରମନା ବ୍ୟକ୍ତି ଚିତ୍ତ ସଂଯମ ପୂର୍ବକ ଯେ କୌଣସି କାର୍ଯ୍ୟରେ ପ୍ରବୃତ୍ତ ହେଲେ ତାହା ସଫଳତାର ସ୍ୱାକ୍ଷର ଅଙ୍କନ କରିପାରେ । ତେଣୁ କୁହାଯାଇଛି "ଧୀର ପାଣି ପଥର କାଟେ ।"

### ପ୍ରଶ୍ନାବଳୀ :

(କ) ଧୀରସ୍ଥିର ଚିତ୍ତ କାହାଦ୍ୱାରା ସମ୍ଭବ ହୋଇଥାଏ ?

(ଖ) ମନୁଷ୍ୟ କିପରି କାର୍ଯ୍ୟ କଲେ ସଫଳତା ପାଇପାରିବ ?

(ଗ) ଜୀବନ ହାହାକାର କାହିଁକି ହୁଏ ?

(ଘ) କେଉଁ ପନ୍ଥା ଅବଲମ୍ବନ କଲେ ବିଦ୍ୟାଧନ ଆୟତ୍ତ ହୁଏ

(ଙ) କାହିଁକି କୁହାଯାଇଛି "ଧୀର ପାଣି ପଥର କାଟେ" ?

### ଉତ୍ତର

(କ) କୌଣସି କାର୍ଯ୍ୟରେ ପୂର୍ଣ୍ଣ ସଫଳତା ପାଇଁ ନିୟମିତ ଅଭ୍ୟାସର ଆବଶ୍ୟକତା ରହିଛି । ନିୟମିତ ଅଭ୍ୟାସ ଧୈର୍ଯ୍ୟଶୀଳତା-ସ୍ଥିର ମସ୍ତିଷ୍କଦ୍ୱାରା ସମ୍ଭବ ହୋଇଥାଏ । ଏଣୁ ଚିତ୍ତ ସଂଯମ ପାଇଁ ଅଭ୍ୟାସ ଓ ଧୈର୍ଯ୍ୟ ଏକାନ୍ତ ପ୍ରୟୋଜନ ।

(ଖ) ଜୀବନରେ ସଫଳତା ପାଇବାକୁ ହେଲେ ଧୈର୍ଯ୍ୟ ଦରକାର । ଧୈର୍ଯ୍ୟ ସ୍ଥିର ଚିତ୍ତ ବା ସ୍ଥିର ମନଦ୍ୱାରା ସମ୍ଭବ ହୋଇଥାଏ । ମନକୁ ସ୍ଥିର ରଖି ଧୈର୍ଯ୍ୟ ଅବଲମ୍ବନ କଲେ କାର୍ଯ୍ୟରେ ସଫଳତା ମିଳିଥାଏ ।

(ଗ) ମଣିଷ ଏକ ସାମାଜିକ ପ୍ରାଣୀ । କୌଣସି କାମର ସଫଳତା ହିଁ ତା'ର ଦକ୍ଷତା ଉପରେ ନିର୍ଭରଶୀଳ । ଧୀରସ୍ଥିର ଭାବରେ କାର୍ଯ୍ୟ ନକଲେ କାର୍ଯ୍ୟରେ ସଫଳତା ମିଳିବାର ଆଶା କ୍ଷୀଣ ହୋଇଥାଏ । ଫଳରେ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବିଫଳତା ହିଁ ମଣିଷ ଜୀବନରେ ହାହାକାର ଭରିଦିଏ ।

(ଘ) ବିଦ୍ୟାଧନ ସବୁଠାରୁ ବଡ଼ ଧନ । ବିଦ୍ୟାଭଳି ଅମୂଲ୍ୟ ରତ୍ନକୁ ଆୟତ୍ତ କରିବାପାଇଁ ଚିତ୍ତ ସଂଯମ ଏକାନ୍ତ ପ୍ରୟୋଜନ । ଚିତ୍ତ ବା ମନକୁ ନିଜ ଆୟତ୍ତରେ ରଖି ନ ପାରିଲେ ବିଦ୍ୟା ଆୟତ୍ତ ହୁଏ ନାହିଁ । ବିଦ୍ୟାର୍ଜନ ନିମନ୍ତେ ଧୈର୍ଯ୍ୟ, ସଂଯମତା ଓ ମନନଶୀଳତା ଏକାନ୍ତ ଆବଶ୍ୟକ ।

(ଙ) କୌଣସି କାର୍ଯ୍ୟରେ ସଫଳତା ସହସା ମିଳି ନଥାଏ । ସଫଳତା ପାଇଁ ଅନେକ ପରିଶ୍ରମ କରିବାକୁ ପଡ଼େ । ମନକୁ ନିଜ ଆୟତ୍ତରେ ରଖି, ଧୀରେ ଧୀରେ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିଥାଏ । ପାଣି ଯେପରି ଧୀରେ ଧୀରେ ବହିଯାଇ ତା'ର ଗତିପଥରେ ଆସୁଥିବା ବାଧାବିଘ୍ନକୁ ସହଜରେ ଅତିକ୍ରମ କରିଥାଏ ଅନୁରୂପ ଧୀରସ୍ଥିର ଭାବରେ କାର୍ଯ୍ୟଞ୍ଜ କଲେ ସଫଳତା ଅବଶ୍ୟମ୍ଭାବୀ । ଏଣୁ କୁହାଯାଇଛି "ଧୀର ପାଣି ପଥର କାଟେ" ।

❑



Odisha 1 to 10 All Books App

**ଅନୁଚ୍ଛେଦ - ୪**

**୦୪. ନିମ୍ନ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ପ୍ରତିଟି ଉତ୍ତର ପ୍ରାୟ ୨୫ ଶବ୍ଦରେ ହେବା ଆବଶ୍ୟକ ।**

ଯେତେବେଳେ ଭାରତ ପରାଧୀନ ଥିଲା, ସେତେବେଳେ ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଦୁଃଖ କଷ୍ଟ ବରଣ କରିଥିଲେ, ସେମାନେ ଜାତୀୟ ସ୍ରୋତରେ ନିଜକୁ ସାମିଲ କରିଥିଲେ ବୋଲି କୁହାଯାଉଥିଲା । ଯେଉଁମାନେ ଏଥିରେ ନେତୃତ୍ୱ ନେଉଥିଲେ, ସେମାନେ ଜାତୀୟ ନେତା ହିସାବରେ ଖ୍ୟାତି ଅର୍ଜନ କରୁଥିଲେ । ପରାଧୀନ ଭାରତରେ ରାଜନୀତିକୁ କାର୍ଯ୍ୟକ୍ରମ ସବୁଠାରୁ ବେଶି ପ୍ରଶଂସିତ ହେଉଥିଲା । ରାଜନୀତିକ ନେତାମାନେ ସମାଜରେ ଶୀର୍ଷସ୍ଥାନ ଅଧିକାର କରୁଥିଲେ । କାରଣ ସେତେବେଳେ ରାଜନୀତିକ କାର୍ଯ୍ୟକ୍ରମରେ ବହୁତ ବାଧା ବିଘ୍ନ ଥିଲା । ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଛନ୍ତି, ସେମାନଙ୍କ ଭିତରୁ କେତେ ଜେଲ୍ ଯାଇଛନ୍ତି, କେତେ ମାଡ଼ ଖାଇଛନ୍ତି, କେତେ ଲୋକଙ୍କର ସମ୍ପତ୍ତି ବାଜ୍ୟାପ୍ତି ହୋଇଛି, କେତେ ଲୋକ ବି ଫାଶିଖୁଣ୍ଟରେ ଝୁଲିଛନ୍ତି । ସ୍ୱାଧୀନତାର ଯେଉଁ ବହ୍ନି ସେମାନଙ୍କ ଭିତରେ ଜଳୁଥିଲା, ତାହା ନିର୍ଯାତନା ଦ୍ୱାରା ନିର୍ବାପିତ ହେଉ ନଥିଲା । ସେମାନେ ଯେତିକି ନିର୍ଯାତନା ଭୋଗୁଥିଲେ, ଜନସାଧାରଣଙ୍କର ସେତିକି ସ୍ନେହ, ଶ୍ରଦ୍ଧା ଓ ଭକ୍ତି ଅର୍ଜନ କରୁଥିଲେ । ବର୍ତ୍ତମାନ ରାଜନୀତି କ'ଣ ? ଏହା କ'ଣ ଜାତୀୟ ସ୍ରୋତର ଏକ ଆଧାର ? ଭାରତୀୟ ରାଜନୀତିର ଆଧୁନିକ ଲକ୍ଷଣ ଯେଉଁମାନେ ଆଲୋଚନା କରୁଛନ୍ତି, ସେମାନେ ସମସ୍ତେ ସ୍ୱୀକାର କରୁଛନ୍ତି ଯେ, ଅନ୍ୟାନ୍ୟ ଧନ୍ଦାପରି ରାଜନୀତି ମଧ୍ୟ ଏକ ବ୍ୟବସାୟ ।

**ପ୍ରଶ୍ନାବଳୀ :**

(କ) ପରାଧୀନତା କାଳରେ କେଉଁମାନେ ଜାତୀୟ ସ୍ରୋତରେ ସାମିଲ ହୋଇଥିବା କୁହାଯାଉଥିଲା ?

(ଖ) କେଉଁମାନେ ଜାତୀୟ ନେତା ଭାବେ ଖ୍ୟାତି ଅର୍ଜନ କରୁଥିଲେ ?

(ଗ) ରାଧୀନ ଭାରତର ରାଜନୀତିକ ନେତାମାନେ ସମାଜର ଶୀର୍ଷସ୍ଥାନ ଅଧିକାର କରିବାର କାରଣ କ'ଣ ?

(ଘ) କେଉଁମାନଙ୍କ ପ୍ରତି ଜନସାଧାରଣଙ୍କର ଅଧିକ ସ୍ନେହ, ଶ୍ରଦ୍ଧା ଓ ଭକ୍ତି ଥିଲା ?

(ଙ) ବର୍ତ୍ତମାନର ରାଜନୀତି ଲକ୍ଷଣ କିପରି ?

**ଉତ୍ତର**

(କ) ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଦୁଃଖ କଷ୍ଟ ବରଣ କରିଥିବା ସଂଗ୍ରାମୀମାନେ ଜାତୀୟ ସ୍ରୋତରେ ସାମିଲ ହୋଇଥିବା କୁହାଯାଉଥିଲା ।

(ଖ) ସ୍ୱାଧୀନତା ଆନ୍ଦୋଳନରେ ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷ ଜାତୀୟ ନେତା ଭାବେ ଖ୍ୟାତି ଅର୍ଜନ କରୁଥିଲେ ।

(ଗ) ରାଜନୀତିକ ନେତାମାନେ ସମାଜର ଶୀର୍ଷସ୍ଥାନ ଅଧିକାର କରିବାର କାରଣ ସେତେବେଳେ ରାଜନୀତିକ କାର୍ଯ୍ୟକ୍ରମରେ ବହୁତ ବାଧାବିଘ୍ନ ଥିଲା ।

(ଘ) ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ଯେତିକି ନିର୍ଯାତନା ଭୋଗୁଥିଲେ, ସେମାନଙ୍କ ପ୍ରତି ଜନସାଧାରଣଙ୍କର ଅଧିକ ସ୍ନେହ, ଶ୍ରଦ୍ଧା ଓ ଭକ୍ତି ଥିଲା ।

(ଙ) ଭାରତୀୟ ରାଜନୀତିର ଆଧୁନିକ ଲକ୍ଷଣ ଯେଉଁମାନେ ଆଲୋଚନା କରୁଛନ୍ତି, ସେମାନେ ସ୍ୱୀକାର କରୁଛନ୍ତି ଯେ, ଅନ୍ୟାନ୍ୟ ଧନ୍ଦାପରି ରାଜନୀତି ମଧ୍ୟ ଏକ ବ୍ୟବସାୟ ।

❑❑❑



Odisha 1 to 10 All Books App

Eduodia App

.